# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୬/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, January 16/ 2019 | ★★★★

୪୫ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

DSPL-349

# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

## ପିଠା

ସଶକ୍ତିକରଣ ଏବଂ ସଚେତନତା

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୩ଟି (3T) ମନ୍ତ୍ରକୁ ଆଧାର କରି ଜାନୁଆରୀ ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମପଞ୍ଚାୟତ ଓ ସହରାଞ୍ଚଳ ରେ ଅନୁଷ୍ଠିତ ହେବ ପିଠା ଶିବିର**

- ୩ଲକ୍ଷ ନୂଆ ଗଢା ଯାଇଥିବା ସ୍ୱୟଂସହାୟକ ଗୋଷ୍ଠୀକୁ ଯୋଗାଇ ଦିଆଯିବ ୧୫,୦୦୦ ଟଙ୍କା ଲେଖାଏଁ ମୂଳଧନ ସେଥିପାଇଁ ମଞ୍ଜୁର ହୋଇଛି ୩୭୩ କୋଟି ଟଙ୍କା
- ନୂଆ ଗଢ଼ା ହୋଇଥିବା ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ଅଙ୍ଗନୱାଡ଼ି କର୍ମୀ ଙ୍କୁ ୫୦୦/- ଟଙ୍କା ଏବଂ ପ୍ରତି ଅଙ୍ଗନୱାଡ଼ି ସହାୟିକାଙ୍କୁ ୨୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ
- ଶୁଭାରମ୍ଭ ହେବ ଆମ ଏଲ୍. ଇ. ଡି (LED) ଯୋଜନା, ଯେଉଁଥିରେ ଟଙ୍କିକିଆ ଚାଉଳ ପାଉଥିବା ପରିବାର ମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ ୪ଟି ଏଲ୍. ଇ. ଡି ବଲ୍‌ବ
- ସୁନେତ୍ର ଯୋଜନାରେ ଚକ୍ଷୁର ମାଗଣା ଚିକିତ୍ସା ଓ ମାଗଣା ଚଷମା ପାଇପାରିବେ
- ଚାଷୀ ଭାଇମାନେ କାଳିଆ ଯୋଜନା ବିଷୟରେ ଜାଣିପାରିବେ
- ସହରାଞ୍ଚଳ ର ପିଠା ଶିବିର ରେ ମଧ୍ୟ ବିଭିନ୍ନ ଯୋଜନା ର ସୁବିଧା ପାଇପାରିବେ



19001/13/0030/1819




# ୧୫୫୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



ବଲାଙ୍ଗୀର ରେଳଷ୍ଟେଶନଠାରେ ଅନୁଷ୍ଠିତ ସରକାରୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ପ୍ରଧାନମନ୍ତ୍ରୀ ବଲାଙ୍ଗୀର-ବିଚ୍ଛୁପାଲି ନୂଆ ରେଳକୁ ଉଦ୍‌ଘାଟନ କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୧୫।୧**

- ବଲାଙ୍ଗୀର-ବିଚ୍ଛୁପାଲି ମଧ୍ୟରେ ରେଳ ଚଳାଚଳର ଶୁଭାରମ୍ଭ
- ରେଳପଥର ବିକାଶ ପଶ୍ଚିମ ଓଡ଼ିଶା ଚାଷୀ, ଶିଳ୍ପ ପାଇଁ ସହାୟକ ହେବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବଲାଙ୍ଗୀରଠାରେ ୧୫୫୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହିସବୁ ପ୍ରକଳ୍ପ ଶିକ୍ଷା, ସଂସ୍କୃତି, ରେଳପଥ, ଭିତ୍ତିଭୂମି ଏବଂ ସହଜ ଜୀବନଧାରଣର ଉନ୍ନତି ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

ମଙ୍ଗଳବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ବଲାଙ୍ଗୀରଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡ଼ା ବହୁମୁଖୀ ଲଜିଷ୍ଟିକ୍ ପାର୍କ, ଝାରସୁଗୁଡ଼ା-ବିଜୟନଗରମ୍ ରେଳଲାଇନ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍ ବିଦ୍ୟୁତୀକରଣ, ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରେଳପଥର ଦୋହରୀକରଣ ତଥା ଥେରୁବାଲି-ସିଙ୍ଗାପୁରରୋଡ ଷ୍ଟେଶନ ମଧ୍ୟରେ ୫୮୮ନମ୍ବର ବ୍ରିଜ୍‌ର ଲୋକାର୍ପଣ କରିଛନ୍ତି। ସେହିଭଳି ସୁବର୍ଣ୍ଣପୁରଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ନିର୍ମାଣ କାର୍ଯ୍ୟର ଆଧାରଶିଳା ରଖିଛନ୍ତି । ଏହାଛଡ଼ା ରାୟଗଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର-ବିଚ୍ଛୁପାଲି ସେକ୍ସନ ରେଳଲାଇନ୍, ବଲାଙ୍ଗୀର-ବିଚ୍ଛୁପାଲି ମଧ୍ୟରେ ନୂତନ ରେଳ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସେହିଭଳି ବରଗଡ଼, ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଫୁଲବାଣୀ ଏବଂ ପୁରୀ ଡାକଘରଗୁଡ଼ିକରେ ପାସ୍‌ପୋର୍ଟ ସେବାକେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହା ସହିତ ସାଂସ୍କୃତିକ ମହତ୍ତ୍ୱ ବହନ କରୁଥିବା ବୌଦ୍ଧ ଜିଲାର ନୀଳମାଧବ, ସିଦ୍ଧେଶ୍ୱର ମନ୍ଦିର, ପଶ୍ଚିମ ସୋମନାଥ ମନ୍ଦିର ସମୂହ, ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲ ଐତିହ୍ୟ ସମୂହ ଏବଂ କଳାହାଣ୍ଡି ଜିଲାର ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟ ସ୍ଥଳୀର ବିକାଶ, ସଂରକ୍ଷଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଶିକ୍ଷା ମାନବ ସଂସାଧନର ବିକାଶ କରେ । ଏହି ସଂସାଧନ ଗମନାଗମନ ସହ ଯୋଡି ହେଲେ ରୋଜଗାର ସୃଷ୍ଟି କରେ । ଏହାକୁ ଦୃଷ୍ଟିରେ ରଖି ଓଡିଶାର ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରକୁ ବିସ୍ତାର କରାଯାଉଛି । ୬ଟି ରେଳପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରାଯାଇଛି । ଏଥିରେ ଓଡିଶାର ଆନ୍ତ ଯୋଗାଯୋଗ, ଗମନାଗମନ ବ୍ୟବସ୍ଥା ସୁଧୁରିବ ଓ ଦେଶର ଅନ୍ୟ ରାଜ୍ୟ ମଧ୍ୟରେ ଯୋଗାଯୋଗ ବଢ଼ିବ। ଯୋଗାଯୋଗ, ଗମନାଗମନ ବୃଦ୍ଧି ହେଲେ ଚାଷୀ ସେମାନଙ୍କ ଉତ୍ପାଦନ ବଡ ମଣ୍ଡି ଓ ସହରକୁ ପହଞ୍ଚାଇବାର ସୁବିଧା ପାଇବେ । ଉଦ୍ୟୋଗ ବଢ଼ିଲେ ଯୁବବର୍ଗଙ୍କୁ ରୋଜଗାର ମିଳିବ ବୋଲି ସେ କହିଛନ୍ତି। ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି । ଓଡିଶାରେ ଜଙ୍ଗଲ, ସମୁଦ୍ର ରହିଛି । ପ୍ରକୃତି ଏଠାରେ କିଛି ବି କମ୍ କରିନାହିଁ । ଏସବୁର ଉପଯୁକ୍ତ ବିନିଯୋଗ ହେଲେ ପର୍ଯ୍ୟଟନର ବିକାଶ ହେବ ଏବଂ ସଂସ୍କୃତିଭିତ୍ତିକ ଐତିହ୍ୟ ସ୍ଥଳୀଗୁଡ଼ିକର ମଧ୍ୟ ସୁରକ୍ଷା ହୋଇପାରିବ । ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଓଡ଼ିଶା ଆସିବେ ଏବଂ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବଲାଙ୍ଗୀର ମଧ୍ୟଦେଇ ଯାଇଥିବା ପ୍ରାଚୀନ ସଡ଼କର ଧାରେ ଧାରେ ଥିବା ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ସେହିଭଳି କଳାହାଣ୍ଡିର ଅସୁରଗଡ଼ କିଲ୍ଲାର ବୀରତ୍ୱର ମହାନ୍ ସଂସ୍କୃତି ଏବେ ମଧ୍ୟ ଉଜ୍ଜୀବିତ ରହିଛି।

### ନରସିଂହଙ୍କ ନାଁ ନେଲେନାହିଁ

ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାରୀ କାର୍ଯ୍ୟକ୍ରମରେ ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ଆରମ୍ଭ ବେଳେ ଅନ୍ୟ ଅତିଥିଙ୍କୁ ସମ୍ବୋଧନ କରିଥିଲେ ମଧ୍ୟ ନରସିଂହଙ୍କ ନାମ ନେଇ ନ ଥିଲେ। ଏହାକୁ ନେଇ ସାଧାରଣରେ ଆଲୋଚନା ହୋଇଥିଲା। ମୋଦି ଜାଣିଶୁଣି ଏଭଳି କଲେ ନାଁ ଭୁଲବଶତଃ ଏଭଳି କଲେ ଏହି ପ୍ରସଙ୍ଗଟି ସାଧାରଣରେ ଆଲୋଚନା ପାଇଁ ଖୋରାକ ଯୋଗାଇଥିଲା।

ଏହି ସଭାରେ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଓ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମଞ୍ଚାସୀନ ଥିଲେ।

*- ରିପୋର୍ଟ: ବୀରେନ୍ଦ୍ର ଝାଙ୍କର*

## 'ସୁନେତ୍ର' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

- ସବୁ ବର୍ଗର ଲୋକଙ୍କୁ ମାଗଣା ଚକ୍ଷୁ ଚିକିତ୍ସା, ଚଷମା
- ସମସ୍ତ ସରକାରୀ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ହେବ

ରାଜ୍ୟର ସମସ୍ତ ଲୋକଙ୍କୁ ମାଗଣାରେ ଚକ୍ଷୁ ଚିକିତ୍ସା ସୁବିଧା ମିଳିବ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହି ସୁବିଧା ପ୍ରଦାନ କରାଯିବ। ମଙ୍ଗଳବାର ସଚିବାଳୟଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସୁନେତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁନେତ୍ର ଯୋଜନାରେ ଲୋକମାନଙ୍କୁ ସମସ୍ତ ପ୍ରକାର ଚକ୍ଷୁ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବ। ସମସ୍ତ ସରକାରୀ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ ହେବ। ଏପରି କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି), ସବ୍‌ଡିଭିଜନସ୍ତରୀୟ ଡାକ୍ତରଖାନା, ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଏବଂ ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ମାଗଣାରେ ଚକ୍ଷୁ ଚିକିତ୍ସା ସହ ଚଷମା ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସୁନେତ୍ର କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାର ୨୦୧୮ ଅକ୍ଟୋବରରେ ସାର୍ବଜନୀନ ଚକ୍ଷୁ ଚିକିତ୍ସା ପାଇଁ ସୁନେତ୍ର ଯୋଜନା ଆରମ୍ଭ କରିଥିଲେ।

ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ ମେହେର୍ଦ୍ଦା କହିଛନ୍ତି, ସୁନେତ୍ର ଯୋଜନାରେ ୬୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ଚଳିତ ବର୍ଷ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚକ୍ଷୁ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସବୁବର୍ଗର ଲୋକମାନେ ଏହାର ସୁବିଧା ପାଇପାରିବେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ, ଏମ୍‌ପି, ବିଧାୟକ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ବିଭାଗ ସଚିବ, ଜିଲାପାଳ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବିଜେଡି ସାଂଗଠନିକ ସ୍ଥିତିରେ ପରିବର୍ତ୍ତନ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

- କୁଶ ଆପଟଙ୍କ ଉପରୁ ନିଲମ୍ବନ ଉଠିଲା
- ବିମ୍ବାଧର ଶ୍ରମିକ ସାମ୍ମୁଖ୍ୟ ଇନ୍‌ଚାର୍ଜ

ବିଜୁ ଜନତା ଦଳର ପଦାଧିକାରୀ ସ୍ତରରେ ମଙ୍ଗଳବାର ଅଦଳବଦଳ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏନେଇ ଦଳୀୟ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭିନ୍ନ କାରଣରୁ ନିଲମ୍ବିତ ହୋଇଥିବା ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର କୁଶ ଆପଟ, ଗଞ୍ଜାମ ବେଲଗୁଣ୍ଠାର ରଞ୍ଜନ କୁମାର ଖଣ୍ଡୁଆଳ ଏବଂ ରମା ଖଣ୍ଡୁଆଳଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ବରିଷ୍ଠ ନେତା ବିମ୍ବାଧର କୁଅଁରଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ଇନ୍‌ଚାର୍ଜ କରାଯାଇଛି। ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ କଟକ ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ଚନ୍ଦ୍ରଶେଖର ସାହୁଙ୍କୁ ଉପସଭାପତି, ବିକ୍ରମ ପଣ୍ଡାଙ୍କୁ ସାଧାରଣ ସମ୍ପାଦକ ଏବଂ ସସ୍ମିତ ପାତ୍ରଙ୍କୁ (ସଂଖ୍ୟାଲଘୁ ବ୍ୟାପାର) ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ଅଶୋକ ବଳ, ସଂଗ୍ରାମ ପାଇକରାୟ, ପ୍ରମୋଦ ସାହୁ, ଆଶିଷ ଚକ୍ରବର୍ତ୍ତୀ, ରବି ସାମଲ, ତପନ ଦାସ ଏବଂ ଟି. ପ୍ରସାଦ ରାଓ ଦୋରାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ କେନ୍ଦୁଝର ଜିଲା ସଭାପତି ଦାୟିତ୍ୱରେ ଥିବା ଆଶିଷଙ୍କୁ ଉକ୍ତ ପଦବୀରୁ ଅବ୍ୟାହତି ଦିଆଯାଇଛି। ସମ୍ବଲପୁର ଜିଲା ସଭାପତି ପ୍ରମୋଦ ରଥଙ୍କୁ ମଧ୍ୟ ଅବ୍ୟାହତି ଦିଆଯାଇଛି। ବିମ୍ବାଧର ବିଶ୍ୱାଳଙ୍କୁ କେନ୍ଦୁଝର ଜିଲା ସଭାପତି, ରୀନା ବାରିକଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ମିଳିଛି। ସେହିପରି ମହମ୍ମଦ ସକିଲ ସାଲେପୁର ଏବଂ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ମନୋହର ରନ୍ଧାରୀଙ୍କୁ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ, ପ୍ରୀତମ୍ ମେହେରଙ୍କୁ ବଲାଙ୍ଗୀର, ଶିବ ପଟ୍ଟନାୟକଙ୍କୁ ଲକ୍ଷ୍ମୀପୁର ଏବଂ ନାରାୟଣ ପାତ୍ରଙ୍କୁ କୋଟପାଡ ବିଧାନସଭାର ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ଗଣମାଧ୍ୟମ ସଂଯୋଜକ ମାନସ ମଙ୍ଗରାଜଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏଭଳି ପରିବର୍ତ୍ତନ କରାଯାଇଛି। ଭବିଷ୍ୟତରେ ଅନ୍ୟ କେତେଜଣ ନେତାଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଦଳୀୟ ପଦପଦବୀରେ ଅବସ୍ଥାପିତ କରାଯିବ ବୋଲି ସୂତ୍ରରୁ ପ୍ରକାଶ।




## ମୋଦିଙ୍କୁ ଭେଟିଲେ ଶହୀଦ ଅଚ୍ୟୁତଙ୍କ ମାତା ପିତା, ଭାଇ

### ଭେଟିପାରିଲେନି ସ୍ତ୍ରୀ

**ବଲାଙ୍ଗୀର ଅଫିସ, ୧୫।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିବାବେଳେ ଛତିଶଗଡରେ ମାଓବାଦୀ ଗୁଳିରେ ପ୍ରାଣ ହରାଇଥିବା ଦୂରଦର୍ଶନ କ୍ୟାମେରାମ୍ୟାନ୍ ତଥା ଲୋଇସିଂହା ବ୍ଲକ ଘୁଷୁରାମୁଣ୍ଡା ଗାଁର ସହୀଦ ଅଚ୍ୟୁତାନନ୍ଦ ସାହୁଙ୍କ ପିତା ନରେନ୍ଦ୍ର ସାହୁ, ମାତା ତୁଳସୀ ସାହୁ ଓ ଭାଇ ପ୍ରଭାତ ସାହୁଙ୍କୁ ଭେଟିଥିଲେ। ମଙ୍ଗଳବାର ବଲାଙ୍ଗୀର ରେଳଷ୍ଟେଶନ୍ ସଭାସ୍ଥଳରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ମୋଦି ସ୍ୱର୍ଗତ ଅଚ୍ୟୁତାନନ୍ଦଙ୍କ ଦୁଃଖଦ ମୃତ୍ୟୁରେ ସମବେଦନା ଜଣାଇଥିଲେ। ଅଚ୍ୟୁତ୍‌ଙ୍କ ବଳିଦାନ ପାଇଁ ଉଚ୍ଚ ପ୍ରଶଂସା କରିବା ସହ ଏଭଳି ବୀର ପୁଅଙ୍କୁ ଜନ୍ମ ଦେବା ଗୌରବର କଥା ବୋଲି କହିଥିଲେ । ଏଭଳିକି ପଥରଚେପା ସାଧାରଣ ସଭାରେ ମଧ୍ୟ ମୋଦି ଅଚ୍ୟୁତ୍‌ଙ୍କ ସାହସ ଓ ବଳିଦାନ କଥା ଉଲ୍ଲେଖ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୋଦିଙ୍କୁ ଭେଟିବା ବେଳେ ସହୀଦ ଅଚ୍ୟୁତ୍‌ଙ୍କ ବୃଦ୍ଧା ମାତାଙ୍କ ଜୀର୍ଣ୍ଣ ସ୍ୱାସ୍ଥ୍ୟ ଓ ଚିକିତ୍ସା ତଥା ପୁଅ ପ୍ରଭାତ ପାଇଁ ଏକ ସରକାରୀ ଚାକିରି ବ୍ୟବସ୍ଥା କରିବା ନେଇ ନରେନ୍ଦ୍ର ସାହୁ ମୋଦିଙ୍କୁ ଅନୁରୋଧ ଜଣାଇଥିଲେ। ଏଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ । ମୋଦିଙ୍କୁ ଅଚ୍ୟୁତ୍‌ଙ୍କ ପିତାମାତା ଓ ଭାଇ ସାକ୍ଷାତ କରିଥିଲେ ମଧ୍ୟ ସ୍ତ୍ରୀ ହିମାଞ୍ଜଳି ସାକ୍ଷାତ କରିପାରି ନ ଥିବା ଜଣାପଡିଛି । ମୋଦୀଙ୍କୁ ଭେଟିବାକୁ ସେ ପଥରଚେପା ସମାବେଶସ୍ଥଳକୁ ଯାଇଥିଲେ ମଧ୍ୟ ପ୍ରବଳ ଭିଡ ଯୋଗୁଁ ଭେଟି ପାରି ନଥିଲେ। ସହୀଦଙ୍କ ପିତାମାତା ଓ ଭାଇ ମୋଦୀଙ୍କୁ ଭେଟିଥିବାବେଳେ ସ୍ତ୍ରୀ କିଭଳି ଭେଟି ପାରିଲେନି ବୋଲି ଆଲୋଚନାର ବିଷୟ ହୋଇଛି ।



ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଚ୍ୟୁତ୍‌ଙ୍କ ପିତାମାତା ଓ ଭାଇଙ୍କ ସହ ଆଲୋଚନା କରୁଛନ୍ତି ।

## ମୋଦିଙ୍କ ବଲାଙ୍ଗୀର ଗସ୍ତର ଏପାଖ ସେପାଖ

### ସମାବେଶରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ପୋଷ୍ଟର

ଓଡିଶାରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ସମାବେଶରେ ଦେଖିବାକୁ ମିଳିଛି । ବହୁ କୋଶଳ ରାଜ୍ୟ ସମର୍ଥକ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ଲେଖାଥିବା ପୋଷ୍ଟର, ବ୍ୟାନରକୁ ସମାବେଶରେ ପ୍ରଦର୍ଶନ କରି ନାରାବାଜି କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଭାଷଣ ଦେବା ସମୟରେ କୋଶଳ ରାଜ୍ୟ ଗଠନ ନାରା ସମାବେଶକୁ ପ୍ରକମ୍ପିତ କରିଥିଲା । ତେବେ ମୋଦି ତାଙ୍କ ବକ୍ତବ୍ୟରେ ଏନେଇ କିଛି ବି ମନ୍ତବ୍ୟ ଦେଇନଥିଲେ। ପୋଲିସ କର୍ମଚାରୀମାନେ ପ୍ରଦର୍ଶନକାରୀଙ୍କୁ ଚୁପ୍ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଚୁପ୍ ହୋଇନଥିଲେ ।



ହେଲିକପ୍ଟର ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ।

### କଣ୍ଟାବାଞ୍ଜି ସ୍ୱତନ୍ତ୍ର ଜିଲା ଗଠନ ଦାବି ପ୍ରସଙ୍ଗ ଉଠିଲା

ସ୍ୱତନ୍ତ୍ର କଣ୍ଟାବାଞ୍ଜି ଜିଲା ଦାବି ନେଇ ଦୀର୍ଘଦିନରୁ କରୁଥିବା ଆନ୍ଦୋଳନକାରୀ ମୋଦିଙ୍କ ସାଧାରଣ ସଭାରେ ଉପସ୍ଥିତ ରହି ପ୍ଲାକାର୍ଡ, ବ୍ୟାନର ପ୍ରଦର୍ଶନ କରିଥିଲେ। କଣ୍ଟାବାଞ୍ଜି ଅଞ୍ଚଳକୁ ଜିଲା ମାନ୍ୟତା ମିଳିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦାଦନ ସମସ୍ୟାର ସମାଧାନ ହେବ ବୋଲି ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ଆନ୍ଦୋଳନକାରୀ ମାନେ ବ୍ୟାନର ଦେଖାଇଥିଲେ ମଧ୍ୟ ମୋଦି ଏନେଇ କିଛି ମନ୍ତବ୍ୟ ଦେଇ ନ ଥିଲେ ।

### ଚେୟାର ଧରି ଦୌଡ଼ିଲେ

ମୋଦି ଆସିବାର କିଛି ସମୟ ପୂର୍ବ ଯାଏଁ ସଭାସ୍ଥଳର ଆଗରେ ବ୍ୟବସ୍ଥା ହୋଇଥିବା ଭିଭିଆଇପି ଚେୟାର ଖାଲିପଡିଥିଲା । ମୋଦିଙ୍କ ଆସିବା ସମୟ ହେବା କ୍ଷଣି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉପସ୍ଥିତ ପୋଲିସକୁ ଲୋକମାନଙ୍କୁ ଆଗକୁ ପଠାଇ ଚେୟାର ଫୁଲ କରିବାକୁ ଅନୁରୋଧ କରିଥିଲେ। କାଳେ ଲୋକ ମାଡି ଆସିବେ ପୋଲିସ ସମ୍ଭାଳି ପାରିବନାହିଁ ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ଆଗକୁ ଛଡାଯାଇ ନ ଥିଲା। ମାତ୍ର ଦଳର ବରିଷ୍ଠ ନେତା ସୁରେଶ ପୂଜାରୀ ପୁଣି ଥରେ ସମାନ କଥା ଦୋହରାଇ ଲୋକଙ୍କୁ ଆଗକୁ ଛାଡିବାକୁ ପୋଲିସକୁ ଅନୁରୋଧ କଲେ। ଶେଷରେ ପୋଲିସ ଲୋକଙ୍କୁ ଆଗକୁ ଯିବାକୁ ଛାଡି ଦେଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଦୌଡ଼ ଧପଡ଼। ଲୋକେ ଗୋଟେ ଗୋଟେ ଚେୟାର ଧରି ସିଧା ସଭାସ୍ଥଳ ନିକଟରେ ପହଞ୍ଚିଥିଲେ । କିଛଇ ସମୟ ଯାଏଁ ଲୋକେ ଏତେ ହୋଇଗଲେ ଯେ, ଲୋକଙ୍କୁ ଚେୟାର ମୁଣ୍ଡେଇ ସେଠାରେ ଠିଆହେବାକୁ ପଡିଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୬/୨୦୧୯ | Bhubaneswar, Wednesday, January 16/ 2019 | ପୃଷ୍ଠା-୧




## କୋହଲିଙ୍କ ଶତକ: ଭାରତ ବିଜୟୀ

ଆଡିଲେଡ୍‌ରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବିରାଟ କୋହଲିଙ୍କ ଶତକ ସହାୟତାରେ ଭାରତ ୬ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି।

୧୭

୧୦

## କମଲ ହାସନଙ୍କ 'ଇଣ୍ଡିଆନ୍ ୨'ର ପୋଷ୍ଟର ରିଲିଜ

ଅଭିନେତାରୁ ରାଜନେତା ପାଲଟିଥିବା କମଲ ହାସନ୍ ଆଗାମୀ ଫିଲ୍ମ 'ଇଣ୍ଡିଆନ୍ ୨'ରେ ପୁନଶ୍ଚ ଅଭିନୟ କରିବାକୁ ଯାଉଛନ୍ତି।



**ଆଜିର ସମ୍ପାଦକୀୟ**

### ସେହି ପୁରୁଣା ଖେଳ

**ଆଜିର ମନ୍ତବ୍ୟ**

" ପାକିସ୍ତାନ ଶତ୍ରୁତାପୂର୍ଣ୍ଣ ପଦକ୍ଷେପ ନେଲେ କଡ଼ା ଜବାବ ଦେବ ଭାରତ।
–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

୨୦୧୮ ଡିସେମ୍ବରରେ ଦେଶରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧.୪% ହ୍ରାସ ଘଟି ୮.୯୪ ନିୟୁତ ଟନ୍ ରହିଛି। – **ଇସ୍ପାତ ମନ୍ତ୍ରଣାଳୟ**

### କଟକରେ ହେବ ଏସିଆ କପ୍ ସିନିୟର ରୋଇଂ

........୧୬........

# 'ଦେଶର ଚାଷୀଙ୍କ ଉନ୍ନତିର ବାଟ ଦେଖାଇବ କାଳିଆ'

- କୃଷି ମେଳା-୨୦୧୯ ଉଦ୍‌ଘାଟିତ
- ସିଆଇଆଇର ସହଯୋଗ
- କାଳିଆକୁ ସଭିଙ୍କ ପ୍ରଶଂସା

ଭୁବନେଶ୍ୱର,୧୫ ।୧(ବ୍ୟୁରୋ)

କାଳିଆ ଯୋଜନା କେବଳ ଓଡ଼ିଶା ନୁହେଁ, ସାରା ଦେଶର ଚାଷୀଙ୍କ ଉନ୍ନତି ପାଇଁ ବାଟ ଦେଖାଇବ। ଚାଷୀଙ୍କ ପାଇଁ ସାରା ଦେଶରେ ଏହା ଏକ ଆଦର୍ଶ ଯୋଜନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆରେ କୃଷି ମେଳା–୨୦୧୯ ଉଦ୍‌ଘାଟନ କରି ଏହି କଥା କହିଛନ୍ତି। କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ମୁଖ୍ୟମନ୍ତ୍ରୀ ଓଡ଼ିଶା କୃଷକ ଉତ୍ପାଦକ ସଂଘ(ଏଫ୍‌ପିଓ) ନୀତିକୁ ଉଦ୍‌ଘାଟନ କରିଛନ୍ତି। କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର ଯଥା–ଖାଦ୍ୟ ପ୍ରକ୍ରିୟାକରଣ, କୃଷି ବ୍ୟବସାୟ, ଗୋଦାମ ଗୃହ ନିର୍ମାଣ ଆଦିର ସଂଯୋଜିତ ବିକାଶରେ ଏହି ନୀତି ସହାୟକ ହେବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ କନ୍‌ଫେଡେରେଶନ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ମଧ୍ୟ ସହଯୋଗ କରୁଛି। ଦୁଇମାସ ତଳେ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରୁ ସିଆଇଆଇ ଓହରିଯାଇଥିଲା। ତେଣୁ ରାଜ୍ୟସ୍ତରୀୟ କୃଷି ମେଳାରେ ତା'ର ଉପସ୍ଥିତି ସରକାରଙ୍କୁ ଉତ୍ସାହିତ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଏବଂ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଚାଷୀଙ୍କୁ ପୁରସ୍କାର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଉଦ୍‌ଘାଟନୀ ଦିନର ଦ୍ୱିତୀୟ ଭାଗରେ ଜୈବ କୃଷି ସମ୍ପର୍କରେ ଚାଷୀ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ଭାବ-ବିନିମୟ ହୋଇଛି। ଏହି କାର୍ଯ୍ୟକ୍ରମ ୫ଦିନ ଚାଲିବ। ବହୁଳ ବ୍ୟବହୃତ କନ୍ଦମୂଳ ଆକୃତି ଚେହେରାକୁ ଚଳିତ ବର୍ଷ ମାସ୍କଟ ଭାବେ ବ୍ୟବହାର କରାଯାଇଛି। ☞ପୃଷ୍ଠା–୧୨



କୃଷି ମେଳା–୨୦୧୯ର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 76 | 127 | 137 |
| ANG | 74 | 124 | 134 |


NATIONAL EGG CO-ORDINATION COMMITTEE 15.01.2019 Vencobb CHICKEN

*Conditions Apply

Eggs Retail Price- 55/-Dozen

Issued in the Interest of Consumers






ବଲାଙ୍ଗୀରରେ ଭାଜପା ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତୃବୃନ୍ଦ। (ଫଟୋ–ମୌସମ୍ ନନ୍ଦ)

# ମୋଦି ନରମ, ଧର୍ମେନ୍ଦ୍ର ଗରମ

**ବଲାଙ୍ଗୀରରେ ଭାଜପା ସମାବେଶ**

- ଡିଏମ୍‌ଏଫ୍ ଖର୍ଚ୍ଚ ନ ହେବା ନେଇ ଆଶ୍ଚର୍ଯ୍ୟ ପ୍ରକଟ କଲେ

ବଲାଙ୍ଗୀର ଅଫିସ, ୧୫।୧

ଗତ ଏକ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ଓଡ଼ିଶା ଗସ୍ତ କରିଛନ୍ତି। ବଲାଙ୍ଗୀରଠାରେ ମଙ୍ଗଳବାର ଏକ ସରକାରୀ କାର୍ଯ୍ୟକ୍ରମରେ ମୋଦି ୧୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ବଲାଙ୍ଗୀର ପଥରଚେପା ପଡିଆରେ ଭାଜପା ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ମୋଦି ରାଜ୍ୟର ବିଜେଡି ସରକାରଙ୍କ ଉପରେ ନରମ ହୋଇ ସମାଲୋଚନା କରିଥିବାବେଳେ ଦଳୀୟ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିନ୍ତୁ ଗରମ ଥିଲେ। ବିଭିନ୍ନ ପ୍ରସଙ୍ଗ ଉଠାଇ ଧର୍ମେନ୍ଦ୍ର ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୪୫ ମିନିଟ୍‌ର ଭାଷଣରେ ମୋଦି ଓଡିଶାର କଳା, ସଂସ୍କୃତି ଏବଂ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ବଖାଣିଛନ୍ତି। ଏହାସହ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଖର୍ଚ୍ଚ ନେଇ ରାଜ୍ୟ ସରକାରଙ୍କୁ ମୃଦୁ ସମାଲୋଚନା କରିଛନ୍ତି। ନିର୍ବାଚନକୁ ଅପେକ୍ଷା ନ କରି ଆଦିବାସୀଙ୍କ ପାଇଁ ଥିବା ଅର୍ଥ ଖର୍ଚ୍ଚ କର ବୋଲି ମୋଦି ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା–୧୪

## ଓଡ଼ିଆ ସଂସ୍କୃତିକୁ ପ୍ରଶଂସା

- କଂଗ୍ରେସର ନାଁ ନ ନେଇ ସମାଲୋଚନା

ବଲାଙ୍ଗୀର ଅଫିସ, ୧୫।୧

ବଲାଙ୍ଗୀର ପଥରଚେପା ପଡିଆରେ ମଙ୍ଗଳବାର ଆୟୋଜିତ ଭାଜପାର ବିଶାଳ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ମୋଦି 'ଜୟ ଜଗନ୍ନାଥ'ରୁ ଭାଷଣ ଆରମ୍ଭ କରି ସ୍ଥାନୀୟ ମନ୍ଦିର ସୌନ୍ଦର୍ଯ୍ୟ ଏବଂ ପୂର୍ବପୁରୁଷଙ୍କ ବୀରତ୍ୱକୁ ସମ୍ମାନ ଜଣାଇଛନ୍ତି। ଏହାସହ ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣରେ ଜୀବନ ହରାଇଥିବା ଯୁବ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କଂଗ୍ରେସ ନାଁ ନ ନେଇ ପୂର୍ବ ସରକାରର ☞ପୃଷ୍ଠା–୧୪







# ନିଯୁକ୍ତି ନାଁରେ ୧୭ ଲକ୍ଷ ଠକେଇ

**ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ**

**ବାରିପଦା ଅଫିସ,୧୫।୧ :** ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ପ୍ରାୟ ୧୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ଉକ୍ତ ଯୁବକଙ୍କୁ ବାରିପଦା ଟାଉନ ଥାନା ପୋଲିସ ମଙ୍ଗଳବାର ବାଲେଶ୍ୱରରୁ ଗିରଫ କରିଥିବା ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି। ସୂଚନା ମୁତାବକ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ସିଦ୍ଧାର୍ଥ କୁମାର ପାଲ ନାମକ ଯୁବକ ସିଏମଏସ ସିକ୍ୟୁରିଟି ଇନଫୋସିସ୍ ନାମକ ଏକ ସଂସ୍ଥା ଖୋଲିଥିଲେ। ଏଥିରେ ଭଲ ଦରମାରେ ଚାକିରି ଦେବାକୁ କହି ବାରିପଦାର ୪୬ ଛାତ୍ରୀଛାତ୍ରଙ୍କ ସହିତ ଅନ୍ୟ ଜିଲାର ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରି ଟଙ୍କା ଦେବାକୁ କହିଥିଲେ। ତେବେ ଦୀର୍ଘ ଦିନ ହେବ ନିଯୁକ୍ତି ନ ଦେବା ଫଳରେ ଛାତ୍ରୀଛାତ୍ରମାନେ ବାରିପଦା ଟାଉନ ଥାନା ଓ ପରେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚର ନିର୍ଦ୍ଦେଶ କ୍ରମେ ବାରିପଦା ଟାଉନ ଥାନାରେ ୨୦୧୭ ଜାନୁୟାରୀରେ ଏକ ମାମଲା(ନଂ.୧୯/୧୭) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।




# ୪ରୁ ବିଧାନସଭା, ୭ରେ ବଜେଟ

**ଭୁବନେଶ୍ୱର,୧୫।୧(ବ୍ୟୁରୋ):** ଆସନ୍ତା ଫେବୃୟାରୀ ୪ ତାରିଖରୁ ସ୍ୱଳ୍ପକାଳୀନ ବଜେଟ ଅଧିବେଶନ ଆରମ୍ଭ ହେବ। ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ମଙ୍ଗଳବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଧିବେଶନ ୧୨ ତାରିଖ ଯାଏ ଚାଲିବ । ୭ ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ଅଧିବେଶନ ଆରମ୍ଭ ଦିବସରେ ରାଜ୍ୟପାଳ ଅଭିଭାଷଣ ରଖିବେ। ସେହିଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ଫେବୃୟାରୀ ୫ ଓ ୬ ରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୭ ତାରିଖରେ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ସେହିଦିନ ଭୋଟ ଅନ୍ ଆକାଉଣ୍ଟ ଉପରେ ମୋଶନ ଆଗତ ହେବା ସହ ଆଲୋଚନା ହେବ। ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହେବ। ଶନି ଓ ରବିବାର ବିଧାନସଭା କାର୍ଯ୍ୟ ବନ୍ଦ ରହିବ। ଫେବୃୟାରୀ ୧୧ ତାରିଖରେ ସରକାରୀ ଦିବସ ଥିବା ବେଳେ ୧୨ ତାରିଖରେ ବେସରକାରୀ ଦିବସ ରହିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଖର୍ଚ୍ଚ ତୁଲାଇବା ପାଇଁ ଆସନ୍ତା ଅଧିବେଶନରେ ବଜେଟ ବ୍ୟବସ୍ଥା କରାଯିବ।

**'ପିଠା' କାର୍ଯ୍ୟକ୍ରମ**

# ୨୬ରେ ଶ୍ରେଷ୍ଠ ପଞ୍ଚାୟତକୁ ପୁରସ୍କାର

**ଭୁବନେଶ୍ୱର, ୧୫।୧(ବ୍ୟୁରୋ)**

୨୦୧୮ ଡିସେମ୍ବରରୁ ଆରମ୍ଭ ହୋଇଥିବା 'ପିଠା' କାର୍ଯ୍ୟକ୍ରମ ରାଜ୍ୟର ୩୧୪ ବ୍ଲକରେ କାର୍ଯ୍ୟକାରୀ ହେଉଛି। 'ପିଠା' କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ କରିଥିବା ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ପଞ୍ଚାୟତଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୬ ତାରିଖରେ ଜିଲା ସଦର ମହକୁମାଗୁଡ଼ିକରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ 'ପିଠା' କ୍ୟାମ୍ପରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ। 'ଆମ ଗାଁ ଆମ ବିକାଶ' ଯୋଜନାରେ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଏହି ଅର୍ଥକୁ ଉପଯୋଗ କରାଯିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଅର୍ଥରାଶି ମଞ୍ଜୁର କରାଯାଇଛି। ଅଗ୍ରାଧିକାର ଭିତ୍ତିରେ ଏହି ଅର୍ଥରାଶି ଗ୍ରାମ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଯଥାକ୍ରମେ ମିଶନ ଶକ୍ତି ଗୃହନିର୍ମାଣ, ପାଠାଗାର ନିର୍ମାଣ, ଗାଧୁଆ ଘାଟ ନିର୍ମାଣ ଓ ପୋଷାକ ବଦଳ ରୁମ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଓ କୋଠଘର ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରାଯିବ ବୋଲି ମଙ୍ଗଳବାର ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି।















ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି– ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !

–ଶ୍ରୀମା

# ସେହି ପୁରୁଣା ଖେଳ

ଗତ ଶତାବ୍ଦୀର ଷାଠିଏ–ସତୁରି ଦଶକରେ ଭାରତୀୟ ରାଜନୀତିରେ 'ଆୟାରାମ ଗୟାରାମ' ପରିସ୍ଥିତି ଦେଖାଦେଇଥିଲା। କୌଣସି ନିର୍ବାଚିତ ସରକାରକୁ ଗଡ଼ାଇବା ପାଇଁ ଘୋଡ଼ାବେପାର ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିଲା। ଧୀରେ ଧୀରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସେହି ମାନସିକତା ଲୋପ ପାଇଆସୁଥିଲା। ଭାଜପା ଜାତୀୟ ଦଳ ହୋଇ ମଧ୍ୟ ଏହାକୁ ଏବେ ପୁନର୍ଜନ୍ମ ଦେବା ଭଳି ମନେହେଉଛି। ଏହାର ସଦ୍ୟ ଦୃଷ୍ଟାନ୍ତ କର୍ନାଟକରେ ଦେଖିବାକୁ ମିଳିଛି। ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୭ ମାସ ପୁରୁଣା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)–କଂଗ୍ରେସ ମେଣ୍ଟ ସରକାର ପ୍ରତି ବିପଦ ସୃଷ୍ଟି ହୋଇଛି। ୧୫ ଜାନୁୟାରୀ ୨୦୧୯ରେ ୨ ଜଣ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ଭାଜପା ଆଡ଼କୁ ଢଳିଛନ୍ତି। ୨୨୪ ସଂଖ୍ୟା ବିଶିଷ୍ଟ କର୍ନାଟକ ବିଧାନସଭାରେ ଭାଜପାର ସର୍ବାଧିକ ୧୦୪ ସଦସ୍ୟ ଅଛନ୍ତି। କଂଗ୍ରେସର ୭୮, ଜେଡିଏସ୍ ୩୭ ଓ ୨ ସ୍ୱାଧୀନ ବିଧାୟକଙ୍କୁ ନେଇ କୁମାରସ୍ୱାମୀ ସରକାରରେ ୧୧୭ ସଂଖ୍ୟା ଥିବା ବେଳେ ୨ ସ୍ୱାଧୀନ ସଦସ୍ୟ ହାତ ଛାଡ଼ିବା ପରେ ଏହା ୧୧୫କୁ ଖସି ଆସିଛି। ମ୍ୟାଜିକ୍ ନମ୍ବର ୧୧୩ ହୋଇଥିବାରୁ ବର୍ତ୍ତମାନ ଭାଜପା ନିକଟରେ ୧୦୬ ବିଧାୟକ ହୋଇଯାଇଥିବା ବେଳେ ପ୍ରାୟ ୮ କଂଗ୍ରେସ ବିଧାୟକ ଭାଜପାକୁ ଡେଇଁପାରନ୍ତି ବୋଲି କୁହାଯାଉଛି। ଏପରିକି କଂଗ୍ରେସର ବରିଷ୍ଠ ନେତାମାନେ ଏଭଳି ଆଶଙ୍କା ବ୍ୟକ୍ତ କରିସାରିଲେଣି। ଘୋଡ଼ା ବେପାର କରି ସଂଖ୍ୟା ଯୋଗାଡ଼ରେ ସଫଳ ହେଲେ କର୍ନାଟକରେ ଭାଜପା ସରକାର ଗଢ଼ିବାରେ ସକ୍ଷମ ହେବ। ବର୍ତ୍ତମାନ ଭାଜପାର ୧୦୪ ବିଧାୟକ ଦିଲ୍ଲୀ ପଳାଇଯିବା ପରେ ସେମାନଙ୍କୁ ଗୁରୁଗ୍ରାମରେ ରଖାଯାଇଛି। ଇତିମଧ୍ୟରେ କଂଗ୍ରେସର ୩ ବିଧାୟକ ବମ୍ବେରେ ଥିବା ବେଳେ ୨ ଜଣ ଦିଲ୍ଲୀରେ ରହି ଭାଜପା ନେତାଙ୍କୁ ଭେଟିଥିବା କୁହାଯାଉଛି।

୨୦୧୮ରେ କର୍ନାଟକ ବିଧାନସଭା ନିର୍ବାଚନ ବେଳେ ଜେଡିଏସ୍ ଓ କଂଗ୍ରେସ ପରସ୍ପର ବିରୋଧରେ ଲଢ଼ିଥିଲେ। ଫଳାଫଳ ଆସିବା ପରେ ଭାଜପା ବୃହତ୍ ସଂଖ୍ୟାବିଶିଷ୍ଟ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ କୁହୁକ ନମ୍ବର ଛୁଇଁ ନ ପାରିବାରୁ ସରକାର ଗଢ଼ିପାରି ନ ଥିଲା। ଭାଜପାକୁ କ୍ଷମତାରୁ ଦୂରେଇ ରଖିବାକୁ ଯାଇ ଜେଡିଏସ୍ ଓ କଂଗ୍ରେସ ମେଣ୍ଟ ସରକାର ଗଢ଼ିଥିଲେ। ଅଳ୍ପ ଆସନ ପାଇ କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହେବା ସହ ଗୁରୁତ୍ୱପୂର୍ଣ୍ଣ ପଦବୀ ନିଜ ଦଳ ପାଖରେ ରଖିବା ନେଇ ବିବାଦ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଫାଟ ବୁଜିବା ପାଇଁ ଯେତେ ପ୍ରୟାସ କରାଯାଉଥିଲେ ମଧ୍ୟ 'ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି' ଭଳି ପରିସ୍ଥିତି ଦେଖାଦେଇ ଚାଲିଛି। ଏପରିକି ଏକସମୟରେ କୁମାରସ୍ୱାମୀ କଂଗ୍ରେସ ଚାପରେ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି କହିବାକୁ ବାଧ୍ୟ ହୋଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଦୁଇ ଦଳ ଆସନ ବୁଝାମଣାକୁ ନେଇ ଅଡୁଆରେ ପଡ଼ିଛନ୍ତି। ୨୮ ଲୋକ ସଭା ଆସନ ମଧ୍ୟରୁ ଜେଡିଏସ୍ ୧୨ଟିରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିବା ବେଳେ କଂଗ୍ରେସ ଏହାକୁ ଗ୍ରହଣ କରିପାରିନାହିଁ। ଏଭଳି ସ୍ଥିତି ଦେଖି କୁମାରସ୍ୱାମୀ କହିଛନ୍ତି ଯେ, ଆସନ ଭାଗବଣ୍ଟା କ୍ଷେତ୍ରରେ ଜେଡିଏସ୍‌କୁ କଂଗ୍ରେସ 'ତୃତୀୟ ଶ୍ରେଣୀ ନାଗରିକ' ଭଳି ଭାବିବା ଠିକ୍ ନୁହେଁ। ଭାଜପାକୁ ଦୃଢ଼ ଜବାବ ଦେବା ନିମନ୍ତେ ଉଭୟ ଦଳ ଏକତ୍ରିତ ହୋଇ ଲଢ଼ିବା ଉଚିତ। ସରକାରରେ ଦୁଇ ଦଳ ଟକରାଟକରି ହେଉଥିବା ଦେଖି ଭାଜପା ଫାଇଦା ନେବାକୁ ଆଗେଇ ଆସିଛି। ସାଧାରଣ ନିର୍ବାଚନ ପୂର୍ବରୁ ଆଉ ଏକ ରାଜ୍ୟରେ କ୍ଷମତା ଅକ୍ତିଆର କରି ସେହି ପୁରୁଣା ଖେଳ କରିବାକୁ ଭାଜପା ଲକ୍ଷ୍ୟ ରଖିଥିବା କୁହାଯାଉଛି। ଏମିତି ଦେଖିଲେ ନିକଟ ଅତୀତରେ ଦେଶରେ ହୋଇଥିବା କେତେକ ଉପନିର୍ବାଚନ ଓ ୩ ହିନ୍ଦୀ ଭାଷୀ ରାଜ୍ୟରେ ଭାଜପାର ପରାଜୟ ହୋଇଥିବା ବେଳେ କଂଗ୍ରେସର ସ୍ଥିତି ସୁଦୃଢ଼ ହୋଇପାରିଛି। ଏଭଳିସ୍ଥଳେ ବିରୋଧୀଙ୍କୁ ଦମନ କରିବା ଲାଗି ଭାଜପା କର୍ନାଟକରେ ଘୋଡ଼ା ବେପାରକୁ ପାଥେୟ କରିଛି ବୋଲି ଯାହା ଆଲୋଚନା ହେଉଛି, ତାହାକୁ ଅବିଶ୍ୱାସ କରାଯାଇ ନ ପାରେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସେତେବେଳେ ପରିସ୍ଥିତି କେଉଁ ରୂପ ନେବ ଏବେଠାରୁ କହିହେଉ ନାହିଁ। ଏଭଳି ସ୍ଥଳେ ଜେଡିଏସ୍–କଂଗ୍ରେସ ଉତ୍ତରପ୍ରଦେଶର ବିଏସ୍‌ପି–ଏସ୍‌ପି ନିର୍ବାଚନ ପୂର୍ବବର୍ତ୍ତୀ ମେଣ୍ଟ ଭଳି ଦୃଢ଼ ରହିଲେ ହୁଏତ ଭାଜପାକୁ ସାମ୍ନା କରିପାରେ। ତାହା କରା ନ ଗଲେ ଭାଜପା ଯେକୌଣସି ମୁହୂର୍ତ୍ତରେ କିଛି ନା କିଛି ଖେଳ କରିପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜାନୁୟାରୀ ୧୯୯୪

- ଜାଇରେର ରାଷ୍ଟ୍ରପତି ଦେଶର ସରକାରଙ୍କୁ ବରଖାସ୍ତ କରିବା ସହ ପାର୍ଲାମେଣ୍ଟ ଓ ଉଚ୍ଚତମ ପରିଷଦକୁ ଭାଙ୍ଗିଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।
- ଅଣୁଅସ୍ତ୍ର ପ୍ରସାର ନିରାକରଣ ଚୁକ୍ତି (ଏନ୍.ପି.ଟି.)ରେ ଭାରତ ସ୍ୱାକ୍ଷର କରିବ ନାହିଁ ବୋଲି ପ୍ରକାଶ କରିଛି।
- ଗଙ୍ଗାନଗର ସାଗର ସଙ୍ଗମସ୍ଥଳ ସାଗର ଦ୍ୱୀପ ନିକଟସ୍ଥ ମାଟଲା ନଦୀରେ ଦୁଇଟି ଲଞ୍ଚ ମଧ୍ୟରେ ଧକ୍କା ଲାଗିବା ଫଳରେ ୧୦୦ ତୀର୍ଥଯାତ୍ରୀଙ୍କର ସଲିଳ ସମାଧି।

# ବାର୍ଦ୍ଧକ୍ୟର ବିଭାବନା



ଅରୁଣ କୁମାର ପଣ୍ଡା

ପରିବର୍ତ୍ତନ ହିଁ ସଂସାରର ଅପରିବର୍ତ୍ତନୀୟ ନିୟମ। ପ୍ରତ୍ୟେକ ଜୀବ ଏବଂ ବସ୍ତୁ ଧୀରେ ଧୀରେ ପୁରୁଣା ହୁଅନ୍ତି। ବୟସ ବଢ଼ିବା ସଙ୍ଗେ ସଙ୍ଗେ ମଣିଷ ଦେହରେ ଏହାର ଭିନ୍ନ ଭିନ୍ନ ଚିହ୍ନ ଦେଖାଯାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେପରି ଆୟୁ ବୃଦ୍ଧି ହୁଏ ସେହି ଅନୁସାରେ ବାଲ୍ୟାବସ୍ଥା, ଯୁବାବସ୍ଥା, ବୃଦ୍ଧାବସ୍ଥା ଇତ୍ୟାଦିର ଲକ୍ଷଣ ପ୍ରକଟ ହୁଏ। ବୃଦ୍ଧାବସ୍ଥାରେ ଏପରି ଏକ ଦିନ ଆସେ ଯେତେବେଳେ ଶରୀର ଦୁର୍ବଳ, ଅଙ୍ଗ ଶିଥିଳ ଏବଂ ମନ ଉତ୍ସାହହୀନ ହୋଇଯାଏ ତଥା ମନୁଷ୍ୟ ଥୁଣ୍ଟା ବରଗଛ ପରି ପଡ଼ି ରହେ। ନିଜ ସମୟର ଖୁବ୍ ଶକ୍ତିଶାଳୀ, ପରାକ୍ରମୀ ଶୂରବୀରମାନଙ୍କ ଅବସ୍ଥା ମଧ୍ୟ ଏହିପରି ହୋଇଥାଏ।

ସୋମନାଥ ମନ୍ଦିରକୁ ଅଠର ଥର ଲୁଣ୍ଠନ କରିଥିବା ଗଜନୀର ଦୁର୍ଦ୍ଧର୍ଷ ସୁଲତାନ ମାମୁଦ୍, ବିଶ୍ୱବିଜୟୀ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର, ଏକଚ୍ଛତ୍ରବାଦୀ ହିଟ୍‌ଲର, ମୁସୋଲିନି, ତୋଜୋ, ଇଦ୍ ଅମିନ୍ ଏବଂ ଇରାକ୍‌ର ପଦଚ୍ୟୁତ ରାଷ୍ଟ୍ରପତି ସଦ୍ଦାମ ହୁସେନ ଅତି ଦୟନୀୟ ଭାବରେ ସେମାନଙ୍କ ଶେଷ ସମୟ କଟାଇଥିଲେ। ବିଶ୍ୱର ପ୍ରସିଦ୍ଧ ପହିଲମାନ୍, ହିମାଳୟର ଏଭରେଷ୍ଟ ଆରୋହଣକାରୀ, ବିସ୍ମୟ ସୃଷ୍ଟି କରିଥିବା କ୍ରୀଡ଼ାବିତ୍ ବାର୍ଦ୍ଧକ୍ୟରେ ଅନୁରୂପ ଦୟନୀୟ ସ୍ଥିତି ପ୍ରାପ୍ତ ହୋଇଛନ୍ତି, ଯେଉଁଭଳି ଶ୍ରୀକୃଷ୍ଣଙ୍କ ମୃତ୍ୟୁ ପରେ ଅଦ୍ଭୁତ ଧନୁର୍ଦ୍ଧର ଅର୍ଜୁନ ଶକ୍ତିହୀନ ହୋଇ ପଡ଼ିଥିଲେ। ବୟସର ପରିବର୍ତ୍ତନ କାହାକୁ ବି ଛାଡେ ନାହିଁ।

ବୟସ ବଢ଼ିବା ସହିତ ସମାଜ, ସମ୍ବନ୍ଧ, ପରସ୍ପର ସ୍ନେହସୌହାର୍ଦ୍ଦ୍ୟ ତଥା ସମ୍ମାନ ଓ ସ୍ଥିତିରେ ମଧ୍ୟ ଯଥେଷ୍ଟ ଅଦଳବଦଳ ହୋଇଯାଏ। ଆଗରୁ ବୃଦ୍ଧତ୍ୱର ଅନୁଭୂତି ନ ଥିବା ହେତୁ ଏହି ପରିବର୍ତ୍ତନର ସମ୍ମୁଖୀନ ହେବାର ସାମର୍ଥ୍ୟ ବ୍ୟକ୍ତିର ନ ଥାଏ। ଉଦାହରଣସ୍ୱରୂପ ଏଠାରେ ପିତା–ପୁତ୍ରର ସମ୍ବନ୍ଧକୁ ନିଆଯାଉ। ମନେ କରାଯାଉ ପିତାର ବୟସ ୩୦ ଥିଲା ବେଳେ ପୁଅର ବୟସ ୬। ପିଲାଟି ଭାବେ, ବାପା ତା'ଠାରୁ ବହୁତ ବଡ଼, ତାଙ୍କ ସହିତ ମୋର ତୁଳନା ସମ୍ଭବ ନୁହେଁ। ପିଲାଟି ପାଖରେ ଶାରୀରିକ ସାମର୍ଥ୍ୟ, ଧନବଳ, ଅନୁଭବ କିମ୍ବା ଦୋକାନଦାରି ଓ ବ୍ୟବସାୟବାଣିଜ୍ୟର ବୁଦ୍ଧି ନ ଥାଏ ଏବଂ ସେଥିପାଇଁ ସେ ପିତାଙ୍କ ତୁଳନାରେ ନିଜକୁ ଖୁବ୍ ନ୍ୟୂନ ମନେକରେ। ଅପରପକ୍ଷରେ ବାପା ମନରେ ଭାବନା ଥାଏ– ମୋ ପୁଅ ଖୁବ୍ ଛୋଟ, ଖୁବ୍ ଲଭ୍‌ଲି। ପିଲା ଯେତେବେଳେ ଦାନ୍ତ ଦେଖାଇ ହସେ, ଦରୋଟି କଥା କହେ ବାପା ଗଦ୍‌ଗଦ୍ ହୋଇପଡ଼େ, ତା' ପାଇଁ ସବୁକିଛି ସମର୍ପଣ କରିଦେବାର ଭାବନା ଆସେ। ପିଲାର ଦେହ ଖରାପ ହେଲେ ପ୍ରାର୍ଥନା କରେ– ଭଗବାନ ମୋତେ ନେଇଯାଅ ପଛେ ମୋର ଆଖିର ପିତୁଳାକୁ ବଞ୍ଚାଇ ରଖ। ମୋ ଆୟୁ ତାକୁ ଦେଇ ଦିଅ ଇତ୍ୟାଦି। ଯେବେ ପିତା ୬୦ବର୍ଷ ବୟସରେ ପହଞ୍ଚନ୍ତି, ପୁଅର ଆୟୁ ୩୬ବର୍ଷ ହୋଇଥାଏ। ପ୍ରଥମେ ପିତାଙ୍କ ଆୟୁ ପୁଅର ପାଞ୍ଚଗୁଣା ଥିଲା ଏବେ ପାଖାପାଖି ଦୁଇଗୁଣା। ପ୍ରଥମେ ପିଲାଟିର ଲମ୍ବ ଦୁଇଫୁଟ ଥିଲା, ଏବେ ଛ'ଫୁଟ ପାଖାପାଖି, ପିତାଙ୍କଠାରୁ ଉଚ୍ଚତାରେ ଅଧିକ। ଦୁଇଫୁଟିଆ ପିଲାକୁ କାଖେଇ କୋଳେଇ, ତିନିଫୁଟିଆ ପୁଅକୁ କାନ୍ଧେଇ ବାପା ନେଉଥିଲା, ଏବେ ପୁଅ ବାପାକୁ ବାଇକ୍ କିମ୍ବା ସ୍କୁଟର୍‌ରେ ବସେଇ ନେଉଛି। ପ୍ରଥମେ ପିଲାର ଚେହେରା କଖାରୁ ପରି ଗୋଲ୍ ଥିଲା ଏବେ ମୁହଁରେ ନିଶଦାଢ଼ି ଉଠିଲାଣି, କଦାକାର ହେଲାଣି। ତା'ର ଶରୀର ଓ ମସ୍ତିଷ୍କରେ ମଧ୍ୟ ଖୁବ୍ ପାର୍ଥକ୍ୟ ପରିଲକ୍ଷିତ ହୁଏ। ପିତା ବାର୍ଦ୍ଧକ୍ୟର ପ୍ରଭାବରେ ପିଲାପରି ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୁଏ, ଦାନ୍ତ ଭାଙ୍ଗିଯିବା କାରଣରୁ ଗୁଲୁରୁ ଗୁଲୁରୁ କଥା କହେ ଯେପରି 'ରାମ'କୁ 'ଲାମ'। ଆଗେ ପୁଅ ଛୋଟ ଥିବାବେଳେ ବାପର ହାତ ଧରି ଚାଲୁଥିଲା, ଏବେ ବୃଦ୍ଧ ବାପା ପୁଅର ହାତ ଧରି ଚାଲୁଛି। ପିଲା ତା' ଜନ୍ମଦିନରେ ବାପାଠାରୁ ଗିଫ୍‌ଟ ଆଶା କରୁଥିଲା, ସବୁ କଥାରେ ବାପାର ସହାୟତା ଚାହୁଁଥିଲା ; ଅର୍ଥାତ୍ ପୁତ୍ରକୁ ପିତା ସମ୍ଭାଳୁଥିଲା। ଏବେ ମାତାପିତାଙ୍କୁ ସମ୍ଭାଳିବା ଦାୟିତ୍ୱ ପୁତ୍ରର। ସେତିକି ନୁହେଁ ସମଗ୍ର ପରିବାରର ଭାର ତା' କାନ୍ଧରେ।

ପିତାମାତା ବୁଢ଼ାବୁଢ଼ୀ ହେଲେ ବି ଜୀବନର ଅନ୍ତିମକ୍ଷଣ ପର୍ଯ୍ୟନ୍ତ ସେମାନଙ୍କୁ ନିଜର ଛୋଟ ପିଲାଙ୍କୁ ସ୍ନେହଆଦର ଦେଇ ଲାଳନପାଳନ କରିବା ଭଳି ସମ୍ଭାଳି ରଖିବାକୁ ହୁଏ, ସେମାନଙ୍କ ଅଳିଅର୍ଦ୍ଦଳି ସହିବାକୁ ହୁଏ। ସେମାନେ ଆମ ପାଇଁ ବୋଝ ନୁହନ୍ତି, ବରଂ ଆଶୀର୍ବାଦ– ଏହି ଚିନ୍ତନ ଯାହାର ସେହି ପରିବାର ସର୍ବଦା ସୁଖଶାନ୍ତିରେ ଥାଏ। ପରନ୍ତୁ ଆଜିକାଲି ବୃଦ୍ଧ ମାତାପିତାଙ୍କ ପ୍ରତି ସେମାନଙ୍କ ସନ୍ତାନମାନେ ଯେଉଁଭଳି ପଶୁବତ୍ ଆଚରଣ କରୁଛନ୍ତି ତାହା ଭାଷାରେ ବର୍ଣ୍ଣନା କରିବା ପାଇଁ ସଙ୍କୋଚ ଲାଗୁଛି।

ଏ କଥା ଭୁଲିବା ଉଚିତ ନୁହେଁ ଯେ, ଘରେ ଅନୁଭବରେ ଶାଣିତ, ବୃଦ୍ଧ ବ୍ୟକ୍ତିଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ କଲ୍ୟାଣକାରୀ ହୋଇଥାଏ। ସେମାନଙ୍କୁ ପୁରୁଣାକାଳିଆ, ଅଦରକାରୀ, ଅପଦାର୍ଥ କହି ତିରସ୍କାର କରିବା ଅର୍ଥ ଭଗବାନଙ୍କୁ ଅସନ୍ତୁଷ୍ଟ କରିବା ଏବଂ ନିଜ ଗୋଡ଼ରେ କୁରାଢ଼ି ମାରିବା। ବୃଦ୍ଧ, ଅକର୍ମଣ୍ୟ, ପିତାମାତାଙ୍କ ସେବା ଦ୍ୱାରା ପୁଣ୍ୟଖାତା ସଞ୍ଚୟର ଅପୂର୍ବ ସୁଯୋଗ ଆମକୁ ମିଳେ। ତାହା ନ କରି ଏମାନଙ୍କଠାରୁ ମୁକ୍ତି ଚାହିଁବା ଏବଂ ଜରାଶ୍ରମକୁ ଯିବା ପାଇଁ ସେମାନଙ୍କୁ ବିବଶ କରାଯିବା ଦ୍ୱାରା ଭାରତୀୟ ପାରିବାରିକ ବ୍ୟବସ୍ଥାକୁ ଆମେ ଜାଣିଶୁଣି ଚୂର୍ଣ୍ଣବିଚୂର୍ଣ୍ଣ କରୁଛୁ।

ପାଶ୍ଚାତ୍ୟ ଦେଶଗୁଡ଼ିକରେ ମାତାପିତାଙ୍କୁ ଝିଅପୁଅମାନେ ତ୍ୟଜ୍ୟଦ୍ରବ୍ୟ କରି ଏକପ୍ରକାର ବାହାରେ ପିଙ୍ଗି ଦିଅନ୍ତି। ଏହାର ଅର୍ଥ ହେଲା ସରକାରୀ ଖର୍ଚ୍ଚରେ ବାର୍ଦ୍ଧକ୍ୟ ଆଶ୍ରୟ ଗୃହରେ ସେମାନଙ୍କ ପାଇଁ ବ୍ୟବସ୍ଥା ଥାଏ। ବର୍ଷରେ ଥରେ 'ଫାଦର୍‌ସ ଡେ' ଏବଂ 'ମଦର୍‌ସେ ଡେ'ରେ ସନ୍ତାନମାନେ ସେମାନଙ୍କର ତ୍ୟକ୍ତ ପିତାମାନଙ୍କୁ ଭେଟନ୍ତି। ଶବ୍ଦ ଆଡମ୍ବର, ହୋ–ହଲ୍ଲା ମଧ୍ୟରେ ମାତାପିତା ଏବଂ କନ୍ୟାପୁତ୍ରଙ୍କ ଔପଚାରିକ ମିଳନ ହୁଏ। ଧୀରେ ଧୀରେ ଭାରତୀୟ ସମାଜରେ ଏହି ଅବସ୍ଥା ସୃଷ୍ଟି ହେଲାଣି। ଫଳରେ ପରିଣତ ବୟସରେ ବ୍ୟକ୍ତିମାନଙ୍କ ଭିତରେ ନୈରାଶ୍ୟ, ଦୁଃଖ, ଗ୍ଲାନି ଓ ଉଦାସୀନତା ପରି ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ନିଜର ଅନୁଭବସିଦ୍ଧ, ଜ୍ଞାନ, କର୍ମକୁଶଳତା, ଦକ୍ଷତା ପାଇଁ ସେମାନେ ବାସ୍ତବରେ ନିଜକୁ ଛୋଟମାନଙ୍କଠାରୁ ଯଥେଷ୍ଟ ଆଗରେ ବୋଲି ଭାବି ଗଭୀର, ଆତ୍ମବିଶ୍ୱାସର ସହିତ ରହିବା ଉଚିତ। ରାମରାଜ୍ୟର ଶ୍ରେଷ୍ଠ ଗୁରୁ ରୂପେ ବୟୋଜ୍ୟେଷ୍ଠ ଋଷି ବଶିଷ୍ଠଙ୍କୁ ଗଣାଯାଉଥିଲା। ବୃଦ୍ଧ ଜନକ, ବେଦବ୍ୟାସ, ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, ଜାମ୍ବବାନ ନିଜ ନିଜ କ୍ଷେତ୍ରରେ ବାର୍ଦ୍ଧକ୍ୟରେ ବି ପାରଦର୍ଶିତା ପ୍ରଦର୍ଶନ କରି ସମସ୍ତଙ୍କୁ ଚମତ୍କୃତ କରିଥିଲେ। ଦୁଷ୍ଟ ଅସୁର ରାବଣ ମା' ସୀତାଙ୍କୁ ଅପହରଣ କରି ନେଉଥିବା ବେଳେ ଗୃଧ୍ରରାଜ ଜଟାୟୁ ନିଜର ବୃଦ୍ଧ ବୟସରେ ତା' ସହିତ ଆକାଶମାର୍ଗରେ ନିଜର ଚଞ୍ଚୁ ଓ ନଖ ଦ୍ୱାରା ଲଢ଼େଇ କରି ପ୍ରାଣପାତ କରିବାର ମହାନ୍ ଆଦର୍ଶ ସୃଷ୍ଟି କରିଯାଇଛନ୍ତି।

ଗୁଜରାଟର ପ୍ରସିଦ୍ଧ ବିଦ୍ୱାନ୍ ପଣ୍ଡିତ ବିନାୟକ ଦାମୋଦର ସାତବଳେକର ୬୦ବର୍ଷ ବୟସରେ ପ୍ରଥମ ଶ୍ରେଣୀରୁ ଅଧ୍ୟୟନ ଆରମ୍ଭ କରି ବେଦର ମହାନ୍ ଟୀକାକାର ହୋଇପାରିଥିଲେ ଏବଂ ବୈଦିକ ଢଙ୍ଗରେ ଜୀବନଯାପନ କରି ୧୦୬ବର୍ଷ ବଞ୍ଚିଥିଲେ। ହିମାଳୟରେ ଆଜି ବି ତପସ୍ୟାରତ ସାଧୁ ଅଛନ୍ତି ଯେଉଁମାନଙ୍କ ବୟସ ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ। ଦୀର୍ଘ ଜୀବନ ଏକ ଆଶୀର୍ବାଦ, ଯଦି ଏହା ସୁଖମୟ ହୁଏ। ଦୁଃଖ, ଦୁର୍ଦ୍ଦଶା, ରୋଗ, କଷ୍ଟ, ଯନ୍ତ୍ରଣାଜର୍ଜରିତ ବାର୍ଦ୍ଧକ୍ୟ କେବେ ବି ସ୍ୱାଗତଯୋଗ୍ୟ ନୁହେଁ। ଏଭଳି ଅନେକ ବୟୋଜ୍ୟେଷ୍ଠ ଅଛନ୍ତି ଯେଉଁମାନେ ଦାରିଦ୍ର୍ୟ ଭିତରେ ଥିଲେ ମଧ୍ୟ ସହର୍ଷବଦନରେ ନିଜ ପାଖରେ ଯାହା ବି ଅଛି ତାକୁ ଅନ୍ୟର ସେବାରେ ଲଗାନ୍ତି, ବୃଦ୍ଧ ଶରୀରରେ ମନକୁ ସତେଜ ପୁଷ୍ପ ପରି ସୁଗନ୍ଧିତ ରଖି, ଭାବନା ଓ ସଙ୍କଳ୍ପକୁ ଶକ୍ତିଶାଳୀ ଓ ପବିତ୍ର କରି, କଠୋର ବ୍ରହ୍ମଚର୍ଯ୍ୟ ଦ୍ୱାରା ଅସାଧ୍ୟ ସାଧନ କରାଯାଇପାରେ। ଏହି ବାର୍ତ୍ତା ଅଧୀର, ଉଦାସ, ଅଶାନ୍ତ ବୃଦ୍ଧମାନଙ୍କ ମଧ୍ୟରେ ସଞ୍ଜୀବନୀର କାମ କରିବ।

୧୩୪୮/ସି. ସେକ୍ଟର–୬,
ମର୍କତନଗର, କଟକ,
ମୋ–୯୪୩୭୨୭୦୬୦୫

# ଭାରତୀୟ ଜନଜୀବନ ଓ ବିଳମ୍ବ



ରୁଦ୍ର ପ୍ରସନ୍ନ ରଥ

ପିଲାଦିନେ ଗୁରୁଜନମାନେ ଆମକୁ ଉପଦେଶ ଦେଲାବେଳେ ସବୁବେଳେ କର୍ମଠ ଆଉ ସମୟାନୁବର୍ତ୍ତୀ ହେବାକୁ କହିଥାନ୍ତି। ବଡ଼ ହେଲା ପରେ ଅଫିସ୍‌ରେ ମଧ୍ୟ ଆମକୁ ଆମ ଅଫିସର ଠିକ୍ ସମୟରେ ଆସିବା ପାଇଁ ତାଗିଦ କରିଥାନ୍ତି। ମାତ୍ର ଏହି ସାମାନ୍ୟ ସମୟାନୁବର୍ତ୍ତିତା ଗୁଣର ଅଭାବ ଯୋଗୁ ଆମେ ଅନେକ ସମୟରେ ହଇରାଣରେ ପଡିଥାଉ। କେତେବେଳେ ଆମେ ଶ୍ରେଣୀରେ ବିଳମ୍ବରେ ପହଞ୍ଚିଥାଉ ତ ଆଉ କେତେବେଳେ ଆମର ବସ୍ କିମ୍ବା ଟ୍ରେନ୍‌କୁ ଧାର୍ଯ୍ୟ ସମୟରେ ଧରି ପାରି ନ ଥାଉ। ଏମିତି ଜୀବନରେ ଅନେକ ଥର ଠିକିଲା ପରେ ମଧ୍ୟ ଆମ ମଧ୍ୟରୁ ଅନେକେ ସମୟାନୁବର୍ତ୍ତୀ ହୋଇପାରି ନ ଥାନ୍ତି। ଆଉ ଯେଉଁମାନେ ସମୟକୁ ସମ୍ମାନ ଦିଅନ୍ତି ସେମାନେ ଜୀବନରେ ବହୁ ଆଗକୁ ଯାଇଥାନ୍ତି।

ଧୈର୍ଯ୍ୟ, ଜ୍ଞାନ, ଧୀଶକ୍ତି ପାଇଁ ସାରା ବିଶ୍ୱରେ ଭାରତୀୟମାନେ ଅନେକ ଆଦର ପାଇଚାଲିଥିଲା ବେଳେ ନିଜର ଚରିତ୍ରରେ ଏହି ବିଳମ୍ବ ଜନିତ ଦାଗ ଯୋଗୁ ଅନେକ ସ୍ଥାନରେ ଲୋକହସାର ଶିକାର ହୁଅନ୍ତି। ସେ ଛାତ୍ର ହୁଅନ୍ତୁ କି ବ୍ୟବସାୟୀ, ଗୃହିଣୀ ହୁଅନ୍ତୁ କି ବକ୍ତା, ନିଜ ନିଜ କ୍ଷେତ୍ରରେ ବିଳମ୍ବକୁ ନେଇ ସେମାନେ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ। ଏପରି କି ସେମାନଙ୍କର ବିଳମ୍ବ ଅନେକ କ୍ଷେତ୍ରରେ ଆମ ଦେହସୁହା ହୋଇଗଲାଣି। ଲୋକମାନେ ବି ଜାଣିଗଲେଣି ଯେ କୁହାଯାଇଥିବା ସମୟ ଅନୁସାରେ ନ ଗଲେ ବି ଚଳିବ। ଯେ କୌଣସି ବୈଠକ, ସମ୍ମିଳନୀ କିମ୍ବା ସଭା ପ୍ରାୟ ସମୟଠାରୁ ବିଳମ୍ବରେ ଆରମ୍ଭ ହେବା ଏବେ ଏକ ନିତ୍ୟନୈମିତ୍ତିକ ଘଟଣା ହୋଇଗଲାଣି। ଗୋଟିଏ ସଭାରେ କିଛି ବକ୍ତା କିମ୍ବା ଅତିଥିଙ୍କର ଘଣ୍ଟାଟିଏ ବିଳମ୍ବ ପାଇଁ ଶହ ଶହ ଶ୍ରୋତାଙ୍କର ଯେ ଏକା ସମୟରେ ଶହ ଶହ ଘଣ୍ଟା ନଷ୍ଟ ହୁଏ ତାହା ସମସ୍ତେ ଅନୁଭବ କରନ୍ତି ସତ ମାତ୍ର ଏହା ଠିକ୍ କରିବାକୁ କେହି ନ ଥାନ୍ତି।

ଭାରତୀୟ ଜନଜୀବନରେ ବିଳମ୍ବ ବେଶ୍ ଗ୍ରହଣୀୟ। ବିଳମ୍ବ କାହିଁକି ହେଲା ତାହାର କୈଫିୟତ୍ ଦେବାକୁ ବିଳମ୍ବ କରୁଥିବା ଲୋକଙ୍କ ପାଖରେ ଅନେକ ବାହାନା ଥାଏ। ସେ ମନେକରେ ଯେ ତାହାର ପ୍ରତ୍ୟେକ କୈଫିୟତ୍ ଯୁକ୍ତିଯୁକ୍ତ ଏବଂ ଏହା ଗ୍ରହଣୀୟ ହେବାକୁ ବାଧ୍ୟ। ନିଜେ ବିଳମ୍ବରେ ଆସିଛନ୍ତି ବୋଲି ହୃଦୟଙ୍ଗମ କରିଥିଲେ ମଧ୍ୟ ଏବଂ ଏହା ଭୁଲ୍ ବୋଲି ଜାଣିଥିଲେ ମଧ୍ୟ ଦାନ୍ତ ଦେଖାଇ ବିଳମ୍ବ ପାଇଁ ଗୋଟିଏ ଛୋଟ କୈଫିୟତ୍ ଦେଇ ଖସିଯାଆନ୍ତି। ନିଜ ବିଳମ୍ବ ପାଇଁ ଅନ୍ୟକୁ ଯେ ଅଯଥା ଅପେକ୍ଷା କରିବାକୁ ପଡିଲା, ଅନ୍ୟର ସମୟ ନଷ୍ଟ ହେଲା ଏବଂ ସେ ମାନସିକ ଯନ୍ତ୍ରଣା ପାଇଲା, ସେ ନେଇ ଆମର ଟିକିଏ ମଧ୍ୟ ଅନୁଶୋଚନା ନ ଥାଏ।

ଅବଶ୍ୟ ଭାରତୀୟ ଜନଜୀବନରେ ବିଳମ୍ବ ପାଇଁ ଅନେକ କାରଣ ଦାୟୀ। ଯେମିତି ଟ୍ରାଫିକ ଭିଡ, ବନ୍ଦ, ହରତାଳ, ରାସ୍ତା ଦୁର୍ଘଟଣା ଇତ୍ୟାଦି ପାଇଁ ଅନେକ ସମୟରେ ଆମେ ନ ଚାହିଁଲେ ବି ବିଳମ୍ବ ହୋଇଯାଏ। ମାତ୍ର ଆମ ଭିତରୁ ଅନେକ ଲୋକ ଅଛନ୍ତି ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସିବା କିମ୍ବା ସାମାଜିକ କାର୍ଯ୍ୟକ୍ରମରେ ପହଞ୍ଚିବାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି ନାହିଁ। ଆଉ ଏ ସବୁ ଜାଗାକୁ ଠିକ୍ ସମୟରେ ପହଞ୍ଚୁଥିବା ଲୋକଟିକୁ ବେଳେବେଳେ ଲୋକହସା ହେବାକୁ ପଡିଥାଏ। ଅନେକ ସମୟରେ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚିଥିବା ଲୋକଟି ଅଫିସ୍ ବନ୍ଦ ଥିବାର ଦେଖିବାକୁ ପାଏ। ପୁଣି ବହୁ ସମୟରେ ସାମାଜିକ କାର୍ଯ୍ୟକ୍ରମଗୁଡିକରେ ଠିକ୍ ସମୟରେ ପହଞ୍ଚିଲା ବେଳକୁ କାର୍ଯ୍ୟକ୍ରମ ଆରମ୍ଭ ହିଁ ହୋଇ ନ ଥାଏ ଆଉ ଆୟୋଜକମାନଙ୍କର ବି ଦେଖା ନ ଥାଏ। ମୋଟ ଉପରେ ସମୟରେ ପହଞ୍ଚିବା ନା ଆମର ଜିନ୍‌ଗତ ନା ଆମେ ଏହାକୁ ଏକ ସଂସ୍କାରଗତ ଆବଶ୍ୟକତା ବୋଲି ମନେକରୁ। ଏହା କେବଳ ଏମିତି ଏକ କାର୍ଯ୍ୟ ଯାହା କରିବାକୁ କେବଳ ଉପଦେଶ ହିଁ ଦିଆଯାଇପାରେ। ଏହା ପାଠପଢା ବହିରେ ରହିପାରେ ମାତ୍ର ଜୀବନ କ୍ଷେତ୍ରରେ ଏହାକୁ ପ୍ରାୟ କାମରେ ଲଗାଯାଏ ନାହିଁ।

ବ୍ୟକ୍ତିଗତ ସ୍ତରରେ ଆମେ ବିଳମ୍ବ ହେବାକୁ ନେଇ ସଚେତନ ନ ଥିବାରୁ ଏହା ଆମ ଜାତୀୟ ଚରିତ୍ରକୁ ପ୍ରଭାବିତ କରେ। ଆମ ଟ୍ରେନ୍ ଆଉ ବସ୍ ବିଳମ୍ବରେ ଚାଲେ। ଆମ ସରକାରୀ ଅଫିସ୍‌ର ଫାଇଲ ବି। ପୁଣି ବିଳମ୍ବକୁ ନେଇ ଆମ ବ୍ୟକ୍ତିଗତ ରୁଚି ବେଶ୍ ଅଜବ। ବାହାଘର, ବ୍ରତଘର ପରି ପୁଣ୍ୟକାର୍ଯ୍ୟ ବିଳମ୍ବ ହେଲେ ଆମେ ଅସହିଷ୍ଣୁ ହୋଇପଡୁ ମାତ୍ର ସରକାରୀ କାର୍ଯ୍ୟ ବିଳମ୍ବରେ ହେବା ଉଚିତ ବୋଲି ଯୁକ୍ତି ବାଢୁ। ନିଜେ ବିଳମ୍ବରେ ପହଞ୍ଚିବା ଯୁକ୍ତିଯୁକ୍ତ ବୋଲି ପାଟି କରୁ, ମାତ୍ର ଯାହାପାଖକୁ ଯାଉଛୁ ସେ ସମୟ ପୂର୍ବରୁ ପହଞ୍ଚିବା ଆବଶ୍ୟକ ବୋଲି ଚିନ୍ତାକରୁ।

ଭାରତୀୟ ଜନଜୀବନରେ ବିଳମ୍ବ ସତରେ ଆମ ସମସ୍ତଙ୍କ ପାଇଁ ଅଭିଶାପ କହିଲେ ଭୁଲ୍ ହେବ ନାହିଁ। କେବଳ ଏହି ବିଳମ୍ବ ଯୋଗୁ ଆମେ ଆମକୁ ମିଳୁଥିବା ସୁଯୋଗର ଶତ ପ୍ରତିଶତ ଉପଯୋଗ କରିପାରୁ ନାହିଁ। ସେହିପରି ଠିକ୍ ସମୟରେ ନ ପହଞ୍ଚିଲେ ଆମେ ଆମ ଦକ୍ଷତାର ସମ୍ପୂର୍ଣ୍ଣ ସଦୁପଯୋଗ କରିପାରୁ ନାହୁଁ। ମୋଟ ଉପରେ ଆମେ ଯାହା ହେବା କଥା ତାହା ହୋଇ ନ ପାରି ଜୀବନକୁ ଅର୍ଥପୂର୍ଣ୍ଣ କରିପାରି ନ ଥାଉ।

ଠିକ୍ ସମୟରେ ସବୁ ଜାଗାରେ ସବୁବେଳେ ପହଞ୍ଚିବା ଆମ ସମସ୍ତଙ୍କ ଜୀବନର ଧ୍ୟେୟ ହେବା ଦରକାର। କାରଣ ନ ଥାଇ ବିଳମ୍ବରେ ପହଞ୍ଚୁଥିବା ଲୋକ ଏବଂ ଏଥିପାଇଁ ଆଦୌ ଅନୁଶୋଚନା ନ କରି ମିଛ କୈଫିୟତ୍ ଦେଉଥିବା ଲୋକଙ୍କୁ ଆମେ ସାମାଜିକ ରୂପେ ବର୍ଜନ କରିବା ଆବଶ୍ୟକ। ଏହା ସହିତ ଆମେ ସମସ୍ତେ ବ୍ୟକ୍ତିଗତ ଉଦ୍ୟମରେ ସମୟରେ ପହଞ୍ଚୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଦେବା ଦରକାର। ଏପରି କରିପାରିଲେ ହୁଏତ ବିଳମ୍ବକୁ ଆମ ସଂସ୍କୃତିର ପରିଚୟ ହେବାରୁ ରୋକିପାରିବା।

ଧବଳଗିରି, ଯାଜପୁରରୋଡ,
ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

ଦୁନିଆରେ ଅନେକ ବିସ୍ମୟ ସୃଷ୍ଟିକାରୀ ବ୍ୟକ୍ତି ଅଛନ୍ତି। ସେମାନେ କିଛି ଅସାଧାରଣ କାର୍ଯ୍ୟ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଉଦାହରଣ ପାଲଟିଯାଆନ୍ତି। ଏପରି ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ମଧ୍ୟପ୍ରଦେଶର ମୈନା ଗାଁର କୈଳାସ। ସଭିଏଁ ତାଙ୍କୁ ବିଷପୁରୁଷ ବୋଲି ସମ୍ବୋଧନ କରିଥାଆନ୍ତି। କୈଳାସ ପ୍ରତିଦିନ ୧୦ଟି ଝିଟିପିଟି ଖାଆନ୍ତି। ଅନ୍ୟମାନଙ୍କ ପାଇଁ ଏହା ଏକ ଘୃଣାର ବିଷୟ ହୋଇପାରେ। କିନ୍ତୁ ସେ ଏଗୁଡିକୁ ଆନନ୍ଦରେ ଭକ୍ଷଣ କରିଥାଆନ୍ତି। ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ଘରେ ବାହାରେ ଯେଉଁଠି ହେଲେ ମଧ୍ୟ ଝିଟିପିଟି ଦେଖିଲେ ସେ ଏହାକୁ ଧରି ଅତି ଆନନ୍ଦରେ ଖାଇଥାଆନ୍ତି। ଗତ ୨୦ବର୍ଷ ଧରି ସେ ଏହି ଅଭ୍ୟାସ ଜାରି ରଖିଆସିଛନ୍ତି। ସେ ଇତିମଧ୍ୟରେ ୬୦ରୁ ଅଧିକ ପ୍ରଜାତିର ବିଷାକ୍ତ ପ୍ରାଣୀଙ୍କୁ ଖାଇ ସାରିଲେଣି। ଯେଉଁଦିନ ସେ କୌଣସି ବିଷାକ୍ତ ଜୀବ ନ ଖାଆନ୍ତି ତାଙ୍କ ମନରେ ଏକ ଅଦ୍ଭୁତ ଅନୁଭବ ସୃଷ୍ଟି ହୋଇଥାଏ ବୋଲି କୈଳାସ କହିଥାଆନ୍ତି। ଗାଁରେ କାହାକୁ ସାପ କାମୁଡ଼ିଲେ ଏଥିପାଇଁ ଚିନ୍ତା ନ ଥାଏ। କୈଳାସଙ୍କୁ ତୁରନ୍ତ ଡକାଯାଏ। କାମୁଡା ଅଂଶରେ ସେ ପାଟି ଲଗାଇ ବିଷ ଶୋଷି ବାହାର କରିଥାଆନ୍ତି। ଏଥିପାଇଁ ଗାଁ ଲୋକେ କୈଳାସଙ୍କ ଏପରି ଅଭ୍ୟାସକୁ ନିନ୍ଦା ନ କରି ବରଂ ପସନ୍ଦ କରିଥାଆନ୍ତି। ବାସ୍ତବରେ କୈଳାସ ବିରଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ।

## ଚିରନ୍ତନୀ

ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା !
ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା !
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | | | | 6 | | | | | | | 4 | | |
| | | 5 | 9 | | | | | 4 | | C | | A | 7 | |
| | | | | E | 1 | | | | | | 5 | | 8 | D |
| B | | | | | | | C | 0 | | | E | | | 3 |
| | | | | A | | | 1 | | | D | B | | | 5 |
| | | | 8 | 2 | | | 7 | 3 | | | | | | 0 |
| C | | | | | | | | | | B | | 1 | 9 | |
| | | E | D | | 4 | | | | 6 | | | | | |
| | | A | | 6 | | | 8 | | | E | | B | 3 | C |
| 1 | D | | 7 | | | C | | 9 | | | | | | |
| | | | 6 | B | | | | 5 | | 1 | | | 0 | 2 |
| | | | | | | | | | | 5 | | C | | |
| | 0 | 4 | | | 9 | | 3 | | | | | | | |
| | | C | 2 | | | | 4 | | 9 | | A | 7 | 5 | 8 |
| D | | 9 | | 5 | 7 | | B | | | 2 | 3 | | 4 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | B | 9 | 4 | D | 0 | E | 3 | 8 | A | 1 | 7 | 2 | 6 |
| D | 9 | 4 | 0 | 1 | 2 | 8 | 7 | 6 | E | B | 3 | C | A | 5 |
| 0 | 1 | 6 | A | 5 | E | C | 2 | B | 4 | D | 7 | 8 | 9 | 3 |
| E | 8 | 7 | 3 | 6 | C | 4 | A | 5 | 0 | 9 | 2 | D | 1 | B |
| 2 | A | 3 | 7 | 8 | B | D | 1 | 9 | 5 | 6 | C | 4 | 0 | E |
| 5 | B | C | 1 | D | 4 | 6 | 0 | A | 3 | 8 | 9 | E | 7 | 2 |
| 3 | D | 0 | 2 | 7 | 8 | E | 9 | C | 1 | 5 | A | B | 6 | 4 |
| 9 | 2 | 8 | E | 0 | 5 | B | 4 | D | C | 7 | 6 | A | 3 | 1 |
| 7 | E | 1 | C | A | 6 | 2 | 3 | 8 | B | 0 | 4 | 5 | D | 9 |
| 4 | 6 | A | B | 9 | 3 | 7 | 5 | 1 | 2 | E | D | 0 | 8 | C |
| A | 0 | 9 | 5 | C | 7 | 3 | 6 | E | D | 1 | B | 2 | 4 | 8 |
| 1 | 7 | D | 8 | 3 | 0 | 5 | B | 4 | 9 | 2 | E | 6 | C | A |
| 8 | 3 | E | 6 | B | A | 9 | C | 2 | 7 | 4 | 0 | 1 | 5 | D |
| B | C | 5 | 4 | 2 | 1 | A | D | 0 | 6 | 3 | 8 | 9 | E | 7 |
| 6 | 4 | 2 | D | E | 9 | 1 | 8 | 7 | A | C | 5 | 3 | B | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିରଣ ଛାଡ଼ ଯୁକ୍ତିଯୁକ୍ତ କି

ମହାଶୟ,

କୃଷିରଣ ଛାଡ ଦ୍ୱାରା କୃଷକ ସାମୟିକ ଉପକାର ପାଇବା ବ୍ୟତୀତ ଦୀର୍ଘମିଆଦୀ ସୁବିଧା ପାଇବ ନାହିଁ ଏକଥା ସମସ୍ତ ବୁଦ୍ଧିଜୀବୀଙ୍କୁ ଜଣା। ତାଠୁଁ ଅଧିକ ଜଣା ରାଜ୍ୟର କଂଗ୍ରେସ ଓ ଭାଜପା ଦଳକୁ । ରାଜ୍ୟର ଆର୍ଥିକ ଅବସ୍ଥା ଜାଣି ସୁଦ୍ଧା ଋଣଛାଡ ପାଇଁ ଏ ଦୁଇଦଳର ଅଯଥା ଜିଦ୍ ଏମାନଙ୍କୁ ବିବାଦୀୟ କରୁଛି। ଏତିକିବେଳେ ଆର୍‌ବିଆଇରୁ ଏକତୃତୀୟାଂଶ ଅର୍ଥ ନେବାକୁ ମୋଦିଙ୍କର ଅଯଥା ଓ ବିସ୍ମୟକର ଜିଦ୍ ମଧ୍ୟ ତାଙ୍କୁ ବିବାଦଘେରକୁ ନେଇସାରିଲାଣି। ଏହି ଅର୍ଥରେ ଦେଶରେ କୃଷିରଣ ଛାଡ କରିବାକୁ ମସୁଧା କରୁଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମ ଆଶଙ୍କା ବ୍ୟକ୍ତ କରୁଛନ୍ତି। କୃଷକଙ୍କର ସୁବିଧା ଅପେକ୍ଷା, ୨୦୧୯ ନିର୍ବାଚନ ବୈତରଣୀ ପାରି ହେବା ଯେ ଏହାର ଉଦ୍ଦେଶ୍ୟ, ଏହା କାହାକୁ ଅଛପା ନୁହଁ। ତେବେ କୌଣସି ଚାପର ବଶବର୍ତ୍ତୀ ନ ହୋଇ କୃଷକମାନଙ୍କର ଦୀର୍ଘମିଆଦୀ ସୁବିଧା ସୁଯୋଗ ପାଇଁ ନବୀନବାବୁ ଆଣିଥିବା କାଳିଆ ଯୋଜନା ଅପେକ୍ଷାକୃତ ଭଲ ଓ ସ୍ୱାଗତଯୋଗ୍ୟ। ଦେଶରେ ପ୍ରଥମକରି ଏ ଯୋଜନା ଓଡ଼ିଶାରେ ଆରମ୍ଭ ହେବା ଦେଖି ମୋଦି ମଧ୍ୟ ପରୋକ୍ଷରେ ଏହାକୁ ସ୍ୱାଗତ କରିବା ସହ କୃଷିରଣ ଛାଡ ଏକ ଭୁଲ୍ ନିଷ୍ପତ୍ତି ବୋଲି କହିବାକୁ ଆରମ୍ଭ କରିଛନ୍ତି। ଭ୍ରମାତ୍ମକ ଘୋଷଣା ଓ ବିବୃତି ନ ଦେଇ ବିରୋଧୀ ଦଳମାନେ କୃଷକ ସମାଜର ଦୀର୍ଘମିଆଦୀ ସୁବିଧା ପାଇଁ ଗଠନମୂଳକ କାର୍ଯ୍ୟକଲେ ଏହା ରାଜ୍ୟ ପାଇଁ ଭଲ।

– ଗୌରୀଶଙ୍କର ମହାନ୍ତି, ଲକ୍ଷ୍ମଣନାଥ, ଜଳେଶ୍ୱର, ବାଲେଶ୍ୱର

### ଜୁଆଖେଳ ବିନାଶର କାରଣ

ପଶାଖେଳରେ ପାଣ୍ଡବମାନେ ସର୍ବସ୍ୱ ହାରିଥିଲେ। ଶେଷକୁ ରାଜ୍ୟ ହରାଇ ତାଙ୍କୁ ବନବାସ ଯିବାକୁ ପଡ଼ିଲା। ଏହି ପଶାଖେଳ ଯୋଗୁ ହିଁ ହୋଇଥିଲା ମହାଭାରତ ଯୁଦ୍ଧ। ଏବେ ଆମ ସମାଜରେ କାଁ ଭାଁ ପଶାଖେଳ ଦେଖିବାକୁ ମିଳେ। ତା' ଜାଗାରେ ଜୁଆ ଓ ସଟ୍ଟାଖେଳ ଆସ୍ଥାନ ଜମାଇଛି। ଏ ଖେଳ ବିଶେଷକରି ଯୁବକ ଓ ମଧ୍ୟମବର୍ଗର ଲୋକେ ଖେଳୁଛନ୍ତି। ଏହା ମଧ୍ୟ ଏକ ବିନାଶକାରୀ ଖେଳ। ଏ ଖେଳରେ ଟଙ୍କା ବାଜି ରଖାଯାଏ। ହାରିଲେ ସେ ବାଜି ଟଙ୍କା ମିଳେ ନାହିଁ, କେହି କେହି ବାରମ୍ବାର ଜୁଆଖେଳି ଟଙ୍କା ହରାଇବା କାରଣରୁ ସର୍ବସ୍ୱାନ୍ତ ହେବାର ଦେଖାଯାଏ। ଏ ଖେଳ ସହରରୁ ଯାଇ ଗାଁ ଗହଳି ଓ ଯାନିଯାତ୍ରାରେ ଦେଖିବାକୁ ମିଳୁଛି। ଏ ଖେଳରୁ ବିରତ ହେବା ଦରକାର।

– ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାରେ ବଢୁଛି ଶିଶୁ ଯୌନ ନିର୍ଯାତନା

**ଭୁବନେଶ୍ୱର, ୧୫।୧ (ବ୍ୟୁରୋ)**

ଓଡ଼ିଶାରେ ମହିଳା ଓ ଶିଶୁ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛନ୍ତି। ବିଶେଷକରି ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ଏବଂ ଯୌନ ନିର୍ଯାତନା ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଛି। ମାତ୍ର ୫ବର୍ଷ ମଧ୍ୟରେ ରାଜ୍ୟରେ ଶିଶୁ ନିର୍ଯାତନା ମାମଲା ପ୍ରାୟ ୬୮୬ ପ୍ରତିଶତ ହାରରେ ବଢ଼ିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟକୁ ଦେଖିଲେ ଏହା ସ୍ପଷ୍ଟ ଅନୁମେୟ। ତଥ୍ୟ ଅନୁଯାୟୀ, ୨୦୧୨ରେ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ସମ୍ପର୍କିତ ୪୧୮ଟି ମାମଲା ଦାଏର ହୋଇଥିବା ବେଳେ ୨୦୧୬ ବେଳକୁ ଏହା ବୃଦ୍ଧିପାଇ ୩୨୮୬ରେ ପହଞ୍ଚିଛି। ସେହିପରି ମହିଳା ବିରୋଧୀ ଅପରାଧ ଓ ଯୌନ ହିଂସା ୪୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୨ରେ ୧୧,୯୮୮ରୁ ବଢ଼ି ୨୦୧୬ରେ ଏହା ୧୭,୮୩୭ରେ ପହଞ୍ଚିଛି।

ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଯୌନ ଅପରାଧ ପ୍ରତି ଲୋକଙ୍କୁ ସଚେତନ କରିବାକୁ ଡିଗ୍ନିଟି ମାର୍ଚ୍ଚ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ତଥ୍ୟ ପ୍ରଦାନ କରାଯାଇଛି। କେବଳ ଓଡ଼ିଶାରେ ବିଗତ ୫ବର୍ଷ ଭିତରେ ଶିଶୁଙ୍କ ବିରୋଧରେ ୧୦,୭୪୮ ଏବଂ ମହିଳାଙ୍କ ବିରୋଧରେ ୭୫,୭୪୮ ଅପରାଧ ରେକର୍ଡ କରାଯାଇଛି। ଏହା ମଧ୍ୟରେ ବଳାତ୍କାର,




ଡିଗ୍ନିଟି ମାର୍ଚ୍ଚ ପକ୍ଷରୁ ଶିଶୁ ଯୌନ ନିର୍ଯାତନା ସମ୍ପର୍କରେ ତଥ୍ୟ ଦିଆଯାଉଛି।

ଗଣବଳାତ୍କାର, ମାନବଚାଲାଣ, ଯୌତୁକଜନିତ ହିଂସା, ଅପହରଣ, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ନିର୍ଯାତନା, ଏସିଡ୍ ଆକ୍ରମଣ ଭଳି ମାମଲା ଅଧିକ ରହିଛି। ଓଡ଼ିଶାରେ ୧୪ରୁ ୫୯ବର୍ଷ ମଧ୍ୟରେ ୩୫.୨ ପ୍ରତିଶତ ମହିଳା ନିଜ ସ୍ୱାମୀଙ୍କ ଦ୍ୱାରା ହିଂସାର ଶିକାର ହେଉଛନ୍ତି। ଏହି ରିପୋର୍ଟକୁ ଆଧାର କରି ମହିଳା ହିଂସା ମାମଲାରେ ଓଡ଼ିଶା ଦେଶର ୭ମ ସ୍ଥାନରେ ରହିଛି। ସେହିଭଳି ଶିଶୁ ନିର୍ଯାତନା ଘଟଣାରେ ଓଡ଼ିଶା ଦ୍ୱାଦଶ ସ୍ଥାନରେ ରହିଛି। ୫ବର୍ଷ ମଧ୍ୟରେ ହୋଇଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ମାମଲା ମଧ୍ୟରେ ଅଧିକାଂଶ ଶିଶୁ ଅପହରଣ, ବଳାତ୍କାର ଘଟଣା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଶିଶୁ ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୯.୨% ଥିବାବେଳେ ୯୨.୯% ମାମଲା ପଡ଼ିରହୁଛି। ସେହିପରି ମହିଳା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ ହାର ୬.୨% ଥିବାବେଳେ ପଡ଼ିରହିଥିବା ମାମଲାର ହାର ରହିଛି ୯୨.୩%। ମହିଳାଙ୍କୁ ସୁରକ୍ଷା ତଥା ନ୍ୟାୟ ପ୍ରଦାନ କରିବାକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରତି ଜିଲାରେ ଆରମ୍ଭ ହୋଇଥିବା 'ୱାନ୍ ଷ୍ଟପ୍ ସେଣ୍ଟର' ଏବେ ଓଡ଼ିଶାରେ ଅକାମୀ ହୋଇପଡ଼ିଛି। ୨୯ଟି ଅକାମୀ ହୋଇପଡ଼ିଥିବା ବେଳେ ମାତ୍ର ଗୋଟିଏ ସେଣ୍ଟର କଷ୍ଟେମଷ୍ଟେ କାମ କରୁଛି। କେବଳ ଓଡ଼ିଶାରେ ନୁହେଁ, ଜାତୀୟସ୍ତରରେ ମଧ୍ୟ ମହିଳା ଓ ଶିଶୁଙ୍କ ପ୍ରତି ଯୌନ ଅପରାଧ ବୃଦ୍ଧି ପାଇଛି। ରାଷ୍ଟ୍ରୀୟ ଗ୍ରାମୀଣ ଅଭିଯାନ ଦ୍ୱାରା କରାଯାଇଥିବା 'ସ୍ପିକ୍ ଆଉଟ୍' ସର୍ଭେରୁ ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ୯୫% ମାମଲାକୁ ରିପୋର୍ଟ କରାଯାଉ ନ ଥିବା ଅଭିଯାନର ସଂଯୋଜକ ଆସିଫ୍ ଶେଖ୍ କହିଛନ୍ତି।

ଗତ ଡିସେମ୍ବର ୨୦ରୁ ବମ୍ବେରୁ ଆରମ୍ଭ ହୋଇଥିବା ଡିଗ୍ନିଟି ମାର୍ଚ୍ଚ ବା ଗରିମା ଅଭିଯାନ ମହାରାଷ୍ଟ୍ର, ଗୋଆ, କର୍ଣାଟକ, କେରଳ, ପଣ୍ଡିଚେରୀ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ଦେଇ ଓଡ଼ିଶାରେ ପହଞ୍ଚିଛି। ୧୦ ହଜାର କିଲୋମିଟରର ଏହି ଯାତ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ ୫ ହଜାର କିଲୋମିଟର ସମାପ୍ତ କରିଛି। ଆସନ୍ତା ଫେବୃୟାରୀ ୨୨ରେ ଏହି ପଦଯାତ୍ରା ନୂଆଦିଲ୍ଲୀରେ ଉଦ୍‌ଯାପନ ହେବ। ଓଡ଼ିଶାର ୧୫ଟି ବେସରକାରୀ ସଂସ୍ଥା ସହ ଏହା ଜଡ଼ିତ ହୋଇ ଆଗାମୀ ଦିନରେ ମହିଳା ଓ ଶିଶୁ ନିର୍ଯାତନା ରୋକିବା ଦିଗରେ କାର୍ଯ୍ୟ କରିବ ବୋଲି ଅଭିଯାନ ସହ ଜଡ଼ିତ ଉମାଶଙ୍କର ସାହୁ କହିଛନ୍ତି।

**୫ ବର୍ଷରେ ୬୮୬ ପ୍ରତିଶତ ବୃଦ୍ଧି**

- ୨୯ ଜିଲାରେ କାମ କରୁନି 'ୱାନ୍ ଷ୍ଟପ୍ ସେଣ୍ଟର'
- ୯୦ ପ୍ରତିଶତରୁ ଅଧିକ ମାମଲାର ବିଚାର ହେଉନି
- ୧୪ରୁ ୫୯ବର୍ଷ ମଧ୍ୟରେ ୩୫.୨ ପ୍ରତିଶତ ମହିଳା ସ୍ୱାମୀଙ୍କ ଦ୍ୱାରା ହିଂସାର ଶିକାର

# ବସ୍‌ରୁ ୨୦ ବସ୍ତା କଏନ୍ ଜବତ

**ଭୁବନେଶ୍ୱର, ୧୫।୧ (ବ୍ୟୁରୋ)**

- ରାଜଧାନୀରେ କାମ କରୁଛି ର୍‍ୟାକେଟ
- ଜିଏସ୍‌ଟି ଫାଙ୍କି କଲିକତାରୁ ଭୁବନେଶ୍ୱର ଚାଲାଣ ହେଉଛି




ରାଜଧାନୀ ଭୁବନେଶ୍ୱରରେ କାମ କରୁଛି କଏନ ବେପାରର ର୍‍ୟାକେଟ। ଏହି କଏନ କଲିକତାରୁ ଭୁବନେଶ୍ୱରକୁ ଚାଲାଣ କରାଯାଉଛି। ଏଠାରେ କଏନ୍ ପହଞ୍ଚିବା ପରେ ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି। ଏଭଳି ଏକ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ଆୟକର ବିଭାଗର ଜିଏସ୍‌ଟି ଡିପାର୍ଟମେଣ୍ଟ। କଲିକତାରୁ ଭୁବନେଶ୍ୱର ଆସିଥିବା ୨ଟି ଘରୋଇ ବସ୍‌ରୁ ଏହି ୨୦ ବସ୍ତା କଏନ ଜବତ କରାଯାଇଛି। ସେଥିରେ ଲକ୍ଷାଧିକ ଟଙ୍କାର କଏନ ଥିବା ଜଣାପଡ଼ିଛି। ଆୟକର ବିଭାଗ ପକ୍ଷରୁ ବସ୍ ୨ଟିକୁ ଜବତ କରାଯିବା ସହ କଣ୍ଡକ୍ଟର ଏବଂ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। କଏନ୍ ଆଣିଥିବା ବ୍ୟକ୍ତିମାନେ ବସ୍‌ରୁ ଫେରାର ହୋଇଯାଇଛନ୍ତି। ଜିଏସ୍‌ଟି ଫାଙ୍କି ଏଭଳି ଚୋରା ଉପାୟରେ କୋଲକାତାରୁ ଭୁବନେଶ୍ୱର କଏନ ଅଣାଯାଉଥିବା ଜଣାପଡ଼ିଛି। ଏତେ ପରିମାଣର କଏନ କେଉଁଠୁ ଆସୁଥିଲା, କିଏ ଆଣୁଥିଲା ତାହାର ଯାଞ୍ଚ ପାଇଁ ଜିଏସ୍‌ଟି ବିଭାଗ ପକ୍ଷରୁ ଆରବିଆଇକୁ ଚିଠି ଲେଖାଯାଇଛି।

କଲିକତାରୁ ବସ୍‌ରେ କଏନ୍ ଚାଲାଣ ସମ୍ପର୍କରେ ଆୟକର ବିଭାଗର ଜିଏସ୍‌ଟି ଡିପାର୍ଟମେଣ୍ଟକୁ ଗୋଇନ୍ଦା ସୂଚନା ମିଳିଥିଲା। ତେଣୁ ବସ୍‌କୁ ଧରିବା ପାଇଁ ବିଭାଗ ପକ୍ଷରୁ ଯୋଜନା ହୋଇଥିଲା। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଗୋଟିଏ ବସ୍ ସତ୍‌ସଙ୍ଗ ବିହାର ଦେଇଯାଉଥିବା ବେଳେ ଜିଏସ୍‌ଟି ଡିପାର୍ଟମେଣ୍ଟ ଅଧିକାରୀମାନେ ବସ୍‌କୁ ଅଟକାଇଥିଲେ। ହେଲେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରେ କଏନ ଆଣିଥିବା ଦଲାଲ ଖସିଯାଇଥିଲେ। ଅଧିକାରୀମାନେ ବସ୍‌କୁ ଯାଞ୍ଚ କରିବା ପରେ ସେଥିରୁ ୮ ବସ୍ତା କଏନ ମିଳିଥିଲା। ସେହିଭଳି ବରମୁଣ୍ଡାରେ ଥିବା ଅନ୍ୟ ଏକ କଲିକତା ବସ୍‌କୁ ଯାଞ୍ଚ କରିବା ପରେ ସେଥିରୁ ୧୨ ବସ୍ତା କଏନ ଜବତ କରାଯାଇଥିଲା। ଏତେ ପରିମାଣର କଏନ ବସ୍‌ରେ ଆସୁଥିବାରୁ ଜିଏସ୍‌ଟି ଅଧିକାରୀମାନେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ବିଲ୍ ମାଗିଥିଲେ। ହେଲେ ସେମାନେ ବିଲ୍ ଦେଖାଇପାରି ନ ଥିଲେ। ବସ୍ ଡ୍ରାଇଭର ରାଜକିଶୋର ପାତ୍ର କହିଛନ୍ତି, ସନ୍ଧ୍ୟା ସମୟରେ କଲିକତାରୁ ବସ୍ ବାହାରିବା ବେଳେ ସେଠାରେ ଥିବା ବ୍ୟକ୍ତିମାନେ ବସ୍ତାଗୁଡ଼ିକୁ ଲୋଡ୍ କରନ୍ତି। ବସ୍ତା ପିଛା ୧୫୦ ଟଙ୍କା ଭଡ଼ା ଦିଅନ୍ତି। ତେଣୁ ଏହା ଲିଗାଲ କି ଇଲିଗାଲ ତାହା ଆମେ ଜାଣି ନ ଥାଉ। ସେମାନେ ବରମୁଣ୍ଡାରେ ଓହ୍ଲାଇବା ପରେ କେଉଁଆଡେ ନିଅନ୍ତି ତାହା ମଧ୍ୟ ଜାଣିନାହୁଁ। ଜିଏସ୍‌ଟି ଡିପାର୍ଟମେଣ୍ଟର ଅତିରିକ୍ତ କମିଶନର ସନ୍ତୋଷ ମହାନ୍ତି କହିଛନ୍ତି, ବିନା ବିଲ୍‌ରେ ୨୦ ବସ୍ତା କଏନ ଆସୁଥିଲା। ସେଗୁଡ଼ିକୁ ଜବତ କରାଯାଇଛି। ଏ ସମ୍ପର୍କରେ ଆର୍‌ବିଆଇକୁ ଚିଠି ଲେଖାଯାଇଛି। ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ।

**ଦାରିଙ୍ଗବାଡ଼ି ସେବାଶ୍ରମରେ ପାଠପଢ଼ା ସ୍ୱାଭାବିକ**

# କୋଟଗଡ଼ରୁ ଶିକ୍ଷକ ବଦଳିକୁ ଛାତ୍ରୀଛାତ୍ରଙ୍କ ବିରୋଧ



- ରାସ୍ତାରେ ଧାରଣା ଯୋଗୁ ଗାଡ଼ି ଚଳାଚଳ ବ୍ୟାହତ
- ୨ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ମିଳିଲା ପ୍ରତିଶ୍ରୁତି

ଧାରଣା ଦେଇଥିବା କୋଟଗଡ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ।

**ଫୁଲବାଣୀ ଅଫିସ/କୋଟଗଡ/ ଦାରିଙ୍ଗବାଡି, (ଡି.ଏନ୍.ଏ.)୧୫।୧**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ରବିବାର ସନ୍ତାନ ଜନ୍ମ ଦେଇଥିଲେ। ଏଭଳି ଅପ୍ରୀତିକର ଘଟଣା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୪ ଜଣଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୧୪ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ସେମାନଙ୍କ ସ୍ଥାନରେ କୋଟଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ୫ ଜଣଙ୍କ ସମେତ ୮ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସେବାଶ୍ରମକୁ ପଠାଯାଇଥିଲା। ତେବେ କୋଟଗଡ଼ ବିଦ୍ୟାଳୟରୁ ଶିକ୍ଷକମାନଙ୍କ ବଦଳିକୁ ବିରୋଧ କରି ମଙ୍ଗଳବାର ଛାତ୍ରୀଛାତ୍ରମାନେ ରାସ୍ତାରେ ଧାରଣା ଦେଇଥିଲେ। ଆଗାମୀ ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ କୌଣସି ଶିକ୍ଷକଙ୍କୁ ଏଠାରୁ ବଦଳି ନ କରିବାକୁ ସେମାନେ ଅଡ଼ି ବସିଥିଲେ। ୨ ଶିକ୍ଷକଙ୍କୁ ପୁଣି ଫେରାଇ ଅଣାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସେପଟେ ଦାରିଙ୍ଗବାଡି ସେବାଶ୍ରମରେ ମଧ୍ୟ ପାଠପଢ଼ା ସ୍ୱାଭାବିକ ହୋଇଛି। ଛାତ୍ରୀ ସନ୍ତାନ ଜନ୍ମ ଦେବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି।

ଦାରିଙ୍ଗବାଡିରେ ରବିବାର ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ସେବାଶ୍ରମର ୮ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କୋଟଗଡ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ସେଠାରୁ ୫ ଶିକ୍ଷୟିତ୍ରୀ, ଶିକ୍ଷକ ରମାକାନ୍ତ ଦେଶୀନାୟକ, ଜ୍ୟୋତିବାଳା ଶତପଥୀ, ନରେନ୍ଦ୍ର ବେହେରା, ଓମ୍ ନାରାୟଣ ମିଶ୍ର ଓ ସାନ୍ତନୁ କୁମାର ସାହୁଙ୍କୁ ଦାରିଙ୍ଗବାଡ଼ି ସେବାଶ୍ରମକୁ ବଦଳି ହୋଇଥିଲା। ୫ ଶିକ୍ଷକଙ୍କ ବଦଳି ପ୍ରତିବାଦରେ କୋଟଗଡ଼ ବିଦ୍ୟାଳୟର ୮୫୦ ଛାତ୍ରୀଛାତ୍ର ପୂର୍ବାହ୍ନ ୧୧ଟାରୁ ରାଜରାସ୍ତାକୁ ଆସି ଧାରଣା ଦେଇଥିଲେ। ଫଳରେ କୋଟଗଡରୁ ମୁନିଗୁଡା ଏବଂ ବ୍ରହ୍ମପୁରକୁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଜିଲାପାଳ ବୃନ୍ଦା ଡି. ଦୁଇ ଶିକ୍ଷକ ଓମ୍. ନାରାୟଣ ମିଶ୍ର ଏବଂ ଜ୍ୟୋତିବାଳା ଶତପଥୀଙ୍କୁ ପୁଣି କୋଟଗଡ଼କୁ ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପକ୍ଷରେ ଦାରିଙ୍ଗବାଡି ସେବାଶ୍ରମରେ ମଙ୍ଗଳବାର ନୂତନ ଶିକ୍ଷକମାନେ ଦାୟିତ୍ୱ ନେବା ପରେ ପାଠପଢ଼ା ଆରମ୍ଭ ହୋଇଛି। ଦାରିଙ୍ଗବାଡି କନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କୁ ସେବାଶ୍ରମର ସମସ୍ତ ଦାୟିତ୍ୱ ମିଳି ନ ଥିବାରୁ ପରିଚାଳନାରେ ସମସ୍ୟା ଦେଖାଦେଉଥିବା ସେ ସ୍ୱୀକାର କରିଛନ୍ତି। ବାଲିଗୁଡ଼ା ଏସଡିପିଓ ନୀତୀନ କୁଶାଳକର, ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ, ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ ପ୍ରମୁଖ ସେବାଶ୍ରମକୁ ଯାଇ ତଦନ୍ତକୁ ତ୍ୱରାନ୍ୱିତ କରୁଛନ୍ତି। ପୋଲିସ ଆବଶ୍ୟକ ପ୍ରମାଣ ସଂଗ୍ରହ କରିବାକୁ ଉଦ୍ୟମ ଚଳାଇଛି।

ସୂଚନାଯୋଗ୍ୟ, ନବାଳିକା ଛାତ୍ରୀ ଜନ୍ମ ଦେଇଥିବା କନ୍ୟା ସନ୍ତାନଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡ଼ ମେଡିକାଲରେ ଛାତ୍ରୀଙ୍କ ଚିକିତ୍ସା ଚାଲିଛି। ଘଟଣାର ତଦନ୍ତ କରାଯିବା ସହ ଦୋଷୀଙ୍କୁ ଦଣ୍ଡ ଏବଂ ନାବାଳିକା ଛାତ୍ରୀଙ୍କୁ ନ୍ୟାୟ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଛାତ୍ରୀଙ୍କୁ ୭/୮ ପୂର୍ବେ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି।






# ସଂକ୍ଷେପରେ

## ଦ୍ୱୀପାଞ୍ଚଳ ମକର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ମାର୍ଶାଘାଇ,୧୫।୧(ଡିଏନ୍ଏ)-ମାର୍ଶାଘାଇ ବ୍ଲକ ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ୪ର୍ଥ ବାର୍ଷିକ ମକର ମହୋତ୍ସବ ଜଲପୋକ ପଞ୍ଚାୟତର ପଖୋଟ ପଡିଆରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ୨ୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଆଇନଜୀବୀ ଭୀମସେନ ଭୂୟାଁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଏସଡିପିଓ ରାଜୀବ ଲୋଚନ ପଣ୍ଡା , ପରେଶ ଦାସ ଯୋଗ ଦେଇଥିଲେ । ସମ୍ପାଦକ ଅମରେନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ମହୋତ୍ସବର ସଫଳତା ପାଇଁ ତ୍ରିକୋଣ ଭୂମି ଅଞ୍ଚଳ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ମେଜର ଭରତ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ । ସୂଚନାଯୋଗ୍ୟ ଯେ, ସୋମବାର ଜିଲାପାଳ ଦାଶରଥୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ କୁମାର ପରିଡା, ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ପଡିଆରେ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ବ୍ୟବସାୟ ପ୍ରତିଷ୍ଠାନ ପସରା ମେଲିଛନ୍ତି ।

## ଆଜି ରାଜ୍ୟପାଳଙ୍କ ଗସ୍ତ

ଡେରାବିଶ/ପଟ୍ଟାମୁଣ୍ଡାଇ, ୧୫।୧ (ସ୍ୱ.ପ୍ର.) ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତସ୍ଥିତ ଭଗବତୀ ନୋଡାଲ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଓ ପଟ୍ଟାମୁଣ୍ଡାଇ ବ୍ଲକସ୍ଥିତ ଏମ୍ଏନ୍ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହେବ। ଦୁଇଟିଯାକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଗଣେଶି ଲାଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭଗବତୀ ନୋଡାଲ୍ ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଯୋଗଦେବା ନେଇ ପୁରାତନ ଛାତ୍ର ସଂସଦ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏ ନେଇ ମଙ୍ଗଳବାର ଏସ୍‌ପି ନୀତିଶେଖର, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଡେରାବିଶ ଥାନା ଅଧିକାରୀ ସୁଧୀର କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ରାଜ୍ୟପାଳଙ୍କ ଗସ୍ତ ଯୋଗୁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଏମ୍ଏନ୍ ହାଇସ୍କୁଲ ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ଜୀ., ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଓ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ମୁଖ୍ୟ ଡାକଘରେ ପାସ୍‌ପୋର୍ଟ ସେବା ଆରମ୍ଭ

କେନ୍ଦ୍ରାପଡ଼ା ଅଫିସ, ୧୫।୧

କେନ୍ଦ୍ରାପଡ଼ା ସହରର ମୁଖ୍ୟ ଡାକଘର କାର୍ଯ୍ୟାଳୟ ପରିସରରେ ପାସ୍‌ପୋର୍ଟ ସେବା ମଙ୍ଗଳବାରରୁ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍‌ଲାଇନ ମାଧ୍ୟମରେ ଏହି ସେବାକେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି । କେନ୍ଦ୍ରାପଡା ବ୍ୟତୀତ ରାଜ୍ୟର ପୁରୀ, ବରଗଡ, ବଲାଙ୍ଗୀର, ଜଗତ୍‌ସିଂହପୁର ଓ ଫୁଲବାଣୀ ଜିଲାର ମୁଖ୍ୟ ଡାକଘରେ ଏହି ସେବା ଆରମ୍ଭ ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ସହରର ମୁଖ୍ୟ ଡାକପାଳ ନୃସିଂହ ଚରଣ ମିଶ୍ର କହିଛନ୍ତି, ଏହି ସେବାକେନ୍ଦ୍ର ମାଧ୍ୟମରେ ପ୍ରାଥମିକସ୍ତରରେ ପାସ୍‌ପୋର୍ଟ ପାଇଁ ନିର୍ଦ୍ଧାରିତ ଦେୟ ପ୍ରଦାନ କରି ଆବେଦନ ପତ୍ର ଦାଖଲ କରାଯାଇପାରିବ । ଧାର୍ଯ୍ୟ ଦିବସରେ ସେବା କେନ୍ଦ୍ରରେ ପ୍ରମାଣପତ୍ର ଯାଞ୍ଚ କରାଯାଇପାରିବ । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାସ୍‌ପୋର୍ଟ ଅଫିସକୁ ଯିବାକୁ ପଡିବ ନାହିଁ ବୋଲି ମିଶ୍ର କହିଛନ୍ତି। ସେବା କେନ୍ଦ୍ରର ଏହି ଲୋକାର୍ପଣ ଉତ୍ସବରେ ଡାକ ଅଧୀକ୍ଷକ ଦିଲୀପ କୁମାର ସାମଲ, ସହକାରୀ ଅଧୀକ୍ଷକ ଦେବାଶିଷ ଶତପଥୀ, ଡାକ ନିରୀକ୍ଷକ ତପନ କୁମାର ଷଡ଼ଙ୍ଗୀ ଓ ସୂର୍ଯ୍ୟକାନ୍ତ ଦାଶଙ୍କ ସମେତ ଡାକ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ଆଲୋକମାଳାରେ ଝଲସୁଛି ମା'ଗଙ୍ଗାଙ୍କ ପୂଜା ମଣ୍ଡପ



ପୂଜା ମଣ୍ଡପରେ ମା'ଗଙ୍ଗା ଓ ଅନ୍ୟ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି

ମହାକାଳପଡ଼ା,୧୫।୧(ଡି.ଏନ୍.ଏ.)

ମହାକାଳପଡା ବ୍ଲକର ବିଭିନ୍ନ ସ୍ଥାନରେ ମକରପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ସୁନୀତି ପଞ୍ଚାୟତର ମିଲନମୋଡଠାରେ ସାର୍ବଜନୀନ ଗଙ୍ଗାପୂଜା କମିଟି ପକ୍ଷରୁ ୧୭ ତମ ଗଙ୍ଗା ପୂଜା ଓ ମକରମେଳା ଆୟୋଜିତ ହୋଇଯାଇଛି। କମିଟି ପକ୍ଷରୁ ମା'ଗଙ୍ଗାଙ୍କ ସମେତ ବିଭିନ୍ନ ଦେବାଦେବୀଙ୍କ ୧୪ଟି ମୂର୍ତ୍ତି ପୂଜା ମଣ୍ଡପ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ବାତ୍ୟା, ଝଡ଼ ଓ ସୁନାମୀ ଆଦିରୁ ରକ୍ଷାପାଇବା ପାଇଁ ସ୍ଥାନୀୟ ଲୋକେ ମା'ଗଙ୍ଗାଙ୍କ ପୂଜା କରନ୍ତି ବୋଲି ଭକ୍ତମାନେ କହିଛନ୍ତି। ମା'ଙ୍କ ନିକଟରେ ଚିନିରେ ପ୍ରସ୍ତୁତ ବାତସା ଭୋଗ ମୁଖ୍ୟତଃ ଲାଗି ହୋଇଥାଏ। ୭ ଦିନ ଧରି ଆୟୋଜିତ ହେଉଥିବା ପୂଜା ପାଇଁ ମଣ୍ଡପଗୁଡ଼ିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏହି ପୂଜା ଦେଖିବାକୁ ଆସିଥାନ୍ତି ବୋଲି କମିଟି ସଭାପତି ଉଦୟ କୁମାର ଦାସ ସୂଚନା ଦେଇଛନ୍ତି।

## ଗୋଟିଏ ରାତିରେ ୩ ଜଣଙ୍କ ଘରୁ ଚୋରି



ମାର୍ଶାଘାଇ,୧୫।୧(ଡିଏନ୍ଏ):

ସୋମବାର ବିଳମ୍ବିତ ରାତିରେ ମାର୍ଶାଘାଇ ଥାନା ଅଧୀନ ଦଶିପୁର ଗ୍ରାମର ୩ ଜଣଙ୍କ ଘରର କବାଟ ଭାଙ୍ଗି ଚୋରମାନେ କଳାକନା ବୁଲାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ଗ୍ରାମର ବାଳକୃଷ୍ଣ ରାଉଳ , ଅକ୍ଷୟ ରାଉତ ଓ ଧ୍ରୁବୁରୀ ରାଉତଙ୍କ ଘର ଲୋକେ ଶୋଇଥିବା ବେଳେ ଚୋରମାନେ କୌଣସି ଦ୍ରବ୍ୟ ସ୍ପ୍ରେ କରି ଦେଇଥିଲେ । ଫଳରେ ପରିବାର ସଦସ୍ୟ ଅଚେତ ହୋଇ ପଡିବାରୁ ଏହାର ସୁଯୋଗ ନେଇ ଲୁଟପାଟ୍ କରିଥିଲେ । ଚୋରମାନେ ବାଳକୃଷ୍ଣଙ୍କ ଆଲମୀରା , ଆଟାଚ୍ ତାଡି ଜରୁରୀ କାଗଜପତ୍ର ,ଜମି ପଟ୍ଟା ,ସୁନାରୂପା ଅଳଙ୍କାର , ନଗଦ ୧୧ହଜାର ଟଙ୍କା ,ଦାମି ଶାଢୀ ଲୁଟି ନେଇଥିଲେ । ସେହିପରି ଅକ୍ଷୟଙ୍କ ଘରେ ଥିବା ଆଟାଚ ଓ ବାକ୍ସ ତାଡି ସେଥିରେ ଥିବା ସୁନା ଅଳଙ୍କାର ଆଦି ଚୋରି କରି ନେଇଥିଲେ । ଏହାଛଡା ଧ୍ରୁବୁରୀଙ୍କ ଘରୁ ଲୁଟପାଟ୍ କରି ଫେରାର ହୋଇ ଯାଇଥିଲେ। ଭୋର ସମୟରେ ଗ୍ରାମ ପାଖ ଧାନ ବିଲରେ ତଡା ଯାଇଥିବା ଆଟାଚ ଓ ବାକ୍ସ ପଡିଥିବାର ଗ୍ରାମବାସୀ ଦେଖିବା ପରେ ଗ୍ରାମରେ ଚହଳ ପଡି ଯାଇଥିଲା । ଏନେଇ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ୧୫/୧୯ ନଂରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ଦୁଃଖ,
ପଛେ ସୁଖ ।**

ଦୁଃଖ ସୁଖ ଆଗପଛ ହୋଇ ଲାଗିରହିଥାଏ। ଆଜି ଦୁଃଖ ଅଛି ତ କାଲିକୁ ସୁଖ ମିଳିବାର ସମ୍ଭାବନା ରହିଥାଏ । ତେଣୁ ଦୁଃଖରେ ଭାଙ୍ଗି ନ ପଡ଼ି ବା ହତାଶ ନ ହୋଇ ବ୍ୟକ୍ତି ଧୈର୍ଯ୍ୟ ଧରି ଜୀବନ ଯୁଦ୍ଧରେ ଅଗ୍ରସର ହେବା ଉଚିତ।

**ଆପେ ଖାଇବ ନାହିଁ,
କି ପରକୁ ଖୁଆଇ ଦେବ ନାହିଁ ।**

ନିଜେ କିଛି କରିବ ନାହିଁ କି କାହାକୁ କିଛି କରାଇଦେବ ନାହିଁ। ନିଜେ କୌଣସି ସୁବିଧା ଉପଭୋଗ ନ କରିବା ଓ ଅନ୍ୟକୁ ମଧ୍ୟ ସେଥିରୁ ବଞ୍ଚିତ କରାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଚନ୍ଦ୍ରମଉଳିଙ୍କ ପୀଠରେ ମକର ଯାତ୍ରା

ପଟ୍ଟାମୁଣ୍ଡାଇ, ୧୫।୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚନ୍ଦନନଗରର ଶ୍ରୀ ଶ୍ରୀ ଚନ୍ଦ୍ରମଉଳି ମହାଦେବଙ୍କ ପୀଠରେ ମକର ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଛି । ଏହି ଯାତ୍ରା ୫ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହେବ । ପରମ୍ପରା ଅନୁସାରେ ମକର ସଂକ୍ରାନ୍ତିରେ ମନ୍ଦିରର ବଡପଣ୍ଡା କୁଳମଣି ପଣ୍ଡା ପ୍ରତ୍ୟୁଷରୁ ଠାକୁରଙ୍କ ନୀତିକାନ୍ତି ଶେଷ କରିବା ପରେ ଅବକାଶ ହୋଇଥିଲା । ଏହାପରେ ମକର ଭୋଗ ଲାଗି କରାଯାଇଥିଲା । ଅପରାହ୍ନ ୩ଟା ବେଳେ ଠାକୁରଙ୍କ ସ୍ୱର୍ଣ୍ଣ ପ୍ରତିମାକୁ ଗର୍ଭ ଗୃହରୁ ଅଣାଯାଇ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇଥିଲା । ଶ୍ରଦ୍ଧାଳୁମାନଙ୍କ ଗହଣରେ ଠାକୁରଙ୍କୁ ପାରମ୍ପାରିକ ବାଦ୍ୟ, ଭଜନ କୀର୍ତ୍ତନ କରି ମକର ବେଢା ପରିକ୍ରମା କରାଯାଇଥିଲା । ବଡପଣ୍ଡା କୁଳମଣି, ନିତାଇ ପଣ୍ଡା, ପ୍ରଦୀପ ପଣ୍ଡାଙ୍କ ସମେତ ୧୨ଜଣ ସେବାୟତ ଠାକୁରଙ୍କୁ ବିମାନରେ ୩ ଥର ବେଢା ପରିକ୍ରମା କରାଇଥିଲେ । ଏହି ଅବସରରେ ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, କେନ୍ଦ୍ରାପଡା ଓ ମହାକାଳପଡା ଅଞ୍ଚଳର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।



ଠାକୁରଙ୍କ ବେଢା ପରିକ୍ରମା ଅବସରରେ ଶ୍ରଦ୍ଧାଳୁମାନେ।

# ଅଙ୍ଗୁଳାଇ କପ୍ କ୍ରିକେଟ୍, ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

ମାର୍ଶାଘାଇ, ୧୫।୧ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ହାଇସ୍କୁଲ ପଡ଼ିଆରେ ତାରିଣୀ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଅଙ୍ଗୁଳାଇ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ଓ କଟକର ୟୁନିୟନ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ କରି ୧୪୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲାବାବା ଟିମ୍ ସମସ୍ତ ଉଇକେଟ୍ ହରାଇ ୯୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୟୁନିୟନ୍ ସ୍ପୋର୍ଟିଂରର ରାଜିକ୍ ଅଲ୍ଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବାଲାବାବା ଟିମ୍‌ର ସଞ୍ଜୀବ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା, ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, ଅଙ୍ଗୁଳାଇ ସରପଞ୍ଚ ଦୁର୍ଗାବତୀ ପ୍ରଧାନ, ସମିତି ସଭ୍ୟ ଅଜୟ ରାଉତ, ଯୁବନେତା ମାଧବାନନ୍ଦ ପାତ୍ର, ସାମାଜିକ କର୍ମୀ ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ରବି ନାରାୟଣ ରଥ, ସହଦେବ ବେହେରା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ନାରାୟଣ ମଲ୍ଲିକ୍, ରଞ୍ଜନ ରାଉତ, ଦିଲୀପ ରାଉତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସ୍ପୋର୍ଟିଂ କ୍ଲବର ସଦସ୍ୟ ଜୟନ୍ତ ମଲ୍ଲିକ, ଜୟନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

ମାର୍ଶାଘାଇ,୧୫।୧(ଡିଏନ୍ଏ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତର ବିଲବଲରାମପୁର ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଗତ କିଛିଦିନ ଧରି ଅଚଳାବସ୍ଥା ଲାଗି ରହିଛି । ଶିକ୍ଷକ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକ ଆଗରେ ଧାରଣା ଦେଇ ବସିଛନ୍ତି । ପ୍ରକାଶ ଯେ, ବିଲବଲରାମପୁର ଉନ୍ନୀତ ଉପ୍ରା ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏହି ବିଦ୍ୟାଳୟ ପାଇଁ ୮ ଜଣ ଶିକ୍ଷକଙ୍କ ଆବଶ୍ୟକ ଥିଲା ବେଳେ ୪ ଜଣ ଶିକ୍ଷକଙ୍କୁ ନେଇ ପାଠପଢା ଚାଲିଥିଲା । ମାତ୍ର କିଛି ଦିନ ପୂର୍ବେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ବସନ୍ତ ଦାସଙ୍କ ବଦଳି ହେବା ଯୋଗୁ ପାଠପଢା ବାଧାପ୍ରାପ୍ତ ହୋଇଛି । ୩ ଜଣ ଶିକ୍ଷକରେ କିପରି ପାଠପଢା ଚାଲିବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ନେଇ ଛାତ୍ରୀଛାତ୍ର ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅସମୟରେ ଶିକ୍ଷକ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଗତ ୭ ତାରିଖ ଠାରୁ ଧାରଣା ଦେଇଛନ୍ତି । ଏନେଇ ମାର୍ଶାଘାଇ ବିଇଓ ଶତ୍ରୁଘ୍ନ ବେହେରାଙ୍କୁ ପଚାରିବାରେ ଖୁବଶୀଘ୍ର ଉକ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଛନ୍ତି ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦେଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

SMS JOB
Send SMS. Earn MONEY
TELECOM Company
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + SIM +Medical Exp. Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8539952357
8539952347

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ସଂକ୍ଷେପରେ**

## ରାଶନକାର୍ଡ ହିତାଧିକାରୀଙ୍କୁ ମିଳିଲା ଏଲ୍ଇଡି ବଲ୍ବ



**ଡେରାବିଶ, ୧୫।୧ (ସ୍ୱ.ପ୍ର.)** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଆମ ଘରେ ଏଲ୍ଇଡି ଯୋଜନା ମଧ୍ୟମରେ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ୪ଟି ଲେଖାଏଁ ଏଲ୍ଇଡି ବଲ୍ବ ମାଗଣାରେ ଯୋଗାଇ ଦିଆଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଯୋଗାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ବିଡିଓ ଗୋପବନ୍ଧୁ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ 'ଆମ ଘରେ ଏଲ୍ଇଡି', କାଳିଆ ଓ ସୁମିତ୍ର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସୁମିତ୍ର ଯୋଜନାରେ ସମସ୍ତ ପ୍ରକାର ଚକ୍ଷୁ ରୋଗର ମାଗଣା ଚିକିତ୍ସା ସୁବିଧା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ମୁଖ୍ୟଅତିଥି କହିଥିଲେ। ଡେରାବିଶ ସିଡିପିଓ ସରସ୍ୱତୀ ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଅନ୍ନପୂର୍ଣ୍ଣା ବଳ, ବିଦ୍ୟୁତ୍ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ବସନ୍ତ ପତି, ନାଏବ ସରପଞ୍ଚ ସରସ୍ୱତୀ ବେହେରା, ସୁପରଭାଇଜର ଗାୟତ୍ରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନାକୁ ପାଲା ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଶେଷରେ ୱାର୍ଡସଭ୍ୟ ଜିତେନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ରାଧାନାଥ ସାହୁ, ଅଶୋକ ବାରିକ, ଜିତେନ୍ଦ୍ର ବାରିକ, ବିକାଶ ଜେନା, ସୁଧୀରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ କେନ୍ଦ୍ରାପଡ଼ାରେ ସମଲିଙ୍ଗୀ ବିବାହ ଘଟଣା

# କୋର୍ଟରେ ଯୁବତୀ ଦ୍ୱୟଙ୍କ ବୟାନ ରେକର୍ଡ

**ପଟ୍ଟାମୁଣ୍ଡାଇ, ୧୫।୧ (ସ୍ୱ.ପ୍ର)**

କେନ୍ଦ୍ରାପଡା ଜିଲାରେ ସମଲିଙ୍ଗୀ ବିବାହକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ମଙ୍ଗଳବାର ପଟ୍ଟାମୁଣ୍ଡାଇ କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ନିକଟରେ ସମ୍ପୃକ୍ତ ଯୁବତୀ ଦ୍ୱୟଙ୍କ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି। ସେମାନେ କହିଥିଲେ, ଉଭୟେ ପରସ୍ପରକୁ ଖୁବ୍ ଭଲ ପାଉଛନ୍ତି ଓ ନିଜ ଇଚ୍ଛା ଅନୁସାରେ ବିବାହ ମଧ୍ୟ କରିଛନ୍ତି। ଭବିଷ୍ୟତରେ ମଧ୍ୟ ସେମାନେ ଖୁବ୍ ଖୁସିରେ ଜୀବନ ଅତିବାହିତ କରିବେ ବୋଲି ମାଜିଷ୍ଟ୍ରେଟ୍ଙ୍କ ନିକଟରେ ବୟାନ ଦେଇଥିଲେ। ଏହାସହିତ ସେମାନେ ଆଉ କିଛି ଦିନ ରେସଓ୍ୱା (ସ୍ୱଳ୍ପ ରହଣି କେନ୍ଦ୍ର)ରେ ରହିବାକୁ କହିଥିଲେ। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କୁ ରେସଓ୍ୱା ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ଦୁଇ ଯୁବତୀ କେନ୍ଦ୍ରାପଡ଼ା ନୋଟାରୀରେ ଶପଥ ପାଠ କରି ସମଲିଙ୍ଗୀ ବିବାହ କରିଥିଲେ। ଉଭୟେ କଲେଜରେ ପଢ଼ିବା ସମୟରୁ ପରସ୍ପରକୁ ଭଲପାଉଥିବା ବେଳେ ଏବେ ଦୁଇଜଣ କଟକର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। କଟକରେ ଦୁହେଁ ଏକାଠି ରହୁଥିଲେ। ଗତ କିଛି ମାସ ପୂର୍ବେ ସମଲିଙ୍ଗୀ ସମ୍ପର୍କକୁ ସୁପ୍ରିମ୍କୋର୍ଟ ଅପରାଧ ମୁକ୍ତ ବୋଲି ରାୟ ଦେବା ପରେ ଉଭୟେ ବିବାହ କରିବାକୁ ସ୍ଥିର କରିଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ଉଭୟେ ନୋଟାରୀରେ ବାହାହୋଇଥିଲେ। ଏ ନେଇ ସେମାନଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଚଳାଇଛି। ସୋମବାର ଉଭୟଙ୍କୁ ପଟ୍ଟାମୁଣ୍ଡାଇ ଏସ୍ଡିପିଓଙ୍କ ଅଫିସ୍ରେ କାଉନସେଲିଂ କରାଯାଇଥିଲେ ହେଁ ସେମାନେ ପରସ୍ପରକୁ ଛାଡି ରହିବାକୁ ରାଜି ହୋଇ ନଥିଲେ। ଏଥିସହ ଜବରଦସ୍ତି ଅଲଗା କରିବାକୁ ଚେଷ୍ଟା କରାଗଲେ ସେମାନେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲାରେ ଏହି ସମଲିଙ୍ଗୀ ବିବାହ ସାରା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

■ ମହାକାଳପଡ଼ା, ଗହୀରମଥା ରେଞ୍ଜ କୁମ୍ଭୀର ଗଣନା ରିପୋର୍ଟ

# ୧୦୯ ବଉଳା କୁମ୍ଭୀର ଚିହ୍ନଟ

**ମହାକାଳପଡା, ୧୫।୧(ଡି.ଏନ୍.ଏ.)**

କେନ୍ଦ୍ରପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନରେ ସୋମବାର କୁମ୍ଭୀର ଗଣନା ଶେଷ ହୋଇଛି। ଗଣନା ସମୟରେ ମହାକାଳପଡା ଓ ଗହୀରମଥା ରେଞ୍ଜ ଅଞ୍ଚଳରେ ଥିବା ବିଭିନ୍ନ ନଦୀ ନାଳରୁ ୧୦୯ଟି ବଉଳା କୁମ୍ଭୀର ଠାବ କରାଯାଇଛି। ମହାକାଳପଡା ରେଞ୍ଜ ମଧ୍ୟରେ ଥିବା ଗୋବରୀ ନଦୀର ଉପର ଓ ତଳମୁଣ୍ଡ, ବଡିଘର ନାଳ, ଖୋଳା ନାଳ, ଭିତର ଖରିନାସୀ ନାଳ, ରାମଚଣ୍ଡୀ ଗଳିଆ ନଦୀ ନାଳ ଏବଂ ଜଗରୀଜୋର ନାଳରୁ ୭୨ ବଉଳା କୁମ୍ଭୀର ଚିହ୍ନଟ ହୋଇଛି। ଏହି କୁମ୍ଭୀରଗୁଡିକର ଲମ୍ବ ୪ ଫୁଟରୁ ୧୦ ଫୁଟ ମଧ୍ୟରେ ହେବ ବୋଲି ସୂଚନା ମିଳିଛି। ସେହିପରି ଶାସନପେଟାସ୍ଥିତ ଗହୀରମଥା ରେଞ୍ଜ ଅଧୀନରେ ଥିବା ମାର୍ଦ୍ଧଳୀ, ହୁକିଟୋଲା, ଅଗରନାସୀ, ତଣ୍ଡା ନାଳ ଓ ନାହାକଣୀ ଆଦି ନାଳରୁ ୩୭ ବଉଳା କୁମ୍ଭୀର ଠାବ କରାଯାଇଛି। ଏନେଇ ଗହୀରମଥା ରେଞ୍ଜ ଏସିଏଫ୍ ଶ୍ରୀରାମପଦ ଅରବିନ୍ଦ ମିଶ୍ର ଓ ମହାକାଳପଡ଼ା ରେଞ୍ଜ ଏସିଏଫ୍ ବିଜୟ କୁମାର ପରିଡା ସୂଚନା ଦେଇଛନ୍ତି। କୁମ୍ଭୀର ଚିହ୍ନଟ ପ୍ରକ୍ରିୟାରେ ବନବିଭାଗ ଫରେଷ୍ଟର ପଦ୍ମନାଭ ରାଉତ, ସୁରେଶ ଚନ୍ଦ୍ର ପୃଷ୍ଟି, ସଞ୍ଜୀବ ଦାସ, ସତ୍ୟଜିତ୍ ପାଣି ଓ ପ୍ରଶାନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

Prof. Ganeshi Lal
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJ BHAVAN
BHUBANESWAR-751 008
ରାଜଭବନ
ଭୁବନେଶ୍ୱର-୭୫୧୦୦୮
ଜାନୁୟାରୀ ୧୫, ୨୦୧୯



ବାର୍ତ୍ତା

ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରାଳୟ ଏବଂ ପେଟ୍ରୋଲିୟମ୍ ସଂରକ୍ଷଣ ଗବେଷଣା ସଂଘ (ପିସିଆରଏ) ସୌଜନ୍ୟରୁ ତୈଳ କମ୍ପାନୀମାନଙ୍କ ପକ୍ଷରୁ ୨୦୧୯ ଜାନୁଆରୀ ୧୬ଠାରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ ଏକ ମାସବ୍ୟାପୀ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ 'ସକ୍ଷମ-୨୦୧୯' ଅନୁଷ୍ଠିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଜନସାଧାରଣଙ୍କୁ ତୈଳ ଓ ଗ୍ୟାସ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧ କରାଇ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ଏହା ଏକ ସୁଚିନ୍ତିତ ପ୍ରୟାସ । ପାରମ୍ପରିକ ଶକ୍ତି ଉତ୍ସରୁ ପ୍ରସ୍ତୁତ ଇନ୍ଧନର ବହୁଳ ବ୍ୟବହାର ଉପରେ ଅଙ୍କୁଶ ଲଗାଇ ଏହାର ପ୍ରାଭାବରୁ ଜାତୀୟ ଅର୍ଥନୀତିକୁ ମୁକ୍ତ ରଖିବା ସହିତ ପରିବେଶ ଏବଂ ଜୀବଜଗତକୁ ରକ୍ଷା କରିବା ଅବଶ୍ୟମ୍ଭାବୀ ହୋଇ ପଡ଼ିଛି । ଏହା ଅତି ଖୁସିର କଥା ଯେ ଏହି ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱରୂପ ପେଟ୍ରୋଲିୟମ ସାମଗ୍ରୀର ସମୁଚିତ ବ୍ୟବହାରର ମାର୍ଗ ଓ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଛି । "ସକ୍ଷମ-୨୦୧୯" ରାଜ୍ୟର ଜନସାଧାରଣଙ୍କ ମନରେ ତୈଳ ଓ ଗ୍ୟାସର ସଂରକ୍ଷଣ ଦିଗରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସକ୍ଷମ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

"ସକ୍ଷମ-୨୦୧୯"ର ସମସ୍ତ ସଫଳତା କାମନା କରୁଅଛି ।

(ଗଣେଶୀ ଲାଲ)

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା



ଛାତ୍ରୀଛାତ୍ର ଓ ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

**ବିଦ୍ୟାଳୟ ମିଶ୍ରଣକୁ ବିରୋଧ**

**କେନ୍ଦ୍ରାପଡା ଅଫିସ, ୧୫।୧** ଡେରାବିଶ ବ୍ଲକ ବସପୁର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବା ପରେ ଏହାକୁ ମିଶ୍ରଣ କରିବା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାୟ ୧କିଲୋମିଟର ଦୂରରେ ଥିବା ଆରିପଦା ହାଇସ୍କୁଲ ସହ ଏହାକୁ ମିଶ୍ରଣ କରିବା ପାଇଁ ବିଭାଗ ପକ୍ଷରୁ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳାଯାଉଛି ବୋଲି ଅଭିଯୋଗ କରି ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ଧାରଣା ଦେବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଅଭିଭାବକ କେଦାର ବାରିକ କୁହନ୍ତି, ଗ୍ରାମଠାରୁ ଆରିପଦା ହାଇସ୍କୁଲ ପ୍ରାୟ ଏକ କିଲୋମିଟର ଦୂରରେ ରହିଛି । ଏହି ରାସ୍ତାରେ ଗାଡି ମଟର ଚଳାଚଳ ଯୋଗୁ ବାରମ୍ବାର ଦୁର୍ଘଟଣା ହେଉଛି । ଏହି ମିଶ୍ରଣ ଫଳରେ ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ ଅଭିଯୋଗର ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଧାରଣାରେ ଗ୍ରାମର ନିରଞ୍ଜନ ଲେଙ୍କା, ରଘୁନାଥ ନାୟକ, ରଞ୍ଜନ କୁମାର ନାୟକ, ପ୍ରିୟଦର୍ଶିନୀ ନାୟକ, ଜ୍ୟୋତ୍ସ୍ନାମୟୀ ବାରିକ, ସୁରେନ୍ଦ୍ର ଲେଙ୍କା ଓ ସଞ୍ଜୁକ୍ତା ଜେନା ପ୍ରମୁଖ ସାମିଲ ହୋଇଥିଲେ।



## ବରୁଣେଶ୍ୱର ମେଳାର ଦ୍ୱିତୀୟ ଦିନ



ପଲ୍ଲିଶ୍ରୀ ମେଳାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ରାମକୃଷ୍ଣ ଦାସ
ବିଞ୍ଝାରପୁର,୧୫।୧

ବରୁଣେଶ୍ୱର ମେଳାର ମଙ୍ଗଳବାର ଥିଲା ୨ୟ ଦିବସ। ଏହି ଅବସରରେ ବରୁଣେଶ୍ୱର ମହୋତ୍ସବ ଆରମ୍ଭ ହୋଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଧାରିତ ସମୟଠାରୁ ମନ୍ତ୍ରୀ ପ୍ରାୟ ୨ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ କାର୍ଯ୍ୟକ୍ରମ ବିଳମ୍ବରେ ଆରମ୍ଭ ହୋଇଥିଲା। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ମଧ୍ୟ ହୋଇଛି। ଏହି ମେଳାକୁ ସଂସ୍କୃତି ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିବାର ଥିଲା। ମନ୍ତ୍ରୀଙ୍କ ଆସିବା ବିଳମ୍ବ ହେବାରୁ ଜିଲାପାଳ ରଞ୍ଜନ କୁମାର ଦାସ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା ପ୍ରମିଳା ମଲ୍ଲିକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ବିଡିଓ ଦାମୋଦର ଖୁଣ୍ଟିଆ, ତହସିଲଦାର ଶୁଭ୍ରବାଳା ବେହେରା ଓ ଥାନାଧିକାରୀ ସୂଚିତ୍ରବୀର୍ଯ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଲ୍ଲିଶ୍ରୀ ମେଳାରେ ୩୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ନିଜର ଷ୍ଟଲରେ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ କରିଥିଲେ । ତେବେ ମେଳାର ୨ଦିନରେ ଯାତ୍ରୀଙ୍କ ସଂଖ୍ୟା ବହୁ କମ୍ ଦେଖିବାକୁ ମିଳିଥିଲା। ଯାହାଫଳରେ ଆୟୋଜକ ଏବଂ ବ୍ୟବସାୟୀ ମହଲରେ ନିରାଶାଭାବ ଦେଖିବାକୁ ମିଳିଥିଲା। ମେଳାକୁ ଅପେରା ଦଳ ଆସିଲେ ଯାତ୍ରୀଙ୍କ ସଂଖ୍ୟା ବଢିବାର ସମ୍ଭବନା ରହିଥିବାରୁ ବ୍ୟବସାୟୀମାନେ ଆଶା ହରାଇ ନାହାନ୍ତି ।





ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## ପରମ୍ପରା ରକ୍ଷା କରୁଛି ମହୋତ୍ସବ

ଓଡିଶାର ବିଭିନ୍ନ ଗ୍ରାମାଞ୍ଚଳରେ ହେଉଥିବା ମହୋତ୍ସବ ପରମ୍ପରା ଓ ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଏକ ମାଇଲ ଖୁଣ୍ଟ ଭଳି କାର୍ଯ୍ୟ କରୁଛି ବୋଲି ବରୁଣେଶ୍ୱର ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି । ସାରସ୍ୱତ ସଂଗଠକ ହରେକୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟଅତିଥି ପଣ୍ଡା ବରୁଣେଶ୍ୱର ପୀଠରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟରେ ରାଜ୍ୟ ସରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇ ଏହି ମହୋତ୍ସବ ବିଞ୍ଝାରପୁରକୁ ରାଜ୍ୟରେ ପରିଚିତ କରିବାରେ ସହାୟକ ହୋଇଛି ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ରଞ୍ଜନ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ବିଡିଓ ଦାମୋଦର ଖୁଣ୍ଟିଆ ଓ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମକର୍ତ୍ତା ରବୀନ୍ଦ୍ର ପରିଡା ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବର ୨ୟ ଦିନରେ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏପରି କି ଓଲିଉଡ ଓ ରାଜ୍ୟସ୍ତରୀୟ କଳାକାରମାନେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ପ୍ରଥମ ଦିନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରମିଳାଙ୍କ ରୁଦ୍ରାଭିଷେକ

ବରୁଣେଶ୍ୱର ପୀଠରେ ରୁଦ୍ରାଭିଷେକ କରିବା ଭାଗ୍ୟରେ ଥିଲେ ମିଳେ ବୋଲି ଶ୍ରଦ୍ଧାଳୁ ମତ ଦିଅନ୍ତି। ମକର ସଂକ୍ରାନ୍ତି ଅବସରରେ ହେଉଥିବା ଏହି ମେଳାରେ ୭ଦିନ ବ୍ୟାପି ରୁଦ୍ରାଭିଷେକ ହୋଇଥାଏ। ଏହି ସମୟରେ ବାବା ବରୁଣେଶ୍ୱରଙ୍କ ବଡ଼ସିଂହାର ବେଶ ମଧ୍ୟ ହୋଇଥାଏ। ଏହି ଅବସରରେ ବାବା ବରୁଣେଶ୍ୱରଙ୍କୁ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ଜମିଥାଏ। ପ୍ରତି ବର୍ଷ ଭଳି ମେଳାର ଦ୍ୱିତୀୟ ଦିନରେ ବିଧାୟିକା ପ୍ରମିଳା ମଲ୍ଲିକ ରୁଦ୍ରାଭିଷେକ କରିଥିଲେ। ଆଗକୁ ଆସୁଛି ନିର୍ବାଚନ। ନିର୍ବାଚନ ପୂର୍ବରୁ ପ୍ରମିଳାଙ୍କ ଏହି ରୁଦ୍ରାଭିଷେକ ବେଶ ମହତ୍ୱ ରଖୁଛି । ବିଧାୟିକାଙ୍କ ରୁଦ୍ରାଭିଷେକରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ବିଜେଡି କର୍ମୀ ଉପସ୍ଥିତ ହୋଇ ପ୍ରମିଳାଙ୍କୁ ଉତ୍ସାହିତ କରିଥିଲେ। ମେଳାର ତୃତୀୟ ଦିନରେ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲଙ୍କ ରୁଦ୍ରାଭିଷେକ ହେବାର କାର୍ଯ୍ୟକ୍ରମ ରହିଛି।



ବିଧାୟିକା ପ୍ରମିଳା ମଲ୍ଲିକ ରୁଦ୍ରାଭିଷେକ କରୁଛନ୍ତି।

## ନାମ ମନ୍ଦିରର ସାମାଜିକ ସନ୍ଦେଶ

ବାବା ବରୁଣେଶ୍ୱର ପୀଠର ଠିକ ଉତ୍ତରରେ ରହିଛି ନାମ ମନ୍ଦିର । ଏହି ନାମ ମନ୍ଦିରରେ ବର୍ଷସାରା ଅହୋରାତ୍ର ହରି ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥାଏ। ୧୩ବର୍ଷ ହେବ ନିରବଛିନ୍ନ ଭାବେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେଉଛି। ଶୈବପୀଠରେ ଗୋଟିଏ ପଟରେ ହର ହର ମହାଦେବର ସ୍ୱର ଅନ୍ୟପଟରେ ହରିନାମର ଗୁଞ୍ଜରଣ ମେଳାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପ୍ରତିବର୍ଷ ଭଳି ଏଥର ମଧ୍ୟ ନାମମନ୍ଦିର ପକ୍ଷରୁ ସାମାଜିକ ସନ୍ଦେଶ ପାଇଁ ବାଲୁଆଳି ନିର୍ମାଣ ହୋଇଛି। ପୌରାଣିକ ଆଧାରିତ ଓ ସାମାଜିକ ହିତରେ ଏହି ବାଲୁଆଳି ନିର୍ମାଣ ହେଉଥିବାବେଳେ ଚଳିତ ଥର ଚାଷୀ ଆତ୍ମହତ୍ୟାକୁ ନେଇ ବାଲୁଆଳି ନିର୍ମାଣ କରାଯାଇଛି। ଯାହାକି ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଆଧ୍ୟାତ୍ମିକ ପରିବେଶରେ ଚାଷୀ ଆତ୍ମହତ୍ୟା ବାଲୁଆଳିକୁ ନେଇ ହୋଇଥିବା କେତେକ ଶ୍ରଦ୍ଧାଳୁ ନାପସନ୍ଦ କରୁଛନ୍ତି।





ନାମ ମନ୍ଦିର ପକ୍ଷରୁ ପ୍ରସ୍ତୁତ ବାଲୁଆଳିରେ ସାମାଜିକ ସଚେତନତାର ବାର୍ତ୍ତା ।

## ସଫେଇ ଅଭିଯାନରେ ବିଜୁ ଯୁବବାହିନୀ

ମେଳା ପଡିଆରେ ସଫେଇ କାର୍ଯ୍ୟ ବିଜୁ ଯୁବ ବାହିନୀ କରୁଛି। ବିଜୁ ଯୁବବାହିନୀର କାମଦେବ ଧଳ, ହେମେନ୍ଦ୍ର ସାମଲ, ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ସେଠୀ , ସରୋଜ ସାମଲ , ପର୍ଶୂରାମ କବି ପ୍ରମୁଖ ଶତାଧିକ କର୍ମକର୍ତ୍ତା ମେଳା ପଡିଆରେ ବୁଲି ବୁଲି ସଫେଇ ଅଭିଯାନ ସହ ବ୍ଲିଂଚି ପାଉଡର ପକାଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ପରିମଳ ବିଭାଗ ପକ୍ଷରୁ ଦେଖା ନ ଥିବାବେଳେ ବିଜୁ ଯୁବ ବାହିନୀର ସଫେଇ କାର୍ଯ୍ୟକ୍ରମ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।



ବାବା ବରୁଣେଶ୍ୱରଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ରବୀନ୍ଦ୍ର କୁମାର ପରିଡ଼ା
ସାମାଜିକ କର୍ମୀ, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ସୁମାନସ ପଣ୍ଡା
ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

କାମଦେବ ଧଳ
ସଭାପତି , ଯୁବ ବିଜେଡି, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ପ୍ରଦ୍ୟୁମ୍ନ ନାୟକ
ସମ୍ପାଦକ 'ସିଡ୍', ବିଞ୍ଝାରପୁର, ଯାଜପୁର

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ହେମେନ୍ଦ୍ର ସାମଲ
ବରିଷ୍ଠ ବିଜେଡି ନେତା, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ସ୍ମୃତି ରଂଜନ ସାହୁ
ବିଜେଡି ଯୁବ ସଂଗଠକ, ଗୁହାଳି, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ପ୍ରଫୁଲ୍ଲ ନାୟକ
ସାମାଜିକ କର୍ମୀ, ଅରେଇ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ପ୍ରଶାନ୍ତ କୁମାର ମିଶ୍ର
ଅଧ୍ୟକ୍ଷ, ବିପିଟିଆର, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ମନୋରଞ୍ଜନ ଧଳ
ଶିକ୍ଷାବିତ୍, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ମାନସ ରଞ୍ଜନ ଦାସ
ସମିତି ସଭ୍ୟ, କଏଣା, ରଘୁନାଥପୁର ଗ୍ରା.ପ., ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ନିତ୍ୟାନନ୍ଦ ରାଉତ
ସଭାପତି, ବିଜୁ କୃଷକ ସେଲ୍, ଯାଜପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ମୋଜାହିଦ୍ ଖାନ
ସଭାପତି, ସଂଖ୍ୟାଲଘୁ ସେଲ୍, ବିଜେଡି ବିଞ୍ଝାରପୁର

■ବିକଶିତ ହୋଇଛି ସୌନ୍ଦର୍ଯ୍ୟରାଣୀ କୁସୁମା

# ଲୋକାର୍ପଣର ୧୦ମାସ ପରେ ଖୋଲିଲା


କୁସୁମା ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବା ପରେ ବିଧାୟକ, ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ବୁଲି ଦେଖୁଛନ୍ତି ।

ଯାଜପୁର ଅଫିସ,୧୫।୧

ସୌନ୍ଦର୍ଯ୍ୟରାଣୀ କୁସୁମା ବିକଶିତ ହୋଇଛି। ଏହାର ଖର୍ଚ୍ଚ ପରିମାଣକୁ ନେଇ ସରକାରୀ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ହେଁ ପ୍ରାୟ ୧୯କୋଟି ଟଙ୍କା ବିନିଯୋଗରେ ନିର୍ମିତ କୁସୁମା ଭିତରକୁ ସାଧାରଣ ଲୋକଙ୍କ ପାଇଁ ମଙ୍ଗଳବାର ସକାଳେ ଅନୁମତି ମିଳିଛି। ଜିଲାପାଳ ରଞ୍ଜନ କୁମାର ଦାସ ଏହାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ଜଣ ପିଛା ଟିକେଟ ମୂଲ୍ୟ ୩୦ ଟଙ୍କା ଲେଖାଏ ଧାର୍ଯ୍ୟ କରାଯାଇଛି। ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ଲୋକାର୍ପଣର ପ୍ରାୟ ୧୦ମାସ ପରେ ସାଧାରଣ ଲୋକଙ୍କୁ କୁସୁମାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ସୁଯୋଗ ମିଳିଛି। ଧରିତ୍ରୀରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ସର୍ବଧର୍ମ ସମନ୍ୱୟର ପ୍ରତୀକ ବିରଜା କ୍ଷେତ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କୁସୁମା ଅବସର ବିନୋଦନର ଏକ ମାଧ୍ୟମ ହେବ ବୋଲି ମତପ୍ରକାଶ ପାଇଛି। ଏହାସହ ସପ୍ତାହ ମଧ୍ୟରେ ଏଠାରେ ବୋଟିଂ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି। ତେବେ କୁସୁମା ପୋଖରୀ ପରିସରରେ ନିର୍ମାଣ ହୋଇଥିବା ଶୀତତାପ ନିୟନ୍ତ୍ରଣ କୋଠରୀ ସାଧାରଣ ଲୋକଙ୍କ ପାଇଁ ବାରଣ ବୋଲି ସୂଚନା ମିଳିଛି।

■ସପ୍ତାହକ ମଧରେ ହେବ ବୋଟିଂ ବ୍ୟବସ୍ଥା
■ରହିବା ବ୍ୟବସ୍ଥାକୁ ବାରଣ

ରଙ୍ଗ ବିରଙ୍ଗ ଫୁଲର ସମ୍ଭାର, ନୀଳ ଜଳରାଶି, ଅସରନ୍ତି ସବୁଜିମା, ପିଲାଙ୍କ ଖେଳକୁଦ ସ୍ଥଳ, ପାର୍କ,ଅନନ୍ୟପାଣିଫୁଆରଆଦିସୌନ୍ଦର୍ଯ୍ୟପରିବେଶରେ ପ୍ରାୟ ୪ବର୍ଷ ତଳେ କୁସୁମା ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ମା' ବିରଜାଙ୍କ ଦର୍ଶନାର୍ଥେ ବାହାରୁ ଆସୁଥିବା ଆଗନ୍ତୁକଙ୍କ ସମେତ ସହରବାସୀଙ୍କ ଆମୋଦ ପ୍ରମୋଦ ପାଇଁ ଏହି ଐତିହାସିକ କୁସୁମା ପୋଖରୀ ନିର୍ମାଣର ଉଦ୍ଦେଶ୍ୟ ରହିଥିଲା । ତେବେ ଗତ ମାର୍ଚ୍ଚ ମାସ ୨୪ତାରିଖରେ ଯାଜପୁର ପୌର ପରିଷଦର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କୁସୁମାକୁ ଲୋକାର୍ପଣ କରିଥିଲେ। ଏହାପରେ ୨ମାସ ପର୍ଯ୍ୟନ୍ତ କୁସୁମା ଖୋଲାଯାଇଥିଲା। କିନ୍ତୁ କେତେକ ସୌନ୍ଦର୍ଯ୍ୟ କାର୍ଯ୍ୟ ଅଧାପନ୍ତରିଆ ଥିବାରୁ କୁସୁମାକୁ ପୁଣି ବନ୍ଦ କରି ଦିଆଯାଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପୂର୍ବରୁ ଯାଜପୁର ସହରବାସୀ ତଥା ପର୍ଯ୍ୟଟକଙ୍କ ଆମୋଦ ବିନୋଦନ ପାଇଁ ସେଭଳି କୌଣସି ପାର୍କ କିମ୍ବା ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳ ନ ଥିଲା। ଗତ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀ କୁସୁମାର ଲୋକାର୍ପିତ କରି ଜିଲାବାସୀଙ୍କ ମନରେ ଏକ ନୈସର୍ଗିକ ଶାନ୍ତି ଆଣି ଦେଇଥିଲେ। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ କୁସୁମାକୁ ଲୋକଙ୍କ ପାଇଁ ପୁଣି ଉତ୍ସର୍ଗୀକୃତ ହୋଇଛି। କୁସୁମା ଭିତରେ ୭୦ ପ୍ରଜାତିର ଫୁଲ ଶୋଭା ପାଉଛି । କୁସୁମାରାଣୀ ମୂର୍ତ୍ତି ଅତି ଆକର୍ଷଣୀୟ ହୋଇଛି । ଏକ କୃତ୍ରିମ ଝରଣା, ପାର୍କ ଓ ନୀଳ ଜଳରାଶି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଛି। ଏହାର ସୁରକ୍ଷା ପାଇଁ ୧୪ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଣବପ୍ରକାଶ ଦାସ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଡିଆରଡିଏ ପିଡି ବ୍ରଜଗୋପାଳ ଆଚାର୍ଯ୍ୟ, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ସ୍ୱତନ୍ତ୍ର ଅଧିକାରୀ ସୁଦର୍ଶନ ମିଶ୍ର, ପୂର୍ବତନ କାଉନସିଲର ସନ୍ତୋଷ ମଲ୍ଲିକ ଓ ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଧର୍ମଶାଳା, ୧୫।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବରମପୁର ଗ୍ରାମର ଅପହୃତା ନାବାଳିକାଙ୍କୁ ସୋମବାର ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ଗ୍ରାମର ସୁରେନ୍ଦ୍ର ମଳିକ । ପ୍ରକାଶ ଯେ, ଗତ ୨୬ ତାରିଖ ରାତିରେ ଉକ୍ତ ନାବାଳିକାଙ୍କୁ ସୁରେନ୍ଦ୍ର ଅପହରଣ କରିନେଇ ଥିବା ନେଇ ନାବାଳିକାଙ୍କ ପିତା ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୬୨/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ବିଳମ୍ବିତ ରାତିରେ ପୋଲିସ ସୁରେନ୍ଦ୍ରଙ୍କ ସହ ନାବାଳିକାଙ୍କୁ ଉଦ୍ଧାର କରଥିଲା। ପରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇ ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

DADLS-247



ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୬ ଜାନୁଆରୀ, ୨୦୧୯(ଶାୟ ଦଶମୀ)

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ,
ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଏବଂ ସାଧାରଣ ଉଦ୍ୟୋଗ

ମୁଖ୍ୟବକ୍ତା – ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ,
ମାନ୍ୟବର ସାଂସଦ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ତରୁଣ କଳାକାର ସଂସ୍ଥାର ଲୋକନୃତ୍ୟ ଗବେଷଣା କେନ୍ଦ୍ର ଦ୍ୱାରା ମୁଁ ଚକରା କହୁଛି ନାଟକ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0546/1819

# ଶିଶୁକନ୍ୟା ସହ କୁକୁର ଛୁଆର ବାହାଘର

ପରମ୍ପରା ନାଁରେ ଅନ୍ଧବିଶ୍ୱାସ


କୁକୁର ଛୁଆ ସହ ଶିଶୁକନ୍ୟାର ବାହାଘର ହେଉଛି ।

ଚଣ୍ଡିଖୋଲ,୧୫।୧(ଡି.ଏନ.ଏ.)

ଏକବିଂଶ ଶତାବ୍ଦୀରେ ମଧ ଲୋକେ ପରମ୍ପରା ନାଁରେ ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରିଛନ୍ତି। ଅନ୍ଧବିଶ୍ୱାସରୁ ଦୂରେଇ ରହିବା ପାଇଁ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ ଅନେକ ସ୍ଥାନରେ ଏହାର ପ୍ରଭାବ ପଡୁନାହିଁ। ପରମ୍ପରା ନାଁରେ କୁନି କୁନି ଶିଶୁଙ୍କୁ କୁକୁର ଛୁଆ ସହ ବାହାଘର କରାଇବା ଭଳି ଘଟଣା ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଅନ୍ତର୍ଗତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ନିକଟରେ। ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ବଡ଼ଚଣା ଥାନା ଓ ମେଡିକାଲଠାରୁ ମାତ୍ର ୩୦୦ ମିଟର ଦୂରରେ ୧୦ ଆଦିବାସୀ ପରିବାର ରହୁଛନ୍ତି। ତେବେ ଆଦିବାସୀ ପରମ୍ପରା ଅନୁଯାୟୀ, ଶିଶୁର ପ୍ରଥମ ଦାନ୍ତ ଉଠିଲେ ସେମାନଙ୍କୁ କୁକୁର ଛୁଆ ସହ ସାହାଡ଼ା ଗଛମୂଳେ ବାହାଘର କରାଯାଇଥାଏ। ଏପରି କରିବା ଦ୍ୱାରା ସେମାନଙ୍କ ଉପରକୁ ବିପଦ ଆସିବ ନାହିଁ ଏବଂ ଭବିଷ୍ୟତ ମଙ୍ଗଳ ହେବ ବୋଲି ଧାରଣା ରହିଛି। ଏହି ପରିପ୍ରେକ୍ଷୀରେ ଆଦିବାସୀ ବସ୍ତିରେ ରହୁଥିବା ଗମା ନାଏକଙ୍କ ଝିଅ ଶିବାନୀର ପ୍ରଥମ ଦାନ୍ତ ଉଠିଥିବା ପରିବାର ଲୋକେ ଦେଖିଥିଲେ। ତେଣୁ ସାହାଡ଼ା ଗଛମୂଳେ ମଙ୍ଗଳବାର କୁକୁର ଛୁଆ ସହ ଶିବାନୀର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଉଭୟ ନୂତନ ପୋଷାକ ପରିଧାନ କରିଥିଲେ। ବିବାହ ଦେଖିବାକୁ କିଛି ଲୋକ ଉତ୍ସୁକତାର ସହ ଭିଡ଼ ଜମାଇଥିଲେ। ଏ ନେଇ ଶିବାନୀର ମାଆ କୁହନ୍ତି, ପୁଅ କିମ୍ବା ଝିଅ ହେଉ, ସେମାନଙ୍କ ଉପରେ ବିପଦ ନ ଆସିବା ଓ ଭବିଷ୍ୟତ ମଙ୍ଗଳ ପାଇଁ ସେମାନେ ଏଭଳି ବିବାହ ଉତ୍ସବ ଆୟୋଜନ କରିଥାନ୍ତି।

कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

କର୍ପୋରେଶନ ବ୍ୟାଙ୍କ
୧୪-୧୫, ନ୍ୟାଶ୍ନାଲ ପ୍ଲାଜା, ଆର୍.ସି. ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା-୩୯୦୦୦୫, ଫୋନ୍: ୦୨୬୫-୨୩୩୨୭୫୬, ୨୩୩୭୩୧୯, ୨୩୫୧୧୩୦, ୨୩୨୫୭୦୧ (ଫୋରେକ୍ସ)

ଗାଡ଼ି ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସମୂହ ଭାବେ ଏବଂ ବିଶେଷକରି ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି, ଜବତ ହୋଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିର୍ଦ୍ଦଶିତ ତାରିଖରେ କର୍ପୋରେଶନ ବ୍ୟାଙ୍କ ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ଠାରୁ ବକେୟା ରାଶି ଆଦୟ କରିବା ନିମନ୍ତେ ବିକ୍ରୟ କରାଯିବ। ଗାଡ଼ିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଅଳକାପୁରୀ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ଗାଡ଼ିଗୁଡ଼ିକର ବିବରଣୀ | ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସହଜାନନ୍ଦ ସେଲ୍ସ କର୍ପୋରେଶନ୍, ଏସ୍‌ବି ୧୧, ସାଇକୃତୀ କମ୍ପ୍ଲେକ୍ସ, ଗୋତ୍ରୀ ରୋଡ୍, ହରିନଗର ଚାର ରାସ୍ତା ନିକଟ, ଭଦୋଦରା, ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଲ ଏନ୍ ତ୍ରିବେଦୀ, ୩) ଜିଙ୍ଗା ଭି ତ୍ରିବେଦୀ, ସମସ୍ତ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା | ୧) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: D-33-B-5456, ଚେଚିସ୍ ନଂ.: MC2K2GRC0EM002495, ଇଞ୍ଜିନ୍ ନଂ.: 41M84198323 | ୨୫.୧୨.୨୦୧୮ ସୁଦ୍ଧା ଟ.୭୧,୬୦,୩୨୭/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୫,୮୫,୦୦୦/- / ଟ.୫୮,୫୦୦/- |
| | | ୨) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5453, ଚେଚିସ୍ ନଂ.: MC2K2GRC0EM002497, ଇଞ୍ଜିନ୍ ନଂ.: 41M84198339 | | ଟ.୩,୯୦,୦୦୦/- / ଟ.୩୯,୦୦୦/- |
| | | ୩) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5438, ଚେଚିସ୍ ନଂ.: MC2K2GRC0EM002501, ଇଞ୍ଜିନ୍ ନଂ.: 41M84196810 | | ଟ.୬,୫୦,୦୦୦/- / ଟ.୬୫,୦୦୦/- |
| | | ୪) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5457, ଚେଚିସ୍ ନଂ.: MC2K2GRC0EM002498, ଇଞ୍ଜିନ୍ ନଂ.: 41M84198330 | | ଟ.୩,୯୦,୦୦୦/- / ଟ.୩୯,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ଶ୍ରୀ ସହଜାନନ୍ଦ କଙ୍କ୍ରିଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ୭୦୫-ବି, ଷ୍ଟେର୍ଲିଂ ସେଣ୍ଟର, ଆର୍ ସି ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା, ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଲ ଏନ୍ ତ୍ରିବେଦୀ, ଉଭୟଙ୍କ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା, ୩) ହର୍ଷ ଶ୍ରେନିକ୍ ଶାହା, ୨୮, ସଦାନନ୍ଦ, ମଲହାର ବଙ୍ଗଳା, କାଳାହାର ବଙ୍ଗଳା, ଶିଲାଜ୍ ରୋଡ୍, ନନ୍ଦୋଲି କାଲୋଲ୍ ସିଟି, ଗାନ୍ଧୀନଗର | ୧) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5448, ଚେଚିସ୍ ନଂ.: MC2K2GRC0EM002515, ଇଞ୍ଜିନ୍ ନଂ.: 41M84198340 | ୨୭.୧୨.୨୦୧୮ ସୁଦ୍ଧା ଟ.୬୮,୯୧,୧୪୦/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୭,୧୫,୦୦୦/- / ଟ.୭୧,୫୦୦/- |
| | | ୨) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5446, ଚେଚିସ୍ ନଂ.: MC2K2GRC0EM002514, ଇଞ୍ଜିନ୍ ନଂ.: 41M84198323 | | ଟ.୬,୮୨,୫୦୦/- / ଟ.୬୮,୨୫୦/- |
| | | ୩) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5447, ଚେଚିସ୍ ନଂ.: MC2K2GRC0EM002516, ଇଞ୍ଜିନ୍ ନଂ.: 41M84198341 | | ଟ.୩,୨୫,୦୦୦/-/ ଟ.୩୨,୫୦୦/- |
| | | ୪) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5442, ଚେଚିସ୍ ନଂ.: MC2K2GRC0EM002517, ଇଞ୍ଜିନ୍ ନଂ.: 41M84198322 | | ଟ.୫,୨୦,୦୦୦/- / ଟ.୫୨,୦୦୦/- |
| | | ୫) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-C-7846, ଚେଚିସ୍ ନଂ.: MC2L4GRC0FD003096, ଇଞ୍ଜିନ୍ ନଂ.: 51D84221207 | ୨୭.୧୨.୨୦୧୮ସୁଦ୍ଧା ଟ.୧,୨୬,୦୯,୬୪୧/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୬,୫୦,୦୦୦/- / ଟ.୬୫,୦୦୦/- |
| | | ୬) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-C-7845, ଚେଚିସ୍ ନଂ.: MC2L4GRC0FD003095, ଇଞ୍ଜିନ୍ ନଂ.: 51D84221190 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| | | ୭) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-19-F-1248, ଚେଚିସ୍ ନଂ.: MC2L4GRC0FE003140, ଇଞ୍ଜିନ୍ ନଂ.: 51D84223178 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| | | ୮) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-19-F-1249, ଚେଚିସ୍ ନଂ.: MC2L4GRC0FE003130, ଇଞ୍ଜିନ୍ ନଂ.: 51D84223163 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| ୩. | ଋଣଗ୍ରହୀତା: ମେସର୍ସ ସହଜାନନ୍ଦ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍, ୭୦୫-ବି, ଷ୍ଟର୍ଲିଂ ସେଣ୍ଟର, ଆର୍ ସି ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା, ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଲ ଏନ୍ ତ୍ରିବେଦୀ, ଉଭୟଙ୍କ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା | ୧) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-7844, ଚେଚିସ୍ ନଂ.: MC2L4GRC0FD003086, ଇଞ୍ଜିନ୍ ନଂ.: 51D84218942 | ୨୭.୧୨.୨୦୧୮ ସୁଦ୍ଧା ଟ.୧,୨୮,୮୩,୪୫୫/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| | | ୨) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-7843, ଚେଚିସ୍ ନଂ.: MC2L4GRC0FD003082, ଇଞ୍ଜିନ୍ ନଂ.: 51D84219487 | | ଟ.୫,୮୫,୦୦୦/- / ଟ.୫୮,୫୦୦/- |
| | | ୩) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-7842, ଚେଚିସ୍ ନଂ.: MC2L4GRC0FD003083, ଇଞ୍ଜିନ୍ ନଂ.: 51D84218966 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| ୪. | ଋଣଗ୍ରହୀତା: ମେସର୍ସ ପିରାମିଡ୍ କେମିକାଲ ପ୍ରା. ଲିଃ., ୭୦୫-ବି, ଷ୍ଟର୍ଲିଂ ସେଣ୍ଟର, ଆର୍ ସି ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା, ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଲ ଏନ୍ ତ୍ରିବେଦୀ, ଉଭୟଙ୍କ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା | ୧) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5441, ଚେଚିସ୍ ନଂ.: MC2K2GRC0EM002512, ଇଞ୍ଜିନ୍ ନଂ.: 41M84198084 | ୨୯.୧୨.୨୦୧୮ ସୁଦ୍ଧା ଟ.୭୨,୯୭,୭୧୮/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୬,୮୨,୫୦୦/- / ଟ.୬୮,୨୫୦/- |
| | | ୨) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5435, ଚେଚିସ୍ ନଂ.: MC2K2GRC0EM002509, ଇଞ୍ଜିନ୍ ନଂ.: 41M84198334 | | ଟ.୬,୫୦,୦୦୦/- /ଟ.୬୫,୦୦୦/- |
| | | ୩) ମଡ୍ରେଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5458, ଚେଚିସ୍ ନଂ.: MC2K2GRC0EM002510, ଇଞ୍ଜିନ୍ ନଂ.: 41M84198085 | | ଟ.୬,୫୦,୦୦୦/- /ଟ.୬୫,୦୦୦/- |

ଶାଖା ଅଧିକାରୀଙ୍କ ନାମ ଏବଂ ଯୋଗାଯୋଗ ନଂ.: ବରିଷ୍ଠ ପ୍ରବନ୍ଧକ (କ) ଶ୍ରୀ ସନ୍ତୋଷ କୁମାର, ମୋ: ୭୦୦୪୬୦୩୦୫୧, ୯୪୧୬୪୯୭୧୨୭ ଏବଂ (ଖ) ଶ୍ରୀ ସନ୍ତୋଷ କୁମାର ପୃଷ୍ଟି, ମୋ: ୭୯୭୨୫୦୮୧୬୭, ୯୦୧୧୮୫୧୦୦୯

ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ : ୨୮.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ: ୨୯.୦୧.୨୦୧୯ ପୂର୍ବାହ୍ନ ୧୧.୪୫ଘଟିକା ରୁ ଅପରାହ୍ନ ୧.୧୫ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ବର୍ଦ୍ଧିତ ସମୟ ସହିତ)
ଇ-ନିଲାମ ୱେବ୍‌ସାଇଟ୍ : https://corpbank.auctiontiger.net
ନିଲାମ ସ୍ଥାନ ଏବଂ ପାର୍କିଂସ୍ଥାନ: ଇଣ୍ଡଷ୍ଟ୍ରୀ ସିକ୍ୟୁରିଟି ଫୋର୍ସ ଏଜେନ୍ସି, ସା/ପୋ.: ପ୍ରଥମାଖଣ୍ଡି, ଥାନା: କୁଆଖିଆ, ଯାଜପୁର (ଓଡ଼ିଶା), ଶାଖା ଅଧିକାରୀ: ୧) ଶ୍ରୀ ସନ୍ତୋଷ କୁମାର, ୨) ଶ୍ରୀ ସନ୍ତୋଷ କୁମାର ପୃଷ୍ଟିଙ୍କୁ ପୂର୍ବରୁ ଯୋଗାଯୋଗ କରି ଗାଡିଗୁଡିକୁ ତା.୨୫.୦୧.୨୦୧୯ରିଖ ସୁଦ୍ଧା ଯେ କୌଣସି କାର୍ଯ୍ୟଦିବସରେ ପୂର୍ବାହ୍ନ ୧୧.୦୦ରୁ ଅପରାହ୍ନ ୩.୩୦ ଘଟିକା ମଧରେ ଯାଞ୍ଚ କରିପାରିବେ।

ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ

୧) ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଉପରଦର୍ଶିତ ଅମାନତ ରାଶିକୁ ନଗଦ ରାଶି କିମ୍ବା ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ "କ୍ଷମତାପ୍ରାପ୍ତ ଅଧିକାରୀ କର୍ପୋରେଶନ ବ୍ୟାଙ୍କ" ଆକାଉଣ୍ଟ ନଂ.: ୫୧୦୧୦୧୦୦୫୦୩୪୬୫୪ ସପକ୍ଷରେ ଏବଂ ଭଦୋଦରାକୁ ପୈଠ ଦର୍ଶାଇ ବ୍ୟାଙ୍କରେ ଦାଖଲ କରିବେ ଏବଂ ତାହାର ଏକ ଲିଖିତ ରସିଦ୍ ପ୍ରାପ୍ତ କରିବେ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ନାମ ଏବଂ ଠିକଣା ବ୍ୟାଙ୍କକୁ ପ୍ରଦାନ କରିବେ।
୨) M/S E-Procurement Technologies Limited https://corpbank.auctiontiger.net ରେ ଇ-ବିଡ୍ ଫର୍ମ ପୂରଣ କରିବା ସମୟରେ ନିଲାମଧାରୀମାନଙ୍କର ସମ୍ପୂର୍ଣ୍ଣ ନାମ ଏବଂ ଠିକଣା ସହିତ ପରିଚୟ ପ୍ରମାଣ ଏବଂ ପ୍ୟାନ୍‌କାର୍ଡ ପ୍ରଦାନ କରିବାକୁ ପଡ଼ିବ। ୩) ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ କିମ୍ବା ସର୍ବୋଚ୍ଚ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।
୪) ନିଲାମ ସମୟରେ ନିଲାମଧାରୀ ଟ.୧୦,୦୦୦/- ରୁ କମ୍ ହୋଇନଥିବା ସର୍ବୋଚ୍ଚ ନିଲାମ ରାଶି ଠାରୁ ଅଧିକ କିମ୍ବା ତତ୍ ପୂର୍ବ ବିଡ୍ ସ୍ଥଳ ବିଶେଷରେ ଯେପରି ସେପରି ଟ.୧୦,୦୦୦/- ର ଗୁଣିତକ ଭାବେ ବୃଦ୍ଧି କରିପାରିବେ।
୫) ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ବିକ୍ରୟ ଚୂଡ଼ାନ୍ତ ହେବ ଏବଂ ଏହି ଚୂଡ଼ାନ୍ତ ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ, ଯଦି ଗୋଟିଏ ମାତ୍ର ବିଡ୍ ପ୍ରାପ୍ତ ହୋଇଥାଏ ତେବେ ତାହାକୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ।
୫.୧) ବିଡ୍ ଥରେ ଦିଆଗଲେ ତାହା ବାତିଲ କିମ୍ବା ଉଚ୍ଛେଦ କରାଯାଇପାରିବ ନାହିଁ।
୬) ଅଧିକାରୀ / ପ୍ରବନ୍ଧକଙ୍କ ଦ୍ୱାରା ସଫଳ ନିଲାମଧାରୀ ଘୋଷଣା କରାଯିବା ପରେ ସେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଅନ୍ତର୍ଭୁକ୍ତ କରି) ନଗଦ ରାଶି / ଡିମାଣ୍ଡ ଡ୍ରାଫ୍ଟ / RTGS / NEFT / ଇଣ୍ଟରନେଟ୍ ଟ୍ରାନ୍ସଫର /ଚେକ୍ ସମାଶୋଧନ ମାଧ୍ୟମରେ ଉକ୍ତ ବିକ୍ରୟ ଦିନ କିମ୍ବା ତତ୍‌ପରବର୍ତ୍ତୀ କାର୍ଯ୍ୟ ଦିବସ ପୂର୍ବରୁ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ୭୫% ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା ୩ ମାସରୁ ଉର୍ଦ୍ଧ୍ୱ ହୋଇନଥିବା ଲିଖିତ ସହମତି ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡ଼ିବ।
୬.୧) ଅନ୍‌ଲାଇନ୍ ବିଡିଂ ପୋର୍ଟାଲରେ ଲଗିଙ୍ଗ୍ କରି ନିଲାମରେ ଅଂଶଗ୍ରହଣ କରିବାରେ ବିଫଳ ହେଲେ କିମ୍ବା ସଫଳ ନିଲାମଧାରୀ ବିକ୍ରୟ ମୂଲ୍ୟର ୨୫% (୧୫%+ଅମାନତ ରାଶି) ପୈଠ କରିବାରେ ବିଫଳ ହେଲେ ନିଲାମର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ବ୍ୟାଜ୍ୟାପ୍ତି କରାଯିବ ଏବଂ ଗ୍ରହଣ କରାଯାଇଥିବା ବିଡ୍ ସ୍ୱତଃ ବାତିଲ ହେବ।
୭) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା ଉଭୟ ପକ୍ଷଙ୍କ ସହମତି ଭିତ୍ତିରେ ବର୍ଦ୍ଧିତ ସମୟସୀମା (୩ ମାସରୁ ଉର୍ଦ୍ଧ୍ୱ ନୁହେଁ) ମଧ୍ୟରେ ଅବଶିଷ୍ଟ ବିକ୍ରୟ ମୂଲ୍ୟ ପୈଠ କରିବାରେ ବିଫଳ ହେଲେ, ଦାଖଲ କରିଥିବା ବିକ୍ରୟ ମୂଲ୍ୟର ୨୫% ବ୍ୟାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତି ପୁନଶ୍ଚ ବିକ୍ରୟ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ଉପରେ କୌଣସି ଦାବି କିମ୍ବା ପରବର୍ତ୍ତୀ ସମୟରେ ବିକ୍ରୟ ମୂଲ୍ୟ ଅଂଶ ଉପରେ କୌଣସି ଦାବି ରହିବ ନାହିଁ।
୮) ଯଦି ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହୋଇଥାଏ ଏବଂ ସଫଳ ନିଲାମଧାରୀ ଅର୍ଥରାଶି ପୈଠ କରିବାର ନିୟମ ପାଳନ କରିଥାନ୍ତି, ତେବେ କ୍ଷମତାପ୍ରାପ୍ତ ଅଧିକାରୀ ଅସ୍ଥାବର ସମ୍ପତ୍ତିର କ୍ରେତାଙ୍କ ସପକ୍ଷରେ ବିକ୍ରୟ ପ୍ରମାଣପତ୍ର ଇସ୍ୟୁ କରିବେ।
୯) ପ୍ରବନ୍ଧକ / ଅଧିକାରୀ ସମ୍ପତ୍ତି ବିକ୍ରୟ ସମୟରେ ଯଦି ଦେୟ ପ୍ରଦାନ ଉଚିତ୍ ବିଚାର କରନ୍ତି, ତେବେ ଆବଶ୍ୟକୀୟ ଦେୟ ସହିତ ସେବାବଦ ସୁଧ ଏବଂ ଭବିଷ୍ୟତ ଖର୍ଚ୍ଚ, ସୁଧ ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଯାହା ତାଙ୍କ ଦ୍ୱାରା ଧାର୍ଯ୍ୟ ତାହା ନିଲାମଧାରୀ ପ୍ରଦାନ କରିବେ।
୧୦) ଏପରି ଅର୍ଥରାଶି ଦାଖଲ କରିବା କ୍ଷେତ୍ରରେ କ୍ଷମତାପ୍ରାପ୍ତ ଅଧିକାରୀ ଆଗ୍ରହୀ ବ୍ୟକ୍ତି କିମ୍ବା କ୍ରେତା କିମ୍ବା ତାଙ୍କ ନିକଟରେ ଅର୍ଥରାଶି ଦାଖଲ କରିବାକୁ ହକ୍‌ଦାର ବ୍ୟକ୍ତିଙ୍କୁ ତଦନୁସାରେ ଅର୍ଥରାଶି ପୈଠ କରିବାକୁ ପଦକ୍ଷେପ ସ୍ୱରୂପ ନୋଟିସ୍ ଜାରି କରିପାରିବେ।
୧୧) ସଫଳ ନିଲାମଧାରୀ ଆଇନଗତ ଦେୟ / ରେଜିଷ୍ଟ୍ରେସନ ଦେୟ / ଅନ୍ୟ କୌଣସି ପ୍ରଯୁଜ୍ୟ ଦେୟ ବହନ କରିବେ। ବ୍ୟାଙ୍କ ବନ୍ଧକପ୍ରାପ୍ତ ଗାଡ଼ିର କୌଣସି ତ୍ରୁଟି ବିଚ୍ୟୁତି ନିମନ୍ତେ ଦାୟୀ ନୁହେଁ ଏବଂ ଏ ବାବଦରେ କୌଣସି ୱାରେଣ୍ଟି ଦିଆଯାଇ ନାହିଁ।
୧୨) ପ୍ରବନ୍ଧକ / ଅଧିକାରୀ କ୍ରୟ ନିମନ୍ତେ ଡିସ୍‌ଚାର୍ଯ୍ୟ ଦେୟ ପ୍ରଦାନ ପରେ ବାଜ୍ୟାପ୍ତି (ବନ୍ଧକ) ଭିତ୍ତିରେ ଗାଡ଼ି ପ୍ରଦାନ କରିବେ।
୧୩) କ୍ରେତାଙ୍କ ଦ୍ୱାରା କ୍ରୟ କରାଯିବାକୁ ଥିବା ଅସ୍ଥାବର ସମ୍ପତ୍ତି ଉପରେ ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ କିମ୍ବା ଅଜ୍ଞାତ ଭାରମୁକ୍ତ କିମ୍ବା ଭାରଯୁକ୍ତ ଦର୍ଶାଯାଇ ବିକ୍ରୟ ସାର୍ଟିଫିକେଟ ଇସ୍ୟୁ କରାଯିବ।
୧୪) ପ୍ରବନ୍ଧକ / ଅଧିକାରୀଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବା ପରେ ଅସଫଳ ନିଲାମଧାରୀମାନଙ୍କୁ ବିନା ସୁଧରେ ସଙ୍ଗେ ସଙ୍ଗେ ସେମାନେ ଦାଖଲ କରିଥିବା ଅମାନତ ରାଶି ଫେରସ୍ତ କରାଯିବ।
୧୫) ଯଦି ଋଣଗ୍ରହୀତା ପ୍ରବନ୍ଧକ / ଅଧିକାରୀଙ୍କ ନିକଟରେ ସମ୍ପୂର୍ଣ୍ଣ ବକେୟା ରାଶି ସହିତ ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ଏବଂ ବାଜ୍ୟାପ୍ତି, ପାର୍କିଂ, ବିକ୍ରୟ ପରିଚାଳନା ଖର୍ଚ୍ଚ ଇତ୍ୟାଦି ଇ-ନିଲାମ ପୂର୍ବରୁ ପୈଠ କରନ୍ତି, ତେବେ ପ୍ରବନ୍ଧକ / ଅଧିକାରୀ ଇ-ନିଲାମକୁ ବାତିଲ କରିପାରିବେ।
୧୬) ଉପରୋକ୍ତ ଅସ୍ଥାବର ସମ୍ପତ୍ତି "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ।
୧୭) ଇଚ୍ଛୁକ ନିଲାମଧାରୀମାନେ ଯଦି ଆବଶ୍ୟକ କରନ୍ତି ତେବେ ପ୍ରବନ୍ଧକ / ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ଇ-ନିଲାମ ତାରିଖ ପୂର୍ବରୁ ଅସ୍ଥାବର ସମ୍ପତ୍ତିକୁ ଯାଞ୍ଚ କରିପାରିବେ।
୧୮) ସମସ୍ତ ବିକ୍ରୟ ମୂଲ୍ୟ ବ୍ୟାଙ୍କର ବକେୟା ପରିମାଣରେ ଭରଣା ହେବା ଆବଶ୍ୟକ ଏବଂ ସମସ୍ତ ବକେୟା ଆଇନଗତ ଦେୟ ଏବଂ ଅନ୍ୟାନ୍ୟ ଦେୟ ଯଦି ଥାଏ ତାହା ସମସ୍ତ ପ୍ରସ୍ତାବିତ କ୍ରେତା ନିଜେ ତାହା ପ୍ରଦାନ କରିବେ।
୧୯) ଇ-ନିଲାମ ପୋର୍ଟାଲ https://corpbank.auctiontiger.net ମାଧ୍ୟମରେ ତା.୨୯.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୪୫ ରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ ପରିଚାଳିତ ହେବ। ଇଚ୍ଛୁକ ନିଲାମଧାରୀ M/S E-Procurement Technologies Limited (Auction Tiger) ସେମାନଙ୍କର ନାମ ପଞ୍ଜିକୃତ କରି ମାଗଣାରେ user ID ଏବଂ password ପାରିପାରିବେ ଏବଂ ଇ-ନିଲାମ ଅନ୍‌ଲାଇନ୍ ତାଲିମ୍ M/S E-Procurement Technologies Limited (Auction Tiger), Mr. Hardik Goswami 09978591888, Landline number: 079-61200515/546/530/552/548, e-mail address gujarat@auctiontiger.net, hardik@auctiontiger.net ରୁ ପାଇପାରିବେ।
୨୦) ପ୍ରବନ୍ଧକ / ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତି ଉପରେ କୌଣସି ଦେୟତା ନାହିଁ। କିନ୍ତୁ ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବି / ଅଧିକାର / ବକେୟା ପରିମାଣ ଉପରେ ସ୍ୱାଧୀନ ଭାବେ ଅନୁସନ୍ଧାନ କରିବା ଆବଶ୍ୟକ। ଏହି ଇ-ନିଲାମ ବିଜ୍ଞାପନ ସମ୍ପତ୍ତି ବିକ୍ରୟ ପାଇଁ ବ୍ୟାଙ୍କର କୌଣସି ପ୍ରତିନିଧିତ୍ୱ ଏବଂ ପ୍ରତିଶ୍ରୁତି ବହନ କରୁନାହିଁ ଏବଂ ପ୍ରବନ୍ଧ / ଅଧିକାରୀ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କରିବାର ଅଧିକାର ରହିଛି। ଅଧିକାରୀ / ପ୍ରବନ୍ଧକ କୌଣସି ତୃତୀୟ ପକ୍ଷଙ୍କ ଦାବି / ଅଧିକାରୀ / ବକେୟା ନିମନ୍ତେ ଦାୟୀ ନୁହନ୍ତି।

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୬.୦୧.୨୦୧୯ କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ



ସ୍ଥାନୀୟ ଆତଙ୍କବାଦୀ 'ଭୂମିପୁତ୍ର'। ସେମାନଙ୍କ ସୁରକ୍ଷା ଉଦ୍ୟମ ହେବା ଉଚିତ। ବନ୍ଧୁକ ସଂସ୍କୃତିର ଅବସାନ ପାଇଁ କେନ୍ଦ୍ର ଆତଙ୍କବାଦୀ ନେତାଙ୍କ ସହ ଆଲୋଚନା କରୁ।

–ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା

## ସଂକ୍ଷେପରେ

### ନର୍ମଦାରେ ବୋଟ ବୁଡ଼ି ୬ ମୃତ



**ନନ୍ଦୁର୍‌ବର,୧୫।୧(ପି.ଟି.):** ମହାରାଷ୍ଟ୍ର ନନ୍ଦୁର୍‌ବର ଜିଲା ଅନ୍ତର୍ଗତ ନର୍ମଦା ନଦୀରେ ମଙ୍ଗଳବାର ବୋଟ ବୁଡ଼ି ୬ ଜଣଙ୍କ ମୃତ୍ୟୁ ହୋଇଛି। ୩୬ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମକର ସଂକ୍ରାନ୍ତି ପୂଜା ଲାଗି ବୋଟରେ ପାଖାପାଖି ୬୦ ଜଣ ଯାଉଥିବାବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### କାବୁଲରେ ବିସ୍ଫୋରଣ ଭାରତୀୟଙ୍କ ସମେତ ୪ ନିହତ

**ନୂଆଦିଲ୍ଲୀ,୧୫।୧(ପି.ଟି.):** ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ଆତଙ୍କବାଦୀ ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଏକ ଟ୍ରକ୍‌ବୋମାକୁ ବିସ୍ଫୋରଣ କରାଇଥିଲେ। ଏହି ଆକ୍ରମଣ ଲାଗି ତାଲିବାନ ନିଜକୁ ଦାୟୀ କରିଛି ଏବଂ ଆଗକୁ ଏଭଳି ଆକ୍ରମଣ ଜାରି ରହିବ ବୋଲି ଧମକ ଦେଇଛି। ଭାରତ ପକ୍ଷରୁ ଏହି ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ନିନ୍ଦା କରାଯାଇଛି। ନିହତ ଭାରତୀୟଙ୍କ ମୃତଦେହକୁ ସ୍ୱଦେଶ ପଠାଇବା ଲାଗି କାବୁଲସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହି ଆକ୍ରମଣ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନୂଆଦିଲ୍ଲୀ ଆହ୍ୱାନ ଦେଇଛି।

### ପାକ୍ ଗୁଳିରେ ବିଏସ୍‌ଏଫ ଅଫିସର ଶହୀଦ

**ଜମ୍ମୁ,୧୫।୧(ପି.ଟି.):** ପାକିସ୍ତାନ ରେଞ୍ଜର୍ସଙ୍କ ଅତର୍କିତ ଗୁଳିମାଡ଼ରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ)ର ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶହୀଦ ହୋଇଛନ୍ତି। ମଙ୍ଗଳବାର ସକାଳେ ଜମ୍ମୁ-କଶ୍ମୀର କଠୁଆ ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାରେ ଏହି ଗୁଳିକାଣ୍ଡ ଘଟିଛି। ଏହାବ୍ୟତୀତ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଏବଂ ସେଲ୍ ମାଡ଼ କରିଥିଲେ। ଭାରତୀୟ ଯବାନ ଏହାର ଠିକଣା ଜବାବ ଦେଇଥିଲେ।
କଠୁଆ ଜିଲାର ହୀରାନଗର-ସାମ୍ବା ସେକ୍ଟରରେ ସକାଳ ୧୦ଟା ୫୦ରେ ପାକିସ୍ତାନୀ ରେଞ୍ଜରମାନେ ବିଏସ୍‌ଏଫ ଯବାନଙ୍କ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିନୟ ପ୍ରସାଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଭୂସ୍ଖଳନରେ ୯ ପାକ୍ ଶ୍ରମିକ ମୃତ

**କୋହିସ୍ତାନ,୧୫।୧(ପି.ଟି.):** ପାକିସ୍ତାନର ଉତ୍ତର ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନରେ ଏକ ଭ୍ୟାନ୍ ପୋତିହୋଇ ପଡିବାରୁ ୯ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। କାରାକୋରମ ଜାତୀୟ ରାଜପଥର ଖୁସି ପଏଣ୍ଟ ନିକଟରେ ସୋମବାର ରାତିରେ ଏହି ଦୁର୍ଘଟଣା ଘଟିଛି। ଶ୍ରମିକମାନେ କାମସାରି ଫେରୁଥିବାବେଳେ ଭୂସ୍ଖଳନ ହୋଇଥିଲା। ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି।

[ଇତିହାସର ଆଇନାରେ]

### ଜାନୁୟାରୀ ୧୬ର ପ୍ରମୁଖ ଘଟଣା

୨୦୦୬ ଜାନୁୟାରୀ ୧୬ରେ ଲାଇବେରିଆର ନୂଆ ରାଷ୍ଟ୍ରପତି ଭାବରେ ଏଲେନ ଜନସନ୍ ସିରଲିଫ୍ ଶପଥ ଗ୍ରହଣ କରିଥିଲେ। ସେ ଆଫ୍ରିକାରେ ପ୍ରଥମକରି ମହିଳା ରାଷ୍ଟ୍ରମୁଖ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ୧୯୩୮ ଅକ୍ଟୋବର ୨୯ରେ ଜନ୍ମିତ ଜନସନ୍ ଜଣେ ଲାଇବେରୀୟ ରାଜନେତ୍ରୀ ଏବଂ ୨୦୦୬ରୁ ୨୦୧୮ ମଧ୍ୟରେ ୨୪ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

୨୦୦୧ ଜାନୁୟାରୀ ୧୬ରେ କଙ୍ଗୋ ରାଷ୍ଟ୍ରପତି ଲରେଣ୍ଟ ଡିଜାୟାର କାବିଲା ତାଙ୍କର ଜଣେ ଦେହରକ୍ଷୀଙ୍କ ଦ୍ୱାରା ନିହତ ହୋଇଥିଲେ। ଦି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ କେନ୍ଦ୍ରୀୟ ଆଫ୍ରିକାର ଦକ୍ଷିଣଭାଗସ୍ଥ ଏକ ଦେଶ। ଏହାକୁ ପୂର୍ବତନ ନାମ ଜାଇରେ ନାମରେ ମଧ୍ୟ ନାମିତ କରାଯାଏ। କଙ୍ଗୋର ଉତ୍ତରକୁ ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍, ଉତ୍ତର-ପୂର୍ବରେ ଦକ୍ଷିଣ ସୁଦାନ ଓ ପୂର୍ବଭାଗରେ ଉଗାଣ୍ଡା, ରୁଆଣ୍ଡା, ବୁରୁଣ୍ଡି ଓ ତାଞ୍ଜାନିଆ ରହିଛି।

## ■ ସମର୍ଥନ ପ୍ରତ୍ୟାହାର କଲେ ୨ ବିଧାୟକ

# ଘନେଇଲା ସଙ୍କଟ

***କ୍ଷମତାସୀନ ହେବାର ୭ ମାସ ପରେ ଘନେଇଲା ସଙ୍କଟ। କର୍ନାଟକର ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)–କଂଗ୍ରେସ ମେଣ୍ଟ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ଚଳାଇଛି 'ଅପରେଶନ ଲୋଟସ୍'। ଗୈରିକ ଦଳର ସମସ୍ତ ୧୦୪ ବିଧାୟକଙ୍କୁ ଗୁରୁଗ୍ରାମରେ ରଖାଯାଇଥିବାବେଳେ କଂଗ୍ରେସର ୩ ବିଧାୟକ ମୁମ୍ବାଇରେ ଓ ୨ ଦିଲ୍ଲୀର ହୋଟେଲରେ ପକାଇଛନ୍ତି ଡେରା। ମଙ୍ଗଳବାର ୨ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ପରେ ମେଣ୍ଟ ସରକାରର ଭବିଷ୍ୟତ ଉପରେ ଉଠିଲାଣି ପ୍ରଶ୍ନ। ରାଜ୍ୟରେ ୨–୩ ଦିନ ମଧ୍ୟରେ ସରକାର ଗଢ଼ିବୁ ବୋଲି ଦମ୍ଭୋକ୍ତି କରୁଛି ଭାଜପା। ସରକାରର ସମ୍ଭାବ୍ୟ ପତନ ଆଶଙ୍କାରେ କଂଗ୍ରେସ ନେତାମାନେ ଭାଜପା ଉପରେ ଦୋଷ ଲଦୁଥିବାବେଳେ 'ମୁଁ ନିଶ୍ଚିନ୍ତ' ବୋଲି କହୁଛନ୍ତି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ(ଏଚ୍‌ଡିକେ)। ସାଧାରଣ ନିର୍ବାଚନ ପୂର୍ବରୁ ଏପରି ଓଲଟପାଲଟ ଗଣିତକୁ ନେଇ କେବଳ କର୍ନାଟକ ନୁହେଁ, ବରଂ ଜାତୀୟ ରାଜନୀତି ହୋଇଛି ସରଗରମ।***

**କାହାର କେତେ ବଳ**

| | |
|---|---|
| ମୋଟ ଆସନ: | ୨୨୪ |
| କୁହୁକ ସଂଖ୍ୟା: | ୧୧୩ |
| ଭାଜପା: | ୧୦୪ |
| କଂଗ୍ରେସ: | ୭୯ |
| ଜେଡିଏସ୍: | ୩୭ |
| ବିଏସ୍‌ପି: | ୧ |
| କେପିଜେପି, ସ୍ୱାଧୀନ: | ୨ |

**ଏଚ୍‌ଡିକେ ସରକାର ଟଳମଳ**

- ■ଗୁରୁଗ୍ରାମ ହୋଟେଲରେ ୧୦୪ ଭାଜପା ବିଧାୟକ
- ■କଂଗ୍ରେସର ୩ ବିଧାୟକ ମୁମ୍ବାଇରେ, ୨ ଦିଲ୍ଲୀରେ
- ■ଭାଜପା ଆଣିପାରେ ଅନାସ୍ଥା ପ୍ରସ୍ତାବ
- ■ସରକାର ଭାଙ୍ଗିବାକୁ ଉଦ୍ୟମ କରୁଛି ଭାଜପା: ଖାର୍ଗେ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫।୧(ପି.ଟି.)**

କର୍ନାଟକ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟିବା ଆରମ୍ଭ ହେଲାଣି। କେତେବେଳେ କ'ଣ ହେବ କହି ହେଉନାହିଁ। ୭ ମାସ ପୁରୁଣା ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାରଙ୍କଠାରୁ ୨ ବିଧାୟକ ଆର୍. ଶଙ୍କର ଏବଂ ଏଚ୍. ନାଗେଶ ମଙ୍ଗଳବାର ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଏହାସହ ଉଭୟେ ଭାଜପା ପ୍ରତି ସମର୍ଥନ ଘୋଷଣା କରିଛନ୍ତି। ସେପଟେ ମୁମ୍ବାଇ ଓ ଦିଲ୍ଲୀରେ କଂଗ୍ରେସର ୫ ବିଧାୟକଙ୍କୁ ଭାଜପା ଲୁଚାଇ ରଖିଥିବାରୁ କର୍ନାଟକରେ ଜଟିଳ ସ୍ଥିତି ସୃଷ୍ଟି ହୋଇଛି। କୌଣସି ପ୍ରକାରେ ମେଣ୍ଟର ସଂଖ୍ୟାବଳ ହ୍ରାସ କରିପାରିଲେ ଅନାସ୍ଥା ଭୋଟ ଆଣି ଏଚ୍.ଡି. କୁମାରସ୍ୱାମୀ ସରକାର କ୍ଷମତାଚ୍ୟୁତ ହେବା ଅସମ୍ଭବ ନୁହେଁ ବୋଲି ଜାଣିସାରିଛି ଭାଜପା। ଏକ ନାଟକୀୟ ଘଟଣାକ୍ରମରେ କର୍ନାଟକର ବିଧାୟକ ନାଗେଶ (ସ୍ୱାଧୀନ) ଓ ଶଙ୍କର (କେପିଜେପି)

ମଙ୍ଗଳବାର କୁମାରସ୍ୱାମୀ ସରକାରରୁ ଓହରି ଯାଇଛନ୍ତି। ସମର୍ଥନ ପ୍ରତ୍ୟାହାର ନେଇ ଉଭୟେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଚିଠି ଲେଖି ଜଣାଇଛନ୍ତି।



### ମୁଁ ସମ୍ପୂର୍ଣ୍ଣ ନିଶ୍ଚିନ୍ତ

ଏଚ୍.ଡି. କୁମାରସ୍ୱାମୀ

ରାଜ୍ୟପାଳ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମୁମ୍ବାଇର ଏକ ହୋଟେଲରେ ରହୁଥିବା ଦୁଇ ବିଧାୟକ ଏଥିରେ ଅନୁରୋଧ କରିଛନ୍ତି। ନିକଟରେ କ୍ୟାବିନେଟରେ ଅଦଳବଦଳ ବେଳେ ଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଥିବାରୁ ସେ ଅସନ୍ତୁଷ୍ଟ ଥିଲେ। ନାଗେଶ ମନ୍ତ୍ରୀ ପଦ ଚାହୁଁଥିଲେ, ଯାହା ତାଙ୍କୁ ମିଳି ନ ଥିଲା। ସେପଟେ ଗୁରୁଗ୍ରାମ ନିକଟସ୍ଥ ହରିୟାଣାର ନୁହ ଜିଲାସ୍ଥିତ ଆଇଟିସି ଗ୍ରାଣ୍ଡ ଭାରତ ରିସର୍ଟରେ ଭାଜପାର ୧୦୪ ବିଧାୟକଙ୍କୁ କଂଗ୍ରେସ–ଜେଡିଏସ୍ ପକ୍ଷରୁ ଘୋଡାବେପାର କରାଯିବା ଭୟରେ ଲୁଚାଇ ରଖାଯାଇଛି। ସେମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ସଭାପତି ତଥା ବିରୋଧୀ ଦଳ ନେତା ବି.ଏସ୍. ୟେଦୁରପ୍ପା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର ଅଛନ୍ତି। ଏଭଳି ସମୟରେ ନାଗେଶ ଓ ଶଙ୍କରଙ୍କ ଏହି ପଦକ୍ଷେପ ମେଣ୍ଟ ସରକାରକୁ ଚକିତ କରିଛି। ଭାଜପା ପୂର୍ବରୁ ମଧ୍ୟ ଏଭଳି ସରକାର ଭାଙ୍ଗିବା ଚକ୍ରାନ୍ତ କରିଥିଲା। ହେଲେ ଏଥର ସଫଳ ହେବନାହିଁ ବୋଲି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏଚ୍‌ଡିକେ କହିଛନ୍ତି, ମୋ ବଳ କେତେ ମୁଁ ଜାଣିଛି। ମେଣ୍ଟ ସରକାର ପ୍ରତି କିଛି ବିପଦ ନାହିଁ। କଂଗ୍ରେସ ବିଧାୟକମାନଙ୍କ ସହ ଯୋଗସୂତ୍ରରେ ଥିବାରୁ ସମ୍ପୂର୍ଣ୍ଣ ଭାବେ ନିଶ୍ଚିନ୍ତ। ଭାଜପାର 'ଅପରେଶନ ଲୋଟସ୍'କୁ ନେଇ ଭୟଭୀତ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କଂଗ୍ରେସର ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ କରିଛନ୍ତି। ସ୍ଥିତିକୁ ଅଧିକ ଜଟିଳ କରିଛି ମହାରାଷ୍ଟ୍ରର ଭାଜପା ନେତା ତଥା କ୍ୟାବିନେଟ ମନ୍ତ୍ରୀ ରାମ ସିନ୍ଧେଙ୍କ ମନ୍ତବ୍ୟ। ସିନ୍ଧେ କହିଛନ୍ତି, ଭାଜପା ୨ରୁ ୩ ଦିନ ମଧ୍ୟରେ କର୍ନାଟକରେ ସରକାର ଗଢ଼ିବାକୁ ଯାଉଛି।

ଗତବର୍ଷ ମେ ୨୩ରେ କୁମାରସ୍ୱାମୀ କର୍ନାଟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କ ଶପଥଗ୍ରହଣ ଉତ୍ସବ ପାଲଟିଥିଲା ବିରୋଧୀଙ୍କ ଶକ୍ତି ପ୍ରଦର୍ଶନର



ଆର୍. ଶଙ୍କର ଏଚ୍. ନାଗେଶ

ମଞ୍ଚ। ଭାଜପା ୧୦୪ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଥିଲେ ହେଁ ୪୮ ଘଣ୍ଟା ପରେ ୟେଦୁରପ୍ପା ସରକାର ଭାଙ୍ଗିଯାଇଥିଲା। ଅନ୍ୟପକ୍ଷରେ ଜେଡିଏସ୍ ୩୭ ଆସନ ପାଇ ତୃତୀୟରେ ରହିଥିଲେ ମଧ୍ୟ କଂଗ୍ରେସ, ମାୟାବତୀଙ୍କ ବିଏସ୍‌ପି ଓ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଢ଼ିବାର ସୁଯୋଗ ପାଇଥିଲା। ହେଲେ ସତେ ଯେମିତି ୨୦୦୬ ଭଳି ଏବେ କୁମାରସ୍ୱାମୀ ସରକାର ଉପରେ ଭାଜପାର ନଜର ଲାଗିଯାଇଛି। ଭାଜପାର ଭିତିରି ବୁଝାମଣା ଓ ଘୋଡ଼ା ବେପାର ଏହି ସରକାରକୁ ଟଳମଳ କରି ରାଜନୈତିକ ସଙ୍କଟ ସୃଷ୍ଟି କରିଛି।

> କଂଗ୍ରେସ-ଜେଡିଏସ୍ ମଧ୍ୟରେ ଛାଡ଼ପତ୍ରର ସମୟ ଆସିଛି। ଏହି ମେଣ୍ଟର ପତନ ଘଟିଲେ ଭାଜପା ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବ।
> **-ସଦାନନ୍ଦ ଗୌଡ଼ା, କେନ୍ଦ୍ରମନ୍ତ୍ରୀ**



> ମେଣ୍ଟ ସରକାର ପ୍ରତି ବିପଦ ନାହିଁ। ସବୁ ଭଗବାନଙ୍କ ହାତରେ ଥିବାରୁ ଗଣମାଧ୍ୟମ ଯେତେ ଚିତ୍କାର କଲେ ବି କିଛି ହେବ ନାହିଁ।
> **-ଏଚ୍.ଡି. ଦେବେଗୌଡ଼ା, ଜେଡିଏସ୍ ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ**



> ଭାଜପା ଟଙ୍କା ବଳରେ ବିଧାୟକଙ୍କୁ ଟାଣିନେଇ ଏକ ସ୍ଥିର ସରକାରକୁ ଭାଙ୍ଗିବାକୁ ଚାହୁଁଛି। ଏଭଳି ଉଦ୍ୟମ କେବେ ସଫଳ ହେବ ନାହିଁ।
> **-ଜି. ପରମେଶ୍ୱର, କର୍ନାଟକ ଉପମୁଖ୍ୟମନ୍ତ୍ରୀ**



## ■ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଭାଜପା ରଥଯାତ୍ରାକୁ ଅନୁମତି ଦିଅ

**ନୂଆଦିଲ୍ଲୀ,୧୫।୧(ପି.ଟି.)**



ଭାଜପା ରଥଯାତ୍ରାକୁ ଅନୁମତି ଦେବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ପଶ୍ଚିମବଙ୍ଗ ସରକାରଙ୍କୁ କହିଛନ୍ତି। ପ୍ରସ୍ତାବିତ ରଥଯାତ୍ରାର ସଂଶୋଧିତ କାର୍ଯ୍ୟସୂଚୀ ରାଜ୍ୟ ପ୍ରଶାସନ ନିକଟରେ ଉପସ୍ଥାପନ କରି ଆବଶ୍ୟକ ଅନୁମୋଦନ କରାଇବା ଲାଗି ଖଣ୍ଡପୀଠ ଭାଜପା ରାଜ୍ୟ ଶାଖାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନରେ ମତ ପ୍ରକାଶ କରିବାର ମୌଳିକ ଅଧିକାରକୁ ମନରେ ରଖି ଭାଜପାର ସଂଶୋଧିତ ରଥଯାତ୍ରା କାର୍ଯ୍ୟସୂଚୀକୁ ବିଚାରକୁ ନେବା ଲାଗି ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ କହିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଉକ୍ତ ଖଣ୍ଡପୀଠରେ ଜଷ୍ଟିସ ଏଲ୍.ଏନ୍. ରାଓ ଏବଂ ଏସ୍.କେ. କୌଲ ରହିଛନ୍ତି। ଭାଜପାର ପ୍ରସ୍ତାବିତ ରଥଯାତ୍ରା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜ୍ୟ ସରକାର ଯେଉଁ ଆଶଙ୍କା କରୁଛନ୍ତି ତାହାକୁ ନିରାଧାର କୁହାଯାଇ ପାରିବ ନାହିଁ। ଏଭଳି ଆଶଙ୍କା ଦୂରକରିବା ଲାଗି ଭାଜପାକୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାକୁ ହେବ। ଆଇନଶୃଙ୍ଖଳା ରକ୍ଷା ରାଜ୍ୟର ଦାୟିତ୍ୱ ବୋଲି ଖଣ୍ଡପୀଠ କହିଛନ୍ତି।

ଗତ ଡିସେମ୍ବରରେ ପଶ୍ଚିମବଙ୍ଗରେ ରଥଯାତ୍ରା କରିବା ଲାଗି ଭାଜପା ରାଜ୍ୟ ସରକାରଙ୍କ ଅନୁମତି ମାଗିଥିଲା। ସରକାର ଅନୁମତି ନ ଦେବାରୁ ଭାଜପା କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ରଥଯାତ୍ରା ଲାଗି ଅନୁମତି ଦେଇଥିଲେ ହେଁ ପରେ ଡିଭିଜନ ବେଞ୍ଚ ଏହାକୁ ଖାରଜ କରିଥିଲେ। ହାଇକୋର୍ଟଙ୍କ ଡିସେମ୍ବର ୨୧ ରାୟକୁ ଭାଜପା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲା। ରଥଯାତ୍ରା ଲାଗି ନୂଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ କୋର୍ଟ ଭାଜପାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଭାଜପା ପ୍ରସ୍ତାବିତ ୪୦ ଦିନିଆ କାର୍ଯ୍ୟକ୍ରମକୁ ୨୦ ଦିନକୁ ହ୍ରାସ କରିଛି। ରଥଯାତ୍ରା ମୁର୍ଶିଦାବାଦ ଜିଲାର ବହରମପୁର, ଦକ୍ଷିଣ ଚବିଶ ପ୍ରଗଣା ଜିଲାର ଡାଇମଣ୍ଡ ହାର୍ବର, ମେଦିନୀପୁର ଏବଂ କୋଲକାତା ଉତ୍ତର ଲୋକସଭା ନିର୍ବାଚନ ମଣ୍ଡଳୀରୁ ବାହାରିବ।

# ବ୍ରେକ୍‌ଜିଟ୍ ଭୋଟ: ଥେରେସା ହାରିଲେ

**ଲଣ୍ଡନ,୧୫।୧(ଏଏଫ୍‌ପି)**



ବ୍ରିଟିଶ ପାର୍ଲାମେଣ୍ଟରେ ମଙ୍ଗଳବାର ବ୍ରେକ୍‌ଜିଟ୍ ଚୁକ୍ତିନାମା ଉପରେ ଅନୁଷ୍ଠିତ ଐତିହାସିକ ଭୋଟରେ ପ୍ରଧାନମନ୍ତ୍ରୀ ଥେରେସା ମେ ହାରିଯାଇଛନ୍ତି। ଫଳରେ ବ୍ରେକ୍‌ଜିଟକୁ ନେଇ ଅନିଶ୍ଚୟତା ସୃଷ୍ଟି ହୋଇଛି। ୟୁରୋପୀୟ ସଂଘରୁ ବ୍ରିଟେନ ଓହରିଯିବା ଲାଗି ଥେରେସା ଏହି ଚୁକ୍ତିନାମା କରିଥିଲେ। ମାର୍ଚ୍ଚ ୨୯ରେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରିବାକୁ ଥିବାବେଳେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ବ୍ରେକ୍‌ଜିଟ୍‌କୁ ନେଇ ସହମତି ହୋଇପାରିନାହିଁ। ଶେଷ ମୁହୂର୍ତ୍ତରେ ଥେରେସା ଏମ୍‌ପିମାନଙ୍କୁ ଡିଲ୍ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରି ବିଫଳ ହୋଇଛନ୍ତି। ସେ ପୁଣି ଥରେ ଏଥିପାଇଁ ଉଦ୍ୟମ କରିବେ କିମ୍ବା ନିଜ ପଦରୁ ଇସ୍ତଫା ଦେବେ ଏବଂ ବ୍ରେକ୍‌ଜିଟ ବିଳମ୍ବ ହେବ ତାହା ସ୍ପଷ୍ଟ ହୋଇନାହିଁ।

ଭୋଟ ପୂର୍ବରୁ ପାର୍ଲାମେଣ୍ଟ ବାହାରେ ବ୍ରେକ୍‌ଜିଟ୍ ସପକ୍ଷ ଏବଂ ବିପକ୍ଷବାଦୀମାନେ ର୍‍ୟାଲି କରିଥିଲେ। ଉଭୟ ଥେରେସାଙ୍କ ଯୋଜନାକୁ ବିରୋଧ କରୁଛନ୍ତି। ବ୍ରେକ୍‌ଜିଟ୍ ଅନିଶ୍ଚିତତା ବ୍ରିଟେନ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିବ। ଚୁକ୍ତିନାମା ମଞ୍ଜୁରୀ ନ ହେଲେ ଆଗୁଆ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି।

# କେରଳରୁ ୫୦ ନିଖୋଜ

**କୋଚି,୧୫।୧**

ପ୍ରାୟ ସପ୍ତାହେ ହେଲା ଦିଲ୍ଲୀରୁ ଆସି କେରଳର ଚେରାଇ ବେଳାଭୂମିରେ ରହୁଥିବା ୫୦ଜଣ ୧୨ ତାରିଖରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଓ ପିଲା ମଧ୍ୟ ଥିଲେ। ନିଜକୁ ପର୍ଯ୍ୟଟକର ପରିଚୟ ଦେଇ ରହୁଥିବା ଏହି ଲୋକ ତାମିଲ ମୂଳ ବାସିନ୍ଦା ବୋଲି ବିଶ୍ୱାସ କରାଯାଉଛି। ସେମାନଙ୍କୁ ଏକ ବଡ଼ ବୋଟରେ ମୁନାମ୍ବମ୍ ପୋତାଶ୍ରୟରୁ ଖ୍ରୀଷ୍ଟମାସ୍ ଆଇଲ୍ୟାଣ୍ଡ କିମ୍ବା ଅଷ୍ଟ୍ରେଲିଆ ମେନ୍‌ଲ୍ୟାଣ୍ଡକୁ ଚାଲାଣ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ମାନବ ଚାଲାଣରେ ଅନ୍ତର୍ଜାତୀୟ ର୍‍ୟାକେଟ ସମ୍ପୃକ୍ତ ଥାଇପାରନ୍ତି ବୋଲି ଗୋଇନ୍ଦା ସୂତ୍ରରୁ କୁହାଯାଉଛି।

## ଫୁର୍‌ସତ

# ଦୁଇଟି ସାଇନ୍ସ ଚ୍ୟାନେଲ ଲଞ୍ଚ୍

**ନୂଆଦିଲ୍ଲୀ:** ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏବଂ ପ୍ରସାରଣକାରୀ ଦୂରଦର୍ଶନ ପକ୍ଷରୁ ମଙ୍ଗଳବାର ଡିଡି ସାଇନ୍ସ ଏବଂ ଇଣ୍ଡିଆନ୍ ସାଇନ୍ସ ନାମରେ ଦୁଇଟି ସାଇନ୍ସ ଚ୍ୟାନେଲ ଲଞ୍ଚ୍ କରାଯାଇଛି। ଫ୍ରି ଟୁ ଏୟାର ଚ୍ୟାନେଲ ଲଞ୍ଚ୍ କରି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ହର୍ଷ ବର୍ଦ୍ଧନ କହିଲେ, ବୈଜ୍ଞାନିକ ପଦ୍ଧତିର ବିକାଶ ଜରୁରୀ ଆବଶ୍ୟକ ହୋଇଥିବାବେଳେ ୨୪/୭ ଚ୍ୟାନେଲ୍ ଲଞ୍ଚ୍ କରିବା ପାଇଁ ଅନ୍ତିମ ଲକ୍ଷ୍ୟ ରଖାଯାଇଛି। ଡିଡି ସାଇନ୍ସ ଏକ ଘଣ୍ଟା ପାଇଁ ଦୂରଦର୍ଶନ ନ୍ୟାଶନାଲ୍ ଚ୍ୟାନେଲରେ ପ୍ରସାରିତ ହେବା ସହିତ ଇଣ୍ଡିଆ ସାଇନ୍ସ ହେଉଛି ଇଣ୍ଟରନେଟ୍ ଭିତ୍ତିକ ଏକ ଚ୍ୟାନେଲ୍।




# ପ୍ରଭାସ–ଶର୍ମିଳା ସମ୍ପର୍କ ଗୁଜବ

**ହାଇଦ୍ରାବାଦ:** 'ବାହୁବଳୀ' ଷ୍ଟାର ପ୍ରଭାସଙ୍କ ସହିତ ସମ୍ପର୍କ ରଖିଥିବାର ଏକ ଗୁଜବ ପ୍ରଚାର ନେଇ ଆନ୍ଧ୍ରପ୍ରଦେଶ ବିରୋଧୀ ଦଳ ନେତା ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ୱାଇଏସ୍ ଶର୍ମିଳା ହାଇଦ୍ରାବାଦ ପୋଲିସ କମିଶନର ନିକଟରେ ଅଭିଯୋଗ ଦାଏର କରିଛନ୍ତି। ଗୁଜବ ପ୍ରଚାର କରୁଥିବା କେତେକ ନିର୍ଦ୍ଦିଷ୍ଟ





ୱେବସାଇଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ନିବେଦନ କରିଛନ୍ତି। ଶର୍ମିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବିରୋଧରେ ପ୍ରେମଗୁଜବ ପ୍ରଚାର କରିବା ପଛରେ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ହାତ ରହିଛି। ଟିଡିପି ପାଇଁ ଏହା ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏହି ପାର୍ଟି ପିତା ରାଜଶେଖର ରେଡ୍ଡୀଙ୍କୁ ଦଳ ବିଭାଜନକାରୀ ବୋଲି ପ୍ରଚାର କରୁଥିଲା। ଅନେକ ଟିଡିପି ନେତା କହନ୍ତି, ପ୍ରଭାସଙ୍କ ସହିତ ମୋର ଗୁପ୍ତ ପ୍ରେମ ସମ୍ପର୍କ ରହିଛି। ଟିଡିପି ଯଦି ଗୁଜବ ପ୍ରଚାର କରୁନାହିଁ ତେବେ ଦଳ କାହିଁକି ଏହାକୁ ନିନ୍ଦା କରୁନାହିଁ। ଚନ୍ଦ୍ରାବାବୁ କାହିଁକି ଦଳୀୟ ନେତାଙ୍କୁ ଏଥିରୁ ନିବୃତ୍ତ କରୁନାହାନ୍ତି। ଚନ୍ଦ୍ରାବାବୁଙ୍କ ଅଭିଧାନରେ ମୂଲ୍ୟବୋଧ, ନୀତି ଓ ନୈତିକତା ବୋଲି କିଛି ନାହିଁ। ଏହି ନେତା ଯଦି ଭଲ, ତାଙ୍କ ଅନୁଗତମାନେ ମଧ୍ୟ ଭଲ ପଥ ଅନୁସରଣ କରନ୍ତେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୮ | ୧୪.୮ |
| ଚାନ୍ଦବାଲି | ୨୫.୬ | ୧୬.୨ |
| କଟକ | ୨୬.୬ | ୧୪.୫ |
| ପାରାଦ୍ୱୀପ | ୨୫.୦ | ୧୬.୫ |
| ଭୁବନେଶ୍ୱର | ୨୮.୧ | ୧୫.୭ |
| ଗୋପାଳପୁର | ୨୭.୬ | ୧୬.୫ |
| ପୁରୀ | ୨୬.୮ | ୧୬.୪ |
| ଅନୁଗୋଳ | ୨୭.୧ | ୧୨.୦ |
| ବାରିପଦା | ୨୪.୨ | ୧୬.୦ |
| ଝାରସୁଗୁଡ଼ା | ୨୬.୮ | ୧୧.୨ |
| କେନ୍ଦୁଝର | ୨୫.୩ | ୧୨.୯ |
| ସମ୍ବଲପୁର | ୨୭.୦ | ୧୨.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୨୬.୩ | ୧୩.୬ |
| ତାଳଚେର | --- | ୯.୫ |
| ଭବାନୀପାଟଣା | ୨୯.୫ | ୧୩.୫ |
| ବଲାଙ୍ଗୀର | --- | ୧୧.୪ |
| କୋରାପୁଟ | ୨୪.୦ | ୧୧.୬ |
| ଫୁଲବାଣୀ | ୨୬.୬ | ୧୧.୫ |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୩୦.୪ | ୧୫.୫ |
| ସୋନପୁର | ୨୭.୪ | ୧୨.୨ |
| ଦାରିଙ୍ଗିବାଡ଼ି | ୨୩.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ଇଣ୍ଡିଆନ୍ ୨'ର ପୋଷ୍ଟର ରିଲିଜ

**ଚେନ୍ନାଇ:** ଅଭିନେତାରୁ ରାଜନେତା ପାଲଟିଥିବା କମଲ ହାସନ୍ ତାଙ୍କର ଆଗାମୀ ଫିଲ୍ମ 'ଇଣ୍ଡିଆନ୍ ୨'ରେ ପୁନଶ୍ଚ ଅଭିନୟ କରିବାକୁ ଯାଉଛନ୍ତି। ଏହା ଦୀର୍ଘ ୨୦ବର୍ଷ ତଳେ ରିଲିଜ ହୋଇଥିବା 'ଇଣ୍ଡିଆନ୍'ର ସିକ୍ୱେଲ୍। ଏହାର ନିର୍ଦ୍ଦେଶନା ଦେବେ ପ୍ରସିଦ୍ଧ ନିର୍ଦ୍ଦେଶକ ଏସ୍. ଶଙ୍କର। କମଲ ହାସନ୍ ସକ୍ରିୟ ରାଜନୀତିରେ ଯୋଗଦେବା ପରେ ତାଙ୍କର ଅଭିନୟ ଜୀବନରେ ପୂର୍ଣ୍ଣଚ୍ଛେଦ ପଡିଲା ବୋଲି ଅନେକେ କଳ୍ପନା କରିଥିଲେ। କମଲ ତାଙ୍କର 'ମକଲ ନିଧି ମୟମ୍' ନାମକ ଏକ ରାଜନୈତିକ ଦଳ ଗଠନ କରିବା ପରେ ଶୁଣାଯାଉଥିଲା, 'ବିଶ୍ୱରୂପମ୍ ୨' ହେଉଛି ତାଙ୍କର ଶେଷ ଫିଲ୍ମ। କିନ୍ତୁ ଉକ୍ତ ଅଭିନେତା ଇଣ୍ଡିଆନ୍ ୨ ଫିଲ୍ମ ଘୋଷଣା କରିଛନ୍ତି। ଏଥିନେଇ ଦୀର୍ଘ ଦୁଇ ଦଶନ୍ଧି ପରେ ଶଙ୍କର ଏବଂ କମଲ ପୁଣି ଏକତ୍ର କାମ କରିବାକୁ ଯାଉଥିବା ସଂକେତ ମିଳୁଛି। ରିପୋର୍ଟ ଅନୁଯାୟୀ, କୋଚିଠାରେ ନିଜ ଅଭିନୟ ଜୀବନ ଉପରେ ବକ୍ତୃତା ଦେଇ କମଲ କହିଲେ, ଇଣ୍ଡିଆନ୍ ୨ ପରେ ସେ ରାଜନୈତିକ ଜୀବନ ପ୍ରତି ଧ୍ୟାନ ଦେବେ। ୨୦୧୯ ଲୋକ ସଭା ନିର୍ବାଚନରେ ତାଙ୍କ ଦଳ ତାମିଲନାଡୁରେ ପ୍ରାର୍ଥୀ ଛିଡା କରାଇବ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଇଣ୍ଡିଆନ୍ ୨ରେ କାଜଲ ଅଗ୍ରୱାଲ୍ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।



## ସଂକ୍ଷେପରେ

### ପୂଜ୍ୟପୂଜା ସଂସଦର ମକର ମିଳନ

**ବାଲିକୁଦା,୧୫।୧(ସ୍ୱ.ପ୍ର.):** ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ମା' ଥାନପତିଙ୍କ ପ୍ରାଙ୍ଗଣରେ ମକର ମିଳନ ଓ ବ୍ୟାସକବି ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସଂସଦ ସଭାପତି କୈଳାସ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଣ୍ଡିତ ନାଗୁଚରଣ ଦେବତା ମୁଖ୍ୟ ଅତିଥି, ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ବିଷ୍ଣୁ ଚରଣ ସ୍ୱାଇଁ ମୁଖ୍ୟବକ୍ତା, ସମ୍ପାଦକ ଅରୁଣ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବାବନ ସ୍ୱାଇଁ, ଉପସଭାପତି ପବିତ୍ର ମୋହନ ସାଉ, ସୁଶ୍ରୀ ସ୍ମିତା ଦାସ, ସଂଗଠନ ସମ୍ପାଦକ ସରୋଜକାନ୍ତ ସ୍ୱାଇଁ, ଶ୍ୱେତ କୁମାର ସ୍ୱାଇଁ, ଅଞ୍ଜନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପଣ୍ଡିତ ଅଜୟ କୁମାର ଶତପଥୀ ବେଦପାଠ କରିଥିଲେ ଓ ରଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ନାଗପୁର ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟିତ

**ବାଲିକୁଦା,୧୫।୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ନାଗପୁର କୃଷକ ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ଏଠାରେ ୧୮ ଚାଷୀଙ୍କଠାରୁ ୫୨୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସମବାୟ ସମିତି ସଭାପତି ତଥା ସରପଞ୍ଚ ନିକୁ କିଶୋର ବିଶ୍ୱାଳ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମାନସ ରଞ୍ଜନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ମଣ୍ଡି ପରିଚାଳିତ ହୋଇଥିଲା। ସିଇଓ ହେମନ୍ତ ସ୍ୱାଇଁ, ବୋର୍ଡ ସଭ୍ୟ ଗୌରାଙ୍ଗ ଦାସ, ହେମନ୍ତ ସାହୁ, ଆଲୋକ ବିଶ୍ୱାଳ, ବେଣୁଧର ମହାନ୍ତି, ବିଶ୍ୱଜିତ୍ ବିଶ୍ୱାଳ, ବାବୁଲାଲ ସେଠୀ, ପ୍ରଶାନ୍ତ ବିଶ୍ୱାଳ, ଜଗବନ୍ଧୁ ବିଶ୍ୱାଳ, ପର୍ଚ୍ଛେଜ କମିଟି ସଦସ୍ୟ ତଥା ପୂର୍ବତନ ସମିତିସଭ୍ୟ ଅରବିନ୍ଦ ରଥ, ପୂର୍ବତନ ସରପଞ୍ଚ ନୀଳମଣି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥିଲେ। ପୁରୀ ଜିଲା ଗୋପ ଅଞ୍ଚଳର ରିତିକା ରାଇସ ମିଲ ଏହି ସମିତିରୁ ଧାନ କ୍ରୟ କରିଥିଲା।

### ଫକୀର ମୋହନଙ୍କ ୧୭୬ ତମ ଜୟନ୍ତୀ

**ବିରିଡ଼ି,୧୫।୧(ଡି.ଏନ.ଏ.):** ଉତ୍ତରଶାସନ ପଞ୍ଚାୟତ ମଧଶାସନ ମହାବୀର ଲାଇବ୍ରେରୀ ପକ୍ଷରୁ ବ୍ୟାସ କବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷାଗୁରୁ ଉତ୍ତମ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି କାଳୀ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି, କବି ପୀତାମ୍ବର ମହାପାତ୍ର ମୁଖ୍ୟବକ୍ତା, ପଣ୍ଡିତ ଗୁରୁ ପ୍ରସାଦ ରଥ, ତପନ ସ୍ୱାଇଁ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲାଇବ୍ରେରୀର ସଭାପତି ଅକ୍ଷୟ ବ୍ରହ୍ମା ସ୍ୱାଗତ ଭାଷଣ ଓ ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

## ■ ୩ ଦାବି ନେଇ ରାସ୍ତାକୁ ଓହ୍ଲାଇଲେ ଲୋକେ

# ୧୦ ଘଣ୍ଟା ରାସ୍ତା ଅବରୋଧ

**କୁଜଙ୍ଗ,୧୫।୧(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକର ପାରାଦୀପ ବନ୍ଦର ସଂଲଗ୍ନ ୭ ପଞ୍ଚାୟତର ୨୯ ଗ୍ରାମବାସୀଙ୍କ ପୁଞ୍ଜିଭୂତ ଅସନ୍ତୋଷ ମଙ୍ଗଳବାର ପ୍ରକାଶିତ ହୋଇଛି। ଭୂତମୁଣ୍ଡାଇଠାରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ନିର୍ମାଣ ବନ୍ଦ କରିବା, ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଏବଂ ବନ୍ଦ ହୋଇଯାଇଥିବା ଜଳ ନିଷ୍କାସନ ପଥ ପୁଣି ସାଇଫନ ବସାଇ ଖୋଲିବାକୁ ସେମାନେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। କିନ୍ତୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଆଞ୍ଚଳିକ ସୁରକ୍ଷା ସମିତି ଏବଂ କୃଷକ ମଞ୍ଚ ମାଧ୍ୟମରେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୂତମୁଣ୍ଡାଇ, ବିଶ୍ୱାଳି, ନୂଆଗେଡ, କୋଠି, ପାରାଦୀପଗଡ଼, ବଗଦିଆ ସମେତ ୨୯ ରାଜସ୍ୱ ମୌଜାର ମହିଳା ପୁରୁଷ ଦୀର୍ଘ ୧୦ ଘଣ୍ଟା ଧରି ଦୈତାରୀ-ପାରାଦୀପ ୫(କ) ଜାତୀୟ ରାଜପଥ ଓ କଟକ-ପାରାଦୀପ ରାଜପଥ ଭୂତମୁଣ୍ଡାଇ ବଜାର ନିକଟରେ ଅବରୋଧ କରିଥିଲେ। ଫଳରେ ୫ ହଜାରରୁ ଊର୍ଦ୍ଧ୍ୱ ଗାଡି ଅଟକି ରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପରାହ୍ନ ୪ଟାରେ ପ୍ରଶାସନ, କୃଷକ ମଞ୍ଚ, ଆଞ୍ଚଳିକ ସୁରକ୍ଷା ସମିତିର ମିଳିତ ବୈଠକ ପରେ ସମାଧାନ ସୂତ୍ର ବାହାରିବାରୁ ଅପରାହ୍ନ ୫ଟାରେ ରାସ୍ତା ଅବରୋଧ ହଟିଥିଲା।



ଆନ୍ଦୋଳନରେ ସାମିଲ ହୋଇଥିବା ଜନସାଧାରଣ।

- ■୧୫ ଦିନ ମଧ୍ୟରେ ଜଳ ନିଷ୍କାସନ ବ୍ୟବସ୍ଥା
- ■ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇଁ ଦିଆଯିବ ୧୦୦ ଏକର ଜମି
- ■୭ ଦିନ ମଧ୍ୟରେ ଟ୍ରକ୍ ଟର୍ମିନାଲ ସମ୍ପର୍କରେ ଆଲୋଚନା

ପ୍ରକାଶ ଯେ,ଭୂତମୁଣ୍ଡାଇର ମହାନଦୀ କୂଳରେ ତାଳଦଣ୍ଡା କେନାଲ ଉତ୍ତର ପାର୍ଶ୍ୱରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ୨୦୧୨ରେ ପାରାଦୀପ ଡେଭ୍‌ଲପ୍‌ମେଣ୍ଟ ଅଥୋରିଟି (ପିଡିଏ) ପକ୍ଷରୁ ନକ୍ସା ପ୍ରସ୍ତୁତ ହୋଇଥିଲା। ଏହାକୁ ସେତେବେଳେ ସ୍ଥାନୀୟ ଲୋକେ ସେତେଟା ବିରୋଧ କରି ନ ଥିଲେ। ମାତ୍ର ୭ ବର୍ଷ ପରେ ହଠାତ୍ ପାରାଦୀପ ବନ୍ଦର କୌଣସି ଜନ ଶୁଣାଣି ନ କରି ପୂର୍ବ ନିଷ୍ପତ୍ତିରୁ ଓହରିଯାଇ ଭୂତମୁଣ୍ଡାଇର ଦକ୍ଷିଣ ପାର୍ଶ୍ୱ ଜନବସତି ମଧ୍ୟରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ଉଦ୍ୟମ ଚଳାଇଛି। ଏଥିରେ ପରିବେଶ ନଷ୍ଟ ହେବା ସହ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଛି। ମାତ୍ର ଏହାକୁ ଖାତିର ନ କରି ବନ୍ଦର ବଳପୂର୍ବକ ଟ୍ରକ୍ ଟର୍ମିନାଲ କରିବାକୁ ସେଠାରେ ବାଲି ଫିଲିଂ ଆରମ୍ଭ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ସେହିପରି ପାରାଦୀପର ଶିଳ୍ପ ପ୍ରଦୂଷଣରେ ପ୍ରଭାବିତ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଭୂତମୁଣ୍ଡାଇଠାରେ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଦାବି କରାଯାଉଛି। ଆସନ୍ତା ୩୦ରେ ସମିତି ତୀବ୍ର ଆନ୍ଦୋଳନ କରିବାକୁ ଚେତାବନୀ ଦେବାରୁ ଗତ ଶୁକ୍ରବାର ଜିଲା ପ୍ରଶାସନ ଆଲୋଚନାକୁ ଡାକିଥିଲା। ମାତ୍ର ତାହା ବିଫଳ ହେବାରୁ ସମିତି ରାସ୍ତାରୋକୋ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟ ଏକ ପ୍ରସଙ୍ଗ ହେଲା ନଦୀପଥ ଅବରୋଧ ଯୋଗୁ ୧୦ ବର୍ଷ ହେଲା ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ହୋଇପାରୁନି। ଏଥିଯୋଗୁ ୨ ବର୍ଷ ହେଲା ବ୍ୟାପକ ଫସଲ ହାନୀ ହେବା ସହ ବହୁ କଚ୍ଚାଘର ଭାଙ୍ଗିଯାଇଛି। ଗତବର୍ଷ ୧୫୦ ଓ ଚଳିତବର୍ଷ ୫୬ ଘର ଭାଙ୍ଗିଛି। ୭ ପଞ୍ଚାୟତର ପ୍ରମୁଖ ଜଳନିଷ୍କାସନ ପଥ ହଳଦୀପାଣି ସଫେଇ ଖୋଲିବାକୁ କୃଷକ ମଞ୍ଚ ପକ୍ଷରୁ ଦାବି ହୋଇଆସୁଛି। ଏହି ସବୁ ଦାବି ନେଇ ରାସ୍ତାରୋକୋ କରାଯିବା ପରେ ପ୍ରଶାସନ ପକ୍ଷରୁ ପାରାଦୀପ ଏଡିଏମ୍ କାହ୍ନୁଚରଣ ଧିର, ଅତିରିକ୍ତ ପୋଲିସ ଅଧିକ୍ଷକ ବିଷ୍ଣୁ ଚରଣ ମିଶ୍ର, କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଶିବ ଚରଣ ମଲିକ୍ ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଞ୍ଚଳିକ ସୁରକ୍ଷା ସମିତି ଓ କୃଷକ ମଞ୍ଚ ପକ୍ଷରୁ ଆବାହକ ରଘୁନାଥ ସାହୁ, ଶ୍ରୀବଲ୍ଲଭ କର, ସଞ୍ଜୟ ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ପ୍ରକାଶ ତ୍ରିପାଠୀ, ସଞ୍ଜୟ ବେହେରା, ପ୍ରମୋଦ ଜେନା, ପ୍ରଶାନ୍ତ ପଟ୍ଟନାୟକ , ଯଦୁମଣି ସାହୁ, ପବିତ୍ର ସାହୁ, ମନୋରମା ଖଟୁଆ, ଜାନକୀ ମହାରଥା, ମିନର୍ଭା ପରିଡା, ବାବୁରାମ ଚୌଧୁରୀ, ଭଗବାନ ସ୍ୱାଇଁ, ମାୟାଧର ଦାସ, ବସନ୍ତ ସାମଲ, ଜ୍ୟୋତିର୍ମୟୀ ସ୍ୱାଇଁ, ଦୁଷ୍ମନ୍ତ ମାଝୀ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଆସନ୍ତା ୧୫ ଦିନ ମଧ୍ୟରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇଁ କୁଜଙ୍ଗ ତହସିଲଦାର ୧୦୦ ଏକର ଜମି ପ୍ରଦାନ କରିବେ ବୋଲି ସରକାରଙ୍କୁ ସୁପାରିସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଟ୍ରକ ଟର୍ମିନାଲ ପାଇଁ ଯେଉଁ ବିବାଦ ଦେଖାଦେଇଛି, ଆସନ୍ତା ସପ୍ତାହକ ମଧ୍ୟରେ ବନ୍ଦର କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଆଞ୍ଚଳିକ ସୁରକ୍ଷା ସମିତି ଆବାହକ ମଣ୍ଡଳୀ ସଦସ୍ୟ ବସି ତାହାର ସମାଧାନ କରିବେ ବୋଲି କୁହାଯାଇଥିଲା। ସେହିପରି ଆଲୋଚନା ପୂର୍ବରୁ ବନ୍ଦର ଠିକାଦାର ସେଠାରେ ନିର୍ମାଣ କାର୍ଯ୍ୟ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

### ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ବିରିଡ଼ି,୧୫।୧(ଡି.ଏନ.ଏ.)**

ବିରିଡ଼ି ଥାନା ଅଧୀନ କନ୍ଦରପୁର-ମାଛଗାଁ ରାସ୍ତାର ବସନ୍ତପୁର ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସିପି ଗ୍ରାମର ପ୍ରଫୁଲ୍ଲ ଚୌଧୁରୀ(୬୦)। ସେ ସ୍କୁଟି ଯୋଗେ କଟକରୁ ଜଗତ୍‌ସିଂହପୁର ଯାଉଥିବାବେଳେ ବସନ୍ତପୁର ଛକରେ ପଛପଟୁ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ବିରିଡ଼ି,୧୫।୧(ଡି.ଏନ.ଏ.)**

ପିଲାଙ୍କ ମାନସିକତାକୁ ବୁଝି ସେମାନଙ୍କୁ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ପ୍ରୋତ୍ସାହିତ କଲେ, ସେମାନଙ୍କ ପ୍ରତିଭା ବିକଶିତ ହୋଇପାରିବ। କିନ୍ତୁ ଅଭିଭାବକମାନେ ଏଥିପ୍ରତି ଗୁରୁତ୍ୱ ନ ଦେଇ କେବଳ ଡାକ୍ତର, ଇଞ୍ଜିନିୟର ନିଶାରେ ପିଲାମାନଙ୍କ ଉପରେ ଚାପ ପକାଉଛନ୍ତି। ତେଣୁ ପିଲାମାନେ ସୁସ୍ଥ ମାନସିକତା ହରାଉଛନ୍ତି ବୋଲି ଶନିବାର ବଟୀମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାମନ୍ଦିର ସଭାପତି ସଲିସିଟର ଓଡିଶା ହାଇକୋର୍ଟ ଅଡ୍‌ଭୋକେଟ ଅନୁପ କୁମାର ବୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଓଡିଶା ଗାନ୍ଧିବାଦୀ ଫୋରମର ଅଧ୍ୟକ୍ଷା ଡ. ରୀନା ରାଉତରାୟ ମୁଖ୍ୟଅତିଥି, ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ସର୍ବଭାରତୀୟ ବେସରକାରୀ ବିଦ୍ୟାଳୟ ସମୂହ ଓ ଶିଶୁ କଲ୍ୟାଣ ବିଭାଗ ଓଡିଶାର ସାଧାରଣ ସମ୍ପାଦିକା ଡ. ଚିଦାତ୍ମିକା ଖଟୁଆ, ଗାୟତ୍ରୀ ତ୍ରିପାଠୀ, ଆଦିତ୍ୟ କେୟାର ହସପିଟାଲର ନିର୍ଦ୍ଦେଶକ ଡା. ଆଦିତ୍ୟ ତ୍ରିପାଠୀ, ସସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୁଧାକର ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପତ୍ରିକା "ଜ୍ଞାନଜ୍ୟୋତି" ଉନ୍ମୋଚିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନାଟକ ଦାନବୀର ହରିଶ୍ଚନ୍ଦ୍ର ମଞ୍ଚସ୍ଥ କରିଥିଲେ। ସିଆରସିସି କେଦାରେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

## ପୁସ୍ତକ ମଣିଷର ନିଃସଙ୍ଗତା ଦୂରକରେ

**ଜଗତ୍‌ସିଂହପୁର ଅଫିସ, ୧୫।୧**

ବ୍ୟସ୍ତବହୁଳ ଜୀବନରେ ଆମେ କିଛି ନା କିଛି ଅଭାବ ଅନୁଭବ କରୁଛେ। ଲୋକଙ୍କ ଭିତରେ ନିଃସଙ୍ଗତା ବୃଦ୍ଧି ପାଉଛି। ଏ କ୍ଷେତ୍ରରେ ପୁସ୍ତକ ହିଁ ନିଃସଙ୍ଗତାକୁ ଦୂର କରିପାରିବ ବୋଲି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଆୟୋଜିତ ବିଂଶତମ ଜଗତ୍‌ସିଂହପୁର ପୁସ୍ତକ ମେଳା ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଆମକୁ ଅନେକ କିଛି ଶିଖାଉଥିଲେ ସୁଦ୍ଧା ସେଥିପ୍ରତି ଆଦର ନ ରହିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସ୍ମରଣିକା କମିଟି ଅଧ୍ୟକ୍ଷ ମହେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ପତ୍ରିକାର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ପରିଷଦ ସମ୍ପାଦକ ସାରଦା ପ୍ରସାଦ ଦାସ ବିବରଣୀ ପାଠ କରିଥିଲେ। ପୂର୍ବାହ୍ନ ୯ଟାରେ ମା' ଶାରଳାଙ୍କ ଜ୍ୟୋତି ସ୍ଥାପନ କରାଯାଇଥିଲା। ଅପରାହ୍ନରୁ ମେଳା ଆରମ୍ଭ ହୋଇଥିଲା। ମାନସୀ ଘଟନୃତ୍ୟ ଓ ଉଦାସ ଭଜନ ମଣ୍ଡଳୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ମେଳା ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଚାଲିବ।



ପୁସ୍ତକ ମେଳାରେ ମହିଳାମାନେ ବହି କିଣୁଛନ୍ତି।

**ଜଗତ୍‌ସିଂହପୁର ପୁସ୍ତକ ମେଳା ଉଦ୍‌ଘାଟିତ**

## ଆସିଲେନି ବିଷ୍ଣୁ ଓ ୩ ବିଧାୟକ

ସାଧାରଣ ନିର୍ବାଚନ ପାଇଁ ଚାରିଆଡେ ଏବେଠୁ ରାଜନୈତିକ ପବନ ବହୁଛି। ଏହି ସମୟରେ ଜଗତ୍‌ସିଂହପୁର ପୁସ୍ତକ ମେଳା ଆରମ୍ଭ ହୋଇଥିବାରୁ ଅତିଥିଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ୮ ଅତିଥି ଯୋଗଦେବାକୁ ଥିବାବେଳେ ମାତ୍ର ଜଣେ ଉପସ୍ଥିତଥିଲେ। ସେହିପରି ଅନ୍ୟ ଜଣେ ମଞ୍ଚରେ ଖୁବ କମ୍ ସମୟ ରହି ଚାଲି ଯାଇଥିଲେ। ଯେହେତୁ ଏହା ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ତେଣୁ ଅତିଥିଙ୍କ ଅନୁପସ୍ଥିତି ଭିନ୍ନ ବାର୍ତ୍ତା ଦେଉଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସଙ୍କୁ ଯୋଗଦେବା ପାଇଁ ୧୯।୧୨।୧୮ରେ ଜିଲାପାଳ ନିମନ୍ତ୍ରଣ କରିଥିଲେ। କିନ୍ତୁ ସେ ଅନୁପସ୍ଥିତ ରହିବେ ବୋଲି ୩ ତାରିଖରେ ଜିଲାପାଳଙ୍କୁ ଜଣାଇଥିଲେ। ସେ ତାଙ୍କ ପତ୍ରରେ ଦର୍ଶାଇଥିଲେ ଯେ, ଗତବର୍ଷ ପୁସ୍ତକ ମେଳା ଉଦ୍‌ଘାଟନୀ ଉତ୍ସବରେ ପରିଷଦର କେତେଜଣ ବ୍ୟକ୍ତି ତାଙ୍କ ପ୍ରତି ଅସ୍ୱାଭାବିକ ବ୍ୟବହାର କରିଥିଲେ। ତେଣୁ ସେ ଯୋଗଦେବେ ନାହିଁ। ମାତ୍ର ଓଡ଼ିଶା ପବ୍ଲିକ ଲାଇବ୍ରେରିଜ୍ ନିର୍ଦ୍ଦେଶାଳୟ ପକ୍ଷରୁ ୧୬।୧୧।୧୮ରେ କରାଯାଇଥିବା ଚିଠି ଅନୁଯାୟୀ ଯେବେ ଆଉ ଏକ ଜିଲାସ୍ତରୀୟ ପୁସ୍ତକ ମେଳା କରାଯିବ, ସେଥିରେ ସେ ଯୋଗଦେବେ। ଏହି ମେଳା ହେବା ପୂର୍ବରୁ ପ୍ରସ୍ତୁତି ବୈଠକ ହେବା ଜରୁରୀ। ଏଥିରେ ଶୃଙ୍ଖଳା ଉପରେ ବିଶେଷ ଧ୍ୟାନ ଦେବା ଉଚିତ ବୋଲି ଦାସ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଦାସଙ୍କ ଏହି ଚିଠିକୁ ନେଇ ନାନା କଥା ଆଲୋଚନା ଚାଲିଛି। ସେହିପରି ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ଦାମୋଦର ରାଉତ, ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ଓ ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳଙ୍କୁ ନିମନ୍ତ୍ରଣ କରାଯାଇଥିଲେ ସୁଦ୍ଧା ସେମାନେ ଅନୁପସ୍ଥିତ ଥିଲେ। ଏମ୍‌ପି କୁଳମଣୀ ସାମଲ ଉଦ୍‌ଘାଟନୀ ଉତ୍ସବରେ ଆରମ୍ଭରୁ ଖୁବ କମ ସମୟ ରହି କୌଣସି କାରଣ ଦର୍ଶାଇ ଚାଲି ଯାଇଥିଲେ।

## କୁଶୁପୁରରୁ ହରିଣ ଉଦ୍ଧାର

**ବାଲିକୁଦା,୧୫।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କୁଶୁପୁର ପ୍ରାଥମିକ ବିଦ୍ୟାଳୟ ନିକଟରୁ ମଙ୍ଗଳବାର ଏକ ହରିଣକୁ ଉଦ୍ଧାର କରିଛନ୍ତି ଗ୍ରାମବାସୀ। ସୋମବାର ରାତିରେ ହରିଣଟି ରାଜନଗର ବନଖଣ୍ଡ ଅଧୀନ କୁଜଙ୍ଗ ବନାଞ୍ଚଳର ଦେକଣୀ ସଂରକ୍ଷିତ ଜଙ୍ଗଲ ଭିତରୁ ଚାଲି ଆସି ଆଉ ଫେରିପାରି ନ ଥିଲା। ଜନବସତି ଅଞ୍ଚଳରେ ବୁଲିଥିବା ଦେଖି ଗ୍ରାମବାସୀ କୌଣସି ପ୍ରକାରେ କାବୁ କରିନେଇଥିଲେ। ଖବରପାଇ ବାଲିକୁଦା ବ୍ଲକ ଉପାଧ୍ୟକ୍ଷ ପ୍ରଥମେ ନିକଟସ୍ଥ ବନ୍ଦର ବନପାଳଙ୍କ କାର୍ଯ୍ୟାଳୟକୁ ଫୋନ ଯୋଗେ ଜଣାଯାଇଥିଲେ। ବନପାଳ ପ୍ରିୟବ୍ରତ ଚୌଧୁରୀ, ବନରକ୍ଷୀ ପ୍ରଦୀପ ବେହେରା, କର୍ମଚାରୀ ପ୍ରକାଶ ରାୟ, ପବିତ୍ର ବିଶ୍ୱାଳ ପ୍ରମୁଖ ପହଞ୍ଚି ଅନନ୍ତପୁର ଫାଣ୍ଡ ଅଧିକାରୀ ପ୍ରଦୀପ୍ତ ମହାପାତ୍ରଙ୍କ ସହାୟତାରେ ହରିଣଟିକୁ ଉଦ୍ଧାର କରି ବନ କାର୍ଯ୍ୟାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ସୁସ୍ଥ ହେବା ପରେ ହରିଣଟିକୁ କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ମହାନ୍ତିଙ୍କ ପରାମର୍ଶ କ୍ରମେ ନିକଟସ୍ଥ ନଡିଆଖିଆ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଧାନ ଖାଇବା ଆଶାରେ ହରିଣଟି ଗାଁ ମୁହାଁ ହୋଇ ଚାଲି ଆସିଥିବା ବନାଞ୍ଚଳ ଅଧିକାରୀ ମହାନ୍ତି କହିଛନ୍ତି।

### ଆର୍‌ଏସ୍‌ଏସ୍ ପକ୍ଷରୁ ମକର ଉତ୍ସବ

**କୁଜଙ୍ଗ,୧୫।୧(ସ୍ୱ.ପ୍ର.)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ମକର ଉତ୍ସବ ପାଳିତ ହୋଇଛି। ପବନପୁତ୍ର ପ୍ରଭାତ ଶାଖା କୁଜଙ୍ଗ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଂଘର ଖଣ୍ଡ ସେବା ପ୍ରମୁଖ ରମାକାନ୍ତ ସାହୁ ଏହି ରାଷ୍ଟ୍ରୀୟ ପର୍ବର ଗରିମା, ପୌରାଣିକ ଆଖ୍ୟାୟିକା ସହ ସଂଘ ଦେଶର ଅଖଣ୍ଡତା ପାଇଁ ଯେଉଁ କାର୍ଯ୍ୟ କରୁଛି ସେ ସମ୍ପର୍କରେ କହିଥିଲେ। ଶାଖାର ମୁଖ୍ୟ ଶିକ୍ଷକ ଶୁଭେନ୍ଦୁ ବେଉରା, ଟିକନ ନାୟକ, ଅକ୍ଷୟ ଦାସ, ନଗେନ୍ଦ୍ର ଯାଦବ, ସୋରେନ୍ ମୁଣ୍ଡା, ବ୍ୟବସ୍ଥା ପ୍ରମୁଖ ନୃସିହଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**GOVERNMENT OF INDIA**
**CENTRAL WATER COMMISSION**
**OFFICE OF THE EXECUTIVE ENGINEER**
**MAHANADI DIVISION, DOCTOR'S COLONY**
**BURLA-768017, Dist: SAMBALPUR (ORISSA)**

**NOTICE INVITING e-TENDER**

Online-Tenders are invited by the Executive Engineer, Mahanadi Division, CWC, At –Doctor's Colony , Burla, Dist:- Sambalpur (Orissa)-768017on behalf of the President of India, from the reputed Firm as below: NIT No MD/JE(HQ)/ NIT/2018-19/36-42 Dated 14.01.2019
Name of Work: **HIRING OF UNSKILLED MANPOWER IN EXISTING SITES UNDER MAHANADI DIVISION, CWC, BURLA FOR THE PERIOD FROM 01.02.2019 TO 31.05.2019.**
**EMD: Rs. 37,500/-**
Last Date & Time for receipt of Bids online: 28.01.2019 up to 16:00 hrs.
Date of opening: 29.01.2019 at 11:00 hrs.
The Bid forms and other details can be obtained from the CWC website.**www.eprocure.gov.in / www.tcil-india.com / www.cwc.nic.in**

**Sd./-Executive Engineer,**
**Mahanadi Division,CWC,Burla**



## ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼

ନମ୍ବର– ୩୫୩ ତାରିଖ ୧୪।୦୧।୨୦୧୯

ଏହି କାର୍ଯ୍ୟାଳୟ ପତ୍ରାଙ୍କ ସଂଖ୍ୟା ୯୭୧୪/ତା୦୬।୦୯।୨୦୧୮ ଅନୁସାରେ ତତ୍ତ୍ୱାବଧାରକ ପଦବୀ ପାଇଁ କୌଣସି ପ୍ରାର୍ଥିନୀ ଯୋଗ୍ୟ ବିବେଚିତ ନ ହେବା ହେତୁ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପତ୍ରାଙ୍କ ସଂଖ୍ୟା. ୨୫୧୭/ ତା. ୩୦.୧୦.୨୦୧୮ ଅନୁସାରେ ପରିବର୍ତ୍ତିତ ସର୍ତ୍ତାବଳୀକୁ ଆଧାରକରି ପୁଣିଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି ବରଗଡ଼ ଜିଲ୍ଲାର ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଛାତ୍ରୀ ନିବାସର ଚୁକ୍ତି ଭିତ୍ତିକ ତତ୍ତ୍ୱାବଧାରକ ଆବଶ୍ୟକ। ଏହି ଖାଲି ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥିନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି, ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର. ନଂ. | ପଦବୀର ନାମ | ପଦବୀ ସଂଖ୍ୟା | ଆବଶ୍ୟକ ଯୋଗ୍ୟତା ଓ ଅଭିଜ୍ଞତା | ବୟସ ସୀମା (୧୪.୦୧.୧୯ ତାରିଖ ସୁଦ୍ଧା) | ମାସିକ ପାରିଶ୍ରମିକ |
|---|---|---|---|---|---|
| ୧ | ତତ୍ତ୍ୱାବଧାରକ (ମହିଳା) | ୦୧ | ସ୍ନାତକ କଳା / ସ୍ନାତକ ବିଜ୍ଞାନ (ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ), ଅଭିଜ୍ଞତା–୦୨ ବର୍ଷ ହୋଷ୍ଟେଲ ପରିଚାଳନା | ୪୦–୬୦ | ୫୦୦୦/– |

ଆବେଦନ ପତ୍ର ଏବଂ ତତ୍‌ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ୍ www.bargarh.nic.inରୁ ଡାଉନଲୋଡ୍ କରିପାରିବେ। ସମସ୍ତ ଯୋଗ୍ୟତାଧାରୀ ଆଗ୍ରହୀ ପ୍ରାର୍ଥିନୀ ତା. ୨୪.୦୧.୨୦୧୯ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ, ବରଗଡ଼, ପୋ.କି.–ବରଗଡ଼, ପିନ୍–୭୬୮୦୨୮ଙ୍କୁ କେବଳ ରେଜିଷ୍ଟ୍ରେଡ୍ ପୋଷ୍ଟ କିମ୍ବା ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସଂପୂର୍ଣ୍ଣ ଦରଖାସ୍ତଗୁଡିକ ଗ୍ରହଣ କରାଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ଯେ କୌଣସି ଦରଖାସ୍ତ କିମ୍ବା ସମସ୍ତ ଦରଖାସ୍ତଙ୍କୁ ରଦ୍ଦ କରିବାର ଅଧିକାର ଓ ସତ୍ତ୍ୱ ଜିଲ୍ଲାପାଳ, ବରଗଡ଼ଙ୍କର ରହିଅଛି।

**ସ୍ୱା./– ପ୍ରକାଶ କୁମାର ଯୋଶୀ**
**ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼**



## ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହନିର୍ମାଣ ବିଭାଜନଙ୍କ କାର୍ଯ୍ୟାଳୟ, ପାଣିକୋଇଲି

### ସର୍ବସାଧାରଣ ନୋଟିସ୍

**No. 1126-B:-** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପତ୍ର ସଂଖ୍ୟା– ୧୦୨୪୧, ତା୩୧।୦୩।୨୦୧୪ରିଖର ଆଦେଶ ମୁତାବକ ଯାଜପୁର ଜିଲ୍ଲା, ଦଶରଥପୁର ତହସିଲ ଅଧୀନସ୍ଥ କନିକାପଡ଼ା ମୌଜାର ଏ୧.୮୧୦ଡି ପ୍ରଜାସ୍ୱତ୍ୱ ସମ୍ପତ୍ତିକୁ ମଙ୍ଗଳପୁର ବାଏପାସ୍ ପ୍ରକଳ୍ପ କାର୍ଯ୍ୟରେ ଲଗାଇବା ନିମନ୍ତେ ପ୍ରତ୍ୟକ୍ଷ ଖର୍ଦ୍ଦି ମାଧ୍ୟମରେ ଖର୍ଦ୍ଦି କରିବାକୁ ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହନିର୍ମାଣ ବିଭାଜନ, ପାଣିକୋଇଲି ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ତା୦୭।୧୦।୨୦୧୫ରିଖରେ ପ୍ରଜାମାନଙ୍କ ସହ ଏକ ଦ୍ୱିପାକ୍ଷିକ ଆଲୋଚନା ଥାଲୁକୁଡ଼ି ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଅଛି। ଜମି ଅଧିଗ୍ରହଣ ବାବଦୀୟ ରାଶିକୁ DCAC ଦ୍ୱାରା ଅନୁମୋଦନ କରାଯାଇଅଛି।

ଏଣୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି, ନିମ୍ନରେ ଦର୍ଶାଯାଇଥିବା ଜମି ସମ୍ବନ୍ଧୀୟ ବିବରଣୀ ଉପରେ ଯେଉଁ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି ସେମାନେ ଖବରକାଗଜରେ ପ୍ରକାଶନ ତାରିଖଠାରୁ ୩୦ଦିନ ମଧ୍ୟରେ (ଛୁଟିଦିନ ବ୍ୟତୀତ) ସହକାରୀ ଯନ୍ତ୍ରୀ, ମଙ୍ଗଳପୁର ରାସ୍ତା ଓ ଗୃହଙ୍କ କାର୍ଯ୍ୟାଳୟରେ ଆନୁଷଙ୍ଗିକ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ ନଚେତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./– ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହ ନିର୍ମାଣ ବିଭାଜନ**

**ସୂଚୀ:** ମଙ୍ଗଳପୁର ବାଏପାସ ରାସ୍ତା ପାଇଁ ଅଧିକୃତ କରାଯିବାକୁ ଥିବା ଯାଜପୁର ଜିଲ୍ଲା ଦଶରଥପୁର ତହସିଲ ଅନ୍ତର୍ଗତ କନିକାପଡ଼ା ମୌଜା ଜମିର ସଂକ୍ଷିପ୍ତ ବିବରଣୀ ସଂଲଗ୍ନ କରାଗଲା।

**LAND SCHEDULE OF MOUZA: KANIKA PADA, THANA NO. 360, DIST.: JAJPUR**

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | ସମୁଦାୟ ଜମି (ରକବା) | ଅଧିକୃତ ଜମି | କିସମ | ପ୍ରଜାର ନାମ |
|---|---|---|---|---|---|---|
| ୧ | ୧୧୦୧ | ୩୫୦୮ | ଏ୦.୩୩ଡି. | ଏ୦.୨୨ଡି. | ଶାରଦ | ଭଗବାନ ଦାସ, ପି: ରାଜୀବ ଦାସ, ବିପ୍ର ଦାସ, ମଣି ଦାସ, ପି: ପୁନାନନ୍ଦ ଦାସ, ସିଦ୍ଧ ଦାସ, ପି: ରାମ ଦାସ, ବୀର ଦାସ, ପି: ଚତୁରୀ ଦାସ, ଦିବାକର ଦାସ, ଭାସ୍କର ଦାସ, ପି: ବୈରାଗି ଦାସ, ବ୍ରହ୍ମାନନ୍ଦ ଦାସ, ପି: ହାଡ଼ି ଦାସ, ଉଦେକର ଦାସ, ପି: ଭିକାରୀ ଦାସ, ମାଗୁଣି ଦାସ, ପି: ମହେନ୍ଦ୍ର ଦାସ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୧୩୨ | ୩୫୧୮ | ଏ୦.୦୯ଡି. | ଏ୦.୦୬ଡି. | ଶାରଦ | ଉପେନ୍ଦ୍ର ପାତ୍ର, ପି: ଗୋରାଚାନ୍ଦ ପାତ୍ର, ନୀଳମଣି ମହାପାତ୍ର, ପି: ବିଜେ ଗୋବିନ୍ଦ ମହାପାତ୍ର, ଶ୍ରୀପତି ମହାପାତ୍ର, ପି: କୃଷ୍ଣଚରଣ ମହାପାତ୍ର, କମଳା ବେୱା, ସ୍ୱା: ଯୋଗେନ୍ଦ୍ର ପାତ୍ର, ଉଦେକର ଦାସ, ପି: ଭିକାରୀ ଦାସ, ମାଗୁଣି ଦାସ, ପି: ମହେନ୍ଦ୍ର ଦାସ, ଜାତି: ମହାଲାୟକ, ବା: ନିଜଗାଁ |
| ୩ | ୧୧୩୬ | ୩୫୧୭ | ଏ୦.୩୯ଡି. | ଏ୦.୨୩ଡି. | ଶାରଦ | ଲକ୍ଷ୍ମୀଧର ମଳିକ, ଭାସ୍କର ମଳିକ, ବିଦ୍ୟାଧର ମଳିକ, ପି: ବଳି ମଳିକ, ଜା: ଖଣ୍ଡାୟତ, ବା: ବଜରାପାଟ |
| ୪ | ୧୦୭୧ | ୩୫୧୫ | ଏ୦.୨୯ଡି. | ଏ୦.୨୦ଡି. | ଶାରଦ | ଗୋବିନ୍ଦ ସାମଲ, ଭରତ ସାମଲ, ପି: ଅନନ୍ତ ସାମଲ, ବେଣୁ ସାମଲ, ପି: ରାଘବ ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୫ | ୧୧୧୭ | ୩୬୦୪ | ଏ୦.୭୨ଡି. | ଏ୦.୨୮ଡି. | ଶାରଦ | ରାଜକିଶୋର ସାମଲ, ପି: ପରାନ୍ଦି ସାମଲ, ଲୋକନାଥ ସାମଲ, ପି: ମାଧ ସାମଲ, ଜା: ମହାଲାୟକ |
| ୬ | ୧୦୮୦ | ୩୬୦୫ | ଏ୦.୧୦ଡି. | ଏ୦.୧୦ଡି. | ଶାରଦ | ନନ୍ଦକିଶୋର ସାମଲ, କନ୍ଦ ସାମଲ, ଆନନ୍ଦ ସାମଲ, ପି: କାହ୍ନୁ ସାମଲ, ରାଧାକୃଷ୍ଣ ସାମଲ, ପି: ରାଜକିଶୋର ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭ | ୧୦୬୨ | ୩୬୩୯ | ଏ୦.୬୫ଡି. | ଏ୦.୦୪ଡି. | ଶାରଦ | ଗଣେଶ ପାତ୍ର, ପି: ଗୋବିନ୍ଦ ପାତ୍ର, ଜା: ମହାଲାୟକ, ବା: ନିଜଗାଁ |
| ୮ | ୧୦୬୩ | ୩୬୦୬ | ଏ୦.୧୭ଡି. | ଏ୦.୧୫ଡି. | ଶାରଦ | ଗଣେଶ ଧଳ, ପି: ଗଜେନ୍ଦ୍ର ଧଳ, ନବ ଧଳ, ପି: ରୁଚି ଧଳ, ପୀତାମ୍ବର ଧଳ, ପି: କୁଶ ଧଳ, ସଦାନନ୍ଦ ଧଳ, ଦାଶରଥି ଧଳ, ପି: ଭୋଳି ଧଳ, ଜା: ଖଣ୍ଡାୟତ, ବା: ବଜରାପାଟ |
| ୯ | ୧୦୬୩ | ୩୬୨୩ | ଏ୦.୧୨ଡି. | ଏ୦.୦୨ଡି. | ଶାରଦ | |
| ୧୦ | ୧୦୩୦ | ୩୬୦୮ | ଏ୦.୩୯ଡି. | ଏ୦.୨୪ଡି. | ଶାରଦ | କାହ୍ନୁ ଓଝା, ପି: ହଳଧର ଓଝା, ଜା: କମାର, ବା: ନିଜଗାଁ |
| ୧୧ | ୧୦୪୮ | ୩୬୨୬ | ଏ୦.୬୨ଡି. | ଏ୦.୧୫ଡି. | ଶାରଦ | ହରିହର ମହାପାତ୍ର, ପି: ଜଗବନ୍ଧୁ ମହାପାତ୍ର, ମହେନ୍ଦ୍ର ସୂତାର, ପି: ଅର୍ଜୁନ ସୂତାର, ବା: ବାଜରାପାଟ |
| ୧୨ | ୧୦୩୯ | ୩୬୨୫ | ଏ୦.୧୫ଡି. | ଏ୦.୧୦ଡି. | ଶାରଦ | ଜଗବନ୍ଧୁ ପଣ୍ଡା, ପି: ନବ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ପି: ରଘୁ ପଣ୍ଡା, ଦୈତାରୀ ପଣ୍ଡା, ମହେଶ୍ୱର ପଣ୍ଡା, ଗୟାଧର ପଣ୍ଡା, ପୂର୍ଣ୍ଣାନନ୍ଦ ପଣ୍ଡା, ପି: ଶମ୍ଭୁ ପଣ୍ଡା, ଜା: ବ୍ରାହ୍ମଣ, ବା: ମଙ୍ଗଳପୁର |
| ୧୩ | ୧୦୪୯ | ୩୫୧୪ | ଏ୦.୩୧ଡି. | ଏ୦.୦୨ଡି. | ଶାରଦ | ଅର୍ଜୁନ ସାମଲ, ପି: ରାଘବ ସାମଲ, କାହ୍ନୁ ସାମଲ, ପି: ବାଞ୍ଛାନିଧି ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |

34067/11/0020/1819

■ ମହିଳା ଚାଲାଣ, ବିକ୍ରିକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା

# ଓଡ଼ିଶା, ମଧ୍ୟପ୍ରଦେଶ ସରକାରଙ୍କୁ ସମନ

**କଟକ ଅଫିସ, ୧୫।୧**

- ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ
- ପୁରୀ ଅଞ୍ଚଳରେ ସକ୍ରିୟ ରହିଛି ର୍ୟାକେଟ
- ପୋଲିସ ଭୂମିକାକୁ ନେଇ ସନ୍ଦେହ

ପୁରୀ ଜିଲାର ଜଣେ ମହିଳାଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିଲା। ଗତ ଅକ୍ଟୋବର ୨୮ରେ କ୍ରାଇମବ୍ରାଞ୍ଚ ଯୁବତୀ ଓ ମହିଳାଙ୍କୁ ଚାଲାଣ କରୁଥିବା ଏକ ଗ୍ୟାଙ୍ଗକୁ ଠାବ କରିବା ସହିତ ୫ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲା ଏବେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଛି। ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ଅଭିଯୋଗ ଆଧାରରେ କମିଶନଙ୍କ ପକ୍ଷରୁ ଜାନୁୟାରୀ ୩ରେ ଓଡ଼ିଶା ଓ ମଧ୍ୟପ୍ରଦେଶ ସରକାରଙ୍କୁ ସମନ କରାଯାଇଛି। ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବା ପାଇଁ କମିଶନଙ୍କ ପକ୍ଷରୁ ଆଦେଶ ହୋଇଛି।

ପୁରୀ ସଦର ଥାନା ଅନ୍ତର୍ଗତ ବାଉରିବସ୍ତି ଅଞ୍ଚଳରେ ରହୁଥିବା ଜଣେ ମହିଳା ଚାଲାଣର ଶିକାର ହୋଇଥିଲେ। ମହିଳା ରହୁଥିବା ବସ୍ତି ପାଖାପାଖି ଅଞ୍ଚଳରେ ରହୁଥିଲେ ମଧ୍ୟପ୍ରଦେଶର ରାମ କ୍ରିଷ୍ଣା। ମହିଳାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଚାକିରି ଖୋଜୁଥିବା ରାମ ଜାଣିବାକୁ ପାଇଥିଲେ। ପରେ ରାମ ସମ୍ପୃକ୍ତ ମହିଳାଙ୍କୁ ହାଇଦ୍ରାବାଦରେ ଏକ କମ୍ପାନୀରେ ଭଲ ଦରମାରେ ଚାକିରି ଦେବାକୁ କହି ମଧ୍ୟପ୍ରଦେଶର ଗୁନା ଜିଲା ଅଶୋକ ନଗର ଥାନା ଅନ୍ତର୍ଗତ ଜନଡା ଗାଁକୁ ନେଇ ଯାଇଥିଲେ। ସେଠାରେ ଦଶରଥ ସିଂ ଯାଦବ ନାମକ ଜଣେ ବ୍ୟକ୍ତିଙ୍କୁ ୫୫ ହଜାର ଟଙ୍କାରେ ବିକି ରାମ ପୁରୀ ଚାଲି ଆସିଥିଲେ। ଦଶରଥ ଉକ୍ତ ମହିଳାଙ୍କୁ ବିବାହ କରିବାକୁ କହିବାରୁ ସେ ପୂର୍ବରୁ ବିବାହ କରିଥିବା ଓ ତାଙ୍କର ୪ଟି ପିଲା ଥିବା କହିଥିଲେ। ହେଲେ ଦଶରଥ ତାଙ୍କ କଥା ନ ଶୁଣି ତାଙ୍କୁ ଜବରଦସ୍ତ ବିବାହ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣକ ଫୋନରେ ଏ ସମ୍ପର୍କରେ ଜଣାଇବା ପରେ ତାଙ୍କ ପରିବାର ଲୋକେ ମଧ୍ୟପ୍ରଦେଶ ଯାଇ ନିରାଶ ହେବା ପରେ ପୁରୀ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ଦଶରଥ ଉକ୍ତ ମହିଳାଙ୍କୁ ଛାଡିଥିଲେ। ମହିଳା ଜଣକ ଘରକୁ ଫେରିବା ପରେ ଅକ୍ଟୋବର ୨୮ରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ।

ତେବେ ମାନବାଧିକାର କର୍ମୀ ଜୟନ୍ତଙ୍କ ଅଭିଯୋଗ ହେଲା, ଉକ୍ତ ମାମଲାରେ ପୋଲିସ ଅଦ୍ୟାବଧି ଦଶରଥ ସିଂ ଯାଦବଙ୍କୁ ଗିରଫ କରିନାହିଁ। ଉକ୍ତ ମହିଳାଙ୍କୁ ଦଶରଥ ବିବାହ କରିବା ପରେ ଶାରୀରିକ ସମ୍ପର୍କ ରଖିଥିଲେ। ଏସବୁ ସତ୍ତ୍ୱେ ପୋଲିସ ସମ୍ପୃକ୍ତ ମହିଳାଙ୍କର ଡାକ୍ତରୀମାଇନା କରିନାହିଁ। ତେଣୁ ଏହି ସମଗ୍ର ଘଟଣାରେ ପୋଲିସର ଭୂମିକା ସବୁଠୁ ସନ୍ଦେହଜନକ ରହୁଥିବା ଜୟନ୍ତ ପିଟିଶନରେ ଦର୍ଶାଇଛନ୍ତି। ପୀଡ଼ିତା ମହିଳାଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ସହ ତାଙ୍କୁ ଜବରଦସ୍ତ ବିବାହ କରିଥିବା ଦଶରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜୟନ୍ତ ଦାବି କରିଛନ୍ତି। ଏହାବାଦ ପୁରୀ ଅଞ୍ଚଳରେ ଏକ ର୍ୟାକେଟ କାମ କରୁଛି। ମୁଖ୍ୟତଃ ଗରିବ ଘରର ସ୍ତ୍ରୀ ଓ ଝିଅମାନଙ୍କୁ ଏହି ର୍ୟାକେଟ ଟାର୍ଗେଟ କରି ବାହାର ରାଜ୍ୟରେ ବିକ୍ରି କରୁଥିବା ଜୟନ୍ତ ଅଭିଯୋଗ କରିଛନ୍ତି।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

### ୯ ବ୍ଲକ ପାଇଁ ୩୯.୮୩ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭ ଜିଲାର ୯ ବ୍ଲକ ପାଇଁ ୩୯.୮୩ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ସେହି ବ୍ଲକଗୁଡ଼ିକ ହେଲା କଟକ ଜିଲାର ବଡମ୍ବା, ଦେବଗଡ ଜିଲାର ତେଲେଇବଣି, ଝାରସୁଗୁଡା ଜିଲାର କୋଲାବିରା ଓ ଲଇକେରା, କୋରାପୁଟ ଜିଲାର ବୋରିଗୁମ୍ମା ଓ ଜୟପୁର, ନୟାଗଡ ଜିଲାର ନୂଆଗାଁ, ପୁରୀ ଜିଲାର ଅସ୍ତରଙ୍ଗ ଏବଂ ସୋନପୁର ଜିଲାର ଡୁଙ୍ଗୁରିପାଲି ବ୍ଲକ। ମୁଖ୍ୟମନ୍ତ୍ରୀ ବଡମ୍ବା ବ୍ଲକର ୩୮ଟି ପଞ୍ଚାୟତ ପାଇଁ ୬.୦୨ କୋଟି ଟଙ୍କାରେ ୩୮୩ ପ୍ରକଳ୍ପ, ତେଲେଇବଣି ବ୍ଲକର ୨୦ ପଞ୍ଚାୟତ ପାଇଁ ୩.୪୦ କୋଟି ଟଙ୍କାରେ ୧୩୯ ପ୍ରକଳ୍ପ, କୋଲାବିରା ବ୍ଲକର ୯ ପଞ୍ଚାୟତ ପାଇଁ ୨.୨୫ କୋଟି ଟଙ୍କାରେ ୫୮ ପ୍ରକଳ୍ପ, ଲଇକେରା ବ୍ଲକର ୧୧ ପଞ୍ଚାୟତ ପାଇଁ ୨.୭୯ କୋଟି ଟଙ୍କାରେ ୫୨ ପ୍ରକଳ୍ପ, ବୋରିଗୁମ୍ମା ବ୍ଲକର ୩୧ ପଞ୍ଚାୟତ ପାଇଁ ୬.୫୫ କୋଟି ଟଙ୍କାରେ ୨୯୧ ପ୍ରକଳ୍ପ, ଜୟପୁର ବ୍ଲକର ୨୨ ପଞ୍ଚାୟତ ପାଇଁ ୫.୫୦ କୋଟି ଟଙ୍କାରେ ୨୪୩ ପ୍ରକଳ୍ପ, ନୂଆଗାଁ ବ୍ଲକର ୨୧ ପଞ୍ଚାୟତ ପାଇଁ ୫.୨୫ କୋଟି ଟଙ୍କାରେ ୩୦୫ ପ୍ରକଳ୍ପ, ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତ ପାଇଁ ୩.୭୫ କୋଟି ଟଙ୍କାରେ ୨୮୩ ପ୍ରକଳ୍ପ ଏବଂ ଡୁଙ୍ଗୁରିପାଲି ବ୍ଲକର ୨୫ ପଞ୍ଚାୟତ ପାଇଁ ୪.୨୩ କୋଟି ଟଙ୍କାରେ ୨୦୧ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ମୋଟ ୯ଟି ବ୍ଲକର ୧୯୨ ପଞ୍ଚାୟତ ପାଇଁ ୩୯.୮୩ କୋଟି ଟଙ୍କାରେ ୧୯୫୫ ପ୍ରକଳ୍ପକୁ ମଞ୍ଜୁର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ, ଏମ୍‌ପି, ବିଧାୟକ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ବିଭାଗ ସଚିବ, ଜିଲାପାଳ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ

## ‘ଦେଶର ଚାଷୀଙ୍କ ଉନ୍ନତିର...

ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଥିବା କେନ୍ଦ୍ରୀୟ ସଚିବଙ୍କଠାରୁ ଆରମ୍ଭ କରି ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବ୍ୟକ୍ତି ରାଜ୍ୟରେ କୃଷି କ୍ଷେତ୍ରରେ ଅଗ୍ରଗତି ନେଇ ଭୂୟସୀ ପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, କାଳିଆ ଯୋଜନା ସମସ୍ତଙ୍କର ପସନ୍ଦ ହୋଇଛି। ଏହାର ପ୍ରଥମ ପର୍ଯ୍ୟାୟ ଆବେଦନ ତାରିଖ ମଙ୍ଗଳବାର ସରୁଛି। ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଚଳିତ ମାସ ୨୫ରୁ ଫେବୃୟାରୀ ୫ ଯାଏ ଚାଲିବ। ରାଜ୍ୟର ୯୨% କ୍ଷୁଦ୍ରଚାଷୀ, ଭାଗ ଚାଷୀ, କୃଷି ଶ୍ରମିକ ସମସ୍ତେ ଏହା ଦ୍ୱାରା ଉପକାର ପାଇବେ। ରବି ଏବଂ ଖରିଫ ଫସଲ ପାଇଁ ବିନା ସୁଧରେ ଋଣ, ବୀମା ଓ ଜୀବିକା ସୁବିଧା ଯୋଗାଇ ଦିଆଯାଇଛି। କାଳିଆ ଯୋଜନାର ସହଯୋଗ ନେଇ କୃଷି କାର୍ଯ୍ୟ କଲେ ସେ ବହୁତ ଖୁସି ହେବେ ବୋଲି ନବୀନ କହିଛନ୍ତି। ୨୦୧୪ରେ ଅଧିକ ୧୦ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏବେ ସୁଦ୍ଧା ପ୍ରାୟ ୩୦,୦୦୦ କୋଟି ଟଙ୍କା ଖର୍ଚ୍ଚରେ ୮ ଲକ୍ଷ ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇ ସାରିଲାଣି। ଆଗାମୀ ଏପ୍ରିଲ ସୁଦ୍ଧା ୧୦ ଲକ୍ଷ ହେକ୍ଟର ଜଳସେଚିତ ଲକ୍ଷ୍ୟ ହାସଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ରାଜ୍ୟ ପକ୍ଷରୁ ବିଗତ ୬ ବର୍ଷ ହେବ ସ୍ୱତନ୍ତ୍ର କୃଷି ବଜେଟ୍ ଆସୁଛି, ଏଥିସହିତ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ପ୍ରତି ଅନୁଦାନ ମଧ୍ୟ ବୃଦ୍ଧି ହୋଇଛି। ରାଜ୍ୟରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ସହ ସେମାନଙ୍କ ନିରନ୍ତର ବିକାଶ ପ୍ରତି ସରକାର ପ୍ରତିଶ୍ରୁତିବଦ୍ଧ। ଚାଷୀମାନଙ୍କ କଠିନ ପରିଶ୍ରମ ଓ ସହଯୋଗ କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ୫ ଥର କୃଷି କର୍ମଣ ପୁରସ୍କାର ପାଇବା ସହ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇ ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଇ ପାରୁଛି। କୃଷି କ୍ଷେତ୍ରରେ ଓଡ଼ିଶାକୁ ଆହୁରି ଆଗେଇ ନେବା ପାଇଁ ଚାଷୀମାନଙ୍କ ସହଯୋଗର ଆବଶ୍ୟକତା ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ପୁରସ୍କାର ବିଜେତା ତଥା ସିଏସିପିର ପୂର୍ବତନ ଅଧ୍ୟକ୍ଷ ଡ. ଅଶୋକ ଗୁଲାଟି ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ୨୦୦୪-୨୦୧୧ ମଧ୍ୟରେ ଓଡ଼ିଶାରେ ସର୍ବାଧିକ ଦାରିଦ୍ର୍ୟ ହ୍ରାସ ହୋଇଛି। ଦ୍ୱିତୀୟତଃ ୨୦୦୨ରୁ ୨୦୧୫-୧୬ ମଧ୍ୟରେ ଓଡ଼ିଶା ଚାଷୀ ଆୟ ବାର୍ଷିକ ୮.୪% ହାରରେ ବୃଦ୍ଧି ହୋଇଛି। ସେହିପରି ଦେଶରେ ଆଗାମୀ ଦିନରେ କୃଷି ନୀତି କିପରି ହେବା ଉଚିତ, ସେ ସମ୍ପର୍କରେ ଏହି କାଳିଆ ଯୋଜନା ମଡେଲ୍ ଭାବେ କାର୍ଯ୍ୟ କରିବ। ତେଣୁ ଏହି ୩ ଉଲ୍ଲେଖନୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁଲାଟି କୃତଜ୍ଞତା ଜଣାଇଛନ୍ତି। ସିଆଇଆଇ ପକ୍ଷରୁ ବକ୍ତବ୍ୟ ରଖି ବି. ଥାଗାରାଜନ୍ ରାଜ୍ୟରେ କୃଷକଙ୍କ ନିରନ୍ତର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ରଖି କୃଷି ସଚିବ ସୌରଭ ଗର୍ଗ କହିଛନ୍ତି ଯେ, କୃଷି ହିଁ ଦେଶ ଅର୍ଥନୀତିର ମେରୁଦଣ୍ଡ। କୃଷିର ଉନ୍ନତି ହିଁ ସମଗ୍ର ରାଜ୍ୟ ତଥା ଦେଶର ସର୍ବାଙ୍ଗୀନ ଉନ୍ନତି କରିଥାଏ। ଆଗାମୀ ଦିନରେ କୃଷକଙ୍କ ଆୟ ଦ୍ୱିଗୁଣ କରିବା ସହ ଉତ୍ପାଦିକା ଶକ୍ତି ବୃଦ୍ଧି, କୃଷି ସମ୍ବନ୍ଧୀୟ ବ୍ୟାପାର ଡିଜିଟାଲାଇଜେଶନ୍, ମାର୍କେଟ ଲିଙ୍କିଙ୍ଗ୍ ଏବଂ ଘରୋଇ ବଜାରର ପ୍ରବେଶ ଉପରେ ଗୁରୁତ୍ୱ ଦିଆଯିବ। କୃଷି ପାଠଶାଳା ଦ୍ୱାରା ଯାନ୍ତ୍ରିକୀକରଣ, ଆଧୁନିକ ପ୍ରଣାଳୀରେ ଚାଷ, ଜୈବ କୃଷି, ଉଦ୍ୟାନ କୃଷି, ସମନ୍ୱିତ କୃଷି କ୍ଷେତ୍ର ପ୍ରତି ଗୁରୁତ୍ୱ ଦିଆଯିବ। ୫ ଦିନିଆ ମେଳାରେ ବିଭିନ୍ନ ବିଷୟ ସମ୍ପର୍କିତ ୧୮୦ଟି ଷ୍ଟଲ୍ ଖୋଲିଥିବା ଗର୍ଗ ଉଲ୍ଲେଖ କରିଛନ୍ତି। କେନ୍ଦ୍ରୀୟ କୃଷି ଲଗାଣ ଓ ମୂଲ୍ୟ ଆୟୋଗ ଡ. ବିଜୟ ପାଲ ଶର୍ମା ମଧ୍ୟ କାଳିଆ ଯୋଜନାକୁ ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ, କାଳିଆ ଯୋଜନା କୃଷକର ଆୟକୁ ବୃଦ୍ଧି କରିବା ପାଇଁ ଏକ ଉତ୍ତମ ବ୍ୟବସ୍ଥା। ଏଥିରେ ଭୂମିହୀନ ଚାଷୀଙ୍କ ପାଇଁ ମଧ୍ୟ ସୁଯୋଗ ରହିଛି। ଅମଳ ପାଇଁ ଖର୍ଚ୍ଚକୁ ହ୍ରାସ କରିବା, କୃଷି କାର୍ଯ୍ୟର ବହୁମୁଖୀ ଦିଗର ଉନ୍ନତି କରିବାକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। କୃଷି ଭିତ୍ତିଭୂମି ବିକାଶ ଦ୍ୱାରା ଏହା ସମ୍ଭବ ହୋଇପାରିବ। ସାରା ଦେଶରେ ଚାଉଳ ଉତ୍ପାଦନରେ ଓଡ଼ିଶା ତୃତୀୟ ବୃହତ୍ ରାଜ୍ୟ ଭାବେ ଉଭା ହୋଇଥିବା ବିଜୟପାଲ କହିଛନ୍ତି। ସେହିପରି କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ସମସ୍ତ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ନେଇ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଶେଷରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସଚିବ ବିଶାଳ ଗଗନ ଧନ୍ୟବାଦ ଦେଇଥିଲେ।

# ଧରିତ୍ରୀ DHARITRI CAREER APPOINTMENT

every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 07303523302

DIRECT JOINING
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

Florence Home Health & Elder Care
Need Following Posts For Operate In BBSR
1.Pharmacists M/F - 10 NOS
2.Physiotherapist Asst M/F- 5 NOS
3.Nurshing Assistant F - 10 NOS
4.Home Care Assistant M/F - 40 NOS
Interested Freshers/Experienced Candidates Can Send Your Bio-Data To
florencehomehealth19@gmail.com
M-9692924108/9437648600/8249728895

ପତ୍ରି କାର୍ଡ୍‌ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

Require One **Lab. Technician** course approved by "AICTE" on contract basis for RNTCP programme. Please contact within three days.
Contact Address:
**Society for women Action Development (SWAD),** At: Nuagaon, sidi, Sakhigopal: 752014, Puri, Odisha, Email ID: swadsatyabadi@gmail.com
Mob: 9437280605

WANTED
Required One Lab Technician having qualification Degree or Diploma in Lab Technology by an Institution certified by AICTE for working in NHM supported project "Revised National Tuberculosis Control (RNTCP) programme in Puri District". Apply with detail Bio-data and copy of all testimonials to following address to be reached here on or before 22.01.2019.
To, The Secretary, ISERD, At: Pandapokhari, PO: Panasapada, Dist: Puri, Odisha: 752010. Cell No: 8117069343

Req. for Limited Co.
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା
ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

REQUIRED
Female **TELECALLER** for Bhubaneswar Office.
Contact:
0674- 2561158
Mob: 9938010041

An upcoming hotel group requires the following personnel for Its property In Bhubaneswar.
- SR.CAPTAIN & SR.STEWARDS IN F & B SERVICE & BAR. (Male/Female)
- FRONT OFFICE EXECUTIVES/ASSISTANTS. (Female/Male)
- ACCOUNTS MANAGER (Minimum 4years experience in Hotel industry)
- UTILITY (Male)
- JUGGLER BOY (For Bar)

Experience in hotel industry with strong command & fluency in English and Hindi is mandatory.Salary will not be a constraint for the suitable candidate. Meet In person with Your CV at:
**HOTEL THE MIDDLETON**
Plot # 313, District Centre (Behind BPCL petrol pump), Chandrasekharpur, Bhubaneswar. Ph. 08637261334/ 06371593084. for outstation candidates, Email/ Whatsapp to: themiddletondc@gmail.com/ 08895816612.

SHREE GANESH Buildcon Pvt. Ltd. We Understand Your Dreams
SGBPL, A Leading Real Estate Company of Odisha Requires the following personnel for its corporate office at N-1/A-21, IRC Village, Bhubaneswar.
1. **ACCOUNTANT (Male)**
**Qualification:** Commerce Graduate having 10 years Experience (Real Estate line preferred) with Good knowledge in Tally & Govt. returns filing.
2. **JR. ACCOUNTANT (Male)**
**Qualification:** Commerce Graduate having 3 years experiene with knowledge in Tally.
3. **OFFICE PEON (Male)**
**Qualification:** Minimum Matriculation.
Apply to appointment.sgbpl2000@gmail.com within 7 days
Mob: 9337707575

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHAର ପ୍ରତ୍ୟେକ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

URGENT REQUIRED FOR SPA
•LADY RECEPTIONIST : Exp./Freshers, Salary : 15,000/-
•LADY THERAPIST : Exp./Freshers, Salary : 8,000/-
Fooding + Accommodation Free
Mob : 9114402305
DAMANA SQUARE, BHUBANESWAR

WANTED
MACZEN ENGINEERING PVT. LTD.
Requires **Marketing Manager**-01, Exp. (Male), **Telecaller**-02, Exp., Good looking.
Contact: 9853089865
Plot No: M/64, Baramunda H.B Colony, Bhubaneswar

ଭୁବନେଶ୍ୱରରେ ଘରକାମ ପାଇଁ କୌଣସି ବୟସର ପୁରୁଷ କିମ୍ବା ମହିଳା ଆବଶ୍ୟକ। ରହିବା ସହିତ ଖାଇବା ମାଗଣା।
ଯୋଗାଯୋଗ କରନ୍ତୁ:
9438674500, 8895543856

URGENT REQUIRED
1) **Accountant Head:** Min. 5 yrs. of experience & Tally knowledge. **Edu Qualification**: Graduate and above.
2) **Office Executive:** Having knowledge of MS Office. **Edu Qualification:** +2 and above.
Please Contact:
TRELLIS INFRASTRUCTURE PVT. LTD.
Mob: 9338253532, 9040068641

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Salary upto Rs. 27000/-.
Contact: 9938676412

Contact: 9938414918
ଭୁବନେଶ୍ୱର ଅଫିସ୍ ପାଇଁ Accountant, Computer Operator, Field Officer, Office Assistant, Receptionist, Telecaller & Supervisor ଆବଶ୍ୟକ। ଯୋଗ୍ୟତା: 10th/ above. ବୟସ: (17-30)yrs. Monthly Salary upto Rs. 24000/-.

## OFFICE OF THE DISTRICT PROJECT COORDINATOR SARVA SIKSHYA ABHIYAN, MALKANGIRI

**Letter No. 337/19** **Dated 14.01.19**

**ADVERTISEMENT**

Applications are invited from the eligible candidates for filling up the following different Posts of the Residential School. The engagement is purely on contractual and temporary in nature and is renewable after 11 months subject to satisfactory performance. The selection will be made as per following criteria.

| Sl. No. | Name of the Post | No. of Post to be filled up | Gender/ Age/ (in years on the date of advt.) | Qualification | Monthly Remuneration (in Rs.) Consolidated |
|---|---|---|---|---|---|
| 1 | Warden | 01 | Male (30-50 yrs.) | BA/B.Sc. with B.Ed. preference shall be given to widow/destitute or divorcee. She should have atleast 2 years of experience in a academic institution. | 11500/- |
| 2 | Accountant | 01 | Male/Female (18-35 yrs.) | B.Com with DCA | 7100/- |
| 3 | Part Time Teacher (English) | 01 | Male/Female (18-35 yrs.) | BA + B.Ed. and in case of non availability of trained Arts Graduates, untrained Arts Graduates having English as (Hons.) will be preferred. In case of non-availability of candidates, candidates secured highest mark in English as subject will be considered. | 5000/- (including EPF share) |
| 4 | Part Time Teacher (Sanskrit) | 01 | Male/Female (18-35 yrs.) | BA with Sanskrit or Sahitya Acharya. | 5000/- (including EPF share) |
| 5 | Part Time Teacher (Math & Science) | 01 | Male/Female (18-35 yrs.) | B.Sc. + B.Ed. and in case of non availability of trained Science Graduates, untrained Science graduate will be considered. | 5000/- (including EPF share) |
| 6 | Watchman | 01 | Male (18-35 yrs.) | 10th Pass- preferably Local Candidate. Valid Employment registration card is essential | 5200/- |
| 7 | Head Cook | 01 | Male/Female 18-35 | Local Candidate having experience in any institution | 4400/- |
| 8 | Asst. Cook | 02 | Male/Female 18-35 | Local Candidate having experience in any institution | 4300/- |
| 9 | Peon-cum-Attendant | 01 | Male/Female 18-35 | HSC Pass- preferably Local Candidate. | 5200/- |

The application form along with all required documents and testimonial should be submitted to the Office of the District Project Coordinator, SSA, Malkangiri by 30.01.2019 till 5 PM through registered Post/ Courier. The application form can be downloaded from www.malkangiri.nic.in & www.opepa.in. The application received after due date shall not be entertained.

**By the order of Collector-cum-Chairman**
**Sd./- District Project Coordinator,**
**SSA, Malkangiri**

WANTED
Wanted Expert Girl for Travel Agency. Computer Knowledge and Spoken English and Hindi must.
Contact
9040056776/9348861961

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 7894509327

ଚେନ୍ନାଇରେ ଚାକିରି + ରୁମ୍। ଇଂଲିଶ୍ କିମ୍ବା ହିନ୍ଦୀ କହିପାରୁଥିବେ। ୧) ରୋଷେୟା ୨) ଅଫିସ୍ ଫାଇଲ୍ ହ୍ୟାଣ୍ଡଲିଂ କ୍ଲର୍କ ୩) ଘର ପିଅନ ୪) ମେଡିକାଲ ଆସିଷ୍ଟାଣ୍ଟ। ଟ.୧୨୦୦୦-୧୬୦୦୦। ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

ଭୁବନେଶ୍ୱର ନଖରାରେ ଘରେ ରହି ରୋଷେଇ ଓ ଘରକାମ କରିବାକୁ ମଧ୍ୟ ବୟସ୍କା ମହିଳା ଆବଶ୍ୟକ।
Contact
9438673999
6370002108

ଶିକ୍ଷାର୍ଥୀ ଆବଶ୍ୟକ
ଶୁଶ୍ରୂଷା ଅଧୀନରେ ଘରୋଇସେବା ବା ହୋମନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ। ୨ ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ଜାନୁଆରୀ ୧୬ ତାରିଖ ୨୦୧୯ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ୧୫ ଜାନୁଆରୀ ୨୦୧୯। ଟ୍ରେନିଂ ସମୟରେ କୌଣସି କୋର୍ସ ଫି ନିଆଯିବ ନାହିଁ ଏବଂ ହଷ୍ଟେଲ୍‌ରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା: ସମ୍ପାଦିକା ଶୁଶ୍ରୂଷା, ପ୍ଲଟ ନଂ: ୪୯୩, ଭୀମପୁର, କାର୍‌ଗିଲ୍ ରୋଡ୍, ପଲାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦, ଟେଲିଫୋନ: ୭୩୨୫୮୪୬୮୪୫, ମୋ: ୮୮୯୫୩୪୦୫୪୫, ୮୯୮୪୧୯୬୦୫୦, ଯୋଗାଯୋଗ ସମୟ: ୧୦.୩୦ ଠାରୁ ୪ଟା ପର୍ଯ୍ୟନ୍ତ

WANTED
The following Staffs for Steel Industries at Cuttack.
- **FIELD SUPERVISORS**
Contact
9437496020
9437021279

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

## DISTRICT PROJECT OFFICE RTE-SARVA SHIKSHA ABHIYAN, PURI

ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ

**Phone: 06752-229275, Fax: 06752-233095, E-mail: prgpurissa.opepa@nic.in, dpcpurissa.opepa@nic.in**

**Letter No: 139** **Date: 14.01.19**
**File No: ________**

**ADVERTISEMENT**

Applications are invited in the prescribed format from eligible candidates for filling up of one No. of Office Assistant in District Project Office, SSA, Puri and two Nos. of MIS-cum-Planning Coordinator at BRC/Block level on contractual basis with a consolidated remuneration as per OPEPA Service Rules.

| Sl. No. | Name of the Post | No. of Posts | Qualification | Consolidate Remuneration |
|---|---|---|---|---|
| 01 | Office Assistant | 01 | Graduation in First Division having basic knowledge in Computer | Rs. 7,100/- per month |
| 02 | MIS-cum-Planning Coordinator | 02 | Graduate in Economics/ Statistics/ Mathematics with professional Qualification of PGDCA/ MCA with 1 year experience in related field. | Rs. 13,600/- per month |

The prescribed application form & terms and conditions will be available at website i.e. www.opepa.odisha.gov.in/ www.puri.nic.in during the period. The last date of receipt of application is 04.02.2019 through registered Post/ Speed Post address to Collector & Chairman, SSA, Puri, at: District Project Office, Sarva Shiksha Abhiyan, Puri, LIC Colony, UGME School Campus, Odisha-752001.

**Sd./-**
**Collector & Chairman, SSA**

DRIVER REQUIRED
12/14 ଚକିଆ Fly Ash Bulker ଚଳାଇବା ପାଇଁ ଅନ୍ୟୂନ 5 ବର୍ଷର Experience ଥିବା Driver ଆବଶ୍ୟକ।
Salary Best in Industries.
Contact: 9090848325

PERMANENT JOB
OPENING NEW OFFICE AT CUTTACK & BHUBANESWAR
Vacancy - 20, Qualification- 10th/+2/Graduation. Age (18-30) yrs. Monthly Rs.10000/- and Room free. Contact :
Bhubaneswar : 9437277519
Cuttack : 7978772624

GURU NANAK ENGLISH MEDIUM PUBLIC SCHOOL, BHUBANESWAR
REQUIRES
Trained Teachers in English, Hindi, Maths, Science, S.St, Odia, Computer, Dance, Music, P.E.T, Nursery, Primary Classes, Clerical Staff, Librarian, Peon & Aiya.
Send the Resume with photo to
The Principal, Guru Nanak E.M. Public School, Unit-III, Kharvel Nagar, Bhubaneswar,
Email: gnpsbbsr@gmail.com,
Contact No: (0674) 2395854

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

See **CAREER APPOINTMENT** on every **Wednesday & Saturday**

# ଆଉ ଏକ ବଜ୍ରକାପ୍ତା ଜବତ, ୮ ଅଟକ



ଜବତ ହୋଇଥିବା ବଜ୍ରକାପ୍ତା।

ମାଲକାନଗିରି,୧୫।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତମାସ ୧୦ରେ ବନ ବିଭାଗ ଏକ ବଜ୍ରକାପ୍ତା ଜବତ କରି ଏଥିରେ ସମ୍ପୃକ୍ତ ଥିବା ୭ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଏହି ଖବର ପ୍ରକାଶ ପାଇବା ପରେ ଗତ ୭ରେ ବିଭାଗୀୟ କର୍ମଚାରୀ ମାଲକାନଗିରି ଆସି ତଦନ୍ତ କରି ଫେରି ଯାଇଥିଲେ। ମଙ୍ଗଳବାର ମାଲକାନଗିରି ବନଖଣ୍ଡ ବନ କର୍ମଚାରୀମାନେ ଆଉ ଏକ ବଜ୍ରକାପ୍ତା ଜବତ କରି ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଅଟକ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ବଙ୍ଗାଳି ସମ୍ପ୍ରଦାୟର ହୋଇଥିବା ବେଳେ ୩ଜଣ ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡିଛି। ଏହାର ସବିଶେଷ ତଥ୍ୟ ବୁଧବାର ସୂଚନା ଦେବାକୁ ବିଭାଗୀୟ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ କେନ୍ଦୁଝର ଜିଲାରେ ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗୋଇନ୍ଦା ସଂସ୍ଥା ଦ୍ୱାରା ଗିରଫ କରାଯାଇଥିଲା। ବଜ୍ରକାପ୍ତା ଚୀନ୍ ଏବଂ ଥାଇଲାଣ୍ଡକୁ ରପ୍ତାନି ହେବା ସହ ଗୋଟିଏ ବଜ୍ରକାପ୍ତା ୧୦ରୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି।

**କେନ୍ଦୁଝର ଘଟଣାର ତଦନ୍ତ କରିଥିଲା ଗୋଇନ୍ଦା ସଂସ୍ଥା**

■ ୨୧୫ ନଂ. ଏନ୍ଏଚ୍ ସମ୍ପ୍ରସାରଣ ପାଇଁ ବୃକ୍ଷ ବଳି

# କାଟିଦେଲେ ୪୬ ହଜାରରୁ ଊର୍ଦ୍ଧ୍ୱ ଗଛ

- ୪୫୦ ଏକର ଜଙ୍ଗଲ ଜମି କବ୍ଜା
- ୧୦ବର୍ଷରେ କଟାଗଲାଣି ୬ଲକ୍ଷରୁ ଊର୍ଦ୍ଧ୍ୱ ଗଛ
- ଏନ୍ଜିଟିଙ୍କ ଦ୍ୱାରସ୍ଥ ହେବେ ପରିବେଶବିତ୍

କଟକ ଅଫିସ, ୧୫।୧

କେନ୍ଦୁଝରର ରିମୁଳିରୁ ସୁନ୍ଦରଗଡ଼ ଜିଲାର ରାଜାମୁଣ୍ଡା। ୨୧୫ ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍)ର ସମ୍ପ୍ରସାରଣ ନିମନ୍ତେ ଗତବର୍ଷ ଏହି ୧୦୬ କିଲୋମିଟର ମଧ୍ୟରେ ବଳି ପଡ଼ିଛି ହଜାର ହଜାର ଗଛ। ଏଥିମଧ୍ୟରୁ ୩୦ ସେଣ୍ଟିମିଟରରୁ ଅଧିକ ଗୋଲେଇ ଥିବା ୪୬ ହଜାର ୭୩ ଗଛ ରହିଥିବାବେଳେ ଏହାଠାରୁ କମ୍ ମୋଟେଇର ବହୁ ଗଛ କଟାଯାଇଛି। କେବଳ କେନ୍ଦୁଝର ବନଖଣ୍ଡ ଅଧୀନରେ ୧୭ ହଜାର ୮୬୮ ଗଛ, ବଣାଇ ବନଖଣ୍ଡରେ ୨୭ ହଜାର ୬୩୨ ଏବଂ ରାଉରକେଲା ବନଖଣ୍ଡରେ ୫୭୩ ଗଛ କଟାଯାଇଛି। ଏହାବାଦ ଏହି ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ୪୫୦ ଏକର ଜଙ୍ଗଲ ଜମିକୁ ମଧ୍ୟ ଅକ୍ତିଆର କରାଯାଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ୱେବ୍ସାଇଟ୍ରେ ଉପଲବ୍ଧ ଏହି ତଥ୍ୟକୁ ନେଇ ପରିବେଶବିତ୍ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପରିବେଶ ସଂକ୍ରାନ୍ତୀୟ ପ୍ରସଙ୍ଗକୁ ନେଇ ଏନ୍ଜିଟିରେ ମାମଲା ଲଢୁଥିବା ଆଡ୍‌ଭୋକେଟ ଶଙ୍କର ପ୍ରସାଦ ପାଣି ଏପରି ଅଭିଯୋଗ ଆଣି କହିଛନ୍ତି, ୧୮୭୫ ଗଛକୁ ବିନା ଅନୁମତିରେ କଟାଯାଇଛି। ପୁଣି ୩୦ ସେମିରୁ କମ୍ ମୋଟେଇ ଗଛ କେତେ କଟାଯାଇଛି ତାହାର ହିସାବ ନାହିଁ। ଗୋଟିଏ ଗଛ ଏତିକି ମୋଟା ହେବାକୁ ଅତିକମ୍‌ରେ ୩୦ ବର୍ଷରୁ ଅଧିକ ସମୟ ଲାଗିଥାଏ। ଗୋଟିଏ ଗଛ ବଦଳରେ ୧୦ ଗଛ ଲଗାଇବାର ନିୟମ ଥିଲେ ମଧ୍ୟ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ରାସ୍ତା ନିର୍ମାଣ ପାଇଁ ଗଛକୁ ବାଦ୍ ଦେଇ ଅନ୍ୟ କିଛି ବିକଳ୍ପ ଗ୍ରହଣ କରାଯାଇପାରିଥାନ୍ତା। କିନ୍ତୁ ଏଥିପାଇଁ କିଛିବି ପଦକ୍ଷେପ ନିଆଯାଇ ନାହିଁ। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଯେଉଁ ସ୍ଥାନରୁ ଉକ୍ତ ଗଛଗୁଡ଼ିକ କଟାଯାଇଛି ତାହା ଓର୍‌ସାକ୍ ତଥ୍ୟ ଅନୁଯାୟୀ ହାତୀ ବସତି ଜୋନ୍-୨ରେ ଯାଉଛି। ତେଣୁ ବିକାଶ ନାଁରେ ପରିବେଶକୁ ଧ୍ୱଂସ କରି ବିନାଶକୁ ଆମନ୍ତ୍ରଣ କରିବା କେତେଦୂର ଯଥାର୍ଥ ବୋଲି ଆଡ୍‌ଭୋକେଟ ପାଣି ପ୍ରଶ୍ନ ଉଠାଇବା ସହ ଆବଶ୍ୟକସ୍ଥଳେ ସେ ଉକ୍ତ ପ୍ରସଙ୍ଗକୁ ନେଇ ଏନ୍ଜିଟିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସରକାରୀ ତଥ୍ୟ ଅନୁସାରେ, ଏହି ପ୍ରକଳ୍ପକୁ ବାଦ୍ ଦେଲେ ଗତ ୧୦ ବର୍ଷ ମଧ୍ୟରେ ରାସ୍ତା ପ୍ରଶସ୍ତୀକରଣ ନାଁରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି। ମାତ୍ର ଏହି ସମୟ ମଧ୍ୟରେ ସରକାର କେତେ ଗଛ ସୃଷ୍ଟି କରିଛନ୍ତି ତାହାର କୌଣସି ସ୍ପଷ୍ଟ ତଥ୍ୟ ସରକାରୀ ଦପ୍ତରରୁ ମିଳୁନାହିଁ। ସୂଚନା ଅଧିକାର କର୍ମୀ ଶଶିଭୂଷଣ ପଟ୍ଟନାୟକ ୨୦୧୮ ମେ ମାସରେ କ୍ଷତିପୂରଣମୂଳକ ବନୀକରଣ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କଠାରୁ ତଥ୍ୟ ଲୋଡିଥିଲେ। ଯେଉଁଥିରେ ଦର୍ଶାଯାଇଛି ଯେ, ୨୧୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଅଦ୍ୟାବଧି କୌଣସି କ୍ଷତିପୂରଣମୂଳକ ବନୀକରଣ କରାଯାଇ ନାହିଁ। ସେହିପରି ଯେଉଁଠି ବନୀକରଣ କରାଯାଇଛି ସେଠାରେ ଚାରାଗୁଡ଼ିକର ବଞ୍ଚି ରହିବାକୁ ନେଇ ସୂଚନା ଅଧିକାର କର୍ମୀ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ବନ ବିଭାଗ ପକ୍ଷରୁ ରୋପଣ ଚାରାଗୁଡିକର ବଞ୍ଚିବା ହାର ୭୦ରୁ ୮୦ ପ୍ରତିଶତ ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ତାହା ୨୦ରୁ ୩୦ ପ୍ରତିଶତ ବୋଲି ସେ କହିଛନ୍ତି।

## ଗଛ କାଟି ରେଞ୍ଜର ନିଲମ୍ବିତ

**ନର୍ସରିରୁ କଟାଯାଇଛି ୩୧ ପୁରାତନ ଆକାଶିଆ ଗଛ**

**ପୁରୀ ଅଫିସ/କାକଟପୁର, (ଡି.ଏନ.ଏ.)୧୫।୧:** ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ (ରେଞ୍ଜର) ସୁବାସ ଚନ୍ଦ୍ର ନାୟକଙ୍କୁ ବିନା ଅନୁମତିରେ ନର୍ସରିରୁ ଗଛ କାଟିବା ମହଙ୍ଗା ପଡ଼ିଛି। ଏ ନେଇ ତାଙ୍କୁ ମଙ୍ଗଳବାର ରାଜ୍ୟ ପ୍ରଧାନ ବନ ସଂରକ୍ଷକ (ପିସିସିଏଫ୍) ଚାକିରିରୁ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ଡେପୁଟି ରେଞ୍ଜର ଯୋଗେନ୍ଦ୍ର ନାଥ ପାତ୍ରଙ୍କୁ କାର୍ଯ୍ୟକାରୀ ବନାଞ୍ଚଳ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସନ୍ଧ୍ୟାରେ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି।

ପୁରୀ ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ସୂଚନା ମୁତାବକ, ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ପାଣିଛତ୍ରଠାରେ ରହିଛି ବନ ବିଭାଗର ମେଗା ନର୍ସରି। ଏହି ନର୍ସରି ଟଭା ଗୋଲରା ଗଡ଼ ସଂରକ୍ଷିତ ଜଙ୍ଗଲରେ ରହିଛି। ନର୍ସରିରେ ଥିବା ପୁରାତନ ୩୧ଟି ଆକାଶିଆ ଗଛ କଟାଯାଇଥିଲା। ଏହାକୁ ରେଞ୍ଜର ବିନା ଅନୁମତିରେ କାଟି ନେଇଥିବା ନେଇ ତାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେ ନିଜେ ଏହାର ତଦନ୍ତ କରି ବିଭାଗୀୟ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଏବଂ ବନାଞ୍ଚଳ ଅଧିକାରୀଙ୍କୁ ପଚରାଉଚୁରା କରି ତଥ୍ୟ ସଂଗ୍ରହ କରିଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶରେ ଶ୍ରମିକ ଗଛ କାଟିଥିବା ଜଣାପଡିଥିଲା।

ଡିଏଫ୍ଓ ଉଦ୍‌ଗାତା କହିଛନ୍ତି, ନର୍ସରିରୁ ବିନା ଅନୁମତିରେ ଗଛ କଟାଯାଇଥିବା ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ଦେବାରୁ ଏଥିରେ ରେଞ୍ଜରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଜଣାପଡୁଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଏହି ଘଟଣା ସମଗ୍ର ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଜଙ୍ଗଲ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ବିନା ଅନୁମତିରେ ବେଆଇନ ଭାବେ ଜଙ୍ଗଲରୁ ସରକାରୀ ଗଛ କାଟିନେବା ଘଟଣା ବିଭାଗୀୟ କର୍ମଚାରୀଙ୍କ ସାଧୁତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମହିଳା ସଚେତନତା, ସଶକ୍ତୀକରଣ

# ଗାଁ, ସହରରେ ବୁଲିବ ମିଶନ ଶକ୍ତି ରଥ

- ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପ୍ରଥମ ପର୍ଯ୍ୟାୟରେ ବୁଲିବ ୬୦ ରଥ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ମିଶନ ଶକ୍ତି କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ତଥା ଏହାର ସଫଳ କାହାଣୀ ସମ୍ବନ୍ଧରେ ଅବଗତ କରିବା ପାଇଁ ମିଶନ ଶକ୍ତି ରଥ ରାଜ୍ୟର ସବୁ ପଞ୍ଚାୟତ ଓ ସହରାଞ୍ଚଳରେ ଗଡିବ। ଏହି ରଥକୁ ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିରେ ସ୍ୱତନ୍ତ୍ର ଏଲଇଡି ଲଗାଯାଇ ସମସ୍ତ ପଞ୍ଚାୟତ ଓ ସହରରେ ମିଶନ ଶକ୍ତିର ବାର୍ତ୍ତା ପହଞ୍ଚାଯିବ। ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଅଡିଓ କାହାଣୀ ଓ ଗୋଷ୍ଠୀ ନେତ୍ରୀମାନଙ୍କର ବାର୍ତ୍ତା ମଧ୍ୟ ପ୍ରସାରଣ ହେବ। ରାଜ୍ୟ ସାରା ବୁଲିବା ପାଇଁ ପ୍ରସ୍ତୁତ ହୋଇଥିବା ୨୫ଟି ରଥକୁ ମୁଖ୍ୟମନ୍ତ୍ରୀ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୬୦ଟି ରଥ ପ୍ରଚାର କାର୍ଯ୍ୟରେ ମୁତୟନ ହେବ।

ସୂଚନାଯୋଗ୍ୟ ଯେ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ କରି ସଶକ୍ତ କରିବା ନିମନ୍ତେ ୨୦୦୧ ମାର୍ଚ୍ଚ ୮ ତାରିଖରେ ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୬ ଲକ୍ଷ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୦ ଲକ୍ଷ ମହିଳା ନୂତନ ସଦସ୍ୟ ଅଛନ୍ତି। ରାଜ୍ୟରେ ସମସ୍ତ ଗ୍ରାମ ଓ ପଡା ଗ୍ରାମରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ସେମାନେ ବିଭିନ୍ନ ରୋଜଗାରଭିତ୍ତିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ଅଧୀନରେ ୨୦୧୭ରେ ଏକ ସ୍ୱତନ୍ତ୍ର ମିଶନ ଶକ୍ତି ନିର୍ଦ୍ଦେଶାଳୟ ଗଠନ କରାଯାଇଛି। ମହିଳାମାନଙ୍କର ସାମାଜିକ, ଆର୍ଥିକ ଓ ରାଜ୍ୟନୈତିକ ସଶକ୍ତୀକରଣ ମିଶନଶକ୍ତିର ପ୍ରମୁଖ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ପ୍ରମୁଖ ଉପସ୍ଥିତ ଥିଲେ।



ମିଶନ ଶକ୍ତି ରଥକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରୁଛନ୍ତି।

## ଜିଲା ପରିଷଦ ସଭ୍ୟ, ଠିକାଦାରଙ୍କୁ ହତ୍ୟା ଧମକ

ବୈପାରୀଗୁଡ଼ା,୧୫।୧(ଡି.ଏନ୍.ଏ.)

କିଛିଦିନର ନିରବତା ପରେ ମଙ୍ଗଳବାର କୋରାପୁଟ ଜିଲା ବୈପାରୀଗୁଡ଼ା ଥାନାଠାରୁ ମାତ୍ର ୧ କିମି ଦୂର ଜୟପୁର-ବୈପାରୀଗୁଡ଼ା ମୁଖ୍ୟରାସ୍ତା ଗୌଡଗୁଡ଼ା ନିକଟରେ ମାଓବାଦୀଙ୍କ ନାଁରେ ପୋଷ୍ଟର ଦେଖିବାକୁ ମିଳିଛି। ଓଡିଆ ଓ ହିନ୍ଦୀରେ ଲିଖିତ ଏହି ପୋଷ୍ଟରରେ ବିଜେଡି ନେତା ତଥା ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଗୁପ୍ତା ଓ ଦଳୀୟ ନେତା ତଥା ଠିକାଦାର ଭାସ୍କର ରାଓଙ୍କୁ ମୃତ୍ୟୁଦଣ୍ଡ ଧମକ ଦିଆଯାଇଛି। ଲେଖା ତଳେ ଶ୍ରୁଙ୍କି ଘାଟି ଡିଭିଜନ୍ ମାଓବାଦୀ ପାର୍ଟି ଉଲ୍ଲେଖ ରହିଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ଏହି ପୋଷ୍ଟର ରାଜନୈତିକ ମହଲରେ ଆତଙ୍କ ସୃଷ୍ଟି କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ୬ ବର୍ଷ ତଳେ ବ୍ଲକ ବିଜେଡି ସଭାପତି ନୃସିଂହ ପଣ୍ଡାଙ୍କୁ ତାଙ୍କ ରାମଗିରି ବାସଭବନ ନିକଟରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।


**GOVERNMENT OF ODISHA**
**EXECUTIVE ENGINEER,**
**BOUDH (R&B) DIVISION, BOUDH**
E-mail - eeboudhrb@gmail.com
INVITATIONS FOR BIDS (IFB)
No.1129-B:- "e" procurement Notice
Letter No. 44 dtd. 05.01.2019
Bid Identification No. EE( R and B )-BDH 19/2018-19

| | | | |
|---|---|---|---|
| 1) | Name of the work | : | 02 ( Two ) Nos of Building works ( single cover) |
| 2) | Estimated Cost | : | 19.00 lakhs to Rs.25.00 lakhs |
| 3) | Period of Completion | : | 4 (four) Calendar months |
| 4) | Date & Time of availability of Bid documents in the portal | : | From 18.01.2019, 10.00 AM to 28.01.2019, 5.00 PM |
| 5) | Last date/time for seeking of Tender Clarification | : | 27.01.2019 up to 5.00 P.M |
| 6) | Last date / time for receipt of bids in the portal | : | Up to 5.00 P.M. of dated 28.01.2019 |
| 7) | Date & time of opening of tender /Bid | : | 29.01.2019 at 11.30 A.M |
| 8) | Name and address of the O.I.T. | : | Executive Engineer, Boudh (R&B) Division. |

Further details corrigendum (s) if any issued can be seen from the website http://tendersorissa.gov.in.
Sd./- Executive Engineer,
Boudh (R&B) Division, Boudh
34134/11/0030/1819

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**MINOR IRRIGATION DIVISION, PADAMPUR**
No- 4950/ Date- 10-01-2019
No.1130-A:- E-PROCUREMENT NOTICE
BID IDENTIFICATION No: EE, MID, PDP/11/2018-19

| | | |
|---|---|---|
| Name of work | : | Civil Construction Works |
| No. of works | : | 03 (Three) Nos. |
| Estimated cost: | : | Varies from Approximately Rs- 44.42 lakh to Rs- 82.45 lakh for 03 Nos. of works. |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availabilty of bid documents | : | From- 21-01-2019 at-10.00 AM to 31-01-2019 up to 5.00 PM in website. (www.tendersorissa.gov.in) |
| Period of receipt of bid through online | : | From 21.01.2019 at 10.00 AM to 31.01.2019 upto 5.00 PM through online. |
| Date of opening of bid documents | : | On dt- 02-02-2019 at-11.00 AM Onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| Name & Address of the OIT | : | Executive Engineer, M.I. Division, Padampur. At- Padampur, PO-Raj bora sambar, Dist:- Bargarh, PIN-768036 |
| Further details can be seen from the E-Procurement market place. | : | http://tendersorissa.gov.in |

The detail tender call notice can also be seen in the DOWR website- http://dowrorissa.gov.in.
Executive Engineer
M.I.Division, Padampur
32037/11/0007/1819

**ODISHA HYDRO POWER CORPORATION LTD**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 03\
Email ID: sgmel_ukhep@ohpcltd.com CIN: U40101OR1995SGC003963
**OPEN TENDER CALL NOTICE**
**NO. UKHEP- 28/2018-19 dtd.08.01.2019**
No. CAD-1261: Sealed tenders are invited in sealed envelopes from reputed manufacturers / authorized dealers for supply of the following materials as mentioned below.

| Sl. No. | Description of materials (Voltas / Godrej Make) | Qnty. | Cost of Tender Paper | EMD in Rs. |
|---|---|---|---|---|
| 1 | "Procurement of Stacker Machine (Forklift) of (Voltas / Godrej Make) for Warehouse of Upper Kolab Hydro Electric Project, Bariniput." | 1 No. | Rs. 4720/- | 1% of quoted value. |

Sale of tender paper : - 13:00 Hrs. of 15.01.2019
Last date of submission of tender :– 16:00 Hrs. of 29.01.2019
Date & Time of opening of tender :– 16:30 Hrs. of 29.01.2019
For details of the tender documents, terms and conditions please visit our website www.ohpcltd.com
04002/11/0080/1819 Unit Head, UKHEP, Bariniput.

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P. H. DIVISION, BHANJANAGAR AT- CHATRAPUR**
Phone – 06811- 263909, FAX – 06811- 263950
E-mail – eephchpr@gmail.com
**QUOTATION CALL NOTICE NO. 38 OF 2018-19**
DATED 11.01.2019
No.412-C: Sealed quotations are invited from interested reputed Travel Agencies/Tour Operators or private individuals for providing 1 (one) No. of Non AC Diesel driven vehicles having sitting capacity not more than ten including driver, which shall conform to the Terms and conditions as per DQCN for official use in Office of the Assistant Executive Engineer, P.H. Sub-Division, Bhanjanagar on monthly rent basis.
1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for plying of vehicle.
2) The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3) The Driver should be well behaved, gentle and obedient in nature.
4) A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Executive Engineer, P.H. Division, Bhanjanagar at Chatrapur and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5) The monthly rate of hire charge be quoted separately in the general bid information (excluding fuel and lubricants).
6) The vehicle must achieve a fuel efficiency of 12 kms per litre.
7) The details of the make and year of manufacture of the vehicle, registration No., Mileage (Kms covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the Quotation.
8) The quotation completed in all respect should reach the undersigned on or before dt.05.02.2019 by 5.00 P.M. and shall be opened on dated. 06.02.2019 at 11.00 A.M. in presence of the bidders or their authorized representatives.
9) The application form of quotation containing General Bid Information & Terms and conditions for Hiring of Vehicles etc. will be available with office of the Executive Engineer, P.H. Division, Bhanjanagar at Chatrapur /Office of the Assistant Executive Engineer, P.H.Sub-Division, Bhanjanagar on payment of Rs.100/- from 11.00 A.M. on dt.21.01.2019 to 5.00 P.M. of 05.02.2019 or can be downloaded from Odisha Govt. Website www.Odisha.gov.in from Dt.21.01.2019 to 5.00 P.M. of 05.02.2019. In case the application form is downloaded from Govt. website, the applicant shall furnish a Demand Draft for an amount Rs.100/- (Rupees One Hundred) only towards the cost of application alongwith the application.
Sd./- Executive Engineer
13013/11/0004/1819 P.H. Division, Bhanjanagar, Chatrapur

**Erratum notice No. 01 vide bid ID- GMID-11/10/2018-19 and notice no. 46 dated 03.01.2019**
No. 1131-A : Time for availability of bid for online bidding from 09.01.2019 to 19.01.2019 up to 5.00 P.M. may be read as 09.01.2019 to 18.01.2019 upto 5.00 P.M.
Sd./- Er. M. R. Dash
Executive Engineer, M.I. Division,
Ganjam No.-II, Berhampur
32043/11/0008/1819

**GOVERNMENT OF ODISHA**
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
DEO HEAD WORKS DIVISION, KARANJIA
AT/PO-KARANJIA, DIST-MAYURBHANJ-757037
Tel: 06796-220412, e-mail:dhwd91@yahoo.in
No.1123-A
**"e" PROCUREMENT NOTICE**
Bid Identification No.14/EEDHWD of 2018-19

| | | |
|---|---|---|
| Name of work | : | As per Detailed Tender Call Notice |
| Total No. of Packages | : | 02 (Two) Nos. of Individual Work |
| Estimated Cost of Package | : | Rs. 17.78 lakhs to Rs. 53.14 lakhs |
| Period of Completion | : | 6 (Six) Calendar Months |
| Class of Contractor | : | For Sl. no. 1 "D" & "C" & for Sl. No. 2 "B & A" |
| Other Details | | |

| Procurement Officer | Bid-Identification No. | Availability of tender on-line for biding | |
|---|---|---|---|
| | | From | To |
| Executive Engineer, Deo Head Works Division, Karanjia | 14/ EEDHWD of 2018-19 (on-line) | 18.01.2019 at 10.00 AM | 28.01.2019 up to 05.00 PM |

Further details can be seen from the Govt. website www.tendersorissa.gov.in.
Any addendum / corrigendum / cancellation of tender can also be seen in the said Website.
Sd./- Executive Engineer,
Deo Head Works Division, Karanjia.
32337/11/0003/1819

**TRIBAL DEVELOPMENT CO-OPERATIVE CORPORATION OF ODISHA LTD.**
Rupali Square, PO- Bhoi Nagar, Bhubaneswar-751022
Tel ; 0674-2542475, Fax : 0674-2544828,
email : admin@tdccorissa.org
No. 112/TDCCOL Date : 14.01.2019
**QUOTATION CALL NOTICE**
No. CAD-1263: Quotations in sealed cover are invited from registered firms for interior work and decoration of TDCC stall for Annual adivasi Mela- 2019 at Unit-III exhibition ground, Bhubaneswar scheduled from 26th January, 2019 to 09th February, 2019. Interested firms are to submit their offer and willingness on or before 21.01.2019, 2.00 PM for taking up the following work indicating their lowest rates / prices for decoration and interior work of the stall bearing size of 30' ×15'. The quotations shall be opened on 21.01.2019 at 4.00 P.M. before a committee for necessary action. The Managing Director, TDCCOL, Bhubaneswar reserves the right to accept or reject any or all quotations without assigning any reason thereof. The detail of quotation call notice, instruction and terms and conditions of the contract can be downloaded by logging on www.tdccorissa.org.
26005/11/0022/1819 Sd./- Managing Director

**GOVERNMENT OF ODISHA** No.1127-B
**OFFICE OF THE EXECUTIVE ENGINEER**
**GANJAM [R&B] DIVISION NO.II, BERHAMPUR**
Phone/Fax: 0680-2233996, e-mail: eernb2_bam@yahoo.co.in
INVITATION FOR BIDS (IFB) [e-Procurement]
**TENDER CALL NOTICE**
Bid Identification No. SC (R&B)-GM-II-41/2018-19
No.320 Dated.10.01.2019

| | | | |
|---|---|---|---|
| 1) | The Executive Engineer, Ganjam [R&B] Division No.II, Berhampur on behalf of Governor of Odisha invites percentage rate bid in Double cover system to be received in ONLINE MODE only for the work as detailed below: | | |
| 2) | Nature of Work | : | Building work |
| 3) | No. of work | : | 01 No. |
| 4) | Tender Cost | : | Rs. 10,000/- |
| 5) | Class of Contractor | : | 'B' class, & 'A' class |
| 6) | Availability of bid documents in the website | : | From 21.01.2019 10.00 AM to 02.02.2019 4.00 P.M. |
| 7) | Date of opening of Bid | : | 04.02.2019 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in**. | | |

(Sd./- A.K.Dass)
Executive Engineer
Ganjam (R&B) Division No.II
34080/11/0030/1819

**E-PROCUREMENT NOTICE** No. 42-b
**BID IDENTIFICATION NO. 03/18-19(e-procurement)**
1. The Executive Engineer, National Highway Division, Jeypore invites bids at percentage rate basis for the following work.

| Pkg No. | Name of the Work | Name of the concerned N.H.Division | Approximate value of work (Rs in lakhs) | Bid security (Rs in lakh) | Cost of tender Documents (Rupees) | Class of Eligible contractor | Period of completion in months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | S/R to N.H. 26 such as Renewal coat in patches from Km 323/000 to 339/700 and 342/200 to 345/480 Km for the year 2018-19 | Jeypore | 79.90 | 0.80 | 10,000.00 | B&A | 1 month |

2. Bid document will be available in the website from 11.00 A.M of 14.01.2019 to 5.00 PM of 19.01.2018 for online bidding.
3. All other details can be seen in the Government website www.tendersorissa.gov.in.
34149/11/0004/1819 H.K Panda, Executive Engineer, N.H. Division, Jeypore.

# ଜୀବେଦୟା



ଡା. ବୀର କିଶୋର ପରିଡ଼ା



ଚଳିତବର୍ଷ ଜାନୁୟାରୀ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ଦିନ ଧରି ଆମ ରାଜ୍ୟ ତଥା ଦେଶରେ ସମଗ୍ର ମାନବ ସମାଜର କଲ୍ୟାଣ ସାଧନ ନିମନ୍ତେ ପାଳିତ ହେଉଛି 'ଜୀବ ମଙ୍ଗଳ ପକ୍ଷ'। ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ପରିହାର ସହିତ ସେମାନଙ୍କୁ ସ୍ନେହ, ଶ୍ରଦ୍ଧା, ଦୟା ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ ହିଁ ଜୀବ ମଙ୍ଗଳ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଆଜି ମଣିଷ ପ୍ରକୃତି, ଜଳ, ଜଙ୍ଗଲ, ଜମି ଉପରେ ଦାଉ ସାଧୁଥିବା ବେଳେ ନିରୀହ ବନ୍ୟପ୍ରାଣୀ ଓ ସେମାନଙ୍କ ଆଶ୍ରୟସ୍ଥଳୀ ଏବଂ ଖାଦ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରିଚାଲିଛି । ଅପରପକ୍ଷରେ ପ୍ରାଣୀ(ପଶୁପକ୍ଷୀ) ନିଜର ଜୀବନଧାରଣ ସହିତ ଆମକୁ ବିଭିନ୍ନ

## ଜୀବମଙ୍ଗଳ ପକ୍ଷ ଉପଲକ୍ଷେ

ପ୍ରାଣୀଜ ପୁଷ୍ଟିସାର ଯଥା ଦୁଗ୍ଧ, ମାଂସ, ଅଣ୍ଡା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ମଳମୂତ୍ର ଜମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ ବା ଜୈବିକ ଖତ ରୂପେ ବ୍ୟବହାର ହୋଇ ଆମର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ । ସେହିଭଳି ବନ୍ୟପ୍ରାଣୀଙ୍କ ଦ୍ୱାରା ଜଙ୍ଗଲୀ ଗଛର ମଞ୍ଜି ସବୁ ସେମାନଙ୍କ ପାକସ୍ଥଳୀରେ ଜୈବ-ରାସାୟନିକ ପ୍ରକ୍ରିୟା ସଂଗଠିତ ହୋଇଥାଏ । ଯାହାଫଳରେ ସେମାନଙ୍କ ମଳରୁ ପତିତ ମଞ୍ଜି ମାଟିରେ ପଡ଼ି ଶିଘ୍ର ଅଙ୍କୁରୋଦ୍‌ଗମ ହେବା ଦ୍ୱାରା ନୂତନ ଜଙ୍ଗଲୀ ଗଛ ସୃଷ୍ଟି ହେବାରେ ସହାୟକ ହୋଇଥାଏ । ମାତ୍ର ମଣିଷକୁ ଜୀବନ ଧାରଣ କରିବାରେ ସାହାଯ୍ୟ କରୁଥିବା ପ୍ରାଣୀମାନଙ୍କ ପ୍ରତି ଏବେ ମଧ୍ୟ ବି ଅବିଚାର କରିଚାଲିଛି । ପ୍ରତ୍ୟେକ ଜୀବ ବଞ୍ଚିବାର ଅଧିକାର ନେଇ ଏ ମାଟି ମା' ସେମାନଙ୍କୁ କୋଳରେ ଧରି ରଖିଛି । ଈଶ୍ୱରଙ୍କ ସୃଷ୍ଟି ହେଉଛି ଜୀବ ଜଗତ । ସନ୍ଥକବି ଭୀମ ଭୋଇ ବୋଲିରେ କହିଛନ୍ତି – ''ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ଚାହିଁଦେଲେ ଅନୁସରି । ସକଳ ଘଟରେ ପୂରି ସମାନରେ ନୋହେ ସାନ ବଡ଼ କରି ।'' ତେଣୁ ଏ ବିଶ୍ୱରେ ପ୍ରତ୍ୟେକ ଜୀବର ବଞ୍ଚିବା ନେଇ ଯଥାର୍ଥତା ରହିଛି। ନଚେତ ପ୍ରକୃତିର ଭାରସାମ୍ୟ ରହିବା ଅସମ୍ଭବ। ଆଜି ଜନସଂଖ୍ୟା ବୃଦ୍ଧି ସହିତ ଜଳବାୟୁର ବ୍ୟାପକ ପରିବର୍ତ୍ତନ ଯୋଗୁ ପ୍ରାଣୀଙ୍କ ବାସସ୍ଥାନ, ଖାଦ୍ୟ ନିରାପତ୍ତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି । ଆଜି ଜଙ୍ଗଲର ଯଦି ଅବକ୍ଷୟ ନ ଘଟିଥାନ୍ତା, ତେବେ ବନ୍ୟପ୍ରାଣୀମାନେ ଜଙ୍ଗଲରେ ଆରାମରେ ରହିବା ସହିତ ପ୍ରକୃତିର ସନ୍ତୁଳନ ରକ୍ଷା ପାଇପାରନ୍ତା । ଜଙ୍ଗଲ ବୃଦ୍ଧି ଘଟିଲେ ଅମ୍ଳଜାନ ବୃଦ୍ଧି ହେବା ସହିତ ଅଙ୍ଗାର କାମ୍ଳ, କାର୍ବନ ମନୋକ୍ସାଇଡ୍, ମିଥେନ୍, ନାଇଟ୍ରକ୍ସ ଅକ୍ସାଇଡ୍ ଭଳି ଗ୍ୟାସ ହ୍ରାସ ପାଇବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ଘଟନ୍ତା ନାହିଁ କି ଜଳବାୟୁର ପରିବର୍ତ୍ତନ ଦେଖାଯାଆନ୍ତା ନାହିଁ।

ଆଜି କେତେକ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟାପକ ଗୋଚାଲାଣ ହେବା ଯୋଗୁ ବିକାଶ ଧାରାରେ ଘୋର ଅନ୍ତରାୟ ସୃଷ୍ଟି କରିଛି । ଆମର ଆମୋଦ ପ୍ରମୋଦ ନିମନ୍ତେ ଚିଡ଼ିଆଖାନାରେ କୃତ୍ରିମ ଉପାୟରେ ବାଘ, ସିଂହ ଭଳି ମାଂସାଶୀ ପ୍ରାଣୀ ରଖିବା ଯୋଗୁ ଗୋମାଂସର ଆ । ବ ଶ ୍ୟ କ ତ । ହେଉଛି। ଯଦି ନିଃସ୍ୱାର୍ଥପର ଭାବେ ଏମାନଙ୍କୁ ଜଙ୍ଗଲକୁ ଛାଡ଼ି ଦିଆଯାଏ ତେବେ ସେମାନଙ୍କୁ ଆଉ ଗୋମାଂସ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଯଦି ମନୁଷ୍ୟ ତା'ର ଜିହ୍ୱା ଲାଳସାକୁ ଊର୍ଦ୍ଧ୍ୱରେ ରଖି ଶାକାହାରୀ ହୁଏ କିମ୍ବା ଗୋମାଂସ ଉପରେ ନିର୍ଭର ନ କରିବେ ତେବେ ଗୋମାଂସର ଆବଶ୍ୟକତା ସେମାନଙ୍କର ହେବ ନାହିଁ । ବାକି ରହିଲା ଅର୍ଥ ଉପାର୍ଜନ ପାଇଁ ଗୋମାଂସ ବିଦେଶ ବା ଅନ୍ୟ ରାଜ୍ୟକୁ ଚାଲାଣ ହେବା କଥା । ଆମେ ଯଦି ଆମ ନିରୀହ ମୂକ ଗୋରୁଙ୍କୁ ଖୁବ୍ ଅଳ୍ପଦାମ୍‌ରେ ଅସାଧୁ ବ୍ୟବସାୟୀଙ୍କ ହାତରେ ଟେକିଦେବା, ତେବେ ଆମଠାରୁ ନେଇଥିବା ଅତି କମ୍ ଦାମର ଗୋରୁଙ୍କୁ ସେମାନେ ଗୋଚାଲାଣ ବା ଗୋମାଂସ ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆମକୁ ଭୁଆଁ ବନାଉଛନ୍ତି, ତାହା ବାସ୍ତବରେ ଚିନ୍ତା କରିବାର କଥା । ଆଜି ଗାଁରେ ବଳଦ ଖୋଜିଲେ ମିଳୁନାହିଁ। ପ୍ରାୟ ଖବର କାଗଜ ପୃଷ୍ଠାମଣ୍ଡନ କଲେ ଜଣାଯାଏ ଯେ, କେଉଁଠି ବେଆଇନ ଓ ଅତି ଅମାନୁଷିକ ଭାବେ ଆବଶ୍ୟକତାଠାରୁ ଅଧିକ ଟ୍ରକ୍‌ରେ ବୋଝେଇ କରି ରାତାରାତି ଗୋଚାଲାଣ କରାଯାଉଥିବା ବେଳେ ଗାଡ଼ି ଜବତ କରାଯାଇ ଗୋଶାଳାରେ ଗୋରୁଙ୍କୁ ଛାଡ଼ି ଦିଆଯାଉଛି ତ କେତେବେଳେ ଗୋରୁ ସେ ଗାଡ଼ିରେ ରକ୍ତାକ୍ତ ଓ ମୁମୂର୍ଷୁ ଅବସ୍ଥାରେ ମୃତ୍ୟୁବରଣ କରୁଛନ୍ତି ।

ଓଡ଼ିଶା ଗୋବଧ ନିବାରଣ ଆଇନ ଅନୁଯାୟୀ ଗୋବଧ କେବଳ ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ଓଡ଼ିଶା ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ, ରାଜ୍ୟ ପ୍ରାଣୀ ଗବେଷଣା କେନ୍ଦ୍ର ଆଦିରେ ଗବେଷଣା କାର୍ଯ୍ୟ ପାଇଁ ନିୟମ ଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ଗୋବଧ କରିବା ନିୟମ ନାହିଁ। ଏତଦ୍ ବ୍ୟତୀତ ଅନ୍ୟସ୍ଥାନରେ ଗୋବଧ ହେଉଥିବାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜୀବନ ପ୍ରେମୀ ଯଦିଓ ଏହାର ପ୍ରତିବାଦ କରୁଛନ୍ତି ; ତାହା ଆଜି ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ପାଲଟିଛି । ସେହିପରି ପଶୁ ବଳି କଥା ଚିନ୍ତା କରାଯାଉ । ବଳିର ପ୍ରକୃତ ଅର୍ଥ ହେଉଛି ଭାଗ ବା ଅଂଶ । ନିଜ ପାଇଁ ସିଦ୍ଧ ହୋଇଥିବା ଭୋଜନରୁ ନିଜ ଖାଇବା ପୂର୍ବରୁ ଅସହାୟ ପ୍ରାଣୀଙ୍କ ନିମନ୍ତେ ଅର୍ପଣ କରିବ । ବିଭିନ୍ନ ଦେବଦେବୀ ପୀଠରେ ଏହି ବଳି ପ୍ରଥାନେଇ ନାନା ବାଦ ବିବାଦ ଏବେ ମଧ୍ୟ ଲାଗି ରହିଛି ଏହି ବଳିପ୍ରଥା ଜୀବେ ନିଷ୍ଠୁରତା ନିରୋଧ ଆଇନ-୧୯୬୦ (ଆକ୍ଟ – ୫୯) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ।

ଏହି ପବିତ୍ର ଜୀବ ମଙ୍ଗଳ ପକ୍ଷ ପାଳନ ଉପଲକ୍ଷେ ଆମେ ସମସ୍ତେ ଯଦି ନିମ୍ନଲିଖିତ କେତୋଟି ପଦକ୍ଷେପ ଗ୍ରହଣ କରିବା, ତେବେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

— ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ପରିହାର ସହିତ ସେମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ।



*-ଯୁଗ୍ମ ସମ୍ପାଦକ, ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି, ଓଡ଼ିଶା, କଟକ,ମୋ : ୯୪୩୭୬୦୭୩୧୨*

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ....

(ଦ୍ୱିତୀୟ ଭାଗ)

ଦୁଧିଆଳୀ ଗାଈ ଉପାର୍ଜନର ଏକ ଉତ୍ସ । ସେ ସୁସ୍ଥ ଓ ନୀରୋଗ ହେଲେ କ୍ଷୀର ପରିମାଣ ତଥା ଗୁଣାତ୍ମକ ମାନ ଠିକ୍ ରହିଥାଏ । ରୋଗୀଣା ଦୁଧିଆଳୀ ଗାଈଠାରୁ ଯକ୍ଷ୍ମା, ବ୍ରୁସେଲୋସିସ୍ ତଥା ଥନହରା ରୋଗ ଆମ ଦେହକୁ ଆସିଥାଏ, କିନ୍ତୁ ତାଙ୍କର ପ୍ରକୋପ କମ୍ ଥାଏ । ଚିରରେ ଖଣ୍ଡିଆ ହେଲେ କିମ୍ବା ଗାଈଠାରେ କିଛି ଅନିୟମିତତା ଦେଖାଦେଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ ।

-ଥନହରା ରୋଗ ପ୍ରତି ସଚେତନ ରୁହନ୍ତୁ। ଏହା ଦ୍ୱାରା ଗାଈର ପହ୍ନା ଫୁଲିଯାଏ, କ୍ଷୀର ଛିଣ୍ଡିଯାଏ ଓ ସମୟ ସମୟରେ କ୍ଷୀରରେ ରକ୍ତ ଏବଂ ପୂଜ ପଡ଼ିଥାଏ। ପ୍ରାୟତଃ ସମସ୍ତ ଫାର୍ମରେ ଏହି ଥନହରା ରୋଗ ଦେଖାଯାଇଥାଏ । କେତେଗୁଡ଼ିଏ ପରିଚାଳନା ଗତ ପଦକ୍ଷେପ ଗ୍ରହଣ କଲେ ଏହି ରୋଗ ଦାଉରୁ ଗାଈକୁ ରକ୍ଷା କରିହେବ । ଥନହରା ରୋଗରେ ଗାଈର ଦୁଗ୍ଧ ଉତ୍ପାଦନ କ୍ଷମତା କମିବା ସହ ଦୁଗ୍ଧ ଅପରିଷ୍କାର ଓ ଖାଦ୍ୟ ଅନୁପଯୋଗୀ ହୋଇଥାଏ ।

-ଦୁହିଁବାର ଅଧଘଣ୍ଟା ପୂର୍ବରୁ ଗାଈଦେହରେ ଲାଗିଥିବା ଲୋମ, ଧୂଳି, ମାଟି, ଗୋବର ତଥା ଅନ୍ୟାନ୍ୟ ଅଳିଆ ବ୍ରଶ୍ ଓ ପାଣି ଦ୍ୱାରା ସଫା କରନ୍ତୁ। ନିକଟସ୍ଥ ପରୀକ୍ଷାଗାରରେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ପରୀକ୍ଷାକରି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

-ସୁଷମ ଓ ଗୁଣାତ୍ମକ ଖାଦ୍ୟ ସାଙ୍ଗକୁ ଯଥେଷ୍ଟ ପାଣି ପିଇବା ପାଇଁ ଦେଲେ ଆମେ ପରିଷ୍କାର ଦୁଗ୍ଧ ଉତ୍ପାଦନ କରିପାରିବା । ପିଇବା ଲାଗି ବ୍ୟବହୃତ ପାଣି ସଫା ଏବଂ ରୋଗଜୀବାଣୁ ବିହୀନ ହୋଇଥିବା ଦରକାର ।

**ଦୁଗ୍ଧପାତ୍ର ଓ ବାସନ ସକାଶେ ସାବଧାନତା:**

-ଦୁଗ୍ଧ ଦୁହିଁବା ଲାଗି ଅଣଓସାରିଆ ମୁହଁଥିବା ପାତ୍ରର ବ୍ୟବହାର କଲେ ଗାଈରପହ୍ନା, ଚିର ଓ ତଳିପେଟରୁ ଲୋମ ଏବଂ ଅଳିଆ ଆବର୍ଜନା କ୍ଷୀରରେ ପଡିବାର ଆଶଙ୍କା କମ୍ ଥାଏ ।

-ବାସନକୁ ପ୍ରଥମେ ଗରମ ପାଣିରେ ଧୋଇଲେ ଘିଅ ଓ ତେଲ ଅଂଶ ତରଳି ଯାଇଥାଏ । ତା' ପରେ ଗରମ ପାଣିରେ ଡିଟରଜେଣ୍ଟ ଦେଇ ବ୍ରଶ୍ ମାରନ୍ତୁ, ଯେପରି କି ବାସନରେ ମଇଳା ରହିବ ନାହିଁ । ଯଥେଷ୍ଟ ପାଣି ବ୍ୟବହାର କରି ଡିଟରଜେଣ୍ଟକୁ ପୂରା ବାହାର କରନ୍ତୁ । ବାସନକୁ ସଫା ସ୍ଥାନରେ/ ଷ୍ଟାଣ୍ଡରେ ଓଲଟାଇ ରଖନ୍ତୁ ଯେପରି କି ଜଳୀୟ ଅଂଶ ପୂରା ବାହାରି ଯିବ । ବାସନକୁ ସୂର୍ଯ୍ୟକିରଣରେ/ଖରାରେ ରଖିଲେ ମଧ୍ୟ କେତେକାଂଶରେ ବିଶୋଧିତ ହୋଇଥାଏ ।



-ପାଣି ଛାଟି ଗାଈର ପହ୍ନା,ଚିର, ତଳିପେଟ ଓ ପଛଭାଗ ଧୋଇ ପରିଷ୍କାର କରନ୍ତୁ । ପହ୍ନା ଓ ଚିରକୁ ସଫାକନାରେ ପୋଛିଲା ପରେ ନଖ ଉଷୁମ ପାଣିରେ ପୁଣିଥରେ ସଫାକରି ଓଦା ଚିପୁଡା କନାରେ ପୋଛି ଦିଅନ୍ତୁ ।

-ଦୁହିଁବା ସମୟରେ ଗାଈକୁ ଠିକ୍‌ଭାବେ ବାନ୍ଧନ୍ତୁ, ଯେପରି କି ତାକୁ ଆଘାତ ଲାଗିବ ନାହିଁ ।

-ପାଣିରେ ପୋଟାସିୟମ୍ ପରମାଙ୍ଗାନେଟ୍ ବ୍ୟବହାର କଲେ ପହ୍ନା ଓ ଚିର ଅଧିକ ଜୀବାଣୁମୁକ୍ତ ହୋଇଥାଏ ।

-ଗୋମହିଷାଦି ପ୍ରାଣୀଙ୍କର ନିୟମିତ ବ୍ୟବଧାନ ଭିତରେ ଟିକାକରଣ, କୃମି ଔଷଧ ସେବନ ତଥା ବିଭିନ୍ନ ରୋଗର ନିରାକରଣ ପାଇଁ ଯତ୍ନବାନ ହେବା ଦରକାର ।

-ନିୟମିତ ବ୍ୟବଧାନରେ ଦୁଗ୍ଧକୁ ହୋଇଥାଏ ।

-ଗାଈ ଫାର୍ମରେ ପରିଚ୍ଛନ୍ନତା ଯଥା ଦୁଗ୍ଧ ଦୁହିଁବା ପାତ୍ର, ସାଇତି ରଖିବା ପାତ୍ର ଓ ଦୁଗ୍ଧ ଦୁହିଁବା ଯନ୍ତ୍ର ଆଦି ନିୟମିତ ବ୍ୟବଧାନରେ ପରିଷ୍କାର କରିବା ଆବଶ୍ୟକ । ଦୁଗ୍ଧ ଦୁହିଁବା ଯନ୍ତ୍ର ଏବଂ କ୍ଷୀର ରଖିବା ପାତ୍ର ପରିଷ୍କାର ହେବା ଦରକାର ।

-କ୍ଷୀର ଦୁହିଁବା ପରେ ଏହାକୁ ୪ ଡିଗ୍ରୀ ସେ. ତାପମାତ୍ରା ଠାରୁ କମ୍‌ରେ ସାଇତି ରଖିବା ଜରୁରୀ ।

**-ଡା.ରଞ୍ଜନ କୁମାର ମହାନ୍ତ,**
*ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ*
**-ଡା. ସାରଦା ପ୍ରସନ୍ନ ସାହୁ ,**
*ପ୍ରାଣୀଧନ ଅଧିକାରୀ, ପ୍ରାଣୀପାଳନ, ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ନୂଆଦିଲ୍ଲୀ, ମୋ:୯୪୩୮୪୦୮୧୦୫*

# ଗହମ ଫସଲରେ ଶୀର୍ଷସାର



ଗହମ ଫସଲରେ ଫୁଲ ଓ କ୍ଷୀର ଢ଼ୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲରେ ଏହି ସମୟରେ ଲିଙ୍ଗ ସଞ୍ଚାର ଅବସ୍ଥାରେ ଥିଲେ ଜଳସେଚନ କରନ୍ତୁ ଏବଂ ଅନୁମୋଦିତ ସାରର ଏକ ଚତୁର୍ଥାଂଶ (ଏକର ପ୍ରତି ୧୨ରୁ ୧୬କି.ଗ୍ରା ଯବକ୍ଷାରଜାନ) ଶୀର୍ଷସାର ହିସାବରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଲାଗିଥିଲେ ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ମନୋକ୍ରୋଟଫସ୍ କିମ୍ବା କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ। କାଳିଗୁଣ୍ଡି ରୋଗର ଦମନ ଲାଗି ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# କିପରି କରିବେ ଆମ୍ବ ଡାଆଣୀ ଦମନ

ଆମ୍ବ ବଉଳ ବାହାରିବା ସମୟରେ ଆମ୍ବ ଡାଆଣୀ, ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗ ଲାଗିବାର ଆଶଙ୍କା ରହିଛି। ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୫ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ ଏବଂ ଆମ୍ବ ଡାଆଣୀର ଦମନ ସକାଶେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।



# ରବି ଚିନାବାଦାମ

ବର୍ତ୍ତମାନ ହୋଇଥିବା ଚିନାବାଦାମ ଫସଲରେ କାଁ ଭାଁ ଫୁଲ ଆସିବା ସମୟରେ ଆଉ ବିଳମ୍ବ ନ କରି କୋଡାଖୁସା କରି ମୂଳକୁ ମାଟି ଟେକି ଦିଅନ୍ତୁ। ଦିନର ତାପମାତ୍ରା ବଢ଼ିଲେ ଚିନାବାଦାମରେ ସର୍କୋସ୍ପୋରା ଜନିତ ପତ୍ରଦାଗ ରୋଗ ଦେଖାଯାଇପାରେ। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ ମାଙ୍କୋଜେବ୍ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚା କରନ୍ତୁ। ଠିଆ ଫସଲରେ ଉଇର ପ୍ରାଦୁର୍ଭାବ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ତରଳ କୀଟନାଶକ ମିଶାଇ ଆବଶ୍ୟକ



ପରିମାଣର ଦ୍ରବଣ (୨୦୦ ଲିଟର ପାଣି) ସହ ମାଟିଭିଜା କରନ୍ତୁ। ମେଞ୍ଚିଆ ପାଗ ହୋଇଥିଲେ ଜଉପୋକ ଲାଗିବାର ଆଶଙ୍କା ଥାଏ । ଏମାନଙ୍କର ଦମନ ସକାଶେ ଏକର ପ୍ରତି ୪୦୦ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## ମୋଦି ନରମ, ...

ମୋଦି କହିଛନ୍ତି ଯେ, କେନ୍ଦ୍ର ସରକାର ଆଦିବାସୀମାନଙ୍କ ଅଧିକାରକୁ ଧ୍ୟାନରେ ରଖି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଖଣିଖାଦାନ ଅଞ୍ଚଳର ଲୋକମାନଙ୍କ ସୁବିଧା ପାଇଁ ଡିଏମ୍‌ଏଫ୍ ଗଠନ ହୋଇଛି। ଖଣି ଖାଦାନରୁ ଆସୁଥିବା ଲାଭାର୍ଥ ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ପାଇଁ ଖର୍ଚ୍ଚ କରିବାକୁ ଏହି ବ୍ୟବସ୍ଥା କରାଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ଓଡ଼ିଶାକୁ ୪ ହଜାର କୋଟି ଟଙ୍କାରୁ ଅଧିକ ଲାଭ ମିଳିଛି। ଦୁଃଖର ବିଷୟ ଗରିବଙ୍କ ଏହି ଅର୍ଥର ଖୁବ୍ କମ୍ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି। ବହୁ ଟଙ୍କା ଡିଏମ୍‌ଏଫ୍‌ରେ ପଡିରହିଛି। ଏଠିକା ସରକାରକୁ କ'ଣ ହୋଇଯାଇଛି, ମୋତେ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ମୋଦି କହିଛନ୍ତି। ଲୋକଙ୍କ ସମସ୍ୟା ଦୂର କର। ନିର୍ବାଚନ ଆସିବ ଯିବ। ଏହା ଆଦିବାସୀ ଭାଇଭଉଣୀଙ୍କ ଅଧିକାର ବୋଲି ସେ କହିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାର ବହୁତ କିଛି କରିଛନ୍ତି। ୨୦ ହଜାରରୁ ଅଧିକ ଲୋକ ବାସ କରୁଥିବା ଆଦିବାସୀ ଅଞ୍ଚଳରେ ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ଆଦିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖୁବ୍‌ଶୀଘ୍ର ଆଦିବାସୀ ବହୁଳ ଜିଲାଗୁଡିକରେ କ୍ରୀଡ଼ାର ଉନ୍ନତି ପାଇଁ ୫ କୋଟି ଟଙ୍କା ଲେଖାଏ ଦେବାକୁ ବ୍ୟବସ୍ଥା କରାଯାଇଛି ବୋଲି ମୋଦି କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡିଶାର ବିକାଶ ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ, ହେଲେ ଏଥିରେ ରାଜ୍ୟ ସରକାର ବାଧକ ସାଜିଛନ୍ତି। ଫଳରେ ଓଡିଶାର ବିକାଶ କାମ ହୋଇପାରୁନାହିଁ। ପ୍ରଧାନମନ୍ତ୍ରୀ ପଶ୍ଚିମ ଓଡିଶା ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ସତ୍ତ୍ୱେ ସେ ଆସିଲେ ନାହିଁ। ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ବାରିପଦା ଗସ୍ତ ବେଳେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସି ନ ଥିଲେ। ଦୁଃଖର ବିଷୟ, ମୁଖ୍ୟମନ୍ତ୍ରୀ ରାଜନୀତି କରିବାକୁ ଚାହିଁଲେ, ପଶ୍ଚିମ ଓଡିଶାର ଉନ୍ନତି ଚାହିଁଲେ ନାହିଁ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ କୃଷକଙ୍କ ନାଁରେ କୁମ୍ଭୀର କାନ୍ଦଣା କାନ୍ଦିବା ପାଇଁ ବ୍ୟବସ୍ଥା କରିଛନ୍ତି। ରାଜ୍ୟର ବିକାଶ କଥାକୁ ଆଖି ବୁଜିଦେଇ ମୁଖ୍ୟମନ୍ତ୍ରୀ ରାଜନୀତି କରୁଛନ୍ତି। ବଲାଙ୍ଗୀରରେ ହଜାର କୋଟି ଟଙ୍କା ବ୍ୟୟ କରି ନଡାରୁ ପେଟ୍ରୋଲ ବାହାର କରିବାର ବିକଳ୍ପ ପ୍ରକଳ୍ପ ମୋଦି ସରକାର କରିଛନ୍ତି। ଯୁବକଙ୍କୁ ରୋଜଗାର ଦେବା ଓ ଚାଷୀର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ଏ ପ୍ରକଳ୍ପ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲାରେ ୧୯ ବର୍ଷର ଶାସନରେ ଚାଷ ଜମିରେ ଜଳସେଚନ ନାହିଁ। ତଥ୍ୟାନୁଯାୟୀ ଗତ ୨୦ ବର୍ଷ ଭିତରେ ୫ରୁ ୧୦% ଅଞ୍ଚଳ ଜଳସେଚନ ହୋଇଛି। ଲୋଏର ସୁକତେଲ ପ୍ରକଳ୍ପର କାମ ୧୫ ବର୍ଷ ହେଲା ଚାଲିଛି, କିନ୍ତୁ ସମ୍ପୂର୍ଣ୍ଣ ହୋଇପାରୁନି। ୩୦ ବର୍ଷ ଏ ଅଞ୍ଚଳକୁ ଅଣଦେଖା କରି ରଖାଯାଇଛି। ଓଡ଼ିଶାର ୧୫ ଜିଲାରେ ୨୫୦୦ କିଲୋମିଟର ଜାତୀୟ ରାଜପଥ ରହିଛି। ଏଥିରେ ଆଉ ୧୭୬୭ କିଲୋମିଟର ରାସ୍ତା ଯୋଡ଼ିବା ପାଇଁ ମୋଦି ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ମାତ୍ର ରାଜ୍ୟ ସରକାର ଅନୁମତି ନ ଦେଇ ବିକାଶର ଏତେବଡ଼ କାମକୁ ଜାଣିଶୁଣି ଅଟକାଇ ରଖିବା ଦୁର୍ଭାଗ୍ୟଜନକ। ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ ପାଇଁ ରାଜ୍ୟ ସରକାର ଜମି ଦେଇନାହାନ୍ତି। ହକି ବିଶ୍ୱକପରେ ସଲମାନ ଓ ଶାହରୁଖ ଖାଁଙ୍କୁ ନଚାଇବା ପାଇଁ ପଇସା ଅଛି, କିନ୍ତୁ ଶିକ୍ଷକଙ୍କ ପାଇଁ ପଇସା ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ଏଠି ରାଜ୍ୟ ସରକାର କେବଳ ପ୍ରହସନ ଚଳାଇଛନ୍ତି। ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଟଙ୍କାକୁ ହଡ଼ପ କରୁଛନ୍ତି। ନିର୍ବାଚନରେ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ପିଠା ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଟଙ୍କା ଦେଉଛନ୍ତି। ବିଗତ କଂଗ୍ରେସ ସରକାର ଅମଳରେ ଛବିରାଣୀ, ଅଞ୍ଜନା ମିଶ୍ର ଗଣବଳାତ୍କାର ଭଳି ଘଟଣା ଘଟିଥିଲା। ସେହି ସମୟରେ ଯେଭଳି ମହିଳାଙ୍କ ପ୍ରତି ଅତ୍ୟାଚାର ଘଟିଥିଲା, ଏବେ ସେଭଳି ସ୍ଥିତି ଉପୁଜିଛି। ପିପିଲି ଓ କୁନ୍ଦୁଲି ଗଣବଳାତ୍କାର ଘଟଣାରେ ରାଜ୍ୟ ସରକାର ବଦନାମ ହୋଇଛନ୍ତି। ମହିଳା ଓ ଶିଶୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ବର୍ତ୍ତମାନ ସମୟ ଆସିଛି ଆମେ ସମସ୍ତେ କଠିନ ପରିଶ୍ରମ କରି କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ସରକାରରେ ବସାଇବା ବୋଲି ଓରାମ କହିଛନ୍ତି। **-ରିପୋର୍ଟ: ସୁନୀତ୍ ମିଶ୍ର**



ଭାଜପା ସମାବେଶରେ ଯୋଗଦେଇଥିବା କର୍ମୀ, ସମର୍ଥକ ଓ ଜନସାଧାରଣ ।





ସମାବେଶ ସ୍ଥଳରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି କରାଯାଉଛି ।

## ଓଡ଼ିଆ ସଂସ୍କୃତିକୁ ...

ବିଫଳତା କଥା କହି ବର୍ଷିଛନ୍ତି। ମୋଦି କହିଛନ୍ତି ଯେ, ଓଡିଶା ସୂର୍ଯ୍ୟଦେବଙ୍କ ସ୍ଥାନ। କୋଣାର୍କରୁ ଆସୁଥିବା କିରଣ ସାରା ଭାରତକୁ ଆଲୋକିତ କରିଆସୁଛି। ଓଡ଼ିଶା ସଂସ୍କୃତିର ମୁଖ୍ୟ ଅଂଶ ଓଡ଼ିଆ ଗୀତ, ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା ସାହିତ୍ୟ, କାବ୍ୟ ଅଦ୍ଭୁତ। ଓଡ଼ିଶାରେ ଭାରତର ଗୌରବଶାଳୀ ଇତିହାସ ରହିଛି। ଆମ ସଂସ୍କୃତି ଓ ସଭ୍ୟତାର ବହୁମୂଲ୍ୟ ଦରବାର ହେଉଛି ଓଡ଼ିଶା। ବଲାଙ୍ଗୀରର ଚଉଷଠି ଯୋଗିନୀ ମନ୍ଦିର, ଲୋହରିଗୁଡି ମନ୍ଦିର, ରାଣୀଗୁଡି ମନ୍ଦିର, ସୋମେଶ୍ୱର ମନ୍ଦିର ଆଦି ବହୁ ଶତାବ୍ଦୀରୁ ନିର୍ମିତ ହୋଇଛି। ବୌଦ୍ଧ ଜିଲାର ନୀଳମାଧବ, ସିଦ୍ଧେଶ୍ୱର, ଭୁବନେଶ୍ୱର, କପିଳେଶ୍ୱର ମନ୍ଦିର ଭଳି ଓଡ଼ିଶାର ପ୍ରତି ଜିଲାରେ ଆସ୍ଥାର ବହୁ ମହତ୍ତ୍ୱପୂର୍ଣ୍ଣ ସ୍ଥଳ ରହିଛି। ଓଡ଼ିଶାର ଏପରି ଅନେକ ମନ୍ଦିରର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ କଥା ଦିଲ୍ଲୀରେ ଥିବା ଭାଜପା ସରକାର ଚିନ୍ତା କରିଛି। ମାତ୍ର ପୂର୍ବରୁ ଏସବୁର ଅବସ୍ଥାକୁ ବହୁ ଦୟନୀୟ ଅବସ୍ଥାରେ ଛାଡ଼ି ଦିଆଯାଇଥିଲା। ଗୋଟିଏ ସମୟ ଥିଲା, ଦେଶରୁ ପ୍ରାଚୀନ ମୂର୍ତ୍ତିଗୁଡିକ ଚୋରି ହୋଇ ବିଦେଶକୁ ଚାଲିଯାଇଥିଲା। ବର୍ତ୍ତମାନ ତାକୁ ଫେରାଇ ଅଣାଯାଉଛି। ଏ ବିଷୟରେ କେବଳ ମୋତେ ନୁହେଁ ପୂର୍ବରୁ ଶାସନ କ୍ଷମତାରେ ଥିବା ସରକାରକୁ ମଧ୍ୟ ଜଣାଥିଲା। ହେଲେ ସେମାନଙ୍କର ସଂସ୍କୃତି ପ୍ରତି ପ୍ରେମ, ସଂକଳ୍ପ କିମ୍ବା ସମର୍ପଣ ନ ଥିଲା। ଆଜି ପର୍ଯ୍ୟନ୍ତ ସେମାନେ କିଛି ଶିଖିପାରିଲେ ନାହିଁ ବୋଲି ମୋଦି କହିଛନ୍ତି। ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସକୁ କଂଗ୍ରେସ ବିରୋଧ କରୁଛି ବୋଲି କହି ସେ ସମାଲୋଚନା କରିଛନ୍ତି। ସେହିପରି ଷ୍ଟାଚ୍ୟୁ ଅଫ୍ ୟୁନିଟି ପ୍ରତିଷ୍ଠାକୁ କଂଗ୍ରେସ ସରକାର ବିରୋଧ କରିଥିଲା। ମାତ୍ର ତାହା ଏବେ ପର୍ଯ୍ୟଟନର ମୁଖ୍ୟ ପ୍ରତୀକ ହୋଇଛି। ଯୁବକମାନଙ୍କୁ ରୋଜଗାର ପାଇଁ ନୂଆ ବାଟ ଦେଖାଇଛି। କେନ୍ଦ୍ର ସରକାର ଓଡ଼ିଶାରେ ଗମନାଗମନ ସୁବିଧା ବଢ଼ାଇବା ପାଇଁ କାମ କରୁଛନ୍ତି। ଗୋଟିଏ ମାସ ମଧ୍ୟରେ ୨୦ ହଜାର କୋଟିର କାମ ଓଡ଼ିଶାରେ ଆରମ୍ଭ ହୋଇଛି। ସେହିପରି ଓଡ଼ିଶାରେ ରେଳଲାଇନ୍‌ର ବିକାଶ ପାଇଁ ୨୦ ହଜାର କୋଟିର ବଜେଟ ଦିଆଯାଇଛି, ଯାହା ପୂର୍ବ ସରକାର ଦେଇଥିବା ଅର୍ଥଠାରୁ ୫ ଗୁଣ ଅଧିକ। ବଲାଙ୍ଗୀର-ବିଚ୍ଛୁପାଲି ରେଳ ଚଳାଚଳ ଆରମ୍ଭ ହୋଇଛି। ଆସନ୍ତା ଦିନରେ ଏହା ଖୋର୍ଦ୍ଧା ପର୍ଯ୍ୟନ୍ତ ପ୍ରସାରିତ ହେବ, ଯଦ୍ୱାରା ସ୍ଥାନୀୟ ଛୋଟ ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି ଚାଷୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସୁବିଧା ଦେବ ବୋଲି ସେ କହିଛନ୍ତି।

ମୋଦି ଆହୁରି କହିଛନ୍ତି ଯେ, ଗତ ୪ ବର୍ଷରେ ଭାଜପା ସରକାର ଦେଶରେ ୬ କୋଟିରୁ ଉର୍ଦ୍ଧ୍ୱ ରାଶନ, ଗ୍ୟାସ ସଂଯୋଗ, ଛାତ୍ରବୃତ୍ତି, ଭତ୍ତା ହାତଉଥିବା ଜାଲ୍ ହିତାଧିକାରୀଙ୍କୁ ଧରିଛି। ଏମାନେ କାହା ଦୟାରେ ହିତାଧିକାରୀ ତାଲିକାରେ ସାମିଲ ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏକଥା ଲୋକଙ୍କ ଘରେ ଘରେ ଯାଇ ଓ ଛୋଟବଡ଼ ଖଟିରେ ଲୋକଙ୍କୁ ଜଣାଇବା ପାଇଁ ମୋଦି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ୩୦ ଟଙ୍କାରେ ଚାଉଳ କିଣି ଗରିବଙ୍କୁ ୨ ଟଙ୍କାରେ ଯୋଗାଇ ଦେଉଛନ୍ତି। ମାତ୍ର ଗରିବ ହିତାଧିକାରୀମାନେ ରାଶନ କାଉଣ୍ଟରରେ ସେହି ଲାଭ ପାଉ ନ ଥିଲେ। ଏ ବାବଦରେ ପ୍ରାୟ ୯୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ୍ କରାଯାଉଥିଲା, ଯାହା ଭାଜପା ସରକାର ଆସିବା ପରେ ବନ୍ଦ ହୋଇଯାଇଛି। ଏସବୁ କରିବା ଯୋଗୁ ବହୁ ଶତ୍ରୁ ସୃଷ୍ଟି ହୋଇଥିବା ମୋଦି କହିଛନ୍ତି। ଏହି ଅବସରରେ ମୋଦି ଏସ୍‌ଟି, ଏସ୍‌ସି ଏବଂ ଓବିସି ଲୋକଙ୍କୁ ମିଳୁଥିବା ସଂରକ୍ଷଣ ସୁବିଧାରୁ ବଞ୍ଚିତ ନ କରି ସାଧାରଣ ଗରିବ ବର୍ଗଙ୍କ ପାଇଁ ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ଲାଗୁ କରିଥିବା ୧୦% ସଂରକ୍ଷଣ କଥା କହିଛନ୍ତି।

Dollar 71.05 (13) | Sensex 36,318.33 (464.77) | Nifty 10,886.80 (149.20) | Gold 33,125.00 (₹25) | Silver 40,200.00 (₹100)



"୨୭,୦୦୦ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।
– ଅଜୟ କେ. ଖୁରାନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,ସିଣ୍ଡିକେଟ ବ୍ୟାଙ୍କ

"ଦେଶର ଉଡାଣ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଗୁରୁତ୍ୱ ଦିଆଯାଇଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

### ଅର୍ଥ ମନ୍ତ୍ରଣାଳୟର ଉଦ୍ୟମ: ଟୁଇଟର ସିରିଜରେ ଶିଖାଇବ ବଜେଟ

ନୂଆଦିଲ୍ଲୀ,୧୫-୧: ବଜେଟ ସମ୍ପର୍କରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଟୁଇଟର ସିରିଜ ଜରିଆରେ ଦେଶର ଯେକୌଣସି ନାଗରିକ ବଜେଟରେ ବ୍ୟବହୃତ ଶବ୍ଦଗୁଡିକର ଅର୍ଥ ଓ ସଂଜ୍ଞା ବିଷୟରେ ଜାଣିପାରିବେ। 'ନୋ ଇଓର ବଜେଟ' ନାମରେ ଏକ ଟୁଇଟର ସିରିଜ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ବଜେଟର ଗୁରୁତ୍ୱ ଓ ଏହାକୁ କିପରି ପ୍ରସ୍ତୁତ କରାଯାଏ, ସେ ସମ୍ପର୍କରେ ବିସ୍ତାରିତ ଭାବେ କୁହାଯାଉଛି। ମଙ୍ଗଳବାର ବଜେଟ ଓ ଭୋଟ୍ ଅନ୍ ଆକାଉଣ୍ଟ(ଲେଖାନୁଦାନ) କାହାକୁ କୁହାଯାଏ,ସେନେଇ ଉଲ୍ଲେଖ କରାଯାଇଛି।

### ରପ୍ତାନିରେ ସାମାନ୍ୟ ବୃଦ୍ଧି କମୁଛି ବାଣିଜ୍ୟ ନିଅଣ୍ଟ

ନୂଆଦିଲ୍ଲୀ,୧୫-୧: ଡିସେମ୍ବରରେ ଦେଶର ରପ୍ତାନି ସାମାନ୍ୟ ୦.୩୪% ବୃଦ୍ଧି ପାଇ ୨୭.୯୩ ବିଲିୟନ ଡଲାରରେ ପହଞ୍ଚିଛି। ଇଞ୍ଜିନିୟରିଂ, ରତ୍ନ ଓ ଆଭୂଷଣ, ଚମଡା, ହାତ ତିଆରି ସୂତା ତଥା ଔଷଧର ରପ୍ତାନି ହ୍ରାସ ପାଇଛି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟ ଅନୁଯାୟୀ, ଗତ ମାସରେ ଆମଦାନୀ ୨.୪୪ ପ୍ରତିଶତ ଅର୍ଥାତ୍ ୪୧ ବିଲିୟନ ଡଲାରକୁ ହ୍ରାସ ପାଇଛି। ଫଳରେ ଡିସେମ୍ବରରେ ବାଣିଜ୍ୟ ନିଅଣ୍ଟ ପରିମାଣ ୧୩.୦୮ ବିଲିୟନ ଡଲାରକୁ କମିଛି। ବର୍ଷକ ପୂର୍ବେ ଏହା ୧୪.୨ ବିଲିୟନ ଡଲାର ଥିଲା। ନଭେମ୍ବରରେ ଏହା ୧୬.୬୭ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଆଲୋଚ୍ୟ ବର୍ଷରେ ପେଟ୍ରୋଲିୟମ ଉତ୍ପାଦ(୧୩.୧୮%), ଅର୍ଗାନିକ ଓ ଅଣଅର୍ଗାନିକ ରସାୟନ(୫.୫%) ଏବଂ ବୈଦ୍ୟୁତିକ ସାମଗ୍ରୀ(୫୦.୮୧%) ରପ୍ତାନି ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଏହି ସମୟ ମଧ୍ୟରେ ଦେଶର ସୁନା ଆମଦାନୀ ପରିମାଣ ୨୪.୩୩% ଅର୍ଥାତ୍ ୨.୫ବିଲିୟନ ଡଲାରକୁ ହ୍ରାସ ପାଇଛି।

### ଜେଟ୍ ଏୟାରୱେଜରେ ନିବେଶ କରିବନି କାତାର

ମୁମ୍ବାଇ,୧୫-୧: ସଙ୍କଟଗ୍ରସ୍ତ ଜେଟ୍ ଏୟାରୱେଜର ଅଂଶଧନ କିଣିବ ନାହିଁ ବୋଲି କାତାର ଏୟାରୱେଜ ସ୍ପଷ୍ଟ କରିଛି। ସିଇଓ ଅକବର ଅଲ୍-ବକର ମଙ୍ଗଳବାର ଏଠାରେ ଆୟୋଜିତ ଏଭିଏଶନ କନଫରେନ୍ସରେ ଯୋଗ ଦେଇ ବକର କହିଛନ୍ତି ଯେ, ଜେଟ୍ ଏୟାରୱେଜର ଅଂଶଧନକୁ ଆବୁଧାବୀର ଏତିହାଦ୍ ଏୟାରୱେଜ କିଣିଛି। ୟୁଏଇର ଏକ ଅଂଶ ଆବୁଧାବୀ ତାଙ୍କ ଦେଶ କାତାରର ଶତ୍ରୁ। ଏହି କାରଣରୁ କାତାର ଏୟାରୱେଜ ଜେଟ୍ ବଦଳରେ ଭାରତର ସର୍ବବୃହତ ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋର ଅଂଶଧନ କିଣିବାକୁ ଚାହୁଁଛି ବୋଲି ସେ କହିଛନ୍ତି।

# ଜିଏସ୍‌ଟି ଫାଙ୍କି ରୋକିବ ଫାଷ୍ଟାଗ୍

- ପରିବହନ ଉପରେ ନଜର ରଖାଯିବ
- ଇ-ୱେ ବିଲ୍ ସହ ଯୋଡ଼ାଯିବ ଫାଷ୍ଟାଗ୍
- ୨୦୧୮-୧୯ର ପ୍ରଥମ ୯ମାସରେ ୧୫,୨୭୮.୧୮ କୋଟିର ଫାଙ୍କି ଧରାପଡ଼ିଛି
- ୧ ଲକ୍ଷ କୋଟିର ଟିକସ ଆଦାୟ ଲକ୍ଷ୍ୟ
- ମିଳୁଛି ହାରାହାରି ୯୬,୮୦୦ କୋଟି



ନୂଆଦିଲ୍ଲୀ,୧୫–୧

ସାମଗ୍ରୀର ପରିବହନ ଉପରେ ନଜର ରଖିବା ତଥା ଜିଏସ୍‌ଟି ଫାଙ୍କିକୁ ରୋକିବା ଲାଗି କେନ୍ଦ୍ର ସରକାର ଏବେ ଇ–ୱେ ବିଲ୍‌କୁ ଫାଷ୍ଟାଗ୍ ସହ ଯୋଡ଼ିବାକୁ ଯାଉଛନ୍ତି। ଏପ୍ରିଲରୁ ଏହି ନୂଆ ନିୟମ ଲାଗୁ ହେବାକୁ ଯାଉଛି। ଟ୍ରାନ୍ସପୋର୍ଟରଙ୍କ ସହ ଆଲୋଚନା ପରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ରାଜସ୍ୱ ବିଭାଗ ଦ୍ୱାରା ଇ–ୱେ ବିଲ୍, ଫାଷ୍ଟାଗ୍ ଓ ଡିଏମ୍ଆଇସିର ଲଜିଷ୍ଟିକ୍ସ ଡାଟା ବ୍ୟାଙ୍କକୁ ଯୋଡିବା ଲାଗି ଅଧିକାରୀମାନଙ୍କର ଏକ କମିଟି ଗଠନ କରାଯାଇଛି। ଏହି ସମନ୍ୱିତ ବ୍ୟବସ୍ଥାକୁ ସାରା ଦେଶରେ ଏପ୍ରିଲରୁ ଲାଗୁ କରିବା ପୂର୍ବରୁ କର୍ଣ୍ଣାଟକରେ ପାଇଲଟ ପ୍ରକଳ୍ପ ଭିତ୍ତିରେ ଆରମ୍ଭ କରାଯାଇଛି।

ଜଣେ ଅଧିକାରୀ କହିଛନ୍ତି ଯେ, କିଛି ଟ୍ରାନ୍ସପୋର୍ଟର ଗୋଟିଏ ଇ–ୱେ ବିଲ୍‌ରେ ଏକାଧିକଥର ସାମଗ୍ରୀ ପରିବହନ କରୁଛନ୍ତି। ଇ–ୱେ ବିଲ୍‌କୁ ଫାଷ୍ଟାଗ୍ ସହ ଯୋଡାଯିବା ମାତ୍ରେ ଗାଡ଼ିଗୁଡ଼ିକର ପ୍ରକୃତ ଅବସ୍ଥିତି ସହଜରେ ଜାଣି ହୋଇଯିବ। ଏହାଛଡ଼ା ଗାଡ଼ିଗୁଡ଼ିକ ଜାତୀୟ ରାଜପଥରେ ଟୋଲ୍ ପ୍ଲାଜାଗୁଡ଼ିକୁ କେତେଥର ଅତିକ୍ରମ କରିଛନ୍ତି ତାହା ଫାଷ୍ଟାଗ୍ ମାଧ୍ୟମରେ ଜାଣି ହେବ। ଉଲ୍ଲେଖଥାଉ କି, ଫାଷ୍ଟାଗ୍ ମାଧ୍ୟମରେ ଏବେ ଜାତୀୟ ରାଜପଥରେ ନ୍ୟାଶନାଲ ହାଇୱେଜ ଅଥରିଟି ଅଫ୍ ଇଣ୍ଡିଆ(ଏନ୍ଏଚ୍ଏଆଇ) ଇଲେକ୍ଟ୍ରୋନିକ ପଦ୍ଧତିରେ ଟୋଲ ଆଦାୟ କରିଥାଏ। ଏଣୁ ଇ–ୱେ ବିଲ୍‌କୁ ଫାଷ୍ଟାଗ୍ ସହ ଯୋଡାଯିବା ଦ୍ୱାରା ଗାଡ଼ିଗୁଡ଼ିକର ପ୍ରକୃତ ଅବସ୍ଥିତିକୁ ରାଜସ୍ୱ ବିଭାଗ ଅଧିକାରୀ ସହଜରେ ଖୋଜି ପାଇବେ ଏବଂ ତଦନୁଯାୟୀ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। କାରଣ ଇ–ୱେ ବିଲ୍‌ରେ ଦର୍ଶାଯାଇଥିବା ରାସ୍ତାରେ ଗାଡ଼ି ଯାଉଛି କି ନା ତାହା ଫାଷ୍ଟାଗ୍ ଜରିଆରେ ଜଣାପଡିବ। ଏହାଦ୍ୱାରା ଇଜ୍ ଅଫ୍ ଡୁଇଂ ବିଜନେସ୍ ଉପରେ ବେଶ୍ ସକାରାତ୍ମକ ପ୍ରଭାବ ପଡିବ। କାରଣ ଏହି ସମନ୍ୱିତ ବ୍ୟବସ୍ଥା ସାରା ଦେଶରେ ଥରେ ଲାଗୁ ହୋଇଯିବା ପରେ ଲଜିଷ୍ଟିକ୍ସ ଅପରେଶନର କାର୍ଯ୍ୟଦକ୍ଷତା ବଢ଼ିଯିବ। ଏହାବ୍ୟତୀତ ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଯୋଗୁ ବ୍ୟବସାୟ ପରିବେଶରେ ଉନ୍ନତି ଆସିବ। ଏହାଦ୍ୱାରା ଇ–ୱେ ବିଲ୍‌ରେ ଥିବା ଫାଙ୍କକୁ ଦୂର କରାଯାଇପାରିବ। ସୂଚନାଥାଉ କି, ଚଳିତ ଆର୍ଥିକ ବର୍ଷ ୨୦୧୮–୧୯ର ପ୍ରାରମ୍ଭିକ ୯ ମାସ ଏପ୍ରିଲରୁ ଡିସେମ୍ବର ମଧ୍ୟରେ କେନ୍ଦ୍ରୀୟ ଟିକସ ଅଧିକାରୀମାନେ ୧୫,୨୭୮.୧୮ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିର ୩୬୨୬ ମାମଲା ଧରିଛନ୍ତି। କେନ୍ଦ୍ର ସରକାର ପ୍ରତି ମାସରେ ୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ପ୍ରତି ମାସରେ ହାରାହାରି ୯୬,୮୦୦ କୋଟି ଟଙ୍କା ଆଦାୟ କରିପାରୁଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଜିଏସ୍‌ଟି ନିୟମ ଅନୁଯାୟୀ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ପରିବହନ ଲାଗି ଇ–ୱେ ବିଲ୍ ତିଆରି କରିବା ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ–ରାଜ୍ୟ ଭିତରେ ମାଲ୍ ପରିବହନ ଲାଗି ଏହି ନିୟମ ୨୦୧୮ ଏପ୍ରିଲ ପହିଲାରୁ ଲାଗୁ କରାଯାଇଥିବା ବେଳେ ଏପ୍ରିଲ ୧୫ରୁ କେବଳ ରାଜ୍ୟ ଭିତରେ ଏଥିପାଇଁ ଅନୁମତି ଦିଆଯାଇଛି। ଜିଏସ୍‌ଟି ଆଦାୟ ବୃଦ୍ଧି ସହ ଟିକସ ପରିସର ବଢ଼ାଇବା ଏବେ କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ବୋର୍ଡର ଲକ୍ଷ୍ୟ ରହିଛି। ଜିଏସ୍‌ଟି ଫାଙ୍କି ରୋକିବା ଲାଗି କେନ୍ଦ୍ର ସରକାର ଜିଏସ୍‌ଟି ଗୁଇନ୍ଦା ମହାନିର୍ଦ୍ଦେଶାଳୟ ସ୍ଥାପନ କରିଛି।

# ହୋଣ୍ଡା ଟୁହ୍ୱିଲର୍ସର ସିବି ୩୦୦ ଆର୍ ବଜାରରେ



ଗୁରୁଗ୍ରାମ,୧୫–୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ହୋଣ୍ଡା ସିବି୩୦୦ଆର୍ ଭାରତ ବଜାରରେ ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମଡେଲଟିକୁ ଜାପାନର ନିଓ ସ୍ପୋର୍ଟସ କାଫେ ଢାଞ୍ଚାରେ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ସୂଚନା ଦେଇଛି। ଘରୋଇ ବଜାରରେ ଏହା କମ୍ପ୍ଲିଟଲି ନକ୍‌ଡ ଡାଉନ(ସିକେଡି) ରୁଟ୍‌ରେ ବିକ୍ରି ହେବ। ନୂଆ ଚିନ୍ତାଧାରା ତଥା ଲକ୍ଷ୍ୟକୁ ଆଧାର କରି ଏହି ମଡେଲକୁ ବଜାରକୁ ଆଣିଥିବା କମ୍ପାନୀର ସେଲ୍ସ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ନୂତନ ପିଢିର ବାଇକ ପ୍ରେମୀଙ୍କୁ ଏକ ଭିନ୍ନ ଧରଣର ଅନୁଭୂତି ପ୍ରଦାନ ଦିଗରେ ଏହା ସହାୟକ ହେବ ବୋଲି ଗୁଲେରିୟା କହିଛନ୍ତି। ଏହାର ବୁକିଂ ଆରମ୍ଭ ହୋଇଥିବା ବେଳେ ଏହା ୨୮୬ ସିସିର ଡିଓଏଚ୍‌ସି ୪ ଭଲ୍‌ଭ ଲିକ୍ୟୁଡ କୁଲ୍‌ଡ ଇଞ୍ଜିନ, କ୍ଲାସିକ ଷ୍ଟାଇଲିଂ , ମେଟ ଆକ୍ସିସ ଗ୍ରେ ମେଟାଲିକ, କ୍ୟାଣ୍ଡି କ୍ରୋମୋସ୍ଫିୟର ରେଡ ରଙ୍ଗରେ ଉପଲବ୍ଧ ହେଉଛି। ଏହାର ଏକ୍ସଶୋରୁମ ମୂଲ୍ୟ ୨.୫ ଲକ୍ଷ ଟଙ୍କାରୁ ନିମ୍ନରେ ରହିଛି। ଗ୍ରାହକ କେତେକ ସ୍ଥିରୀକୃତ ଡିଲରଶିପରେ ମାତ୍ର ୫,୦୦୦ ଟଙ୍କା ଦେଇ ବୁକିଂ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଓଟିପି ଜରିଆରେ ଆକାଉଣ୍ଟରୁ ଗାଏବ ହୋଇଯାଉଛି ଟଙ୍କା

ନୂଆଦିଲ୍ଲୀ,୧୫–୧

ହ୍ୟାକରମାନେ ଏବେ ଏକ ନୂଆ ପନ୍ଥା ଆପଣାଇ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରି ନେଉଛନ୍ତି। ବ୍ୟାଙ୍କ ଦ୍ୱାରା ପଠାଯାଉଥିବା ଓଟିପି(ୱାନ୍ ଟାଇମ ପାସ୍‌ୱର୍ଡ)କୁ ଏହି ହ୍ୟାକରମାନେ କୌଣସି ଉପାୟରେ କରାୟତ୍ତ କରି ଆକାଉଣ୍ଟରୁ ଟଙ୍କା ଚୋରାଇ ନେଉଛନ୍ତି। କର୍ଣ୍ଣାଟକର କେତେକ ଇଞ୍ଜିନିୟର ଏଭଳି ଓଟିପି ଚୋରିର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଥିବାର ସାମ୍ନାକୁ ଆସିଛି। ସାଧାରଣତଃ ଦୁଇଟି ଉପାୟରେ ହ୍ୟାକରମାନେ ଓଟିପି ଚୋରି କରୁଛନ୍ତି। ପ୍ରଥମ ଉପାୟରେ ସେମାନେ ନିଜକୁ ବ୍ୟାଙ୍କ କର୍ମଚାରୀ ଭାବେ ପରିଚୟ ଦେଇ ଗ୍ରାହକଙ୍କଠାରୁ ଓଟିପି ପଚାରି ବୁଝି ନେଉଛନ୍ତି। ଦ୍ୱିତୀୟ ପନ୍ଥା ଭାବେ ସେମାନେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି ମାଲୱାର ସଫ୍ଟୱେର୍ ବ୍ୟବହାର କରିଥାନ୍ତି। ଓଟିପି ପାଇଯିବା ପରେ ସେମାନେ ଗ୍ରାହକଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଛନ୍ତି। ସାଇବର ଅପରାଧ ପୋଲିସ ପକ୍ଷରୁ କୁହାଯାଇଛି ଯେ, ହ୍ୟାକରମାନେ ନିଜକୁ ବ୍ୟାଙ୍କ ଅଧିକାରୀ ଦର୍ଶାଇ ଫୋନ୍‌ରେ ଗ୍ରାହକଙ୍କ ଆସ୍ଥାଭାଜନ ହେଲା ପରେ ସେମାନଙ୍କର କାର୍ଡ ନମ୍ବର ଓ ସିଭିଭି ମାଗନ୍ତି। ବିନା ଓଟିପିରେ ଟଙ୍କା ଉଠାଇ ହେବ ନାହିଁ ମନେ କରି ଗ୍ରାହକ ଏହା ସହଜରେ ଦେଇଥାଏ। ତେବେ ହ୍ୟାକର ଏତିକିରେ ନ ଅଟକି ଗ୍ରାହକଙ୍କୁ ଏକ ଏସ୍ଏମ୍ଏସ୍ ପଠାଇଥାଏ। ଏଥିରେ ଥିବା ଏକ ଲିଙ୍କ୍‌କୁ କ୍ଲିକ୍ କରିବାକୁ କୁହାଯାଏ। ଗ୍ରାହକ ଏହି ଲିଙ୍କ୍‌କୁ କ୍ଲିକ୍ କରିବା ମାତ୍ରେ ତାଙ୍କ ମୋବାଇଲ ଫୋନକୁ ଆସୁଥିବା ସମସ୍ତ ଏସ୍ଏମ୍ଏସ୍ ଦ୍ୱାରା ଓଟିପି ହାସଲ କରି ସେମାନେ ଟଙ୍କା ଉଠାଇ ନିଅନ୍ତି।

- ମେକ୍ ଇନ୍ ଇଣ୍ଡିଆକୁ ଝଟକା

# ବିଦେଶରୁ ଟିଭି ଆମଦାନି କରୁଛନ୍ତି କମ୍ପାନୀ

ନୂଆଦିଲ୍ଲୀ,୧୫–୧

ଟିଭି ନିର୍ମାଣରେ ବ୍ୟବହୃତ ଏକ ମୁଖ୍ୟ ଯନ୍ତ୍ରାଂଶ ଓପନ ସେଲ୍ ଏଲ୍ଇଡି ପ୍ୟାନେଲ ଉପରେ କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ଆଦାୟ କରୁଛନ୍ତି। ଫଳରେ ଟିଭି ନିର୍ମାଣ ଏବେ ମହଙ୍ଗା ହେଉଛି। ପ୍ରତିଯୋଗିତାରେ ତିଷ୍ଠି ରହିବା ଲାଗି ମାର୍କେଟ ଲିଡର ସାମସଙ୍ଗ ଏବେ ଭାରତରେ ଟିଭି ନିର୍ମାଣ ବନ୍ଦ କରିଦେଇଛି। କମ୍ପାନୀ ଏବେ ଆସିଆନ ଦେଶରୁ ଟିଭି ଆମଦାନୀ କରିବା ଆରମ୍ଭ କରିଛି। ସାମ୍‌ସଙ୍ଗ ରାସ୍ତାରେ ଏବେ ଏଲ୍‌ଜି ପାଦ ଥାପିବାକୁ ଯାଉଛି। ଏହା ଟିଭି ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ନ କଲେ ମଧ୍ୟ ବିଦେଶରୁ ଆମଦାନୀ କରିବାକୁ ବିଚାର କରୁଛି। ସାମ୍‌ସଙ୍ଗ ପରେ ଏଲ୍‌ଜିର ପଦକ୍ଷେପ କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ'ଯୋଜନା ପାଇଁ ଏକ ଜୋର୍ ଝଟ୍‌କା କୁହାଯାଇପାରେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉପରୋକ୍ତ ଯନ୍ତ୍ରାଂଶର ଆମଦାନୀ ଶୁଳ୍କ ପ୍ରତ୍ୟାହାର କରିବାକୁ ବିଚାର କରୁଛି।

ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନଫର୍ମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଉକ୍ତ ଯନ୍ତ୍ରାଂଶ ଉପରେ ୫% ଆମଦାନୀ ଶୁଳ୍କ ନେଉଛନ୍ତି। ସରକାର ଦେଶରେ ମାନୁଫାକ୍‌ଚରିଂକୁ ପ୍ରୋତ୍ସାହନ ଦେଉଥିବାରୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ଆଲୋଚନା ହେଉଛି। କାରଣ ଏହା ଏକ ବାଧା ହୋଇ ଛିଡା ହେଲାଣି। ସେ କହିଛନ୍ତି ଯେ, ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ ପ୍ରମୋଶନ(ଡିଆଇପିପି) ଏହି ପଦକ୍ଷେପକୁ ସମର୍ଥନ କରୁଛି। ତେବେ ଚୂଡାନ୍ତ ନିଷ୍ପତ୍ତି ଅର୍ଥ ମନ୍ତ୍ରଣାଳୟ ନେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସାମ୍‌ସଙ୍ଗ ଭଳି ଦେଶର ଦ୍ୱିତୀୟ ସର୍ବବୃହତ ଟିଭି କମ୍ପାନୀ ଏଲ୍‌ଜି ମଧ୍ୟ ଦେଶରେ ଟିଭି ନିର୍ମାଣ କରିବା ପରିବର୍ତ୍ତେ ବିଦେଶରୁ ଏହାକୁ ଆମଦାନୀ କରିବାକୁ ଚିନ୍ତା କରୁଛି। କମ୍ପାନୀ ବିଦେଶୀ ବାଣିଜ୍ୟ ଚୁକ୍ତି ରାସ୍ତା ଜରିଆରେ ଏହି ପଦକ୍ଷେପ ନେବାକୁ ଯାଉଛି। କାରଣ ଭାରତ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ବିଦେଶୀ ରାଷ୍ଟ୍ରରୁ ଆମଦାନୀ ହେଉଥିବା ସାମଗ୍ରୀ ଶୁଳ୍କମୁକ୍ତ ହୋଇଥାଏ। ମାମଲା ସମ୍ପର୍କରେ ଜାଣିବା ଲାଗି ମନ୍ତ୍ରଣାଳୟର ଅଧିକାରୀମାନେ ଦୁଇଥର ଉକ୍ତ ଦୁଇ କମ୍ପାନୀର ବରିଷ୍ଠ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଲ୍ଲେଖଥାଉ କି, ଚେନ୍ନାଇ କାରଖାନାରେ ଟିଭି ନିର୍ମାଣ କରୁଥିବା ସାମ୍‌ସଙ୍ଗ ଗତବର୍ଷରୁ ଭିଏତନାମରୁ ଆମଦାନୀ କରିବା ଆରମ୍ଭ କରିଛି। ଏହା ପରେ କମ୍ପାନୀ ଆସିଆନ ଦେଶରୁ ଆମଦାନୀ ବଢ଼ାଇଛି। ଗତ ବର୍ଷ ଅଗଷ୍ଟରୁ ଏହା ଧୀରେ ଧୀରେ ଉତ୍ପାଦନ ହ୍ରାସ କରିବା ପରେ ଅକ୍ଟୋବର ସୁଦ୍ଧା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। କଣ୍ଟ୍ରାକ୍ଟ ମାନୁଫାକଚରର ଡିକ୍ସନ ଟେକ୍ନୋଲୋଜି ଅଧ୍ୟକ୍ଷ ସୁନିଲ ବଚ୍ଛାନୀ କହିଛନ୍ତି ଯେ, ଭାରତରେ ଓପନ ସେଲ୍ ପ୍ୟାନେଲ ନିର୍ମାଣ କରିବା ଲାଗି କୌଣସି କାରଖାନା ନାହିଁ। ହାଇଟେକ୍ ସୁବିଧାଯୁକ୍ତ ଗୋଟିଏ କାରଖାନା ସ୍ଥାପନ ଲାଗି ଅତିକମ୍‌ରେ ୪ ବର୍ଷ ଲାଗିଯିବ। ଏଲ୍‌ଜି ମୁଖପାତ୍ର କହିଛନ୍ତି ଯେ, କମ୍ପାନୀ ମେକ୍ ଇନ୍ ଇଣ୍ଡିଆ ଅଧୀନରେ ଦେଶରେ ଟିଭି ନିର୍ମାଣ ଜାରି ରଖିବ।

# ଭାରତରେ ଖାଦ୍ୟ ବ୍ୟବସାୟରୁ ଓହରିଯିବାକୁ ଆମାଜନର ଯୋଜନା

ନୂଆଦିଲ୍ଲୀ,୧୫–୧

କେନ୍ଦ୍ର ସରକାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ନେଇ ନୂଆ ଗାଇଡଲାଇନ ଜାରି କରିଛନ୍ତି। ଏହାକୁ ଆସନ୍ତା ଏକ ମାସ ଭିତରେ ପ୍ରତ୍ୟାହାର କରା ନ ଗଲେ ଆମାଜନର ରିଟେଲ ବିଜନେସ୍ ୟୁନିଟ ଆମାଜନ ଡଟ୍ ଇନ୍ ୱେବସାଇଟରେ ଖାଦ୍ୟ ସାମଗ୍ରୀ ବିକ୍ରି ବନ୍ଦ କରିଦେବ ବୋଲି ବିଚାର କରୁଛି। ବିଦେଶୀ କମ୍ପାନୀ ଏ ସମ୍ପର୍କରେ ନିଷ୍ପତ୍ତି ନେଲେ ଏହା ଦେଶର ଇ–କମର୍ସ ବ୍ୟବସାୟ ପାଇଁ ଏକ ବଡ଼ ଝଟ୍‌କା ହେବ। କାରଣ ଏହା ଏକମାତ୍ର ବିଦେଶୀ ରିଟେଲର କମ୍ପାନୀ, ଯିଏକି ଫୁଡ୍ ରିଟେଲ ସେଗମେଣ୍ଟରେ ୫୦ କୋଟି ଡଲାର( ପ୍ରାୟ ୩୫ଶହ କୋଟି ଟଙ୍କା) ନିବେଶ କରିବ ବୋଲି ପୂର୍ବରୁ ଘୋଷଣା କରିଥିଲା। ସୂଚନାଥାଉ କି, ବିଦେଶୀ କମ୍ପାନୀମାନଙ୍କ ଲାଗି ଏହି ସେଗ୍‌ମେଣ୍ଟକୁ ଖୋଲାଯାଇଥିଲା। ସରକାରଙ୍କ ପଦକ୍ଷେପ ଯୋଗୁ ଫ୍ୟୁଚର ରିଟେଲ୍‌ର ଅଂଶଧନ କିଣିବାକୁ ଚାହୁଁଥିବା ଆମାଜନ ଏହାକୁ ବିଳମ୍ବ କରିବ। ସୂଚନାଥାଉ କି, ନିକଟରେ କେନ୍ଦ୍ର ସରକାର ଇ–କମର୍ସ ଏଫ୍‌ଡିଆଇ ଉପରେ ଏକ ବିଜ୍ଞପ୍ତି ଜାରି କରିଥିଲେ। ଯେଉଁଥିରେ ଇ–କମର୍ସ କମ୍ପାନୀ ନିଜର ସହଯୋଗୀ କମ୍ପାନୀର ସାମଗ୍ରୀକୁ ବିକ୍ରି କରିବା ଉପରେ କଟକଣା ଲାଗୁ କରାଯାଇଥିଲା।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ପ୍ରାୟୋଜିତ
ନିଯୁକ୍ତି ମେଳା
ତାରିଖ ୧୯।୦୧।୨୦୧୯ ସ୍ଥାନ– ସ୍ପୋର୍ଟସ୍ ଷ୍ଟାଡିୟମ, ମାଲକାନଗିରି
ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ଓ ଜିଲ୍ଲା ପ୍ରଶାସନ ମାଲକାନଗିରି ତରଫରୁ ଆସନ୍ତା ତା୧୯।୦୧।୨୦୧୯ରିଖରେ ସ୍ପୋର୍ଟସ୍ ଷ୍ଟାଡିୟମ, ମାଲକାନଗିରିଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏଣୁ ଇଚ୍ଛୁକ ସମସ୍ତ ବେକାର ଯୁବକ / ଯୁବତୀଙ୍କୁ ଅବଗତ କରାଯାଉଛି କି ଯେଉଁମାନେ ୫ମ ରୁ ଯୁକ୍ତ ୩/ITI ଶିକ୍ଷାଗତ ଯୋଗ୍ୟତା ପୂର୍ଣ୍ଣ କରିଛନ୍ତି ଏବଂ ବୟସ ୧୮ ରୁ ୩୫ ମଧ୍ୟରେ ହୋଇଥିବ, ସେମାନଙ୍କ ମଧ୍ୟରୁ ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ତା୧୯।୦୧।୨୦୧୯ରିଖରେ ସ୍ପୋର୍ଟସ୍ ଷ୍ଟାଡିୟମ, ମାଲକାନଗିରିଠାରେ ଦିବା ଘ.୯ ଘଟିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଯୋଗ ଦେଇ ବିଭିନ୍ନ ବେସରକାରୀ ସଂସ୍ଥାରେ ସିଧାସଳଖ ନିଯୁକ୍ତି ଓ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣର ସୁଯୋଗ ପାଇପାରିବେ। ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀମାନେ ନିଜର ପାସପୋର୍ଟ ଫଟୋ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ସହିନକଲ ସହ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିବେଦନ କରାଯାଉଅଛି।
ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ନିମନ୍ତେ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରିଙ୍କ ଫୋନ୍ ନଂ.୦୬୮୬୧–୨୩୦୪୨୭ରେ ଯୋଗାଯୋଗ କରନ୍ତୁ।
ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରି ଜିଲ୍ଲାପାଳ, ମାଲକାନଗିରି

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲି଼.
Utkalika କାରିଗର ସହାୟତା କେନ୍ଦ୍ର, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ବିଜ୍ଞାପନ
ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲି଼, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **କେ.ଆର୍.ଏମ୍.ସି. ପରିସର, ବଲାଣି, କେଉଁଝର ଏବଂ ଉଦୟପୁର, ରାଜସ୍ଥାନ ଠାରେ ୦୧/୦୨/୨୦୧୯ ଠାରୁ ୧୦/୦୨/୨୦୧୯ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୨୧/୦୧/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା** ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ।
ସ୍ୱା/–
ପରିଚାଳନା ନିର୍ଦ୍ଦେଶକ

ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)
ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା
ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :
1. NIT No. **50/CDB/2018-19.** କାର୍ଯ୍ୟର ନାମ : ଯାଜପୁର ରୋଡ ପୋଷ୍ଟ ଅଫିସ୍‌ରେ ପାର୍ସଲ୍ ହବ୍‌ସେଡ୍‌ର ସ୍ଥାପନା। ଆନୁମାନିକ ମୂଲ୍ୟ : ଟ.୧୪,୨୭,୨୦୮.୦୦, ଅମାନତ ଜମା ରାଶି : ଟ.୨୮,୫୪୪/–, ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୨.୦୧.୨୦୧୮ରିଖ ଅପରାହ୍ନ ୧୫.୦୦ଘଟିକା ପର୍ଯ୍ୟନ୍ତ।
2. NIT No. **51/CDB/2018-19.** କାର୍ଯ୍ୟର ନାମ : କଟକର ଲିଙ୍କରୋଡ୍ ସାଇଟ୍‌ରେ ପାର୍ସଲ୍ ହବ୍‌ସେଡ୍‌ର ସ୍ଥାପନା। ଆନୁମାନିକ ମୂଲ୍ୟ : ଟ.୧୪,୨୭,୪୧୯.୦୦, ଅମାନତ ଜମା ରାଶି : ଟ.୨୮,୫୪୮/–, ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୨.୦୧.୨୦୧୮ରିଖ ଅପରାହ୍ନ ୧୫.୦୦ଘଟିକା ପର୍ଯ୍ୟନ୍ତ।
ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ।
ସ୍ୱା/– କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି଼.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
Regd.Office: Janpath, Bhubaneswar-751022, Telephone: (0674) 2540051, (EPABX), Website: www.optcl.co.in, CIN:U4102OR2004SGC007553
NOTICE INVITING TENDER (NIT)
(DOMESTIC COMPETITIVE e-BIDDING)
e-TENDER NOTICE NO.:CPC-53/2018-19 Date: 16.01.2019
ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelope system from reputed EPC/Turnkey Contractors for Engineering, Supply, Erection and Commissioning for **diversion of one no. 400 KV line and 4 nos. 220 KV line with 220 KV LILO arrangement for connectivity with the 400/220KV Gas Insulated Substation at Meramundali-B at an Estimated Cost of the Package for ₹ 39.18 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents are available on **"www.tenderwizard.com/OPTCL"** portal from Dt. **(16/01/2019)/(11.00) AM** up to Dt. **(06/02/2019) (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL** for further detail.
**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.
Chief General Manager (C.P.C.)
CR-Advt.No.- 75/18-19 Email id: sgm.cpc@optcl.co.in
Please connect us: optcl.odisha optcl_odisha energyodisha

GRIDCO LIMITED
(A Govt. of Odisha Undertaking)
(Formerly Grid Corporation of Odisha Limited)
GRIDCO Empowering Odisha
Regd. Office : Janpath, Bhoinagar, Bhubaneswar - 751022
Phone : 0674-2541168/2543677, Fax : 0674-2543677
Website : www.gridco.co.in, Email : dmu_gridco@optcl.co.in, CIN : L40109OR1995SGC003960
NOTICE INVITING TENDER
(DISCOM MONITORING UNIT)
DISCOM MONITORING UNIT, GRIDCO invites Sealed Tenders in duplicate on two part bidding system from eligible **Advt. Agency,** who comply to the terms and conditions laid in the tender document for carrying out **'Media Campaign'** for Electricity Consumers to create awareness about consumers rights & duties as per following schedule :

| Tender SL. No. | Activities | Last date of Submission of Bids | Opening of Technical Bid |
|---|---|---|---|
| T/S No-DMU/ 18-19/09/MC | Wall painting of 680 Sub stations / Section / Sub-Division / Division / Fuse call walls in Divisional Hqrs. | 30.01.2019 at 16.00 Hrs | 04.02.2019 at 16.00 Hrs |
| T/S No-DMU / 18-19/10/MC | Performance of Skits by Dedicated Street Theater Group in 30 Districts Hqs. and 10 Important Towns with LCD Mounted OB Van. | 30.01.2019 at 16.00 Hrs | 04.02.2019 at 16.00 Hrs |
| T/S No-DMU / 18-19/11/MC | Painting, Poster & Debate Competitions on Selected Topic in High School in 72 Divisional Hqs. | 30.01.2019 at 16.00 Hrs | 04.02.2019 at 16.00 Hrs |

For details (Specification & Term Conditions, Eligibility Criteria, Cost of Tender Document, EMD etc for above tender) prospective bidders may please visit our website : **www.cescoorissa.com, www.nescoodisha.com, www.southcoodisha.com & www.wescoodisha.com**. Prospective bidders may also visit our website regularly for any addendum / corrigendum.
Sd/-
HEAD, DMU

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY
GLOBAL TENDER NOTICE
NO.NBC/MM/1000040603/PIG IRON/2019/01, Date: 08/01/2019
Online bids are invited for the supply of the following material for our Smelter plant, Angul (Orissa), India from bonafide indigenous as well as overseas manufacturers/suppliers or their accredited agents. Item Description: **Pig Iron,** Approx. Qty. reqd. (MT): **2400 MT+/-5%,** Earnest Money Deposit : **Rs.9,35,880/-** or in Equivalent Foreign Currency. Last date of Tender submission : **05.02.2019 Up to 1:00 PM.** Tender documents and online submission procedure can be downloaded from Nalco's website i.e. **www.nalcoindia.com & www.eprocure.gov.in.** Please refer to the above website for any further updation or modification in NIT.
DGM (Materials)

See Career Appointment on every Wednesday & Saturday



ଟୋକିଓ ୨୦୨୦ ଗେମ୍ସ ଆୟୋଜନ ଅଧିକାର ହାସଲ କରିବା କ୍ଷେତ୍ରରେ ଲାଞ୍ଚ କାରବାର ହୋଇଥିବା ଯାହା ଶୁଣାଯାଉଛି ତାହା ଏକ ଗୁଜବ ।

–ସୁନେକାଜୁ ଟାକେଡା, ଜାପାନ ଅଲିମ୍ପିକ କମିଟି ମୁଖ୍ୟ



ଓଲେ ଗନାର ସଲ୍‌ସ୍କଜାର ମାଞ୍ଚେଷ୍ଟର ୟୁନାଇଟେଡର କାମଚଲା ମ୍ୟାନେଜର ହେବା ପରେ ଫର୍ମକୁ ଫେରିବା ସହ ମୋ ମୁହଁରେ ହସ ଫୁଟିଛି ।

–ପଲ୍ ପୋଗ୍‌ବା, ଫ୍ରେଞ୍ଚ ମିଡ୍‌ଫିଲ୍ଡର

## ସଂକ୍ଷେପରେ

### କ୍ୱାମାର ସର୍ବକନିଷ୍ଠ ବକ୍ସିଂ କୋଚ୍

**ନୂଆଦିଲ୍ଲୀ, ୧୫।୧(ପି.ଟି.):** ସମ୍ମାନଜନକ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂରେ ଭାରତ ପାଇଁ ସର୍ବପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ମହମ୍ମଦ ଅଲି କ୍ୱାମାରଙ୍କୁ ମହିଳା ବକ୍ସିଂ ଦଳର ମୁଖ୍ୟକୋଚ୍ ନିଯୁକ୍ତ କରାଯାଇଛି। ନିକଟରେ ୩୮ ବର୍ଷରେ ପଦାର୍ପଣ କରିଥିବା ମହମ୍ମଦ ଅଲି ଏଥିସହ ଭାରତୀୟ ମହିଳା ବକ୍ସିଂ ଦଳର ଗୁରୁଦାୟିତ୍ୱ ତୁଲାଇବାରେ ସର୍ବକନିଷ୍ଠ ପ୍ରଶିକ୍ଷକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଭେଟେରାନ ଶିବ ସିଂଙ୍କ ସ୍ଥାନରେ ସେ ଏହି ଟପ୍ ପୋଜିଶନରେ ଅବସ୍ଥାପିତ ହୋଇଛନ୍ତି। ଅର୍ଜୁନ ପୁରସ୍କାର ବିଜେତା କ୍ୱାମାର ଗତ ୩ ବର୍ଷ ହେବ ରେଲ୍‌ୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ମହିଳା ବକ୍ସିଂ ଦଳର ମଧ ପ୍ରଶିକ୍ଷକ ଦାୟିତ୍ୱ ମଧ ତୁଲାଇ ଆସୁଛନ୍ତି। 'ଏହା ମୋ ପାଇଁ ସର୍‌ପ୍ରାଇଜ୍ ଥିଲା। ଏହି ନୂଆ ଦାୟିତ୍ୱ ବିଷୟରେ ସୋମବାର ରାତିରେ ଜାଣିଲି ଏବଂ ସେଥିଲାଗି ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)କୁ କୃତଜ୍ଞତା ଜଣାଇବି' ବୋଲି ୨୦୦୨ ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିବା ମହମ୍ମଦ କହିଛନ୍ତି। କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରିକମ୍‌ଙ୍କ ଟ୍ରେନର ଛୋଟେ ଲାଲ୍ ଯାଦବଙ୍କ ସମେତ ୭ଜଣ ସହକାରୀ କୋଚ୍ କ୍ୱାମାରଙ୍କୁ ପ୍ରଶିକ୍ଷଣରେ ସହାୟତା କରିବେ।

### ଗୁକେଶ ବିଶ୍ୱର ଦ୍ୱିତୀୟ ସର୍ବକନିଷ୍ଠ ଗ୍ରାଣ୍ଡ ମାଷ୍ଟର

**ଚେନ୍ନାଇ, ୧୫।୧(ପି.ଟି.):** ତାମିଲନାଡୁର ଡି. ଗୁକେଶ ମଙ୍ଗଳବାର ବିଶ୍ୱର ଦ୍ୱିତୀୟ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ବିବେଚିତ ହୋଇଛନ୍ତି। ମାତ୍ର ୧୨ବର୍ଷ ୭ ମାସ ଓ ୧୭ ଦିନ ବୟସରେ ସେ ଏହି ମାନ୍ୟତା ପାଇଛନ୍ତି। ଗତ ବର୍ଷ ଜୁନରେ ଅନ୍ୟତମ ତାମିଲନାଡୁ ଚେସ୍ ଖେଳାଳି ଆର. ପ୍ରଗନନ୍ଦା ଏହି ମାନ୍ୟତା ପାଇଥିଲେ ମଧ ଗୁକେଶ ତାଙ୍କୁ ପଛରେ ପକାଇଛନ୍ତି। ଦିଲ୍ଲୀରେ ଚାଲିଥିବା ୧୭ତମ ଦିଲ୍ଲୀ ଆନ୍ତର୍ଜାତିକ ଓପନ୍ ଚେସ୍ ଟୁର୍ନାମେଣ୍ଟରେ ଗୁକେଶ ନିଜ ଦେଶର ଡି.କେ. ଶର୍ମାଙ୍କୁ ନବମ ରାଉଣ୍ଡରେ ପରାସ୍ତ କରି ତୃତୀୟ ଓ ଫାଇନାଲ ଜି.ଏମ୍. ନର୍ମ ହାସଲ କରିଛନ୍ତି। ଏଥିସହିତ ସେ ଭାରତ ୫୯ତମ ଗ୍ରାଣ୍ଡମାଷ୍ଟର ସାବ୍ୟସ୍ତ ହୋଇଛନ୍ତି। ତେବେ ୟୁକ୍ରେନର ସେର୍ଗେ କାର୍ଜାକିନ୍ ପୂର୍ବପରି ବିଶ୍ୱ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ମାନ୍ୟତା ବଜାୟ ରଖିଛନ୍ତି। ୨୦୦୨ରେ ସେ ମାତ୍ର ୧୨ ବର୍ଷ ସାତ ମାସରେ ଏହି ସଫଳତା ଅର୍ଜନ କରିଥିଲେ। ଗତ ଡିସେମ୍ବରରେ ଗୁକେଶ ଅଳ୍ପକେ ରେକର୍ଡ ହାସଲରୁ ବଞ୍ଚିତ ହୋଇଥିଲେ। ବାର୍ସିଲୋନାରେ ଅନୁଷ୍ଠିତ ସନୱେ ସିଟଗେସ ଆନ୍ତର୍ଜାତିକ ଚେସ୍‌ରେ ସେ ଇଟାଲୀ ଜିଏମ୍ ଡାନିଏଲେ ଭୋକାଟୁରୋଙ୍କଠାରୁ ପରାସ୍ତ ହେବା ଫଳରେ ରେକର୍ଡ ହାସଲ କରିପାରି ନ ଥିଲେ। ଗ୍ରାଣ୍ଡମାଷ୍ଟର ମାନ୍ୟତା ପାଇଥିବାରୁ ଗୁକେଶ ଖୁସି ଜାହିର କରିଛନ୍ତି।





ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରଥମ ରାଉଣ୍ଡ ଜିତିବା ପରେ ସର୍ବିୟାର ନୋଭାକ ଜୋକୋଭିଚ୍। ମ୍ୟାଚ୍ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଆମେରିକାର ସେରେନା ୱିଲିୟମ୍ସ।

# ଜୋକୋଭିଚ୍, ସେରେନାଙ୍କ ବିଜୟ ଅଭିଯାନ

**ମେଲବୋର୍ନ, ୧୫।୧(ଏଏଫ୍‌ପି)**

**ଅଷ୍ଟ୍ରେଲିଆନ ଓପନ ଟେନିସ**

ସର୍ବିୟାର ନୋଭାକ ଜୋକୋଭିଚ୍, ଆମେରିକାର ସେରେନା ୱିଲିୟମ୍ସ ସହଜ ବିଜୟ ସହ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛନ୍ତି। ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଲକ୍ଷ୍ୟରେ ଥିବା ଜୋକୋଭିଚ୍ ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚରେ ଆମେରିକାର ମିଚେଲ କ୍ରୁଗରଙ୍କୁ ୬–୩, ୬–୨, ୬–୨ ସେଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱର ଏହି ନମ୍ବରୱାନ ଖେଳାଳି ଏହାକୁ ମିଶାଇ କ୍ରମାଗତ ୧୩ଥର ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ସେରେନା ୬–୦, ୬–୨ ସେଟ୍‌ରେ ଜର୍ମାନୀର ତାତଜାନା ମାରିଆଙ୍କୁ ହରାଇ ଦେଇଛନ୍ତି। ରେକର୍ଡ ସମକକ୍ଷ ୨୪ତମ ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟରେ ରହିଥିବା ସେରେନାଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୪୯ ମିନିଟ୍ ସମୟ ଲାଗିଥିଲା। ୩୭ ବର୍ଷୀୟା ସେରେନା ଦୁଇବର୍ଷ ତଳେ ନିଜର ୨୩ତମ ଗ୍ରାଣ୍ଡସ୍ଲାମ ଜିତିଥିଲେ। ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଜିତି ସେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଟେନିସ ଖେଳାଳି ମାର୍ଗାରେଟ୍‌ଙ୍କ ସହ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛନ୍ତି। ମାର୍ଗାରେଟ୍ ମହିଳା ସିଙ୍ଗଲ୍ସରେ ରେକର୍ଡ ସଂଖ୍ୟକ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଶୀର୍ଷରେ ରହିଛନ୍ତି।

ପୁରୁଷ ସିଙ୍ଗଲ୍ସର ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକରେ ଜର୍ମାନୀର ଆଲେକ୍ସାଣ୍ଡର ଜାଭେରେଭ, ଜାପାନର କେଇ ନିଶିକୋରି, ସୁଇଜରଲାଣ୍ଡର ଷ୍ଟାନ୍ ୱାରିଙ୍କା, ଫ୍ରାନ୍ସର ଜୋ–ୱିଲଫ୍ରେଡ୍–ସୋଙ୍ଗା, ଦକ୍ଷିଣ କୋରିଆର ହ୍ୟୁନ ଚୁଙ୍ଗ୍, ଫ୍ରାନ୍ସର ଜାଇଲ୍ସ ସିମନ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସର ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକରେ ଆମେରିକାର ଭେନସ ୱିଲିୟମ୍ସ, ରୋମାନିଆର ସିମୋନା ହାଲେପ, ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା, କାନାଡ଼ାର ଇଉଜିନ ବୌଚାର୍ଡ, ୟୁକ୍ରେନର ଏଲିନା ସ୍ୱିତୋଲିନା, ବ୍ରିଟେନର ଜୋହାନା କୋଣ୍ଟା, ସ୍ପେନର ଗାର୍ବିନ ମୁଗୁରୁଜା, ଚେକ୍ ରିପବ୍ଲିକର କ୍ରିଷ୍ଟିନା ପ୍ଲିସ୍‌କୋଭା, ଫ୍ରାନ୍ସର ଆଲିଜେ କୋର୍ନେଟ ପ୍ରମୁଖ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଧୋନୀଙ୍କୁ କୋହଲିଙ୍କ ପ୍ରଶଂସା

**ଆଡିଲେଡ,୧୫।୧(ପି.ଟି.)**

ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ ପାଇଁ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ କ୍ୟାପ୍ଟେନ କୋହଲି ପ୍ରଶଂସା କରିଛନ୍ତି। ୫୪ ବଲରୁ ଅପରାଜିତ ୫୫ ରନ ସଂଗ୍ରହ କରି ଧୋନୀ ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିରେ ଦୁଇଟି ବିଶାଳ ଛକା ସାମିଲ ରହିଛି। ଧୋନୀ ଏବେ ଦଳରେ ଅଂଶବିଶେଷ। ତେଣୁ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି କୋହଲି କହିଛନ୍ତି। ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ସେ ନିଜର ଇନିଂସକୁ ଆଗକୁ ବଢାଇଥିଲେ। ଧୋନୀଙ୍କର ଏହା ଆଉ ଏକ କ୍ଲସିକ ଇନିଂସ। ଶେଷ ପର୍ଯ୍ୟନ୍ତ ସେ ମ୍ୟାଚକୁ ନେଇ ଫିନିସ କରିଥିଲେ ବୋଲି ମ୍ୟାଚ୍ ପରର ଖବରଦାତା ସମ୍ମିଳନୀରେ କୋହଲି କହିଛନ୍ତି। ଧୋନୀ ଏବଂ ମୁଁ ୫୦ ଓଭର ଫିଲ୍ଡିଂ କରିବା ପରେ ବ୍ୟାଟିଂ କରିବା ଅବସରରେ କ୍ଳାନ୍ତ ହୋଇ ପଡିଥିଲୁ।

ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ମଧ କୋହଲି ପ୍ରଶଂସା କରିଛନ୍ତି। ଡେଥ୍ ଓଭରରେ ସେ ବେଶ୍ ଉଚ୍ଚକୋଟୀର ବୋଲିଂ କରିଥିଲେ ଓ ଗୋଟିଏ ଓଭରରେ ଶନ୍ ମାର୍ଶ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ଆଉଟ କରି ସେ ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ। ଅନ୍ୟପଟେ ଭାରତ ଅପେକ୍ଷାକୃତ ଭଲ ଖେଳିଲା ଓ ବିଜୟ ହକ୍‌ଦାର ବୋଲି ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ କହିଛନ୍ତି। ଶନ୍ ମାର୍ଶଙ୍କ ଶତକୀୟ ପାଳିକୁ ସେ ପ୍ରଶଂସା କରିଛନ୍ତି।



ପଦକ ଓ ମାନପତ୍ର ସହ ପ୍ରତ୍ୟାଶା ରୟ।

## ପ୍ରତ୍ୟାଶାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି):** ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ମଙ୍ଗଳବାର ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରୟ ରୌପ୍ୟ ପଦକ ଲାଭ କରିଛନ୍ତି। ପ୍ରତ୍ୟାଶା ୩୨.୦୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ ପ୍ରତ୍ୟାଶା ୨୦୦ ମିଟରରେ ୪ର୍ଥ ସ୍ଥାନରେ ରହିଥିଲେ ହେଁ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୧୦.୬୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୧ ବର୍ଷରୁ କମ୍ ଓଡ଼ିଶା ବାଳିକା ଖୋ–ଖୋ ଦଳ ପ୍ରତିଯୋଗିତାରେ ଆକର୍ଷଣ ପ୍ରଦର୍ଶନ ବଜାୟ ରଖିଛି। ବାଳିକା ଦଳ ୧୫–୧୪ରେ ଗୁଜରାଟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

## କଟକରେ ହେବ ଏସିଆ କପ୍ ସିନିୟର ରୋଇଂ

**କଟକ ଅଫିସ,୧୫।୧**

କଟକ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ହେବ ଏସିଆ କପ୍ ସିନିୟର ଏବଂ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ। ରୋଇଂ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାରେ ପ୍ରଥମ ଥରପାଇଁ ଏପରି ୨ଟି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏକାବେଳେ ଅନୁଷ୍ଠିତ ହେବ। ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ପ୍ରତିଯୋଗିତା ହେବାକୁ ଥିବାରୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି ବୋଲି ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବା ପରେ ଓଡ଼ିଶା ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିସାରିଛି। ଆସନ୍ତା ଜୁଲାଇରେ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ହେବ ବୋଲି ଘୋଷଣା ହୋଇ ସାରିଛି। ଏବେ ରୋଇଂ ପାଇଁ ଆସିଛି ଶୁଭ ଖବର। ଗତ ବର୍ଷ ଜଗତପୁର ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଜାତୀୟ ରୋଇଂ ଚାମ୍ପିୟନଶିପ ସଫଳତାର ସହ ଆୟୋଜନ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ରୋଇଂ ଫେଡେରେଶନ ଅଫ ଇଣ୍ଡିଆ ଏବେ ଜଗତପୁରରେ ୨ଟି ଏସୀୟ ପ୍ରତିଯୋଗିତା ହେବାକୁ ସବୁଜ ସଙ୍କେତ ଦେଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି ବୋଲି ବିନୋଦ କହିଛନ୍ତି। ନଭେମ୍ବର ଶେଷ ସପ୍ତାହ ପୂର୍ବରୁ ଭିତ୍ତିଭୂମିର ବିକାଶ ସମ୍ପୂର୍ଣ୍ଣ କରାଯିବ। ଏ ନେଇ ବ୍ଲୁ–ପ୍ରିଣ୍ଟ ପ୍ରସ୍ତୁତ ହେବା ସହ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଖୁବଶୀଘ୍ର ପଠାଯିବ। ବିରୂପା ନଦୀରେ ଏହି ପ୍ରତିଯୋଗିତା ହେବ। ତେଣୁ ସେଠାରେ ଭିତ୍ତିଭୂମୀରେ ଉନ୍ନତି ଅଣାଯିବ। ପ୍ରତିଯୋଗିତା ସ୍ଥଳର ଦୈର୍ଘ୍ୟ ଅଧିକ ରହିବା ସହ ଏହା ଅଣଓସାରିଆ ରହିଛି । ଏଣୁ ଏହାକୁ ସିଧା କରାଯାଇ ଦୈର୍ଘ୍ୟକୁ ୨.୪ କିମି କରାଯିବ। ଏହାଛଡ଼ା ପ୍ରସ୍ଥ ୬୦ମିଟର ରହିଛି। ଏହାକୁ ୧୧୦ମିଟରକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ନଦୀବନ୍ଧରେ ଥିବା ଆବର୍ଜନାପୂର୍ଣ୍ଣ ସ୍ଥାନ ଗୁଡ଼ିକୁ ପାର୍କ କରାଯିବା ପାଇଁ ପ୍ରସ୍ତାବ ଦିଆଯିବ ବୋଲି ବିନୋଦ କହିଛନ୍ତି । ସୂଚନା ଥାଉକି, ଏସିଆ କପ୍ ଏବଂ ଏସିଆନ ରୋଇଂ ଚାମ୍ପିୟନଶିପ ଶେଷଥର ପାଇଁ ଭାରତରେ ୨୦୦୫ରେ ହାଇଦ୍ରାବାଦରେ ହୋଇଥିଲା।

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି: ସେମିରେ କ୍ରାଉନ

**ଭଣ୍ଡାରିପୋଖରୀ,୧୫।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆଠାରେ ଚାଲିଥିବା ଦ୍ୱାଦଶତମ ଆନ୍ତଃଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ କଟକର ବିଶ୍ୱଭାରତୀ କ୍ଲବକୁ ହରାଇ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। କ୍ରାଉନ ଟସ ଜିତି ବିଶ୍ୱଭାରତୀକୁ ପ୍ରଥମେ ବ୍ୟାଟିଂ ଦେଇଥିଲା। ବିଶ୍ୱଭାରତୀ ୨୩.୨ ଓଭରରେ ୧୦ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌରଭ ବୋଷ ୨୯ ବଲରେ ୨୭ ରନ, ସଞ୍ଜୀବ ସାହୁ ୨୨ ବଲରେ ୨୬ ରନ କରିଥିଲେ। ପ୍ରତିପକ୍ଷ ବୋଲର ନ୍ୟୁଟନ ମହାନ୍ତି ୪ ଓଭର ବୋଲିଂ କରି ୩ ଉଇକେଟ, ଅଜିତ ରାଉତ ୪ ଓଭରରେ ୨ ଉଇକେଟ, ଓମ ଆରିୟା ୫ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। ୯୬ ରନ ବିଜୟ ଲକ୍ଷ୍ୟକୁ କ୍ରାଉନ ସ୍ପୋର୍ଟିଂ ୧୩.୧ ଓଭରରେ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଓମ୍ ଆରିୟା ୪୨ ବଲରେ ୩ ଛକା, ୭ ଚୌକା ସହ ୫୬, କିଶାନ ରଥ ୫ ଛକା ସହାୟତାରେ ୩୬ ରନ କରି ଦଳକୁ ବିଜୟୀ କରାଇଥିଲେ। ପ୍ରସନ୍ନ ବିଶ୍ୱାଳ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିବା ବେଳେ ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ। ମ୍ୟାନ ଅଫ ଦି ମ୍ୟାଚ ଭାବେ କ୍ରାଉନ ସ୍ପୋର୍ଟିଂରେ ଓମ୍ ଆରିୟାଙ୍କୁ ପୁରସ୍କୃତ କରାଯାଇଥିଲା। ବୁଧବାର ମ୍ୟାଚ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।



ମ୍ୟାନ ଅଫ ଦି ମ୍ୟାଚ ଓମ୍ ଆରିୟାଙ୍କୁ ପୁରସ୍କୃତ କରାଯାଉଛି।

## ରାଇଜିଂ ଷ୍ଟୁଡେଣ୍ଟ, ରାଉରକେଲା ବିଜୟୀ

**ପଦ୍ମପୁର,୧୫।୧(ଡି.ଏନ.ଏ.)**

ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୫ତମ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ରାଇଜିଂ ଷ୍ଟୁଡେଣ୍ଟ କଟକ ଏବଂ ସ୍ପୋର୍ଟ୍ସ ଆସୋସିଏଶନ୍ ରାଉରକେଲା ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟ ଏବଂ ପାୟୋନିୟର ପୁରୀ ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ପ୍ରତୀକ ତ୍ରିପାଠୀଙ୍କ ୪୦ ରନ ସହାୟତାରେ ୨୦ ଓଭରରେ ୧୨୮ରନ୍ କରି ଅଲଆଉଟ ହୋଇଥିଲା। ପୁରୀର ଦିନେଶ ସାହୁ ଏବଂ ଶେଖ ସୁନେମାନ୍ ୩ଟି ଉଇକେଟ ନେଇଥିଲେ। ଜବାବରେ ପୁରୀ ୨୦ ଓଭରରେ ୮ଉଇକେଟ ବିନିମୟରେ ୯୫ ରନ ସଂଗ୍ରହ କରିଥିଲା। ରାଇଜିଂ ଷ୍ଟୁଡେଣ୍ଟର ଅଭିଜିତ ରାଣା ଘାତକ ବୋଲିଂ କରି ୭ ରନ୍‌ରେ ୫ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚ ସ୍ପୋର୍ଟ୍ସ ଆସୋସିଏଶନ୍ ରାଉରକେଲା ଏବଂ ସେରସା ରାଞ୍ଚି ମଧ୍ୟରେ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ପ୍ରୟାଶ ସିଂ ଠାକୁରଙ୍କ ଧୂଆଁଧାର ୭୭(୩୭) ଏବଂ ପ୍ରଶାନ୍ତ ଦାସଙ୍କ ୫୫ (୪୨) ରନ୍ ସହାୟତାରେ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୭୬ ରନ୍ କରି କରିଥିଲା। ଜବାବରେ ରାଞ୍ଚି ଦଳ ୧୯.୧ ଓଭରରେ ୯୧ ରନ୍ କରି ୮୫ ରନ୍‌ରେ ପରାଜିତ ହୋଇଥିଲା। ରାଉରକେଲା ଦଳ ପକ୍ଷରୁ ପ୍ରଶାନ୍ତ ଦାସ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ସଦସ୍ୟ ବେଣୁମାଧବ ଦୋରା ଯୋଗଦେଇ ପ୍ରଥମ ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ଅଭିଜିତ ରାଣା ଏବଂ ଦ୍ୱିତୀୟ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ପ୍ରୟାସ ସିଂ ଠାକୁରଙ୍କୁ ପୁରସ୍କୃତ କରିଥିଲେ। ମହେଶ ମୁନସୀ, ସଞ୍ଜୟ କୁମାର ନାୟକ, ପୃଥୀରାଜ ମିଶ୍ର, ନାରାୟଣ ପ୍ରସାଦ ମେହେର ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ଆକାଶ କୁମାର ଦାଶ ରହିଥିଲେ। ବୁଧବାର ଏଫସିଏ ବିଳାସପୁର ଓ ଓଡ଼ିଶା ପୋଷ୍ଟାଲ ଏବଂ ଜାଗୁଆରପାଟଣା ଓ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।

**୨୫ତମ ବୋରାସମ୍ବର କପ୍**




ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

> ପାକିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ ଏଥିରେ ଆମ ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା ।
> –ଓଟିସ୍ ଗିବ୍ସନ, ଦକ୍ଷିଣ ଆଫ୍ରିକା କ୍ରିକେଟ କୋଚ୍



> ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଉଚ୍ଚକୋଟୀର ଖେଳାଳିଙ୍କ ବିପକ୍ଷରେ ଖେଳିବା ଅଷ୍ଟ୍ରେଲିଆ ଯୁବ ଖେଳାଳିଙ୍କ ଲାଗି ପରୋକ୍ଷରେ ଆଶୀର୍ବାଦ ଭଳି ।
> –ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



# କୋହଲି, ଧୋନୀ ଭାରତକୁ ଜିତାଇଲେ

**ଆଡିଲେଡ,୧୫।୧(ପି.ଟି.)**

ଶେଷରେ ପୂର୍ବତନ ଅଧିନାୟକ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଅଧିନାୟକ ବିରାଟ କୋହଲିଙ୍କ ଶତକୀୟ ପାଳି ପରେ ଧୋନୀ ଉପଯୋଗୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ୪ଟି ବଲ ବାକିଥାଇ ୬ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନସ୍ତରରେ ପହଞ୍ଚିଛି। ୧୧୨ଟି ବଲର ସମ୍ମୁଖୀନ ହୋଇ ୫ଟି ଚୌକା ଓ ୨ଟି ଛକା ସହ ୧୦୪ ରନର ଶତକୀୟ ପାଳି ଖେଳି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। କୋହଲି ଏଥି ସହିତ କ୍ୟାରିୟରର ୩୯ତମ ଦିନିକିଆ ଶତକ ହାସଲ କରିଛନ୍ତି। ଅନ୍ୟପଟେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଶନ୍ ମାର୍ଶଙ୍କ ୧୩୧ ରନ (୧୨୩ ବଲ, ୧୧ ଚୌକା, ୩ ଛକା)ର ଶତକୀୟ ପାଳି ବେକାର ସାବ୍ୟସ୍ତ ହୋଇଛି। ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ଅନ୍ତିମ ମ୍ୟାଚ୍ ଶୁକ୍ରବାର ମେଲବୋର୍ନରେ ଖେଳାଯିବ।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ମାର୍ଶଙ୍କ ଶତକ ବଳରେ ୯ ଉଇକେଟ ହରାଇ ୨୯୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୯.୨ ଓଭରରେ ୪ ଉଇକେଟ ହରାଇ ୨୯୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

୨୯୯ ରନ ଚାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ଭଲ ଆରମ୍ଭ କରିଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ୨୮ ବଲରୁ ୫ ଚୌକା ସହ ୩୨ ରନ କରି ଜାସେନ ବେହେରେନଡୋର୍ଫଙ୍କ ବଲ୍‌ରେ ଉସ୍‌ମାନ ଖ୍ୱାଜାଙ୍କୁ ମିଡଉଇକେଟରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରୋହିତ ଶର୍ମା ୪୩ ରନ କରିଥିବା ବେଳେ ମାର୍କସ ଷ୍ଟୋଇନିସ୍‌ଙ୍କ ବଲକୁ ପୁଲ କରିବାକୁ ଯାଇ ଡିପ୍ ଫରୱାର୍ଡ ସ୍କୋୟାରରେ ପିଟର ହ୍ୟାଣ୍ଡସକମ୍ବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଉଇକେଟରେ ରୋହିତ ଓ ଧାୱନ ୪୭ ରନ କରିଥିଲେ। ଧାୱନ ଆଉଟ ହେବା ପରେ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା କୋହଲି ଅଧିନାୟକ ଇନିଂସ ଖେଳିଥିଲେ। ଚେଜ୍ ମାଷ୍ଟର କୋହଲି କିନ୍ତୁ ମ୍ୟାଚ୍ ଫିନିସ କରିପାରି ନ ଥିଲେ। କୋହଲି ଓ ରୋହିତ ଦ୍ୱିତୀୟ ଉଇକେଟ ଯୋଡିରେ ୫୪ ରନ ସଂଗ୍ରହ କରିଥିଲେ। ସେହିପରି ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଓ କୋହଲିଙ୍କ ମଧ୍ୟରେ ତୃତୀୟ ଉଇକେଟ ଯୋଡିରେ ୫୯ ରନ ସଂଗ୍ରହ ହୋଇଥିଲା। ରାୟୁଡୁ ୨୪ ରନ କରି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବଲ୍‌ରେ ଷ୍ଟୋଇନିସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଜାୟ ରିଚାର୍ଡସନଙ୍କ ଲେଗ୍ ଷ୍ଟମ୍ପ ଉପର ବଲକୁ ଫ୍ଲିକ୍ କରିବାକୁ ଯାଇ କୋହଲି ବିଫଳ ହୋଇଥିଲେ ଓ ଡିପ୍ ମିଡଉଇକେଟରେ ମ୍ୟାକ୍ସୱେଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଧୋନୀ ଓ କୋହଲି ଚତୁର୍ଥ ଉଇକେଟ ଯୋଡିରେ ୮୨ ରନ କରିଥିଲେ। କୋହଲି ଆଉଟ ହେବା ପରେ ଦୀନେଶ କାର୍ତ୍ତିକ ଧୋନୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ଧୋନୀ ଓ କାର୍ତ୍ତିକ ଅପରାଜିତ ୫୭ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ଧୋନୀ ୫୪ଟି ବଲ୍ ଖେଳି ୨ ଛକା ସହ ୫୫ ରନ ଓ କାର୍ତ୍ତିକ ୧୪ ବଲ ଖେଳି ୨ ଚୌକା ସହ ୨୫ ରନକରି ଅପରାଜିତ ରହିବା ସହ ଭାରତକୁ ବିଜୟୀ କରାଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ବେହେରେନଡୋର୍ଫ, ରିଚାର୍ଡସନ, ଷ୍ଟୋଇନିସ ଓ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୬ ରନରେ ଦୁଇ ଓପନରଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ୬ ରନ କରିଥିବା ବେଳେ ଲାଇନ୍ ମିସ୍‌କରି ଭୁବନେଶ୍ୱର କୁମାରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଆଲେକ୍ସ କ୍ୟାରି ୧୮ ରନ କରିଥିବା ବେଳେ ଧାୱନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଏହାପରେ ୨୧ ରନ କରିଥିବା ବେଳେ ଖ୍ୱାଜା ରବୀନ୍ଦ୍ର ଜାଡେଜାଙ୍କ ଡାଇରେକ୍ଟ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ପିଟର ହ୍ୟାଣ୍ଡସକମ୍ବ ୨୦, ଷ୍ଟୋଇନିସ୍ ୨୯ ରନ କରି ଆଉଟ ହେବା ପରେ ମ୍ୟାକ୍ସୱେଲ ୩୭ ବଲରୁ ୪୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଶନ ମାର୍ଶ ୧୨୩ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳି ଭୁବନେଶ୍ୱରଙ୍କ ବଲ୍‌ରେ ଜାଡେଜାଙ୍କୁ ଲଙ୍ଗ ଅଫ୍ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଗୋଟିଏ ଓଭରରେ ଭୁବନେଶ୍ୱର ମ୍ୟାକ୍ସୱେଲ ଓ ମାର୍ଶଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ। ଫଳରେ ଅଷ୍ଟ୍ରେଲିଆର ସ୍କୋର ୩୦୦ ପାର କରି ନ ଥିଲା। ଏହାପରେ ରିଚାର୍ଡସନ ୨, ପିଟର ସିଡଲ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ନାଥନ ଲିୟନ ୧୨ ଓ ବେହେରେନଡୋର୍ଫ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଭୁବନେଶ୍ୱର ସର୍ବାଧିକ ୪, ସାମି ୩ ଓ ଜାଡେଜା ଗୋଟିଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ସିଡ୍‌ନୀରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୩୪ ରନରେ ପରାସ୍ତ ହୋଇଥିଲା।


ମହେନ୍ଦ୍ର ସିଂ ଧୋନୀ


୩୯ତମ ଶତକ ହାସଲ ପରେ ବିରାଟ କୋହଲି

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୨୯୮/୯, (ଶନ୍ ମାର୍ଶ- ୧୩୧, ମ୍ୟାକ୍ସୱେଲ- ୪୮, ଭୁବନେଶ୍ୱର- ୪/୪୫, ସାମି- ୩/୫୮)।
ଭାରତ ୪୯.୨ ଓଭରରେ ୨୯୯/୪ (କୋହଲି- ୧୦୪, ଧୋନୀ- ୫୫*, କାର୍ତ୍ତିକ- ୨୫*, ରୋହିତ୍- ୪୩, ଧାୱନ- ୩୨, ରାୟୁଡୁ- ୨୪, ବେହେରେନଡୋର୍ଫ- ୧/୫୨, ରିଚାର୍ଡସନ- ୧/୫୯, ଷ୍ଟୋଇନିସ୍- ୧/୪୬, ମ୍ୟାକ୍ସୱେଲ- ୧/୧୬)।

**କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍**

**୧-୧ ସ୍ତରରେ ସିରିଜ**

## ସଂକ୍ଷେପରେ

### ଛକା ମାରିବାରେ ଗେଲ୍‌ଙ୍କୁ ଟପିଲେ ରୋହିତ୍

**ଆଡିଲେଡ୍, ୧୫।୧:** ଭାରତୀୟ ଷ୍ଟାଇଲିଶ୍ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଦିନିକିଆ ଅବସରରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚ୍‌ରେ ରୋହିତ୍ ୫୨ ବଲରୁ ୪୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଉକ୍ତ ଇନିଂସ ମଧ୍ୟରେ ସେ ୨ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଏଥିସହ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତ୍‌ଙ୍କ ଛକା ସଂଖ୍ୟା ୮୯ରେ ପହଞ୍ଚିଛି। ଏହିକ୍ରମରେ କୌଣସି ଗୋଟିଏ ଦେଶ ବିପକ୍ଷରେ ସର୍ବାଧିକ ଛକା ମାରିବାରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ଓପନର୍ କ୍ରିସ ଗେଲ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି ରୋହିତ୍। ଗେଲ୍ ଇଂଲଣ୍ଡ ବିପକ୍ଷରେ ଏକାକୀ ୮୮ ଛକା ମାରି ପୂର୍ବରୁ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ୫୦ ଓଭର ବିଶିଷ୍ଟ କ୍ରିକେଟରେ ରୋହିତ୍ ମୋଟ୍ ୨୧୦ ଛକା ମାରିଛନ୍ତି। ସର୍ବାଧିକ ଛକା ମାରିବା ତାଲିକାରେ ସେ ୫ମ ସ୍ଥାନରେ ରହିଛନ୍ତି। ଭେଟେରାନ ପାକିସ୍ତାନ ବ୍ୟାଟ୍ସମ୍ୟାନ ଶହିଦ୍ ଆଫ୍ରିଦୀ (୩୫୧ ଛକା) ଏହି ତାଲିକାର ଶୀର୍ଷରେ ରହିଥିବାବେଳେ କ୍ରିସ ଗେଲ୍ (୨୭୫), ସନଥ୍ ଜୟସୁରିୟା (୨୭୦) ଓ ମହେନ୍ଦ୍ର ସିଂ ଧୋନୀ (୨୧୯) ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ରୋହିତ ଓ ଶିଖର ଧାୱନ ଯୋଡ଼ି ଏକଦିବସୀୟ କ୍ରିକେଟରେ ୪୦୦୦ ରନ ପାର୍ଟନରଶିପ୍ କରିଛନ୍ତି। ବିଶ୍ୱର ୪ର୍ଥ ଓପନିଂ ଯୋଡ଼ିଭାବେ ରୋହିତ୍-ଧାୱନ ଏହି ସଫଳତା ପାଇଛନ୍ତି। ମୋଟ୍ ୯୦ ଇନିଂସରୁ ଉଭୟ ୪ ହଜାର ରନ୍ ସଂଗ୍ରହ କରିଛନ୍ତି।

### ପଦାର୍ପଣରେ ସିରାଜ ୨ୟ ଭାରତୀୟ ମହଙ୍ଗା ବୋଲର



**ଆଡିଲେଡ୍, ୧୫।୧:** ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଦିନିକିଆରେ ପଦାର୍ପଣ କରିଥିବା ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ପାଇଁ ଏହି ମ୍ୟାଚ୍ ନୈରାଶ୍ୟଜନକ ରହିଥିଲା। ମହମ୍ମଦ ଖଲିଲ୍‌ଙ୍କ ସ୍ଥାନରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ସିରାଜ ନିଜ ୧୦ ଓଭର ସ୍ପେଲରେ ୭୬ ରନ ବ୍ୟୟ କରି ଉଇକେଟ୍‌ଶୂନ୍ୟ ରହିଥିଲେ। ଏଥିସହ ଏକଦିବସୀୟ କ୍ରିକେଟରେ ପଦାର୍ପଣରେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ସେ ୨ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ପ୍ରାକ୍ତନ ବାମହାତୀ ଦ୍ରୁତ ବୋଲର କର୍ସନ ଘାବ୍ରୀ ଶୀର୍ଷରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷରେ ୧୯୭୫ରେ ଐତିହାସିକ ଲର୍ଡ୍ସରେ ପଦାର୍ପଣ କରିଥିବା କର୍ସନ ୧୧ ଓଭରରେ ୮୩ ରନ ଦେଇ କୌଣସି ଉଇକେଟ୍ ପାଇ ନ ଥିଲେ। ୩ୟ ସ୍ଥାନରେ ଅମିତ୍ ଭଣ୍ଡାରୀ ରହିଛନ୍ତି। ଅମିତ୍ ପାକିସ୍ତାନ ବିପକ୍ଷରେ ପଦାର୍ପଣରେ ୧୦ ଓଭରରେ ୭୫ ରନ ଦେଇ ୨ଟି ଉଇକେଟ୍ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୨୪ ବର୍ଷୀୟ ସିରାଜ ପୂର୍ବରୁ ଭାରତ ପକ୍ଷରୁ ୩ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

### ଦକ୍ଷିଣ ଆଫ୍ରିକା ୨ୟ ସ୍ଥାନକୁ ଉଠିଲା

**ଦୁବାଇ, ୧୫।୧:** ଘରୋଇ ମାଟିରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ୍‌ସୁଇପ୍ କରିବା ପରେ ଦକ୍ଷିଣ ଆଫ୍ରିକା ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ପଛରେ ପକାଇ ୨ୟ ସ୍ଥାନକୁ ଉନ୍ନୀତ ହୋଇଛି। ପାକିସ୍ତାନ ବିପକ୍ଷ ସିରିଜକୁ ୩-୦ରେ ଜିତିଥିବାରୁ ଦକ୍ଷିଣ ଆଫ୍ରିକାକୁ ୪ ପଏଣ୍ଟ ମିଳିଛି। ଫଳରେ ଦଳର ମୋଟ୍ ପଏଣ୍ଟ ସଂଖ୍ୟା ଏବେ ୧୧୦ରେ ପହଞ୍ଚିଛି। ଅପରପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ପାକିସ୍ତାନ(୮୮) ଗୋଟିଏ ପାହାଚ ତଳକୁ ଖସି ଶ୍ରୀଲଙ୍କା (୯୧) ପଛକୁ ୭ମ ସ୍ଥାନରେ ରହିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୧୧୬ ପଏଣ୍ଟ ସହ ପୂର୍ବବତ୍ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଛି।

## ଭାରତର ନକ୍‌ଆଉଟ୍ ଆଶା ଧୂଳିସାତ୍

**ଶାରଜା,୧୫।୧(ପି.ଟି.)**

ଏଠାରେ ଚାଲିଥିବା ଏଏଫ୍‌ସି ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟରୁ ଭାରତ ବିଦାୟ ନେଇଛି। ସୋମବାର ଅନୁଷ୍ଠିତ ଭାରତ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ବାହାରିନଠାରୁ ୧-୦ ଗୋଲରେ ପରାସ୍ତ ହୋଇଛି। ଫଳରେ ଭାରତର ନକ୍‌ଆଉଟ ଆଶା ଧୂଳିସାତ୍ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଜବରଦସ୍ତ ଲଢେଇ କରିଥିଲେ ମଧ୍ୟ ଭାରତ ଅନ୍ତିମ ମୁହୂର୍ତ୍ତରେ ଗୋଲ ବରଣ କରିଥିଲା। ଇଞ୍ଜୁରି ଟାଇମ୍‌ରେ ତଥା ୯୧ ତମ ମିନିଟରେ ବାହାରିନ୍‌ର ଜମାଲ ରସିଦ ପେନାଲ୍ଟିକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତ ଗୋଲ ପରିଶୋଧ କରିବାରେ ବିଫଳ ହେବାରୁ ଶେଷରେ ପରାଜୟ ବରଣ କରିଥିଲା।

**ଏସିଆନ୍ କପ୍ ଫୁଟବଲ**

## କୋଚ୍ ପଦରୁ କନ୍‌ଷ୍ଟାଣ୍ଟିନଙ୍କ ଇସ୍ତଫା

**ଶାରଜା, ୧୫।୧(ପି.ଟି.):** ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଚଳିତ ଏସିଆନ୍ କପ୍‌ରେ ଭାରତୀୟ ଦଳ ବାହାରିନ୍‌ଠାରୁ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବାର ଗୋଟିଏ ଦିନ ପରେ ମଙ୍ଗଳବାର କନ୍‌ଷ୍ଟାଣ୍ଟିନ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। 'ଏହି ମ୍ୟାଚ୍ ପରେ ମୁଁ ମୋ ପଦରୁ ଇସ୍ତଫା ଦେଉଛି। ମୁଁ ଏହି ପଦରେ ୪ ବର୍ଷ ରହିଲି। ଏଏଫ୍‌ସି ଏସିଆନ୍ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପ୍ରଥମ ଦିନରୁ ମୋର ଲକ୍ଷ୍ୟ ରହିଥିଲା' ବୋଲି କନ୍‌ଷ୍ଟାଣ୍ଟିନ ତାଙ୍କ ଇସ୍ତଫା ପତ୍ରରେ କହିଛନ୍ତି।

କନ୍‌ଷ୍ଟାଣ୍ଟିନ ୨ୟ ଥର ପାଇଁ ଭାରତୀୟ ଫୁଟ୍‌ବଲ୍ ଦଳର କୋଚ୍ ରହିଥିଲେ। ସେ ପ୍ରଥମେ ୨୦୦୨ରୁ ୨୦୦୫ ପର୍ଯ୍ୟନ୍ତ ଭାରତୀୟ ଦଳର କୋଚ୍ ରହିଥିଲେ। ଏହାପରେ ୨୦୧୫ରୁ ୨ୟଥର ପାଇଁ ସେ ଏହି ଗୁରୁ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୧୭୩ରୁ ୯୬ତମ ସ୍ଥାନକୁ ଉନ୍ନୀତ ହୋଇଥିଲା।


ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ

## ଖେଲୋ ଇଣ୍ଡିଆ ୨୧ବର୍ଷରୁ କମ୍ ପୁରୁଷ ହକି

# ହରିୟାଣାକୁ ହରାଇ ଓଡ଼ିଶା ଚାମ୍ପିୟନ

**କଟକ ଅଫିସ,୧୫।୧**

ପୁଣେଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ବର୍ଷରୁ କମ୍ ପୁରୁଷ ହକି ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛି । ମଙ୍ଗଳବାର ରୋମାଞ୍ଚକର ଫାଇନାଲ ମୁକାବିଲାରେ ଟାଇବ୍ରେକର ପଦ୍ଧତିରେ ଓଡ଼ିଶା ହରିୟାଣାକୁ ପରାସ୍ତ କରିଥିଲା। ପ୍ରଥମ ଦୁଇଟି କ୍ୱାର୍ଟର ଓଡ଼ିଶା ଅକ୍ତିଆରରେ ଥିଲା। ଦୀପକ ଜନ କେରକେଟାଙ୍କ ନେତୃତ୍ୱାଧୀନ ଓଡ଼ିଶା ଆକ୍ରମଣାତ୍ମକ ଶୈଳୀରେ ଖେଳ ଆରମ୍ଭ କରିଥିବା ବେଳେ ୧୧ତମ ମିନିଟରେ ଏକ ପେନାଲ୍ଟି କର୍ନର ସୁଯୋଗ ଆସିଥିଲା। ନୀତୀନ ମୁକେଶ ଟିଗା ଏହାକୁ ଗୋଲରେ ପରିଣତ କରି ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୩ତମ ମିନିଟରେ ଡି–ଅଞ୍ଚଳ ମଧ୍ୟରେ ହରିୟାଣା ଖେଳାଳି ତ୍ରୁଟି କରିବା ଫଳରେ ପୁନର୍ବାର ଓଡ଼ିଶାକୁ ଅନ୍ୟଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ମଧ୍ୟ ହାତଛଡ଼ା କରିନଥିଲେ ଓଡ଼ିଶା ଖେଳାଳି। ପ୍ରସାଦ କୁଜୁରଙ୍କ ହକି ଷ୍ଟିକରୁ ଓଡ଼ିଶା ଦ୍ୱିତୀୟ ଗୋଲ ସ୍କୋର କରିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୯ତମ ମିନିଟରେ ହରିୟାଣା ଅଧିନାୟକ ମନଦୀପ ମୋର ଏକ ଗୋଲ ଦେଇ ସ୍କୋରକୁ ୧–୨ ସ୍ଥିତିରେ ପହଞ୍ଚାଇଥିଲେ । ୩ୟ କ୍ୱାର୍ଟର ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ୪ର୍ଥ କ୍ୱାର୍ଟରରେ ହରିୟାଣା ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା । ଅଧିନାୟକ ମନଦୀପ ଏକ ପେନାଲ୍ଟି କର୍ନରରୁ ଗୋଲ ଦେଇ ସ୍କୋରକୁ ବରାବର କରିଥିଲେ। ପେନାଲ୍ଟି ଶୁଟଆଉଟ ଦ୍ୱାରା ମ୍ୟାଚ୍ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ଏହି ପ୍ରକ୍ରିୟାରେ ଆଶିଷ ଟପ୍ପୋ ଓଡ଼ିଶା ନିମନ୍ତେ ପ୍ରଥମ ସୁଯୋଗରେ ହିଁ ଗୋଲ ଦେଇଥିଲେ। ହରିୟାଣାର ପ୍ରଥମ ପ୍ରଚେଷ୍ଟାକୁ ଓଡ଼ିଶା ଗୋଲକିପର ଜନସନ ଏକ୍କା ବିଫଳ କରି ଦେଇଥିଲେ। ଜି.ଖେସ ଓଡ଼ିଶା ନିମନ୍ତେ ଦ୍ୱିତୀୟ ଗୋଲ ଦେବା ପରେ କେ. କୁଲଦୀପ ହରିୟାଣାର ଦ୍ୱିତୀୟ ସୁଯୋଗରେ ପ୍ରଥମ ଗୋଲ ଦେଇଥିଲେ। ୨ଟି ଶୁଟଆଉଟ ଶେଷ ପରେ ଓଡ଼ିଶା ୨–୧ରେ ଅଗ୍ରଣୀ ଥିଲା। ୩ୟ ଶୁଟଆଉଟରେ ଉଭୟ ଦଳ ଫେଲ ମାରିଥିଲେ । ପରେ ଓଡ଼ିଶା ପକ୍ଷରୁ ୪ର୍ଥ ଶୁଟଆଉଟକୁ ଶିଳାନନ୍ଦ ଲାକ୍ରା ଓ ୫ମ ଶୁଟଆଉଟକୁ ଦୀପସାନ ତିର୍କୀ ଗୋଲରେ ପରିଣତ କରିଥିବା ବେଳେ ହରିୟାଣା ଆଉ ମାତ୍ର ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା।


ଚାମ୍ପିୟନ୍ ଓଡ଼ିଶା ଦଳର ଖେଳାଳିମାନେ।

## ପାଣ୍ଡ୍ୟା,ରାହୁଲଙ୍କ ସହ କଥା ହେଲେ ବିସିସିଆଇ ସିଇଓ

**ନୂଆଦିଲ୍ଲୀ,୧୫।୧(ପି.ଟି.):** ମହିଳାଙ୍କ ଉପରେ ବିବାଦୀୟ ଟିପ୍ପଣୀ ପାଇଁ ସସ୍‌ପେଣ୍ଡ ହୋଇଥିବା ଭାରତୀୟ କ୍ରିକେଟ ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ କେଏଲ୍ ରାହୁଲଙ୍କ ବିରୋଧରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିଇଓ ରାହୁଲ ଜୋହରି ତାଙ୍କ ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅଡୁଆରେ ପଡ଼ିଥିବା ଦୁଇ କ୍ରିକେଟର ଟେଲିଫୋନ୍ ଜରିଆରେ ସିଇଓଙ୍କ ସହିତ କଥାହେବା ବେଳେ ସେମାନଙ୍କ ବକ୍ତବ୍ୟ ରଖିଛନ୍ତି। ଖେଳାଳି ଦ୍ୱୟ ଇତିମଧ୍ୟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରି ସାରିଥିବା ବେଳେ ବିସିସିଆଇ ପକ୍ଷରୁ ସେମାନଙ୍କୁ ସାନି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜୋହରି ସମ୍ଭବତଃ ବୁଧବାର ପ୍ରଶାସକ କମିଟି (ସିଓଏ) ନିକଟରେ ତାଙ୍କ ରିପୋର୍ଟ ଉପସ୍ଥାପନ କରିବେ। ଖବର ଅନୁସାରେ 'କଫି ୱିଥ୍ କରନ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଏବଂ ଏ ଭଳି କହିବା ଲାଗି ସେମାନଙ୍କ ଏଜେଣ୍ଟମାନେ ଚାପ ପକାଇଥିଲେ କି ନା ସେ ବିଷୟରେ ସିଇଓ ସେମାନଙ୍କୁ କୌଣସି ପ୍ରଶ୍ନ କରିନାହାନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ ପାଇଁ ଜଣେ ଅମ୍ବୁଡ୍‌ସମ୍ୟାନ କିମ୍ବା ଜଣେ କାମଚଳା ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି ଦେଉଛନ୍ତି ତାହାକୁ ଅପେକ୍ଷା କରାଯାଇଛି। ପାଣ୍ଡ୍ୟା ଓ ରାହୁଲ 'କଫି ୱିଥ୍ କରନ' ଶୀର୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ବେଳେ ସେମାନେ ଏକାଧିକ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିବା ବିଷୟ କହିଥିଲେ। ଏପରିକି ଏବିଷୟରେ ସେମାନେ ସେମାନଙ୍କୁ ଅବଗତ କରାଇବାକୁ ତିଳେ ମାତ୍ର ସଂକୋଚ କରି ନ ଥିଲେ। ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ସିଓଏ ମୁଖ୍ୟ ବିନୋଦ ରାୟ ଖେଳାଳି ଦ୍ୱୟଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିବା ଲାଗି ସୁପାରିସ କରିଥିଲେ। କିନ୍ତୁ ତାଙ୍କ ସହକର୍ମୀ ଡାଏନା ଇଡୁଲ୍‌ଜୀ ଏହି ପ୍ରସଙ୍ଗକୁ ନେଇ ବିସିସିଆଇ ଲିଗାଲ ସେଲ୍‌ର ପରାମର୍ଶ ଲୋଡିଥିଲେ। ଖେଳାଳିମାନେ ଯାହା କରିଛନ୍ତି ସେମାନେ ଆଚରଣ ବିଧି ଉଲ୍ଲଂଘନ କରିଥିବା କୁହାଯାଇ ପାରିବ ନାହିଁ। ଘଟଣାର ତଦନ୍ତ ଜଣେ ଅମ୍ବୁଡ୍‌ସମ୍ୟାନଙ୍କ ଦ୍ୱାରା କରାଇବା ଲାଗି ଲିଗାଲ୍ ସେଲ୍ ସୁପାରିସ କରିଥିଲା। ବିସିସିଆଇ ପଦାଧିକାରୀମାନେ ଇଡୁଲ୍‌ଜୀଙ୍କ ପ୍ରତି ସେମାନଙ୍କ ସମର୍ଥ ଜ୍ଞାପନ କରିଛନ୍ତି। ପ୍ରସଙ୍ଗର ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଇବା ଲାଗି ସେମାନେ ଦାବି ମଧ୍ୟ କରିଛନ୍ତି। ରାୟ କିନ୍ତୁ ଇଡୁଲ୍‌ଜୀଙ୍କ ନିକଟକୁ ପଠାଇଥିବା ତାଙ୍କ ଇ–ମେଲ୍‌ରେ ଯୁବ ଖେଳାଳିଙ୍କ କ୍ୟାରିୟରର ଅନ୍ତ ଘଟାଇବା ବିସିସିଆଇର କାର୍ଯ୍ୟ ନୁହେଁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୬/୨୦୧୯ Bhubaneswar, Wednesday, January 16/ 2019

## ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନାକୁ ନେଇ ବିବାଦ

# ରାସ୍ତାରୋକୋ କଲେ ଅଭିଭାବକ



ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ରାସ୍ତାରୋକୋ କରିଛନ୍ତି।

**ରଘୁନାଥପୁର, ୧୫।୧ (ଡି.ଏନ୍.ଏ.)**

ପରିଚାଳନାଗତ ବିବାଦକୁ ନେଇ ରଘୁନାଥପୁର ବ୍ଲକ ନାଲିବରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଚଳାବସ୍ଥା ଜାରି ରହିଛି। ଏହାର ପ୍ରତିବାଦରେ ଅଭିଭାବକ ଓ ନୂତନ ପରିଚାଳନା କମିଟି ସଭ୍ୟାସଭ୍ୟ ବିଦ୍ୟାମନ୍ଦିର ସମ୍ମୁଖ ଜୟପୁର ଜଗତ୍‌ସିଂହପୁର ରାସ୍ତା ଅବରୋଧ କରିଛନ୍ତି। ତିର୍ତ୍ତୋଲ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ଏଥିସହ ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ତାଲା ପକାଇ ସ୍ଥାନୀୟ ସରପଞ୍ଚ ଛବିତା ମହାନ୍ତିଙ୍କୁ ଚାବି ପ୍ରଦାନ କରିଛି। ୧୩।୧୦।୧୮ରେ ଶିକ୍ଷା ବିକାଶ ସମିତି ପକ୍ଷରୁ ଆପ୍ରୁଭାଲ ହୋଇ ଆସିଥିବା ମ୍ୟାନେଜମେଣ୍ଟ କମିଟି ଉପସଭାପତି କୈଳାସ ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟ ବିବେକାନନ୍ଦ ଆଚାର୍ଯ୍ୟ ଓ ସେମାନଙ୍କ ଭାଇ, ବନ୍ଧୁଙ୍କ ଇଜିଲାସରେ ଚାଲି ଆସୁଥିଲା। ଫଳରେ ବିଦ୍ୟାମନ୍ଦିରର କୌଣସି ଉନ୍ନତି ହେଉ ନ ଥିଲା। ଫଳରେ ଅଭିଭାବକ ତଥା ଗୁରୁମାଗୁରୁଜୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏଥିପାଇଁ ସମସ୍ତଙ୍କ ମତାମତ ଓ ପରାମର୍ଶକ୍ରମେ ପୁନର୍ବାର ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଆଲୋକ ଜତିଙ୍କୁ ପଦରୁ ହଟାଯାଇ ଚନ୍ଦ୍ରକାନ୍ତ ରଥଙ୍କୁ ଅବସ୍ଥାପିତ କରାଯାଇଥିଲା। ତେବେ ହଠାତ୍ ଶନିବାର କେତେଜଣ ବ୍ୟକ୍ତି ଆସି ପ୍ରଧାନ ଆଚାର୍ଯ୍ୟଙ୍କଠାରୁ ଜବରଦସ୍ତ ଚାବି ନେବା ସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏନେଇ ଥାନାରେ କମିଟି ସଭାପତି ପ୍ରଭାସ ମିଶ୍ର ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କମିଟିର ପୂର୍ବତନ ସଦସ୍ୟ ଆଚାର୍ଯ୍ୟ କହିଛନ୍ତି ଯେ, ଗୋଟିଏ କମିଟି ହୋଇସାରିଥିବାବେଳେ ପୁନର୍ବାର କମିଟି ଗଠନ କରାଯିବା ଆଇନ ସମ୍ମତ ନୁହେଁ। ଏହାଛଡା କେତେଜଣ ଶିକ୍ଷାନୁଷ୍ଠାନକୁ ଭାଙ୍ଗି ଦେବାକୁ ଚକ୍ରାନ୍ତ ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ଦୁଇଗୋଷ୍ଠୀଙ୍କ ବିବାଦ ମଧ୍ୟରେ ବିଦ୍ୟାମନ୍ଦିରରେ ଅଚଳାବସ୍ଥା ଲାଗି ରହିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ନ ଖେଳିବା ପାଇଁ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨୪ ଘଣ୍ଟିଆ ଚିକିତ୍ସା ଦାବିରେ ରେଢୁଆ ସିଏଚ୍‌ସି ସମ୍ମୁଖରେ ଧାରଣା

**ରଘୁନାଥପୁର,୧୫।୧(ଡି.ଏନ.ଏ.)**

ରଘୁନାଥପୁର ରେଢୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗତ ୨୦୧୭ ଅକ୍ଟୋବରରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲେ ମଧ୍ୟ ଏଠାରେ ଅଦ୍ୟାବଧି ୨୪ ଘଣ୍ଟିଆ ଚିକିତ୍ସା ସୁବିଧା ଉପଲବ୍ଧ ହୋଇନାହିଁ। ତେଣୁ ଏଠାରେ ୨୪ ଘଣ୍ଟିଆ ଇଣ୍ଡୋର ଶଯ୍ୟା ଚିକିତ୍ସା ଯୋଗାଇବା ଦାବିରେ ମଙ୍ଗଳବାରଠାରୁ ସ୍ଥାନୀୟ ଅଞ୍ଚଳବାସୀ ଗଣଧାରଣା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ୯ ପଞ୍ଚାୟତର ଜନସାଧାରଣ, ଛାତ୍ରୀଛାତ୍ର ନିର୍ଭରଶୀଳ। ବହୁ ଆନ୍ଦୋଳନ ଓ ଗଣଧାରଣା ପରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା

### ୨୦୧୭ରୁ ମିଳିଛି ମାନ୍ୟତା

ପାଇଥିଲା। କିନ୍ତୁ ଅଦ୍ୟାବଧି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳିପାରିନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ରାଜ୍ୟପାଳ, ସ୍ୱାସ୍ଥ୍ୟମନ୍ତ୍ରୀ, ଏମ୍‌ପି, ବିଧାୟିକା, ସ୍ୱାସ୍ଥ୍ୟ ସଚିବ ଓ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ନବନିର୍ମାଣ ସମିତିର ମୁଖ୍ୟ ସ୍ନେହାଂଶୁ ଜେନା ଅନଶନରେ ବସିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ନିରଞ୍ଜନ ବାରିକ, ଗୀତା ରଥ, ଦେବୀ ପ୍ରସାଦ ମହାରଣା, ରାଜୁ ମହାନ୍ତି, ସୁନୀଲ ଜେନା, ଦେବେନ୍ଦ୍ର ନାୟକଙ୍କ ସମେତ ବହୁ ବ୍ୟକ୍ତି ଧାରଣା ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଦୁଃଖକୁ ପ୍ରକାଶ କରିହେବ ନାହିଁ, ତା'ଠାରୁ ବଳି ଅଧିକ ଦୁଃଖ ଆଉ କିଛି ନାହିଁ।
-ହେନେରୀ ୱାର୍ଡ୍‌ସୱର୍ଥ ଲଙ୍ଗଫେଲୋ



## ସଂକ୍ଷେପରେ

### ଜଳିଗଲା ଗୁହାଳ, ୧ ଗୋରୁ ଜୀବନ୍ତ ଦଗ୍ଧ

**ଜେନାପୁର, ୧୫।୧(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଡିଅକଷ୍ଟୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ମେଘନାଦ ରାଉତ ଓ ମାଗୁଣି ଚରଣ ରାଉତଙ୍କ ୨ ଗୁହାଳ ଜଳିଯାଇଛି। ଫଳରେ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହେଇଥିବାବେଳେ ୧୧ ଗୋରୁ ଆଂଶିକ ଜଳିଯାଇଛନ୍ତି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ମଙ୍ଗଳବାର ଗଡ଼ମଧୁପୁର ପଶୁଧନ ଚିକିତ୍ସାଧିକାରୀ ଦୀପ୍ତମୟି ସାହୁ, ଭ୍ରାମ୍ୟମାଣ ପଶୁଚିକିତ୍ସକ ଅଧିକାରୀ ନିବେଦିତା ସହୁ, ପ୍ରାଣୀଧନ ନିରୀକ୍ଷକ ଉତ୍ସବ ନନ୍ଦ କର ଓ ଗୋମିତ୍ର ତ୍ରିଲୋଚନ ଭୂୟାଁ ପ୍ରମୁଖ ଗ୍ରାମରେ ପହଞ୍ଚି ଗୋରୁଙ୍କ ଚିକିତ୍ସା କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁନୀଲ କୁମାର ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଗ୍ରାମବାସୀ ପରିବାରକୁ ତୁରନ୍ତ କ୍ଷତିପୂରଣ ଦାବି କରିଛନ୍ତି ।

### କୋଏଟ୍‌ରୁ ମୃତ ଯୁବକଙ୍କ ମରଶରୀର ଗ୍ରାମରେ ପହଞ୍ଚିଲା

**ଜେନାପୁର, ୧୫।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଗ୍ରାମର ସେକ୍ କାହେର୍ ଅଲ୍ଲି(୪୫)ଙ୍କ ମୃତ ଦେହ ମଙ୍ଗଳବାର କୋଏତରୁ ଆସି ଗ୍ରାମରେ ପହଞ୍ଚିଛି। ଗ୍ରାମରେ ମୃତ ଦେହ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, କାହେର୍ ସେଠାରେ ଏକ ହୋଟେଲରେ କାମ କରୁଥିଲେ। ଗତ ଶୁକ୍ରବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କର ତାଙ୍କର ମୃତ୍ୟୁ ହୋଇଥିଲା।

### ବିରଜା ସେବା ସମିତିର ବନ୍ଧୁ ମିଳନ

**ବିରଜାକ୍ଷେତ୍ର, ୧୫।୧(ଡି.ଏନ୍.ଏ.):** ଶ୍ରୀ ବିରଜା ସେବା ସମିତି ଯାଜପୁର ଆନୁକୂଲ୍ୟରେ ତ୍ରିଲୋଚନେଶ୍ୱର ମନ୍ଦିର ପରିସରରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ସେବା ସମିତିର ସଭ୍ୟମାନେ ଯୋଗଦେଇଥିଲେ । ସମ୍ପାଦକ ପାଣ୍ଡବ ଚରଣ ସାହୁ ବନ୍ଧୁମିଳନ ଅବସରରେ ମା' ବିରଜା ଦେବୀଙ୍କ ଜନ୍ମୋତ୍ସବ ନିମନ୍ତେ ପୂର୍ବ ପ୍ରସ୍ତୁତି ହୋଇଥିବା କାର୍ଯ୍ୟକ୍ରମକୁ ଆଲୋଚନା କରିଥିଲେ । ଏହି ଅବସରରେ ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବକୁ ଜିଲା ପ୍ରଶାସନ ଲୋକାଲ ଛୁଟିଭାବେ ଘୋଷଣା କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମଧୁସୂଦନ ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ଗଦାଧର ରାଉତ, ପ୍ରଭାତ ରାଉତରାୟ, ସୁବାସ ଚନ୍ଦ୍ର ମହାନ୍ତି, ପ୍ରମୋଦ ମହାନ୍ତି, ସଂଗ୍ରାମ ସାମଲ, ରବିନ୍ଦ୍ର ଶତପଥିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

■ ଖଣି ନିଗମ ଡାକ୍ତରଖାନା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମିଳୁନି ଔଷଧ, ରୋଗୀ ହଇରାଣ

**କାଳିଆପାଣି ୧୫।୧(ଡି.ଏନ୍.ଏ.)**

■ ଜାନୁୟାରୀରୁ ମେଡ଼ିକାଲରେ ଔଷଧ ବିତରଣ ସେବା ବ୍ୟାହତ
■ ଜଣେ ଡାକ୍ତରରେ ରୋଗୀ ସେବା

ଓଡ଼ିଶା ଖଣି ନିଗମ ପରିଚାଳିତ କାଳିଆପାଣି କେନ୍ଦ୍ରୀୟ ଚିକିତ୍ସାଳୟରେ ଦୀର୍ଘ ଦିନ ହେବ ରୋଗୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନୟନ, ସାମାଜିକ ପ୍ରତିବଦ୍ଧତା ଓ ସ୍ୱାସ୍ଥ୍ୟସେବା ପ୍ରଦାନରେ ଖଣି ନିଗମର ପ୍ରତିଶ୍ରୁତି ଫେଲ ମାରିବାରେ ଲାଗିଛି। ଖଣି ନିଗମ ପକ୍ଷରୁ ଚିକିତ୍ସାଳୟରେ ଜଣେ ମାତ୍ର ଡାକ୍ତରରେ ରୋଗୀ ସେବା କରାଯାଉଥିବାବେଳେ ରୋଗୀଙ୍କୁ ଔଷଧ ବିତରଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଖଣି ନିଗମ ଅଧୀନରେ ଥିବା ସୁକୁରଙ୍ଗୀ, ଦକ୍ଷିଣ କାଳିଆପାଣି, କାଠପାଳ, କଲରଙ୍ଗୀ ଖଣିର କର୍ମଚାରୀ ଓ ଶ୍ରମିକଙ୍କ ସହ ସ୍ଥାନୀୟ ବିଭିନ୍ନ ପଞ୍ଚାୟତବାସୀ ଖଣି ନିଗମ କେନ୍ଦ୍ରୀୟ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ପ୍ରାରମ୍ଭରୁ ଅଞ୍ଚଳବାସୀ ଖଣି ନିଗମ ଡାକ୍ତରଖାନାରୁ ମାଗଣାରେ ସ୍ୱାସ୍ଥ୍ୟ ସେବା ସହ ଔଷଧ ପାଇ ଆସୁଥିଲେ। କିନ୍ତୁ ଗତ ଜାନୁୟାରୀରୁ ଡାକ୍ତରଖାନାରେ ରୋଗୀ ସେବା ବ୍ୟାହତ ହେବା ସହ ଔଷଧ ବିତରଣ କରାଯାଉ ନାହିଁ। ଅପରପକ୍ଷେ ଟାଟା ମେଡ଼ିକା ପକ୍ଷରୁ ସ୍ୱାସ୍ଥ୍ୟବୀମା ଭୁକ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ପ୍ରଲୋଭିତ କରି ନିଜ ଡାକ୍ତରଖାନାରେ ଚିକିତ୍ସା ପାଇଁ ୨ଜଣ ଡାକ୍ତର ମାସକୁ ୨ଥର ମାଗଣାରେ ଖଣି ନିଗମରେ ରୋଗୀସେବା କରୁଥିବା ଅଭିଯୋଗ ହୋଇଛି । ଗତ ଡିସେମ୍ବର ୩୧ ତାରିଖଠାରୁ ମେଡିକାଲରେ ଔଷଧ ବିତରଣ କରୁଥିବା ପୂର୍ବ ସଂସ୍ଥା ଔଷଧ ବିତରଣ ବନ୍ଦ କରିଦେଇଛି। ଗୋଟିଏ ପଟେ ଜଣେ ମାତ୍ର ଡାକ୍ତରରେ ମେଡିକାଲ ଚାଲିଥିବାବେଳେ ଏବେ ଔଷଧ ନ ମିଳିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଔଷଧ ବିତରଣ ପାଇଁ ନିଗମ ପକ୍ଷରୁ ୫ ମାସତଳେ ଟେଣ୍ଡର ପ୍ରକ୍ରୀୟା ସରିଥିଲେ ମଧ ନୂତନଭାବେ ଔଷଧ ବିତରଣ କାର୍ଯ୍ୟାଦେଶ ପାଇଥିବା ଆପୋଲୋ ଫାର୍ମାସିଷ୍ଟି ଔଷଧ ବିତରଣ କରିବାରେ ସକ୍ଷମ ହୋଇ ନାହିଁ । ଏହାକୁ ନେଇ ସ୍ଥାନୀୟ ଶ୍ରମିକ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଥିଲା । ପରବର୍ତ୍ତୀ ସମୟରେ ଖଣି ନିଗମ ଶ୍ରମିକ ସଂଘକୁ ସନ୍ତୁଷ୍ଟ କରିବାକୁ ଯାଇ ଜାନୁୟାରୀ ୪ ତାରିଖରେ ଉକ୍ତ ସଂସ୍ଥା ପକ୍ଷରୁ କିଛିଦିନ ଔଷଧ ବିତରଣ କରାଯାଇଥିଲା। କିନ୍ତୁ ସଂସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ବିତରଣ ଲାଇସେନ୍ସ ପାଇ ନ ଥିବାରୁ ପରବର୍ତ୍ତୀ ସମୟରେ ଔଷଧ ବିତରଣ ବନ୍ଦ କରିଦେଇଥିଲେ। ଫଳରେ ରୋଗୀ ସମ୍ପର୍କୀଙ୍କୁ ବାହାରୁ ବହୁ ଖର୍ଚ୍ଚାନ୍ତରେ ଔଷଧ କିଣିବାକୁ ପଡୁଥିବା କହିଛନ୍ତି । ତୁରନ୍ତ ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ଔଷଧ ବଣ୍ଟନ କରା ନ ଗଲେ ଶ୍ରମିକ ଓ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ଖଣି ପରିଚାଳକ ଅବନିକାନ୍ତ ପ୍ରଧାନଙ୍କୁ ପଚାରିବାରୁ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି ।




ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ଉତ୍ସବରେ ଅତିଥିଗଣ।

### ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ଧର୍ମଶାଳା, ୧୫।୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦ ପାତ୍ର ଜୁନିୟର କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରମୋଦ କୁମାର ଦାସଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବିରଜା ମହିଳା ମହାବିଦ୍ୟାଳୟର ଅଧକ୍ଷ ଅଖିଳ ରଞ୍ଜନ ପାଢୀ, ଅତିଥିଭାବେ ପରିଚାଳନା କମିଟି ସଭ୍ୟ ଉତ୍କଳମଣି ଦାସ, ଶରତ ଚନ୍ଦ୍ର ସାହୁ ଯୋଗଦେଇ ପ୍ରଶିକ୍ଷଣ ତାଲିମର ଆବଶ୍ୟକତା ଉପରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜର ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ସାହୁ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ୧୮୫ଜଣ ଛାତ୍ରୀ ଯୋଗଦେଇଥିଲେ । ଯାଜପୁର ଏନ୍‌ସି କଲେଜ ଛାତ୍ରୀ ଜ୍ୟୋତ୍ସ୍ନା ନନ୍ଦ ଓ ଯମୁନା ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀଙ୍କୁ ୧୨ଦିନ ଧରି ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ଏବଂ ସୁଶାନ୍ତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

■ ଖଣ୍ଡିତର ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ରଥଲେସ୍ ହାର୍ଡ ହିଟର ଚାମ୍ପିୟନ

**ରସୁଲପୁର,୧୫।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଖେଳପଡିଆରେ ଅନୁଷ୍ଠିତ ଖଣ୍ଡିତର ପ୍ରିମିୟର ଲିଗ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଘରୋଇ ରଥଲେସ ହାର୍ଡ ହିଟର ଓ ଓଲ୍ଡ ପ୍ରଫେସର ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ହାର୍ଡ ହିଟର ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଓଲ୍ଡ ପ୍ରଫେସର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୯୮ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭାଶିଷ ସାହୁ ସର୍ବାଧିକ ୫୩ରନ୍ ସଂଗ୍ରହ କରିଥିଲେ। ଜବାବରେ ହାର୍ଡ ହିଟର ଆବଶ୍ୟକ ରନ୍ କରି ଚାମ୍ପିୟନ୍ ହୋଇଥିଲା। ସ୍ୱାଧୀନ ସାହୁ ବ୍ୟକ୍ତିଗତ ୨୭ ଓ ଜିତେନ୍ଦ୍ର ସାହୁ ୨୩ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଖଣ୍ଡିତର କବାଡି ଆସୋସିଏଶନ୍ ସହସମ୍ପାଦକ ସମରେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଏମଏମ ସିଂ ଆଣ୍ଡ ବ୍ରଦର୍ସର ମୁଖ୍ୟ ପରିଚାଳକ ଅରୁଣ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କ୍ରିଡାବିତ୍ କୃଷ୍ଣକାନ୍ତ ପଣ୍ଡା, ରବିନ୍ଦ୍ର ପୃଷ୍ଟି, ଶିକ୍ଷକ ନେତା ଅମୂଲ୍ୟ କୁମାର ଦାସ, ସୁନନ୍ଦ କୁମାର ରାଉତ, ଅଭୟ କୁମାର ମହାନ୍ତି, ଅରୁଣ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ବିଜୟୀ ଦଳର ଜିତେନ୍ଦ୍ର ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଟୁର୍ନାମେଣ୍ଟ, କଳ୍ପତରୁ ପଣ୍ଡାଙ୍କୁ ଶ୍ରେଷ୍ଠ ଫିଲ୍ଡର, ଅଭିନବ ସାହୁଙ୍କୁ ଶ୍ରେଷ୍ଠ ଉଇକେଟ୍ ରକ୍ଷକ ଭାବରେ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

### ଭଲିବଲ ଟୁର୍ନାମେଣ୍ଟ: ସୂର୍ଯ୍ୟଶିଖା ଚାମ୍ପିୟନ

**ରସୁଲପୁର,୧୫।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଗତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରୟୋଦଶ ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ସୂର୍ଯ୍ୟଶିଖା ଭଦ୍ରକ ୩-୨ ସେଟ୍‌ରେ ତ୍ରିବେଣୀ ଯୋଡାକୁ ହରାଇ ଚାମ୍ପିୟନ୍ ହୋଇଛି। ଅର୍ଥ ବିଭାଗର ଡେପୁଟି ସଚିବ ପିୟୁଷ ପାଣି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଗୁପାଳ ସରପଞ୍ଚ ଭବାନି ଶଙ୍କର ପଣ୍ଡା, କ୍ରିଡାବିତ୍ ଅମରେନ୍ଦ୍ର ସାହୁ, ଅଧାପକ ଶିଦ୍ଧାର୍ଥ ଶଙ୍କର ରଥ, ଭରତଚନ୍ଦ୍ର ନାୟକ, ଅରୁଣ କୁମାର ସାହୁ, ଅନନ୍ତ ମଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। କାଠ ଶିଳ୍ପୀ ବିଶ୍ୱନାଥ ମହାରଣା, ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ଟପ୍ପର ଅମ୍ରିତା କର, ୭ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ମହାରଣା, କୋଚ ଅମରେନ୍ଦ୍ର ସାହୁଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ମୁରବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଆଜି ଶ୍ରମ କାର୍ଯ୍ୟାଳୟ ଘେରିବ ଶ୍ରମିକ ସଂଘ

**ଯାଜପୁରରୋଡ୍,୧୫।୧(ନି.ପ୍ର.)**

ଯାଜପୁର ଜିଲାରେ ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ପ୍ରହସନ ପାଲଟିଛି। ଏ ନେଇ ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବହୁବାର ଜିଲା ଶ୍ରମ ଅଧିକାରୀ, ରାଜ୍ୟ ଶ୍ରମ ଆୟୁକ୍ତ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଶ୍ରମିକମାନେ ସହାୟତା ରାଶି ପାଇଁ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏହାର ପ୍ରତିବାଦରେ ୭ ଦଫା ଦାବି ନେଇ ଶ୍ରମିକ ସଂଘ ପକ୍ଷରୁ ବୁଧବାର ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଶ୍ରମିକ ସଂଘ ସଭାପତି ବିଦ୍ୟାଧର ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସରକାର ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ମାଧମରେ ଶ୍ରମିକ ଲାଭ ପାଇପାରିବେ ବୋଲି କହୁଛନ୍ତି। ହେଲେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ୩୨୨ ହିତାଧିକାରୀ ଯନ୍ତ୍ରପାତି କ୍ରୟ କରି ଦରଖାସ୍ତ ଦେଇଥିଲେ ହେଁ ସହାୟତା ନ ପାଇବା ଓ ବାଣିଜ୍ୟକର ଉପରେ ଶ୍ରମ ବିଭାଗ ଦୋଷାରୋପ କରିବା ଘଟଣାକୁ ନିନ୍ଦା କରାଯାଇଛି। ପିଠା କାର୍ଯ୍ୟକ୍ରମରେ ସବୁ ବିଭାଗର କର୍ମଚାରୀଙ୍କୁ ନିୟୋଜିତ କରିବା, ସଚେତନତା ଅଭିଯାନରେ ସମସ୍ତଙ୍କୁ ସାମିଲ କରି ସମସ୍ତ ସରକାରୀ କାର୍ଯ୍ୟାଳୟରୁ କର୍ମଚାରୀ ଖାଲି କରିବା ଭୋଟ ହାତେଇବାର ଏକ ମାଧମ ବୋଲିସଭାପତିମହାନ୍ତିଅଭିଯୋଗକରିଛନ୍ତି।

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି: କ୍ରାଉନ ସ୍ପୋର୍ଟିଂ ବିଜୟୀ

**ବିରଜାକ୍ଷେତ୍ର, ୧୫।୧(ଡି.ଏନ୍.ଏ.)**

ରଘୁନାଥପୁର ପଡ଼ିଆରେ ଆୟୋଜି ଅଦ୍ୱୈତ ମେମୋରିଆଲ ଓ ୧୨ତମ ଗୋପୀନାଥ ଚ୍ୟାଲେଞ୍ଜ କ୍ରିକେଟ୍ ଟ୍ରଫିର ମଙ୍ଗଳବାର ଦ୍ୱିତୀୟ ଦିବସ ମ୍ୟାଚ୍ ଶେଷ ହୋଇଛି। ଏହି ଦିବସରେ ବିଶ୍ୱଭାରତୀ କ୍ଲବ କଟକ ଓ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟି ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବିଶ୍ୱଭାରତୀ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ କ୍ରାଉନ୍ ସ୍ପୋର୍ଟିଂ ୧୩.୧ ଓଭର୍‌ରେ ବିନା ଉଇକେଟ୍‌ରେ ମ୍ୟାଚ୍‌ର ବିଜୟୀ ହୋଇଥିଲା। ବିଜୟୀ ଦଳର ଓମ୍ ଆରିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଭାବେ ବିବେଚିତ କରାଯାଇଛି। ପରାଶର ବିଶ୍ୱାଳ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ ସ୍କୋର୍‌ରେ ଏବଂ ଭାଷ୍ୟକାରଭାବେ ପ୍ରଦୀପ୍ତ ନାୟକ ଓ ବିଷ୍ଣୁ ବୋଇତାଇ ଦାୟିତ୍ୱ ତୁଲାଇଥିଲେ ।



# ୨୫ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଦାଖଲ କଲେ ଫର୍ମ

## କାଳିଆ ଯୋଜନା

**ରସୁଲପୁର, ୧୫।୧(ଡି.ଏନ୍.ଏ.):** କାଳିଆ ଯୋଜନାରେ ମଙ୍ଗଳବାର ଫର୍ମ ଦାଖଲ ଅବଧି ଶେଷ ହୋଇଛି। ଏହି କ୍ରମରେ ରସୁଲପୁର ବ୍ଲକରେ ସନ୍ଧ୍ୟା ସୁଧା ୨୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ନାମ ପଞ୍ଜୀକରଣ ପାଇଁ ଫର୍ମ ଦାଖଲ କରିଥିବା ଜଣାପଡିଛି। ଏଥି ପୂର୍ବରୁ ବ୍ଲକରେ ୧୨ହଜାର ଚାଷୀ ପରିବାର ନାମ ପଞ୍ଜୀକରଣ କରିଥିଲେ। ପୂର୍ବରୁ କୃଷକ ଆଇଡି ମିଳିଥିବା ଚାଷୀ ପରିବାର ମଧରୁ ଅନେକ ଚାଷୀ ନ ଥିବା ଜଣାପଡିଛି। ଏବେ ନାମ ପଞ୍ଜୀକରଣ କରିଥିବା ଅନେକ ପରିବାର ଚାଷୀ ହୋଇଥିଲେ ବି ସେମାନଙ୍କ ନାମ ପଞ୍ଜୀକରଣ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ କାଳିଆ ଯୋଜନା ଦାୟିତ୍ୱରେ ଥିବା ନରହରି ଧଳଙ୍କୁ ପଚାରିବାରୁ ବିଭିନ୍ନ ଅସୁବିଧା ଦୃଷ୍ଟିରୁ ପ୍ରକୃତ କୃଷକ ପରିବାର ଚିହ୍ନଟ କରିବାରେ ବିଳମ୍ବ ହେଉଛି । ସମୟାନୁସାରେ ସେ ସବୁ ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ୮ମ ନେତାଜୀ କପ୍: ସେମିରେ ଜେସିସି ଯୋଡ଼ାବର

**ଯାଜପୁରରୋଡ୍,୧୫।୧(ନି.ପ୍ର.):** ଉମାପଦା ରାଇଜିଂ ଇଲେଭେନ୍ କ୍ଲବ ପକ୍ଷରୁ ଆୟୋଜିତ ୮ମ ରାଜ୍ୟସ୍ତରୀୟ ନେତାଜୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜେସିସି ଯୋଡ଼ାବର ଓ ବ୍ୟାସନଗର ଇଲେଭେନ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେସିସି ଯୋଡ଼ାବର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ୟାସନଗର ଇଲେଭେନ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୧୧୯ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। କ୍ଲବ ସଭାପତି ଶିବାନନ୍ଦ ନାୟକଙ୍କ ଅଧକ୍ଷତାରେ ଯାଜପୁର ଜିଲା ଆଥଲେଟିକ୍ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଜୟୀ ଦଳର ଶୁଭମ୍ ବିଶ୍ୱାଳଙ୍କୁ ସାମାଜିକ କର୍ମୀ ସୁଶାନ୍ତ ସାମଲ ମ୍ୟାନ୍‌ଅଫ୍‌ଦି ମ୍ୟାଚ୍‌ଭାବେ ପୁରସ୍କୃତ କରିଥିଲେ। ଅଭିମନ୍ୟୁ ସେଠୀ ଓ ଦେବାଶିଷ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ପଦ୍ମଲୋଚନ ନାୟକ, ପ୍ରତୋଷ ପରିଡ଼ା, ମନୋଜ ଭୂୟାଁ, ସତ୍ୟଜିତ୍ ପରିଡ଼ା, ପଙ୍କଜ ଭୂୟାଁ, ଅଜୟ ଧୀର, ସ୍ୱପ୍ନେନ୍ଦୁ ପହି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**କୋରେଇ,୧୫।୧(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଚାନ୍ଦପୁର ଗ୍ରାମ ନିକଟରେ ମଙ୍ଗଳବାର ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(୮/୧୯) ରୁଜୁ କରିଛି। ବ୍ୟକ୍ତି ଜଣକ ରାସ୍ତା ପାର୍ଶ୍ୱରେ ଥିବାବେଳେ ଗାଡ଼ି ଚଢିଯାଇଥିବା ଅନୁମାନ କରାଯାଉଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ।


**GOVERNMENT OF INDIA**
**CENTRAL WATER COMMISSION**
**OFFICE OF THE EXECUTIVE ENGINEER**
**MAHANADI DIVISION, DOCTOR'S COLONY**
**BURLA-768017, Dist: SAMBALPUR (ORISSA)**

**NOTICE INVITING e-TENDER**

Online-Tenders are invited by the Executive Engineer, Mahanadi Division, CWC, At –Doctor's Colony , Burla, Dist:- Sambalpur (Orissa)-768017on behalf of the President of India, from the reputed Firm as below: NIT No MD/JE(HQ)/ NIT/2018-19/36-42 Dated 14.01.2019
Name of Work: **HIRING OF UNSKILLED MANPOWER IN EXISTING SITES UNDER MAHANADI DIVISION, CWC, BURLA FOR THE PERIOD FROM 01.02.2019 TO 31.05.2019.**
**EMD: Rs. 37,500/-**
Last Date & Time for receipt of Bids online: 28.01.2019 up to 16:00 hrs.
Date of opening: 29.01.2019 at 11:00 hrs.
The Bid forms and other details can be obtained from the CWC website.**www.eprocure.gov.in / www.tcil-india.com / www.cwc.nic.in**

**Sd./-Executive Engineer,**
**Mahanadi Division,CWC,Burla**



## ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼

ନମ୍ବର- ୩୫୩ ତାରିଖ ୧୪।୦୧।୨୦୧୯

ଏହି କାର୍ଯ୍ୟାଳୟ ପତ୍ରାଙ୍କ ସଂଖ୍ୟା ୯୭୧୪/ତା୦୬।୦୯।୨୦୧୮ ଅନୁସାରେ ତତ୍ତ୍ୱାବଧାରକ ପଦବୀ ପାଇଁ କୌଣସି ପ୍ରାର୍ଥିନୀ ଯୋଗ୍ୟ ବିବେଚିତ ନ ହେବା ହେତୁ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପତ୍ରାଙ୍କ ସଂଖ୍ୟା. ୨୫୧୭/ ତା. ୩୦.୧୦.୨୦୧୮ ଅନୁସାରେ ପରିବର୍ତ୍ତିତ ସର୍ତ୍ତାବଳୀକୁ ଆଧାରକରି ପୁଣିଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି ବରଗଡ଼ ଜିଲ୍ଲାର ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଛାତ୍ରୀ ନିବାସର ଚୁକ୍ତି ଭିତ୍ତିକ ତତ୍ତ୍ୱାବଧାରକ ଆବଶ୍ୟକ। ଏହି ଖାଲି ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥିନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି, ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର. ନଂ. | ପଦବୀର ନାମ | ପଦବୀ ସଂଖ୍ୟା | ଆବଶ୍ୟକ ଯୋଗ୍ୟତା ଓ ଅଭିଜ୍ଞତା | ବୟସ ସୀମା (୧୪.୦୧.୧୯ ତାରିଖ ସୁଦ୍ଧା) | ମାସିକ ପାରିଶ୍ରମିକ |
|---|---|---|---|---|---|
| ୧ | ତତ୍ତ୍ୱାବଧାରକ (ମହିଳା) | ୦୧ | ସ୍ନାତକ କଳା / ସ୍ନାତକ ବିଜ୍ଞାନ (ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ), ଅଭିଜ୍ଞତା-୦୨ ବର୍ଷ ହୋଷ୍ଟେଲ ପରିଚାଳନା | ୪୦-୬୦ | ୫୦୦୦/- |

ଆବେଦନ ପତ୍ର ଏବଂ ତତ୍‌ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ୍ www.bargarh.nic.inରୁ ଡାଉନଲୋଡ୍ କରିପାରିବେ। ସମସ୍ତ ଯୋଗ୍ୟତାଧାରୀ ଆଗ୍ରହୀ ପ୍ରାର୍ଥିନୀ ତା. ୨୪.୦୧.୨୦୧୯ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ, ବରଗଡ଼, ପୋ.କି.-ବରଗଡ଼, ପିନ୍-୭୬୮୦୨୮ଙ୍କୁ କେବଳ ରେଜିଷ୍ଟ୍ରେଡ୍ ପୋଷ୍ଟ କିମ୍ବା ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସଂପୂର୍ଣ୍ଣ ଦରଖାସ୍ତଗୁଡିକ ଗ୍ରହଣ କରାଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ଯେ କୌଣସି ଦରଖାସ୍ତ କିମ୍ବା ସମସ୍ତ ଦରଖାସ୍ତଙ୍କୁ ରଦ୍ଦ କରିବାର ଅଧିକାର ଓ ସତ୍ତ୍ୱ ଜିଲ୍ଲାପାଳ, ବରଗଡ଼ଙ୍କର ରହିଅଛି।

ସ୍ୱା./- ପ୍ରକାଶ କୁମାର ଯୋଶୀ
ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼



## ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହନିର୍ମାଣ ବିଭାଜନଙ୍କ କାର୍ଯ୍ୟାଳୟ, ପାଣିକୋଇଲି

### ସର୍ବସାଧାରଣ ନୋଟିସ୍

**No. 1126-B:-** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପତ୍ର ସଂଖ୍ୟା- ୧୦୨୪୧, ତା୩୧।୦୩।୨୦୧୪ରିଖର ଆଦେଶ ମୁତାବକ ଯାଜପୁର ଜିଲ୍ଲା, ଦଶରଥପୁର ତହସିଲ ଅଧୀନସ୍ଥ କନିକାପଡ଼ା ମୌଜାର ଏ୧.୮୧୦ଡି ପ୍ରଜାସ୍ୱତ୍ୱ ସମ୍ପତ୍ତିକୁ ମଙ୍ଗଳପୁର ବାଏପାସ୍ ପ୍ରକଳ୍ପ କାର୍ଯ୍ୟରେ ଲଗାଇବା ନିମନ୍ତେ ପ୍ରତ୍ୟକ୍ଷ ଖର୍ଦ୍ଦି ମାଧ୍ୟମରେ ଖର୍ଦ୍ଦି କରିବାକୁ ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହନିର୍ମାଣ ବିଭାଜନ, ପାଣିକୋଇଲି ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ତା୦୭।୧୦।୨୦୧୫ରିଖରେ ପ୍ରଜାମାନଙ୍କ ସହ ଏକ ଦ୍ୱିପାକ୍ଷିକ ଆଲୋଚନା ଥାଲୁକୁଡ଼ି ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଅଛି। ଜମି ଅଧିଗ୍ରହଣ ବାବଦୀୟ ରାଶିକୁ DCAC ଦ୍ୱାରା ଅନୁମୋଦନ କରାଯାଇଅଛି।

ଏଣୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି, ନିମ୍ନରେ ଦର୍ଶାଯାଇଥିବା ଜମି ସମ୍ବନ୍ଧୀୟ ବିବରଣୀ ଉପରେ ଯେଉଁ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି ସେମାନେ ଖବରକାଗଜରେ ପ୍ରକାଶନ ତାରିଖଠାରୁ ୩୦ଦିନ ମଧ୍ୟରେ (ଛୁଟିଦିନ ବ୍ୟତୀତ) ସହକାରୀ ଯନ୍ତ୍ରୀ, ମଙ୍ଗଳପୁର ରାସ୍ତା ଓ ଗୃହଙ୍କ କାର୍ଯ୍ୟାଳୟରେ ଆନୁଷଙ୍ଗିକ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ ନଚେତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହ ନିର୍ମାଣ ବିଭାଜନ**

**ସୂଚୀ:** ମଙ୍ଗଳପୁର ବାଏପାସ ରାସ୍ତା ପାଇଁ ଅଧିକୃତ କରାଯିବାକୁ ଥିବା ଯାଜପୁର ଜିଲ୍ଲା ଦଶରଥପୁର ତହସିଲ ଅନ୍ତର୍ଗତ କନିକାପଡ଼ା ମୌଜା ଜମିର ସଂକ୍ଷିପ୍ତ ବିବରଣୀ ସଂଲଗ୍ନ କରାଗଲା।

**LAND SCHEDULE OF MOUZA: KANIKA PADA, THANA NO. 360, DIST.: JAJPUR**

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | ସମୁଦାୟ ଜମି (ରକବା) | ଅଧିକୃତ ଜମି | କିସମ | ପ୍ରଜାର ନାମ |
|---|---|---|---|---|---|---|
| ୧ | ୧୧୦୧ | ୩୫୦୮ | ଏ୦.୩୩ଡି. | ଏ୦.୨୨ଡି. | ଶାରଦ | ଭଗବାନ ଦାସ, ପି: ରାଜୀବ ଦାସ, ବିପ୍ର ଦାସ, ମଣି ଦାସ, ପି: ପୁନାନନ୍ଦ ଦାସ, ସିଦ୍ଧ ଦାସ, ପି: ରାମ ଦାସ, ବୀର ଦାସ, ପି: ଚତୁରୀ ଦାସ, ଦିବାକର ଦାସ, ଭାସ୍କର ଦାସ, ପି: ବୈରାଗି ଦାସ, ବ୍ରହ୍ମାନନ୍ଦ ଦାସ, ପି: ହାଡ଼ି ଦାସ, ଉଦେକର ଦାସ, ପି: ଭିକାରୀ ଦାସ, ମାଗୁଣି ଦାସ, ପି: ମହେନ୍ଦ୍ର ଦାସ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୧୩୨ | ୩୫୧୮ | ଏ୦.୦୯ଡି. | ଏ୦.୦୬ଡି. | ଶାରଦ | ଉପେନ୍ଦ୍ର ପାତ୍ର, ପି: ଗୋରାଚାନ୍ଦ ପାତ୍ର, ନୀଳମଣି ମହାପାତ୍ର, ପି: ବିଜେ ଗୋବିନ୍ଦ ମହାପାତ୍ର, ଶ୍ରୀପତି ମହାପାତ୍ର, ପି: କୃଷ୍ଣଚରଣ ମହାପାତ୍ର, କମଳା ବେୱା, ସ୍ୱା: ଯୋଗେନ୍ଦ୍ର ପାତ୍ର, ଉଦେକର ଦାସ, ପି: ଭିକାରୀ ଦାସ, ମାଗୁଣି ଦାସ, ପି: ମହେନ୍ଦ୍ର ଦାସ, ଜାତି: ମହାଲାୟକ, ବା: ନିଜଗାଁ |
| ୩ | ୧୧୩୬ | ୩୫୧୭ | ଏ୦.୩୯ଡି. | ଏ୦.୨୩ଡି. | ଶାରଦ | ଲକ୍ଷ୍ମୀଧର ମଳିକ, ଭାସ୍କର ମଳିକ, ବିଦ୍ୟାଧର ମଳିକ, ପି: ବଳି ମଳିକ, ଜା: ଖଣ୍ଡାୟତ, ବା: ବଜରାପାଟ |
| ୪ | ୧୦୭୧ | ୩୫୧୫ | ଏ୦.୨୯ଡି. | ଏ୦.୨୦ଡି. | ଶାରଦ | ଗୋବିନ୍ଦ ସାମଲ, ଭରତ ସାମଲ, ପି: ଅନନ୍ତ ସାମଲ, ବେଣୁ ସାମଲ, ପି: ରାଘବ ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୫ | ୧୧୧୭ | ୩୬୦୪ | ଏ୦.୭୨ଡି. | ଏ୦.୨୮ଡି. | ଶାରଦ | ରାଜକିଶୋର ସାମଲ, ପି: ପରାନ୍ଦି ସାମଲ, ଲୋକନାଥ ସାମଲ, ପି: ମାଧ ସାମଲ, ଜା: ମହାଲାୟକ |
| ୬ | ୧୦୮୦ | ୩୬୦୫ | ଏ୦.୧୦ଡି. | ଏ୦.୧୦ଡି. | ଶାରଦ | ନନ୍ଦକିଶୋର ସାମଲ, କନ୍ଦ ସାମଲ, ଆନନ୍ଦ ସାମଲ, ପି: କାହ୍ନୁ ସାମଲ, ରାଧାକୃଷ୍ଣ ସାମଲ, ପି: ରାଜକିଶୋର ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭ | ୧୦୬୨ | ୩୬୩୯ | ଏ୦.୬୫ଡି. | ଏ୦.୦୪ଡି. | ଶାରଦ | ଗଣେଶ ପାତ୍ର, ପି: ଗୋବିନ୍ଦ ପାତ୍ର, ଜା: ମହାଲାୟକ, ବା: ନିଜଗାଁ |
| ୮ | ୧୦୬୩ | ୩୬୦୬ | ଏ୦.୧୭ଡି. | ଏ୦.୧୫ଡି. | ଶାରଦ | ଗଣେଶ ଧଳ, ପି: ଗଜେନ୍ଦ୍ର ଧଳ, ନବ ଧଳ, ପି: ରୁଚି ଧଳ, ପୀତାମ୍ବର ଧଳ, ପି: କୁଶ ଧଳ, ସଦାନନ୍ଦ ଧଳ, ଦାଶରଥି ଧଳ, ପି: ଭୋଳି ଧଳ, ଜା: ଖଣ୍ଡାୟତ, ବା: ବଜରାପାଟ |
| ୯ | ୧୦୬୩ | ୩୬୨୩ | ଏ୦.୧୨ଡି. | ଏ୦.୦୨ଡି. | ଶାରଦ | |
| ୧୦ | ୧୦୩୦ | ୩୬୦୮ | ଏ୦.୩୯ଡି. | ଏ୦.୨୪ଡି. | ଶାରଦ | କାହ୍ନୁ ଓଝା, ପି: ହଳଧର ଓଝା, ଜା: କମାର, ବା: ନିଜଗାଁ |
| ୧୧ | ୧୦୪୮ | ୩୬୨୬ | ଏ୦.୬୨ଡି. | ଏ୦.୧୫ଡି. | ଶାରଦ | ହରିହର ମହାପାତ୍ର, ପି: ଜଗବନ୍ଧୁ ମହାପାତ୍ର, ମହେନ୍ଦ୍ର ସୂତାର, ପି: ଅର୍ଜୁନ ସୂତାର, ବା: ବାଜରାପାଟ |
| ୧୨ | ୧୦୩୯ | ୩୬୨୫ | ଏ୦.୧୫ଡି. | ଏ୦.୧୦ଡି. | ଶାରଦ | ଜଗବନ୍ଧୁ ପଣ୍ଡା, ପି: ନବ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ପି: ରଘୁ ପଣ୍ଡା, ଦୈତାରୀ ପଣ୍ଡା, ମହେଶ୍ୱର ପଣ୍ଡା, ଗୟାଧର ପଣ୍ଡା, ପୂର୍ଣ୍ଣାନନ୍ଦ ପଣ୍ଡା, ପି: ଶମ୍ଭୁ ପଣ୍ଡା, ଜା: ବ୍ରାହ୍ମଣ, ବା: ମଙ୍ଗଳପୁର |
| ୧୩ | ୧୦୪୯ | ୩୫୧୪ | ଏ୦.୩୧ଡି. | ଏ୦.୦୨ଡି. | ଶାରଦ | ଅର୍ଜୁନ ସାମଲ, ପି: ରାଘବ ସାମଲ, କାହ୍ନୁ ସାମଲ, ପି: ବାଞ୍ଛାନିଧି ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |

34067/11/0020/1819

